# ସକାଳ
THE SAKALA

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-214 ◆BHUBANESWAR ◆MONDAY ◆29 JANUARY 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୧୪ ◆ଭୁବନେଶ୍ୱର ◆ସୋମବାର ◆୨୯ ଜାନୁଆରୀ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦




**ଅକ୍ଷୟଙ୍କୁ ଟକ୍କର ଦେବେ ଅଜୟ**

▶ପୃଷ୍ଠା ୨ ଦେଖନ୍ତୁ...




ସମ୍ପୂର୍ଣ୍ଣା

ସକାଳ THE SAKALA www.sakalaepaper.com



# ଅକ୍ଷୟଙ୍କୁ ଟକ୍କର ଦେବେ ଅଜୟ

ଚଳିତବର୍ଷ ଇଦ୍ ଅବସରରେ ବକ୍ସ ଅଫିସ୍‌ରେ ଜୋରଦାର ଲଢ଼େଇ ହେବାକୁ ଯାଉଛି। ବଲିଉଡ୍‌ର ଦୁଇଜଣ ଆକ୍ସନ୍ ଷ୍ଟାର୍‌ଙ୍କ ଫିଲ୍ମ ଏକାସାଙ୍ଗେ ରିଲିଜ୍ ହେବାକୁ ଯାଉଛି। ଏପ୍ରିଲ୍ ୧୦ରେ ଅଜୟ ଦେବଗନ୍‌ଙ୍କ କ୍ରୀଡ଼ାଭିତ୍ତିକ ଚଳଚ୍ଚିତ୍ର 'ମୈଦାନ' ଓ ଅକ୍ଷୟ କୁମାରଙ୍କ 'ବଡ଼େ ମିଆଁ ଛୋଟେ ମିଆଁ' ବକ୍ସ ଅଫିସ୍‌ରେ ରିଲିଜ୍ ହେବ। 'ମୈଦାନରେ ଅଜୟ ଭାରତୀୟ ଫୁଟବଲ୍ ଖେଳାଳି ସୈୟଦ୍ ଅବଦୁଲ୍ ରହିମ୍‌ଙ୍କ ଭୂମିକାରେ ଦେଖାଯିବେ। ଫିଲ୍ମର ଟିଜର୍ ଜାରି ହେବା ଦିନଠାରୁ ଦର୍ଶକେ ଫିଲ୍ମର ରିଲିଜ୍ ଦିନକୁ ଅପେକ୍ଷା କରିଛନ୍ତି। ସେହିଭଳି ଏହିଦିନ ଅକ୍ଷୟ କୁମାର, ଟାଇଗର୍ ସ୍ରଫ୍ ଓ ପୃଥ୍ୱୀରାଜ୍ ସୁକୁମାରନ୍‌ଙ୍କ ଅଭିନୀତ 'ବଡ଼େ ମିଆଁ ଛୋଟେ ମିଆଁ' ମଧ୍ୟ ରିଲିଜ୍ ହେବ। 'ମୈଦାନ' ୧୯୫୦ରୁ ୧୯୬୩ ମଧ୍ୟରେ ଭାରତୀୟ ଫୁଟବଲ୍ ଟିମ୍‌ର କୋଚ୍ ଥିବା ସୟଦ୍ ଅବଦୁଲ୍ ରହିମ୍‌ଙ୍କ କାହାଣୀ ଉପରେ ଆଧାରିତ। ଅମିତ୍ ଶର୍ମା ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ରହିଛନ୍ତି। ଫିଲ୍ମରେ ଅଜୟଙ୍କ ସହ ପ୍ରିୟାମଣି, ଗଜରାଜ ରାଓ, ରୁଦ୍ରନୀଲ ଘୋଷ ଆଦି ଲିଡ୍ ରୋଲରେ ଦେଖାଯିବେ। ତେବେ ଇଦ୍ ଅବସରରେ ବକ୍ସ ଅଫିସ୍‌ରେ ଅଜୟ କି ଅକ୍ଷୟ କିଏ ସଫଳ ହେବେ ତାହା ଦେଖିବାକୁ ବାକି ରହିଲା।

# ମନ ଖରାପ ଥିଲେ 'ମୁଡ୍ ଲିଭ୍'



ସାଧାରଣତଃ ଅଫିସ୍‌ରେ କର୍ମଚାରୀଙ୍କୁ ଛୁଟି ସହଜରେ ମିଳି ନ ଥାଏ। ସେଥିପାଇଁ ସେମାନେ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ କାରଣ ଦର୍ଶାଇ ଛୁଟି ନିଅନ୍ତି। ସେହିପରି ଅସୁସ୍ଥତା, ଦୁର୍ଘଟଣା କିମ୍ବା ଅନ୍ୟାନ୍ୟ ଜରୁରି କାମ ପାଇଁ ଲୋକେ ଛୁଟି ନେଉଥିବା ବେଳେ ଗୋଟିଏ କମ୍ପାନି ତା'ର କର୍ମଚାରୀଙ୍କ ମନ ଖରାପ ଥିଲେ ବି ଛୁଟି ଦେଉଥାଏ। ଯାହାକି 'ମୁଡ୍ ଲିଭ୍' ଭାବେ ପରିଚିତ। ଚୀନ୍‌ର ଝେଜିୟାଙ୍ଗ ଅଞ୍ଚଳରେ ଜଣେ ମହିଳା କର୍ମଚାରୀଙ୍କ ମନ ଭଲ ନ ଥିବାରୁ ସେ ମୁଡ୍ ଲିଭ୍‌ରେ ରହିବା ଏବେ ଚର୍ଚ୍ଚାର ପ୍ରସଙ୍ଗ ହୋଇଛି। ତେବେ ତାଙ୍କ ମନ ଭଲ ନ ରହିବାର କାରଣ ବି ବେଶ୍ ବଡ଼ ଅଜବ। ସେ ରହୁଥିବା ସ୍ଥାନରେ ତୁଷାରପାତ ନ ହେବାରୁ ତାଙ୍କ ମନ ଭଲ ନାହିଁ। ଫଳରେ ସେ ଅଫିସ୍ ଯିବାକୁ ଆଗ୍ରହ ପ୍ରକାଶ କରି ନାହାନ୍ତି। ଯେଉଁଥିପାଇଁ ମହିଳା ଜଣକ ଛୁଟି ଆବେଦନରେ ଲେଖିଛନ୍ତି, 'ହାଙ୍ଗଝୋଉରେ ତୁଷାରପାତ ହେଉ ନ ଥିବାରୁ ମୁଁ ଭାବପ୍ରବଣ ଅଛି।' ଏହାପରେ ତୁରନ୍ତ ସମ୍ପୃକ୍ତ ମହିଳାଙ୍କୁ ମୁଡ୍ ଲିଭ୍ ମିଳିଛି। ତେବେ ଏ କମ୍ପାନି ବିଭିନ୍ନ ସମୟରେ ତା'ର କର୍ମଚାରୀଙ୍କୁ ମୁଡ୍ ଲିଭ୍ ଦେଇଥାଏ। 'ମନ ଭଲ ନ ଥିଲେ, ଛୁଟି ନେବା ସମ୍ଭବ। ଏହା ଦ୍ୱାରା ଦରମା ଏବଂ ବୋନସ୍ ପ୍ରଭାବିତ ହୋଇ ନ ଥାଏ' ବୋଲି ଉକ୍ତ କମ୍ପାନି ପକ୍ଷରୁ କୁହାଯାଇଛି। ଅନ୍ୟପଟେ ସାମାଜିକ ଗଣମାଧ୍ୟମରେ ଏ କଥା ସେୟାର୍ ହେବା ପରେ ଲୋକେ ଏଥିରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି।



# ଗାଁରେ ଖଟରେ ଶୋଇବା ମନା

ସାଧାରଣତଃ ସବୁ ଗ୍ରାମର ନିଜସ୍ୱ ପରମ୍ପରା ଓ ସଂସ୍କୃତି ଆଦି ରହିଛି। ଯାହାକୁ ପିଢ଼ି ପରେ ପିଢ଼ି ଅନୁକରଣ କରିଆସନ୍ତି। ଏହିକ୍ରମରେ ଏପରି ଏକ ଗ୍ରାମ ଅଛି, ଯେଉଁଠି ଲୋକେ ପରମ୍ପରାକୁ ବଜାୟ ରଖିବା ପାଇଁ କୁକୁଡ଼ା ପାଳନ କରନ୍ତିନି କି ଶୋଇବା ପାଇଁ ଖଟର ବ୍ୟବହାର କରନ୍ତି ନାହିଁ। ବେଙ୍ଗାଲୁରୁରୁ ୫୭୦ କିଲୋମିଟର ଦୂରରେ ମଲ୍ଲାପୁର ନାମକ ଏକ ଗାଁ ରହିଛି। ଯେଉଁଠି ଏପ୍ରକାର ପରମ୍ପରା ପ୍ରଚଳିତ। ୩୦୦୦ ଲୋକସଂଖ୍ୟା ବିଶିଷ୍ଟ ଏହି ଗ୍ରାମରେ ଆରାଧ୍ୟ ଦେବତା ଭାବେ ମଲ୍ଲୟା ପୂଜା ପାଆନ୍ତି। କୁହାଯାଏ, ଏହି ଦେବତା ନିଦ୍ରପ୍ରିୟ। ତେଣୁ ତାଙ୍କ ନିଦ୍ରା ସମୟରେ ସେ କୌଣସି ପ୍ରକାର ବିଶୃଙ୍ଖଳା ସହି ପାରନ୍ତି ନାହିଁ। ଖାସ୍ କରି କୁକୁଡ଼ା ରାବ। ଅନ୍ୟ ପଟେ ସ୍ଥାନୀୟ ଲୋକଙ୍କ ବିଶ୍ୱାସ ରହିଛି ଭଗବାନଙ୍କ ନିଦ୍ରା ଭଙ୍ଗ ହେଲେ ତାଙ୍କର ଅଭିଶାପ ଗ୍ରାମବାସୀଙ୍କ ଉପରେ ପଡ଼ିବ। ତେଣୁ ଏଠାରେ ଲୋକମାନେ କୁକୁଡ଼ା ପାଳନ କରନ୍ତି ନାହିଁ। କାହିଁ କେଉଁ କାଳରୁ ପିଢ଼ି ପରେ ପିଢ଼ି ଗ୍ରାମବାସୀମାନେ ଏହି ନିୟମକୁ ପାଳନ କରି ଆସୁଛନ୍ତି। କେବଳ ସେତିକି ନୁହେଁ ଏହି ଗ୍ରାମରେ କେହି ମଧ୍ୟ ଖଟରେ ଶୁଅନ୍ତି ନାହିଁ। କାରଣ ପରମ୍ପରା ଅନୁଯାୟୀ, ମଲ୍ଲୟା ଭଗବାନ ଏବଂ ତାଙ୍କ ପତ୍ନୀ ତୁରଙ୍ଗା ଦେବୀ ଖଟରେ ବିରାଜମାନ କରିଥାନ୍ତି। ସର୍ବଦା ଭକ୍ତଙ୍କୁ ଆଶୀର୍ବାଦ ଦେଇଥାନ୍ତି। ତେଣୁ ଭଗବାନଙ୍କ ସମ୍ମାନାର୍ଥେ ସବୁଲୋକ ଅର୍ଥାତ୍ ନବଜାତ ଶିଶୁ ଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ ଚଟାଣରେ ଶୁଅନ୍ତି।

# ମାସେ ଫୋନ୍ ବ୍ୟବହାର ନ କଲେ ମିଳିବ ୮ ଲକ୍ଷ

ସମ୍ପ୍ରତି ସ୍ମାର୍ଟଫୋନ୍ ବିନା କୌଣସି କାମ କରିବା ସମ୍ଭବ ନୁହେଁ। ସେହିପରି ସ୍ମାର୍ଟଫୋନ୍‌ର ଅତିରିକ୍ତ ବ୍ୟବହାର ଲୋକଙ୍କ ସାମାଜିକ ଜୀବନ ଉପରେ ବି ପ୍ରଭାବ ପକାଉଛି। ଖାସ୍ ସେଥିପାଇଁ ଲୋକଙ୍କୁ ଡିଜିଟାଲ ଡିଟକ୍ସ ଦିଗରେ ସଚେତନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଆମେରିକାର ଡାଏରୀ ଫାର୍ମ 'ସିଗି' ଲୋକଙ୍କୁ ଡିଜିଟାଲ ଡିଟକ୍ସରେ ସାମିଲ କରିବା ପାଇଁ ଭିନ୍ନ ଏକ ଅଭିଯାନ ଆରମ୍ଭ କରିଛି। ଉକ୍ତ କମ୍ପାନିର ସର୍ତ୍ତ ଅନୁସାରେ, ଲୋକଙ୍କୁ ୩୦ ଦିନ ପାଇଁ ଫୋନ୍ ବ୍ୟବହାର ନ କରିବାକୁ ଚ୍ୟାଲେଞ୍ଜ ଦିଆଯାଇଛି। ପ୍ରତିବଦଳରେ ବିଜେତାଙ୍କୁ ପୁରସ୍କାର ସ୍ୱରୂପ ୮ ଲକ୍ଷ ଟଙ୍କା ମିଳିବ। ସାଧାରଣତଃ ଲୋକେ ଦିନକୁ ପ୍ରାୟତଃ ୫-୬ ଘଣ୍ଟା ଫୋନ୍ ବ୍ୟବହାର କରୁଥିବା ଦେଖାଯାଏ। ଏଣୁ ଲୋକଙ୍କୁ ଫୋନ୍‌ରେ ଯୋଡ଼ି ନ ହୋଇ ବିଶ୍ୱରେ କ'ଣ ସବୁ ଘଟୁଛି, ତା'ଉପରେ ଦୃଷ୍ଟି ଦେବା ଦରକାର। କିଛି ସମୟ ପାଇଁ ଡିଜିଟାଲ ବ୍ରେକ୍ ନେବା ଦ୍ୱାରା ସରଳ ଜୀବନ ଜିଇଁବା ସମ୍ଭବ ବୋଲି ଏହି କମ୍ପାନି ବିଶ୍ୱାସ ରଖେ। ତା'ସହ ୨୦୨୪ ପ୍ରାରମ୍ଭରୁ ଡିଜିଟାଲ ମୁକ୍ତ ରହିଲେ ଲୋକଙ୍କୁ ନୀରୋଗ ଓ ସୁସ୍ଥ ଜୀବନ ଜିଇଁବା ଦିଗରେ ପ୍ରୋତ୍ସାହିତ କରାଯାଇପାରିବ ବୋଲି କମ୍ପାନି ପକ୍ଷରୁ କୁହାଯାଇଛି। ଏହାବାଦ୍ ଅନ୍ୟ କିଛି ପ୍ରତିଯୋଗୀଙ୍କୁ ଗୋଟିଏ ସ୍ମାର୍ଟଫୋନ୍ ଲକ୍, ପୁରୁଣା ଫ୍ଲିପ୍ ଫୋନ୍, ମାସେ ପାଇଁ ପ୍ରିପେଡ୍ ସିମ୍ କାର୍ଡ, ୩ ମାସ ପାଇଁ ସିଗି ଦହି ମିଳିବ। ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ଲୋକଙ୍କୁ ଜାନୁଆରୀ ୩୧ ପୂର୍ବରୁ ନାମ ପଞ୍ଜିକରଣ କରିବାକୁ ହେବ। ଏହାସହ ଜୀବନରେ ଡିଜିଟାଲ ଡିଟକ୍ସ କାହିଁକି ଚାହୁଁଛନ୍ତି ଏବଂ ଏହା କିଭଳି ଜୀବନ ଉପରେ ସକାରାତ୍ମକ ପ୍ରଭାବ ପକାଇବ, ସେନେଇ ସେମାନଙ୍କୁ ଏକ ନିବନ୍ଧ ଲେଖିବାକୁ ହେବ।



# ଫରେଷ୍ଟ ବାଥିଂ



ସମ୍ପ୍ରତି ବ୍ୟସ୍ତବହୁଳ ଜୀବନ ଯୋଗୁଁ ଲୋକ ପ୍ରକୃତିକୋଳରେ ସମୟ ବିତାଇ ପାରୁନାହାନ୍ତି। ଏଥିଯୋଗୁଁ ଅଧିକାଂଶ ଲୋକ ନାନା ପ୍ରକାର ରୋଗର ଶିକାର ହେବା ସହିତ ଚିନ୍ତାଗ୍ରସ୍ତ ରହୁଛନ୍ତି। ଏଥିରୁ ମୁକ୍ତି ପାଇବା ପାଇଁ ଲୋକେ ନାନା ଉପାୟ ଆପଣାଇଥାନ୍ତି। ସେହିଭଳି ଏକ ବ୍ୟବସ୍ଥା ହେଲା 'ଫରେଷ୍ଟ ବାଥ୍'। ଏହା ଶରୀରକୁ ଆରାମ ପ୍ରଦାନ କରିବାର ଏକ ଜାପାନୀ ଥେରାପି। ୧୯୮୦ ମସିହାରେ ଜାପାନର ଜଣେ ମନୋବୈଜ୍ଞାନିକ ଏହାର ଆରମ୍ଭ କରିଥିଲେ। ଜାପାନୀ ଭାଷାରେ ଏହାକୁ 'ଶିନ୍‌ରିନ୍ –ୟୋକୁ' କୁହାଯାଏ। ଫରେଷ୍ଟ ବାଥ୍ ବା ଜଙ୍ଗଲ ସ୍ନାନ କୌଣସି ପ୍ରକାର ବ୍ୟାୟାମ, କସରତ, ଜଗିଂ କିମ୍ବା ହାଇକିଂ ନୁହେଁ, ବରଂ ଏହା ଜଣେ ବ୍ୟକ୍ତିଙ୍କୁ ସିଧାସଳଖ ପ୍ରକୃତି ସହିତ ଯୋଡ଼ିଥାଏ। ଫରେଷ୍ଟ ବାଥ୍‌ରେ ଜଣେ ବ୍ୟକ୍ତି ପ୍ରକୃତିଭରା ଗଛ ତଥା ଶାନ୍ତିପୂର୍ଣ୍ଣ ସ୍ଥାନ ଚୟନ କରି ସେଠାରେ ଗଭୀର ନିଃଶ୍ୱାସ ନେବା ସହିତ ସ୍ଥାନୀୟ ପ୍ରକୃତିକୁ ଦେଖିଥାନ୍ତି। ପଶୁପକ୍ଷୀଙ୍କ ସ୍ୱରକୁ ଶୁଣିବା ସହିତ ଗଛକୁ ଆଲିଙ୍ଗନ କରିଥାନ୍ତି। ଫୁଲ, ଫଳ ଆଦିର ଗନ୍ଧକୁ ଆଘ୍ରାଣ କରିବା ସହ ସବୁଜ ବନାନୀକୁ ଉପଭୋଗ କରୁଥିବାରୁ ଏହାର ନାଁ ଫରେଷ୍ଟ ବାଥ୍ ନାଁ ଦିଆଯାଇଛି। ୧୯୮୨ରେ ଜାପାନ କୃଷି ବିଭାଗ ଏହି ଥେରାପିକୁ ବେଶ୍ ଲୋକପ୍ରିୟ କରାଇଥିଲା। ଏହାପରେ ବିଶ୍ୱର ବିଭିନ୍ନ ସ୍ଥାନରେ ଏହା ଲୋକପ୍ରିୟ ହେବାରେ ଲାଗିଲା। ଫରେଷ୍ଟ ବାଥିଂ ଯୋଗୁଁ ଚିନ୍ତା ହ୍ରାସ ପାଇବା ସହ ସକାରାତ୍ମକ ଭାବନା ସୃଷ୍ଟି ହୁଏ। ଷ୍ଟ୍ରେସ୍ ହରମୋନ୍‌କୁ କମ୍ କରିବା, ଖୁସି ଅନୁଭବ କରିବା, ହୃଦ୍‌ସ୍ପନ୍ଦନ ଏବଂ ରକ୍ତଚାପ ନିୟନ୍ତ୍ରଣ, ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ଆଦି କାମ କରିଥାଏ ଫରେଷ୍ଟ ବାଥିଂ। ତେବେ ଏହି ଥେରାପି ପାଇଁ ପ୍ରକୃତି ଓ ଶାନ୍ତ ସ୍ଥାନ ଚୟନ କରିବା ସହିତ ଏହି ସମୟରେ ଫୋନ୍, ବିଦ୍ୟୁତ୍ ଉପକରଣ ଆଦି ଠାରୁ ଦୂରେଇ ରହି କେବଳ ନିଜକୁ ସମୟ ଦେବା ଅଧିକ ଫଳପ୍ରଦ। ଜାପାନରେ ଫରେଷ୍ଟ ବାଥିଂକୁ ପ୍ରୋତ୍ସାହନ ଦେବା ପାଇଁ ସ୍ୱତନ୍ତ୍ର ଟୁର୍ ଆୟୋଜନ କରାଯାଏ। ଏଥିପାଇଁ ଜଣେ ଜଣେ ଗାଇଡ୍ ଥେରାପିଷ୍ଟ ଥାନ୍ତି। ଲୋକଙ୍କୁ ପ୍ରକୃତି ସହିତ ଯୋଡ଼ି ରହିବା ଶିକ୍ଷା ସେ ପ୍ରଦାନ କରିଥାନ୍ତି।

## ଆଜିର ଇତିହାସ

- ୧୭୮୦- ଭାରତର ପ୍ରଥମ ସମ୍ବାଦପତ୍ର 'ବେଙ୍ଗଲ୍ ଗ୍ୟାଜେଟ୍' ପ୍ରଥମ ଥର ପ୍ରକାଶିତ ହୋଇଥିଲା।
- ୧୯୮୮- ବ୍ରିଟେନର ଏକ ବୋଇଂ ବିମାନ ୩୬ ଘଣ୍ଟାରେ ବିଶ୍ୱ ପରିକ୍ରମା କଲା।
- ୧୯୯୪- ଭାରତ ସରକାର 'ଏୟାର୍ କର୍ପୋରେସନ୍ ଆକ୍ଟ'କୁ ରଦ୍ଦ କରିଦେଲେ।
- ୨୦୦୩- ହିମାଚଳ ପ୍ରଦେଶ ବିଧାନସଭାକୁ ଭାଙ୍ଗି ଦିଆଗଲା।
- ୨୦୦୭- ଶିଳ୍ପା ସେଟ୍ଟୀ ଲଣ୍ଡନର ଚର୍ଚ୍ଚିତ ରିଆଲିଟି ଶୋ' ବିଗ୍ ବ୍ରଦର୍‌ର ବିଜେତା ହେଲେ।



# ଖତରୋଁ କେ ଖିଲାଡ଼ି ଶୈଳୀରେ କନିଆଙ୍କ ଏଣ୍ଟ୍ରି

ପ୍ରତ୍ୟେକ ବ୍ୟକ୍ତି ନିଜ ବିବାହକୁ ନେଇ ନାନା ସ୍ୱପ୍ନ ଦେଖିଥାନ୍ତି। ଅଧିକାଂଶ ନିଜ ବିବାହରେ ଏମିତି କାମ କରନ୍ତି, ଯାହା ସାରାଜୀବନ ସ୍ମୃତି ହୋଇ ରହିଯାଇଥାଏ। ଜଣେ କନିଆ ନିଜ ବିବାହସ୍ଥଳକୁ ଏପରି ଏଣ୍ଟ୍ରି କରିଛନ୍ତି ଯାହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ୍ ହେବା ପରେ ଚର୍ଚ୍ଚାର ପ୍ରସଙ୍ଗ ପାଲଟି ଯାଇଛି। କନିଆ ଜଣକ ନିଜ ବିବାହକୁ ଖାସ୍ ଓ ସ୍ୱତନ୍ତ୍ର କରିବାକୁ ବିପଜ୍ଜନକ ଷ୍ଟଣ୍ଟ କରିବାକୁ ପଛାଇ ନାହାଁନ୍ତି। ୱେଡିଂ ଗାଉନ୍ ପିନ୍ଧି ଯୁବତୀ ଜଣକ ଏକ ରଶି ଦ୍ୱାରା ଛାତ ଉପରୁ ତଳକୁ ଆସିଛନ୍ତି। କେବଳ ସେତିକି ନୁହେଁ, ରଶି ଜରିଆରେ ସେ ତଳକୁ ଖସୁଥିବାବେଳେ ସେ ହସୁଥିବାର ଦେଖାଯାଉଛି। କନିଆଙ୍କ ବିବାହସ୍ଥଳକୁ ଏପରି ବିପଜ୍ଜନକ ଏଣ୍ଟ୍ରି ଦେଖି ଲୋକେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଥିଲେ।

# ମହୁମାଛି ସହିତ ରହଣି



ମହୁମାଛି ଯାହାକୁ ଦଂଶନ କରିଛି ସେ ହିଁ ଅନୁଭବ କରିଛି ଯନ୍ତ୍ରଣା କ'ଣ। ଅନେକ କ୍ଷେତ୍ରରେ ଲୋକଙ୍କୁ ଜ୍ୱର ହୋଇଯାଏ। କିଛି ଲୋକ ପ୍ରାଣ ହରାଇଥିବାର ଉଦାହରଣ ମଧ୍ୟ ରହିଛି। ସେଥିପାଇଁ ଲୋକେ ଘର ଆଖପାଖରେ ମହୁମାଛି ବସା ଦେଖିଲେ ତାକୁ ଭାଙ୍ଗିବା ପାଇଁ ଲାଗି ପଡ଼ନ୍ତି। କିନ୍ତୁ ଏପରି ଏକ ସ୍ଥାନ ରହିଛି, ଯେଉଁଠି ଲୋକେ ଟଙ୍କା ଖର୍ଚ୍ଚ କରି ମହୁମାଛି ସହ ରାତ୍ରିଯାପନ କରନ୍ତି। ଇଟାଲୀର ରୋକୋ ଫିଲୋମେନୋ ନାମକ ଜଣେ ମହୁମାଛି ଚାଷୀ ନିଜ ଜମିରେ କିଛି ସ୍ଥାନୀୟ ସ୍ୱେଚ୍ଛାସେବୀଙ୍କ ସହାୟତାରେ ଏଭଳି ଏକ ସ୍ଥାନ ନିର୍ମାଣ କରିଛନ୍ତି। ଏହା 'ୱଣ୍ଡର ବି ଆଣ୍ଡ ବି' ଭାବେ ପରିଚିତ। ୧୩ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ଘରେ ରହିବା ପାଇଁ ସିଙ୍ଗଲ ବେଡରୁମ୍ ରହିଛି, ଯେଉଁଥିରେ ଦୁଇଜଣ ବ୍ୟକ୍ତି ରହିପାରିବେ। ତେବେ ସମ୍ପୂର୍ଣ୍ଣ ଘରେ ୧୦ ଲକ୍ଷ ମହୁମାଛି ରହିଥିବାବେଳେ ୯ଟି ମହୁଫେଣା ରହିଛି। ଏହି ମହୁ ଫେଣାଗୁଡ଼ିକ ଘରର ସୌନ୍ଦର୍ଯ୍ୟ ବୃଦ୍ଧି କରୁଛନ୍ତି। ଏଠାରେ ରହୁଥିବା ବ୍ୟକ୍ତି ଖଟରେ ଶୋଇବାବେଳେ ସିଲିଂରେ ଥିବା ମହୁଫେଣାଗୁଡ଼ିକୁ ଦେଖିପାରିବେ। ଶୋଇବା ସମୟରେ ଅତିଥି ମହୁମାଛିଙ୍କର ଗୁଣୁଗୁଣୁ ଶବ୍ଦକୁ ମଧ୍ୟ ଶୁଣିଥାନ୍ତି। ତେବେ ଏହି କୋଠରୀରେ ଗୋଟିଏ ରାତି କଟାଇବା ପାଇଁ ୧୧ ହଜାର ଟଙ୍କାରୁ ୧୪ ହଜାର ଟଙ୍କା ଭଡ଼ା ଦେବାକୁ ପଡ଼ିଥାଏ। ସେହିପରି ଏଠାରେ ବିଦ୍ୟୁତ୍ ବ୍ୟବସ୍ଥା ହୋଇ ନ ଥିବାରୁ ସୋଲାର ଲାଇଟ୍ ସହାୟତାରେ ବଲ୍‌ବ ଜଳିଥାଏ।

# ଚାଲିବା ସୂଚାଏ ସ୍ୱଭାବ

**ଜଣକର କଥା କହିବା ଶୈଳୀ ଓ ପୋଷାକ ପରିପାଟୀରୁ ଯେମିତି ତା'ର ସ୍ୱଭାବ ସମ୍ପର୍କରେ ଜଣାପଡ଼ିଥାଏ, ସେହିଭଳି ଜଣକର ଚାଲିବା ଶୈଳୀରୁ ମଧ୍ୟ ତା'ର ବ୍ୟକ୍ତିତ୍ୱ ବାରି ହୋଇପଡ଼େ। ଏ ନେଇ ମନୋବିଜ୍ଞାନ କ'ଣ କୁହେ, ଆସନ୍ତୁ ଜାଣିବା...**

### ଜୋରରେ ଚାଲିବା

ଯେଉଁମାନେ ଜୋରରେ ବା ଦ୍ରୁତଗତିରେ ଚାଲନ୍ତି, ସେମାନେ ଖୋଲା ମନୋଭାବର ହୋଇଥାନ୍ତି। ଏମାନେ ଜୀବନରେ ରିସ୍କ୍ ନେବାକୁ ପସନ୍ଦ କରନ୍ତି। ଏମାନଙ୍କର ସାହସ ଅନ୍ୟମାନଙ୍କ ତୁଳନାରେ ଅଧିକ। ଏମାନେ ଦୁଃଖକଷ୍ଟରେ ଜୀବନ ବିତାଇବାକୁ ପସନ୍ଦ କରନ୍ତି ନାହିଁ। ସବୁବେଳେ ଏମାନଙ୍କ ମଧ୍ୟରେ ଉତ୍ସାହ ଦେଖାଯାଏ।

### ଧୀରେ ଧୀରେ ଚାଲିବା

ଧୀର ଗତିରେ ଚାଲୁଥିବା ବ୍ୟକ୍ତି ଜୀବନରେ ବେଶ୍ ସତର୍କତା ଅବଲମ୍ବନ କରନ୍ତି। ଏମାନେ ନିଜ ଭାବନାକୁ ପ୍ରକାଶ କରନ୍ତି ନାହିଁ। ମୋଟାମୋଟି କହିବାକୁ ଗଲେ ଏମାନେ ଆତ୍ମକୈନ୍ଦ୍ରିକ ଓ ସୁବିଧାବାଦୀ ହୋଇଥାନ୍ତି। ସବୁବେଳେ ରିଲାକ୍ସ ରହିବାକୁ ଚେଷ୍ଟା କରନ୍ତି।

### ପାଦ ଘୋଷାରି ଚାଲିବା

ଯେଉଁମାନେ ପାଦ ଘୋଷାରି ଚାଲନ୍ତି, ସେମାନେ ସବୁବେଳେ ଚିନ୍ତା ଗ୍ରସ୍ତ ଥାଆନ୍ତି। ଏମାନେ ଗୋଟିଏ ଜିନିଷକୁ ନେଇ ଏତେ ଭାବନାରେ ବୁଡ଼ି ରୁହନ୍ତି ଯେ, ସେଥିରୁ ବାହାରି ପାରନ୍ତି ନାହିଁ। ଏମାନେ କୌଣସି କାର୍ଯ୍ୟକୁ ଆଗ୍ରହର ସହ କରି ନଥାନ୍ତି।

### ଆରାମରେ ଚାଲିବା

ଯେଉଁମାନେ ବେଶ୍ ଆରାମରେ ଢଳି ଢଳି ଚାଲନ୍ତି ସେମାନେ ନିଜ ହିସାବରେ ଜୀବନ ଜିଇଁବାକୁ ପସନ୍ଦ କରନ୍ତି। ଏମାନେ ଜୀବନରେ କେବେ ରିସ୍କ୍ ନିଅନ୍ତି ନାହିଁ। ଅନ୍ୟମାନଙ୍କ ଉପରେ କାମ ଉଠାଇବାରେ ମାହିର୍ ହୋଇଥାନ୍ତି। ଏମାନେ ଜୀବନରେ ସବୁ ସୁଖସୁବିଧା ହାସଲ କରିବାକୁ ଚାହାନ୍ତି।



## ଆଜିର ରାଶିଫଳ

**ମେଷ:** ଦିନଟିରେ ଚିନ୍ତାଗ୍ରସ୍ତ ରହିବେ। ଆୟର ନୂତନ ମାର୍ଗ ଉନ୍ମୋଚନ ହେବ। ନିବେଶରୁ ଦୂରେଇ ରହିବେ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ନୂଆ ଯୋଜନା ପାଇଁ ଗୁରୁଜନଙ୍କ ପରାମର୍ଶ ନେବେ।

**ବୃଷ:** ଅଧିକ ଖର୍ଚ୍ଚାନ୍ତ ହେବେ। ବ୍ୟବସାୟରୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ। ଉଧାର ଧନ ଫେରିପାଇବେ। ସରକାରୀ କ୍ଷେତ୍ରରେ ସଫଳତା ଲାଭ କରିବେ। ବିଦ୍ୟାର୍ଥୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ମିଥୁନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ଚିନ୍ତାରେ ରହିବେ। ଧନ ଆଗମନ ଯୋଗ ଅଛି। ପରିବାର ସଦସ୍ୟଙ୍କ ସହିତ ମତାନ୍ତର ହେବ। ବ୍ୟବସାୟୀ ଦୂର ସ୍ଥାନକୁ ଯାତ୍ରା କରିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**କର୍କଟ:** ଅଫିସ୍ କାମରେ ବ୍ୟସ୍ତ ରହିବେ ଏବଂ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ବନ୍ଧୁଙ୍କ ସାହାଯ୍ୟରେ ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ଧାର୍ମିକ କାର୍ଯ୍ୟ ପାଇଁ ଆଗ୍ରହୀ ହେବେ।

**ସିଂହ:** କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ବନ୍ଧୁଙ୍କ ସହ ବୁଲିବା ପାଇଁ ନୂଆ ଯୋଜନା କରିବେ। ଧାର କରଜରୁ ଦୂରେଇ ରହିବେ। ସମାଜରେ ପ୍ରତିଷ୍ଠା ବଢ଼ିବ। ନୃତ୍ୟଶିଳ୍ପୀଙ୍କ ପାଇଁ ଦିନଟି ଭଲ।

**କନ୍ୟା:** ଯାତ୍ରାରୁ ଲାଭ ମିଳିବ। ଦିନଟିରେ କର୍ମଚଞ୍ଚଳ ରହିବେ। ପାରିବାରିକ ଜୀବନରେ ତିକ୍ତତା ଦେଖା ଦେବ। ବ୍ୟବସାୟରେ ସଫଳତା ମିଳିବ। ଜୀବନସାଥୀଙ୍କଠାରୁ ଉପହାର ମିଳିବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ସାମାଜିକ କାର୍ଯ୍ୟରେ ସାମିଲ ହେବେ। ଅଫିସ୍‌ରେ ସହକର୍ମୀଙ୍କ ସହ ବ୍ୟକ୍ତିଗତ କଥା ଆଲୋଚନା କରିବେ ନାହିଁ। ଘରକୁ ଅତିଥିଙ୍କ ଆଗମନ ହେବ।

**ବିଛା:** ଦିନଟି ଶୁଭଫଳ ପ୍ରଦାନ କରିବ। ଉତ୍‌ଫୁଲ୍ଲିତ ରହିବେ। ସରକାରୀ କାମ ସମସ୍ୟା ସମାଧାନ ହେବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ପାରିବାରିକ ବିବାଦରୁ ଦୂରେଇ ରହିବେ।

**ଧନୁ:** କାର୍ଯ୍ୟରେ ଉନ୍ନତି ଘଟିବ। ଦାମ୍ପତ୍ୟ ଜୀବନ ହସଖୁସିରେ ଅତିବାହିତ କରିବେ। ଗରିବ, ଅସହାୟଙ୍କୁ ସାହାଯ୍ୟ କରିବେ। ଗୁରୁଜନଙ୍କ ଆଦେଶ ପାଳନ କରିବେ। ସନ୍ତାନଙ୍କ ସଫଳତା ପାଇଁ ଖୁସି ହେବେ।

**ମକର:** ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ବଦଭ୍ୟାସ ପରିତ୍ୟାଗ କରିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବିବାହ ପ୍ରସ୍ତାବ ସ୍ଥିର ହେବ। ବିଦ୍ୟାର୍ଥୀ ପ୍ରବେଶିକା ପରୀକ୍ଷା ଲାଗି ପ୍ରସ୍ତୁତି ଜାରି ରଖିବେ।

**କୁମ୍ଭ:** ଦୀର୍ଘ ଦିନ ସମସ୍ୟାର ସମାଧାନ ହେବ। ଅଫିସ୍ କାମ ସୂଚାରୁରୂପେ ତୁଲାଇବେ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଲେଖାଲେଖି ପ୍ରତି ରୁଚି ବଢ଼ିବ। ବଡ଼ ଭାଇ ଓ ଭଉଣୀଙ୍କ ସହଯୋଗ ମିଳିବ।

**ମୀନ:** କଥା ଓ କାମ ମଧ୍ୟରେ ଲୋକଙ୍କୁ ପ୍ରଭାବିତ କରିବେ। ବନ୍ଧୁଙ୍କ ସାହାଯ୍ୟ ମିଳିବ। ମାଆଙ୍କ ସ୍ୱାସ୍ଥ୍ୟାବସ୍ଥା ପାଇଁ ଚିନ୍ତାରେ ରହିବେ। ମଠ ତଥା ମନ୍ଦିରରେ ଦାନ କରିବେ।

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-214 ◆BHUBANESWAR ◆MONDAY ◆29 JANUARY 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୧୪ ◆ଭୁବନେଶ୍ୱର ◆ସୋମବାର ◆୨୯ ଜାନୁଆରୀ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦




ବିବାହ ବନ୍ଧନରେ ପଦ୍ମିନୀ ରାଉତ

▶କ୍ରୀଡ଼ା ପୃଷ୍ଠାରେ...






# ଆପଣଙ୍କ ପାଇଁ ଦିନରାତି ଖଟୁଛନ୍ତି ମୁଖ୍ୟମନ୍ତ୍ରୀ

## କେବଳ ଶଙ୍ଖ ଚିହ୍ନ ଓ ନବୀନ ପଟ୍ଟନାୟକଙ୍କୁ ଚିହ୍ନନ୍ତୁ: ପାଣ୍ଡିଆନ

■ କେନ୍ଦୁଝର/ଭୁବନେଶ୍ୱର, ୨୮ ।୧ (ସମିସ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜଣେ ମହାନ ଜନନାୟକ। ଆପଣଙ୍କ ପରିବାରର ଓ ଆପଣଙ୍କ ପିଲାମାନଙ୍କ ସ୍ୱପ୍ନକୁ ସାକାର କରିବାକୁ ଦିନ ରାତି ଖଟୁଛନ୍ତି। ଅନ୍ୟ ଲୋକମାନେ କେବଳ ବଡ଼ବଡ଼ ଭାଷଣ ଦେଇ ଚାଲିଯାଆନ୍ତି, ଗୋଟିଏ ବି ସମସ୍ୟାର ସମାଧାନ କରିପାରନ୍ତି ନାହିଁ। ତେଣୁ ସେ ଭାଷଣର କିଛି ମୂଲ୍ୟ ନାହିଁ। ମୁଖ୍ୟମନ୍ତ୍ରୀ ଅନ୍ୟମାନଙ୍କ ପରି ସେ ମିଠାମିଠା ଓ ଦୀର୍ଘ ଭାଷଣକୁ ପସନ୍ଦ କରନ୍ତି ନାହିଁ। କମ୍ କଥା କହନ୍ତି, କିନ୍ତୁ କାମରେ ବିଶ୍ୱାସ କରନ୍ତି। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସେ ମଧ୍ୟ ଅନୁପ୍ରାଣିତ। ଦୀର୍ଘ ଭାଷଣ ଦେବା ପରିବର୍ତ୍ତେ କାମ କରିବାକୁ ମୁଖ୍ୟମନ୍ତ୍ରୀ ଆମ ସମସ୍ତଙ୍କୁ ଶିଖାଇଛନ୍ତି। କେନ୍ଦୁଝରବାସୀଙ୍କ ସ୍ୱପ୍ନକୁ ପୂରଣ କରିବା ପାଇଁ ସେ ବିନିଦ୍ର ପରିଶ୍ରମ କରୁଛନ୍ତି ଓ ଆମକୁ ମଧ୍ୟ ଅନୁରୂପ କାର୍ଯ୍ୟ କରିବାକୁ ଅନୁପ୍ରେରିତ କରିଛନ୍ତି । ମୁଖ୍ୟମନ୍ତ୍ରୀ ସର୍ବଦା ଲୋକଙ୍କ ସହ ଅଛନ୍ତି ଓ ଲୋକଙ୍କ ପାଇଁ କାମ କରି ଆସୁଛନ୍ତି। ଲୋକମାନଙ୍କ କଥାରେ ସରକାର ଚଳାଉଛନ୍ତି। ଏ ସରକାର ଲୋକଙ୍କ ସରକାର, ଲୋକମାନେ ଯାହା ଚାହିଁବେ ତାହା ହିଁ ସରକାର କରିବେ। ଆଜି ଯେଉଁ ଆବେଦନପତ୍ର ମିଳିଛି; ତନ୍ମଧ୍ୟରୁ ମନ୍ଦିର, ମସଜିଦ୍, ଚର୍ଚ୍ଚ, କମ୍ୟୁନିଟି ସେଣ୍ଟରଗୁଡ଼ିକ ସଂକ୍ରାନ୍ତ ଆବେଦନ ସାତଦିନ ମଧ୍ୟରେ ସମାଧାନ ହେବ। ତେଣୁ କେବଳ ଶଙ୍ଖଚିହ୍ନ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଆପଣମାନେ ଚିହ୍ନନ୍ତୁ; ଆଗାମୀ ନିର୍ବାଚନରେ ମୁଖ୍ୟମନ୍ତ୍ରୀଙ୍କୁ ଆଶୀର୍ବାଦ ଦିଅନ୍ତୁ ବୋଲି ଆହ୍ୱାନ ଦେଇଛନ୍ତି '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ।

ରବିବାର କେନ୍ଦୁଝର ଜିଲ୍ଲା ସିଲସୁଆଁରେ ଏକ ସାଧାରଣ ସଭାରେ ଶ୍ରୀ ପାଣ୍ଡିଆନ କହିଛନ୍ତି ଯେ ସପ୍ତାହେ ତଳେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ହୋଇଛି। ଦିନକ ତଳେ ମୁଖ୍ୟମନ୍ତ୍ରୀ 'ସମଲେଇ' ପ୍ରକଳ୍ପକୁ ଲୋକାର୍ପଣ କରିଛନ୍ତି। ଶ୍ରୀମନ୍ଦିର ଓ ସମଲେଶ୍ୱରୀ ମନ୍ଦିର ପରି ମା' ତାରିଣୀଙ୍କ ପୀଠ ବି ନୂଆ ରୂପରେ ସଜେଇ ହେବ। ଆଗାମୀ ୧୦୦ ବର୍ଷ ପାଇଁ ଭକ୍ତଙ୍କୁ ଦର୍ଶନରେ କୌଣସି ସମସ୍ୟା ହେବନି। ଶ୍ରୀକ୍ଷେତ୍ର ଓ ସମଲେଇଙ୍କ ପରେ ଏବେ ମା ତାରିଣୀଙ୍କ ପୀଠର ପାଳି। ମୁଖ୍ୟମନ୍ତ୍ରୀ ମା' ତାରିଣୀ ମନ୍ଦିରର ରୂପାନ୍ତରଣ ପାଇଁ ୫୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ବର୍ତ୍ତମାନ କେନ୍ଦୁଝର ଜିଲ୍ଲାରେ ୧୩୩୧୦ କୋଟି ଟଙ୍କାର ବିକାଶମୂଳକ କାର୍ଯ୍ୟ ଜାରି ରହିଛି। କେବଳ ଲୋକଙ୍କ ଆବେଦନ ଆଧାରରେ ମୁଖ୍ୟମନ୍ତ୍ରୀ ଗତ ୭ ମାସରେ ୪୬୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଗତ ଜୁନରେ କେନ୍ଦୁଝର ଗସ୍ତ ସମୟରେ ତାଙ୍କୁ ୭୧୦ଟି ଆବେଦନ ମିଳିଥିଲା। ତନ୍ମଧ୍ୟରୁ ୬୫୦ଟି ଆବେଦନର ସମାଧାନ ହୋଇସାରିଛି। ସେହିପରି ଜିଲ୍ଲାରେ ୫୭୮୦ କୋଟି ଟଙ୍କା ବ୍ୟୟରେ କାନପୁର ଜଳସେଚନ ପ୍ରକଳ୍ପ ଓ ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ କାର୍ଯ୍ୟ ଚାଲିଛି। ସାଧାରଣ ଲୋକଙ୍କ କଲ୍ୟାଣ ନିମନ୍ତେ ମୁଖ୍ୟମନ୍ତ୍ରୀ ଏହି ସବୁ କାର୍ଯ୍ୟର କାର୍ଯ୍ୟାନ୍ୱୟନ କରିଛନ୍ତି ବୋଲି ଉଲ୍ଲେଖ କରି ଶଙ୍ଖଚିହ୍ନ ଓଡ଼ିଶାବାସୀଙ୍କ ଆତ୍ମା ଓ ବିଜୁ ପରିବାରର ଆତ୍ମା ବୋଲି କହିଛନ୍ତି ଶ୍ରୀ ପାଣ୍ଡିଆନ। ▶ପୃଷ୍ଠା-୯




ସାନ୍ତାଳୀମାନଙ୍କ ଉପାସନା ପୀଠ 'କିଝିର୍ ଦିଶମ୍ ଜାହେରଗାଳ'ରେ ପ୍ରଣିପାତ କରୁଛନ୍ତି '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ

- କେନ୍ଦୁଝରରେ '୫-ଟି' ଅଧ୍ୟକ୍ଷଙ୍କ ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା
- ଆସନ୍ତା ନିର୍ବାଚନରେ ମୁଖ୍ୟମନ୍ତ୍ରୀଙ୍କୁ ଆଶୀର୍ବାଦ ଦିଅନ୍ତୁ କେନ୍ଦୁଝରବାସୀ
- ମିଠା ଭାଷଣ ପରିବର୍ତ୍ତେ ଆମକୁ କାମ କରିବା ଶିଖାଇଛନ୍ତି ମୁଖ୍ୟମନ୍ତ୍ରୀ
- କେନ୍ଦୁଝରରେ ୧୩୩୧୦ କୋଟି ଟଙ୍କାର ବିକାଶ କାର୍ଯ୍ୟ କରାଯାଉଛି
- ଗତ ୭ ମାସ ମଧ୍ୟରେ କେନ୍ଦୁଝରକୁ ମିଳିଛି ୪୬୦ କୋଟି ଟଙ୍କା
- ୫୭୮୦ କୋଟି ଟଙ୍କାରେ କାନପୁର ଓ ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ
- ଶ୍ରୀମନ୍ଦିର ଓ ସମଲେଇ ପରେ ମା' ତାରିଣୀ ପୀଠର ରୂପାନ୍ତରଣ
- ଆସନ୍ତାମାସରୁ କେନ୍ଦୁଝରରେ 'ଲକ୍ଷ୍ମୀ' ବସ୍, ପ୍ରତି ପଞ୍ଚାୟତରେ ବ୍ୟାଙ୍କ

## ବିହାରରେ ନୀତୀଶ ନାଟକ

# ବିଜେପି ସହ ହାତ ମିଳାଇ ନବମ ଥର ହେଲେ ମୁଖ୍ୟମନ୍ତ୍ରୀ

■ ପାଟନା, ୨୮ ।୧ (ଏଜେନ୍ସି): ବିହାର ରାଜନୀତିରେ କିଛି ଦିନ ହେଲା ଚାଲିଥିବା ରାଜନୈତିକ ଅଙ୍କକଷା ଶେଷ ହୋଇଛି। ପରିଶେଷରେ ରାଜ୍ୟର ରାଜନୈତିକ ସମୀକରଣ ବଦଳି ଯାଇଛି। ୧୭ ମାସର ମହାମେଣ୍ଟ (ଆରେଜେଡି, କଂଗ୍ରେସ ଏବଂ ଜେଡିୟୁ) ଭାଙ୍ଗି ଯାଇଛି। ନୀତୀଶ କୁମାର ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି। ନୀତୀଶ ପୁଣିଥରେ ମେଣ୍ଟ ବଦଳାଇ ବିଜେପି ସହ ମିଶି ସରକାର ଗଠନ କରିଛନ୍ତି। ରବିବାର ସନ୍ଧ୍ୟା ୫ଟାରେ ରାଜଭବନରେ ନବମ ଥର ପାଇଁ ନୀତୀଶ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକର ତାଙ୍କୁ ପଦ ଏବଂ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ବିଜେପି ପ୍ରଦେଶ ଅଧ୍ୟକ୍ଷ ସମ୍ରାଟ ଚୌଧୁରୀ ଏବଂ ବିରୋଧୀ ଦଳ ନେତା ବିଜୟ ସିହ୍ନା ନୂଆ ଉପ-ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ଆଉ ୬ ଜଣ ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ଏମାନଙ୍କ ମଧ୍ୟରେ ବିଜେପିର ପ୍ରେମ କୁମାର, ଜେଡିୟୁର ବିଜେନ୍ଦ୍ର ପ୍ରସାଦ, ଶ୍ରବଣ କୁମାର, ବିଜୟ କୁମାର ଚୌଧୁରୀ, ଜିତନ ରାମ ମାନଝୀଙ୍କ ଦଳ ହାମ୍‌ର ସନ୍ତୋଷ କୁମାର ସୁମନ ଏବଂ ସ୍ୱାଧୀନ ବିଧାୟକ ସୁମିତ ସିଂହ ସାମିଲ ଅଛନ୍ତି। ଶପଥ ଗ୍ରହଣ ଉତ୍ସବରେ ବିଜେପି ଅଧ୍ୟକ୍ଷ ଜେପି ନଡ୍ଡା ସାମିଲ ହୋଇଥିଲେ। ଶପଥ ପରେ ନୀତୀଶ କୁମାର କହିଥିଲେ ଯେ ଖୁବଶୀଘ୍ର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହେବ। ଏବେ ଆଉ କୁଆଡ଼େ ଯିବାର ପ୍ରଶ୍ନ ଉଠୁନାହିଁ। ଯେଉଁଠି ଥିଲୁ, ସେଇଠିକୁ ଫେରି ଆସିଲୁ। ବିଜେପି ସହ ପୂର୍ବରୁ ଥିଲୁ, ଆଗକୁ ମଧ୍ୟ ରହିବୁ। ▶ପୃଷ୍ଠା-୯



- ୧୭ ମାସରେ ଭାଙ୍ଗିଗଲା ବିହାର ମହାଗଠବନ୍ଧନ ସରକାର
- ୨ ଉପ-ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ, ବିଜୟ ସିହ୍ନାଙ୍କ ସମେତ ଶପଥ ନେଲେ ୮ ମନ୍ତ୍ରୀ
- ଯେଉଁଠି ଥିଲି, ସେଇଠିକୁ ଆସିଲି; ଆଉ କୁଆଡ଼େ ଯିବିନି: ନୀତୀଶ

## 'ନୂଆ-ଓ' କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କୁ ପାଣ୍ଡିଆନଙ୍କ ସଫଳତାର ମନ୍ତ୍ର

# ଧ୍ୟାନ, ପ୍ରାର୍ଥନା, କଠୋର ପରିଶ୍ରମ

■ ଭୁବନେଶ୍ୱର, ୨୮ ।୧ (ସମିସ): ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ କେନ୍ଦୁଝର ଜିଲ୍ଲାର ବିଭିନ୍ନ ଉନ୍ନୟନ କାର୍ଯ୍ୟ ଅନୁଧ୍ୟାନ ଅବସରରେ ଧରଣୀଧର ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ 'ନୂଆ-ଓ' କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ। ଏହି ଅବସରରେ ସେ ଛାତ୍ରଛାତ୍ରୀଙ୍କ ସହ ଭାବବିନିମୟ କରିଛନ୍ତି ଓ ସଫଳତାର ରହସ୍ୟ ବୁଝାଇଛନ୍ତି । ନିଜକୁ ସୁସ୍ଥ ରଖିବା ପାଇଁ ଧ୍ୟାନ, ପ୍ରାର୍ଥନା ଓ ଶାରୀରିକ ପରିଶ୍ରମ କରିବା ଓ ନିଜ ଭବିଷ୍ୟତ ଗଢ଼ିବା ପାଇଁ କଠୋର ପରିଶ୍ରମ କରିବାକୁ ସେ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଛନ୍ତି । ବର୍ତ୍ତମାନ ଶିକ୍ଷାଲାଭ ସମୟରେ ୫ ବର୍ଷ କଠୋର ପରିଶ୍ରମ କଲେ ଭବିଷ୍ୟତ ସୁଖଦ ହେବ ଏବଂ ଏହି କଠିନ ପରିଶ୍ରମର ମଧୁର ଫଳ ୫୦ ବର୍ଷ ଉପଭୋଗ କରିପାରିବ ବୋଲି ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି ଶ୍ରୀ ପାଣ୍ଡିଆନ ।



ଦେଢ଼ ମାସରେ ଶେଷ ହେବ ବିଶ୍ୱବିଦ୍ୟାଳୟ ଉନ୍ନୟନ କାମ

ସେ କହିଛନ୍ତି ଯେ ନିଜ ପ୍ରତିଭା ପରିପ୍ରକାଶ କରିବାର ଏକ ଭଲ ପ୍ଲାଟଫର୍ମ ହେଉଛି ନୂଆ-ଓ କାର୍ଯ୍ୟକ୍ରମ । କଲେଜ, ବ୍ଲକ, ▶ପୃଷ୍ଠା-୯

## ଆଜିଠୁ ବଢ଼ିବ ତାପମାତ୍ରା

# ୩୧ରୁ ପୁଣି ବର୍ଷା

■ ଭୁବନେଶ୍ୱର, ୨୮ ।୧ (ସମିସ): ରାଜ୍ୟରେ ସୋମବାରଠାରୁ ତାପମାତ୍ରା ବୃଦ୍ଧି ପାଇବ। ତାପମାତ୍ରା ବୃଦ୍ଧି ଯୋଗୁଁ ବିଭିନ୍ନ ସ୍ଥାନରେ ଜାରି ରହିଥିବା ଶୀତର ପ୍ରକୋପ ହ୍ରାସ ପାଇବ। ବର୍ତ୍ତମାନ ରାଜ୍ୟର କିଛି ସ୍ଥାନରେ ତାପମାତ୍ରା ସ୍ୱାଭାବିକଠାରୁ ତଳକୁ ଖସିଛି। ଏଥିପାଇଁ ଗତ ଦୁଇ ଦିନ ହେବ ରାଜ୍ୟର ବିଭିନ୍ନ ଜିଲ୍ଲା ପାଇଁ ପାଣିପାଗ କେନ୍ଦ୍ର ପକ୍ଷରୁ ଶୀତ ଲହରୀର ସତର୍କ ସୂଚନା ଜାରୀ କରାଯାଇଛି। ତେବେ ସୋମବାରଠାରୁ ଧୀରେ ଧୀରେ ଏହି ସ୍ଥିତିରେ ପରିବର୍ତ୍ତନ ଆସିବ ଓ ତାପମାତ୍ରା ବୃଦ୍ଧି ଯୋଗୁଁ ଶୀତ କମିବ। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ସୋମବାରଠାରୁ ରାଜ୍ୟର ବିଭିନ୍ନ ସ୍ଥାନରେ ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ପାଇବ। ଏହି ସ୍ଥିତି ଆସନ୍ତା ୫ ଦିନ ପର୍ଯ୍ୟନ୍ତ ଜାରି ରହିବା ସହ ବର୍ତ୍ତମାନ ତୁଳନାରେ ଶୀତର ପ୍ରକୋପ କମିବ। ଅନ୍ୟପଟେ ୩୧ ତାରିଖଠାରୁ ରାଜ୍ୟର କିଛି ଜିଲ୍ଲାରେ ସ୍ୱଳ୍ପ ବର୍ଷା ହେବା ନେଇ ଆଶଙ୍କା କରାଯାଇଛି। ପଶ୍ଚିମା ଝଡ଼ ପ୍ରଭାବରେ ବିଭିନ୍ନ ଜିଲ୍ଲାରେ ବର୍ଷା ଆଶଙ୍କା କରାଯାଇଛି। ୩୧ ତାରିଖରୁ ପରବର୍ତ୍ତୀ ୪ ଦିନ ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାରେ ସ୍ୱଳ୍ପ ବର୍ଷା ହେବାର ସମ୍ଭାବନା ଥିବା ପାଣିପାଗ କେନ୍ଦ୍ର କହିଛି।

## ବିଏସ୍‌କେୱାଇ ନବୀନ କାର୍ଡରୁ କେହି ବାଦ୍ ପଡ଼ିବେନି

# ୮ ଯାଏ ବଢ଼ିଲା ପଞ୍ଜୀକରଣ

■ ଭୁବନେଶ୍ୱର, ୨୮ ।୧ (ସମିସ): 'ପ୍ରତ୍ୟେକ ଜୀବନ ମୂଲ୍ୟବାନ', 'ସମସ୍ତଙ୍କ ପାଇଁ ସର୍ବୋତ୍ତମ ସ୍ୱାସ୍ଥ୍ୟ ସେବା' ମନ୍ତ୍ର ନେଇ କାମ କରୁଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକଙ୍କୁ ଚିକିତ୍ସା ବୋଝରୁ ଉଦ୍ଧାର କରିବା ପାଇଁ ବଦ୍ଧପରିକର। ଏହି କ୍ରମରେ ମୁଖ୍ୟମନ୍ତ୍ରୀ ପର୍ଯ୍ୟାୟକ୍ରମେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ)ର ସମ୍ପ୍ରସାରଣ କରୁଛନ୍ତି। ପ୍ରତି ପଞ୍ଚାୟତରେ ବିଏସ୍‌କେୱାଇରୁ ବାଦ୍ ପଡିଥିବା ଲୋକଙ୍କୁ ନବୀନ କାର୍ଡରେ ସାମିଲ କରିବା ପାଇଁ ପଦକ୍ଷେପ ନିଆଯାଉଛି। ସେଥିପାଇଁ ରାଜ୍ୟ ସରକାର ପୁଣି ଥରେ ବିଏସ୍‌କେୱାଇ ନବୀନ କାର୍ଡ ନିମନ୍ତେ ଆବଦନ ଅବଧି ବୃଦ୍ଧି କରିଛନ୍ତି। ଏହି କାଡର୍ ପାଇଁ ଫେବୃଆରୀ ୮ ତାରିଖ ଯାଏ ଆବେଦନ କରାଯାଇ ପାରିବ। ପୂର୍ବରୁ ଜାନୁଆରୀ ୨୬ ଶେଷ ତାରିଖ ଥିଲା। ଯେପରି ଗ୍ରାମାଞ୍ଚଳର ଜଣେ ହେଲେ ବି ହିତାଧିକାରୀ ଏହି କାର୍ଡର ସୁବିଧା ପାଇବାରୁ ବଞ୍ଚିତ ନ ରୁହନ୍ତି, ସେଥିପାଇଁ ପଞ୍ଜିକରଣ ଅବଧି ବୃଦ୍ଧି କରିବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ଶାଳିନି ପଣ୍ଡିତ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଗ୍ରାମ ଓ ପଞ୍ଚାୟତ ସ୍ତରରେ ବିଏସ୍‌କେୱାଇ ନବୀନ କାର୍ଡ ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି ପାଇଁ ଶ୍ରୀମତୀ ପଣ୍ଡିତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସମସ୍ତଙ୍କ ପାଇଁ ବିନା ମୂଲ୍ୟରେ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ଚଳିତ ମାସ ୬ ତାରିଖରୁ ବିଏସ୍‌କେୱାଇ ନବୀନ କାର୍ଡ ପାଇଁ ପଞ୍ଜିକରଣ ଆରମ୍ଭ କରିଥିଲେ। ୧୬ ତାରିଖ ପର୍ଯ୍ୟନ୍ତ ଏହା ଚାଲିଥିଲା। କେବଳ ରାସନ କାର୍ଡଧାରୀଙ୍କୁ ଏହି ଯୋଜନାରେ ସାମିଲ କରାଯାଇଥିବା ବେଳେ ଉଭୟ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳର ବହୁ ଲୋକ ଏଥିରୁ ବାଦ୍ ପଡ଼ିଥିଲେ। ବିଏସ୍‌କେୱାଇର ▶ପୃଷ୍ଠା-୯




ଗ୍ରାମାଞ୍ଚଳରେ ବ୍ୟାପକ ସଚେତନତା ପାଇଁ ନିର୍ଦ୍ଦେଶ ଦେଲେ ସଚିବ

## ଲୋକକଥା



ଘରେ ଘରେ ସ୍ୱାସ୍ଥ୍ୟ ସେବା ଦେବାପାଇଁ
ବ୍ୟବସ୍ଥା ରହିଚି ଜାରି,
ସର୍ବନିମ୍ନ ଲୋକ ଏଇ ସୁବିଧାରେ
ହୁଅନ୍ତି ହିତାଧିକାରୀ ।
ବିରୋଧୀ ତ ଘାରିସାରି,
ମାଛିକୁ ଯେପରି ପଚା ଘା' ଲୋଡ଼ା
ବିରୋଧୀଙ୍କୁ ସେହିପରି !!

## ୧୦ ବର୍ଷରେ ବଦଳିଛି ଚିତ୍ର ଓ ଚରିତ୍ର

# ଲାଲଗଡ଼ ଏବେ ବିକାଶଗଡ଼

■ତୁରେକେଲା,୨୮ ।୧(ରୋହନ କୁମାର ଅମାତ): ବଲାଙ୍ଗିର ଜିଲ୍ଲା ସୀମାବର୍ତ୍ତୀ ତୁରେକେଲା ବ୍ଲକ୍‌ର ଝରଣ ଗାଁ। ଘଞ୍ଚ ଜଙ୍ଗଲଘେରା ଏହି ଗାଁରେ ପହଞ୍ଚିବାକୁ ୩ଟି ପାହାଡ଼ ଅତିକ୍ରମ କରି ଯିବାକୁ ହୁଏ। ଗାଁରେ ଆଦିବାସୀ ସମ୍ପ୍ରଦାୟର ୪୫ ପରିବାର ରହନ୍ତି। ଜନସଂଖ୍ୟା ଦେଢ଼ ଶ' ପାଖାପାଖି। ପାହାଡ଼ ତଳ ପଞ୍ଚାୟତକୁ ଆସିବାକୁ ହେଲେ, ୮ଟି ଛୋଟବଡ଼ ନାଳ ପାରି ହେବାକୁ ପଡୁଥିଲା। ବର୍ଷା ଦିନ ହେଲେ ଜଳବନ୍ଦୀ। ତା' ସାଙ୍ଗକୁ ଅହରହ ବନ୍ୟଜନ୍ତୁଙ୍କ ଭୟ। ଅଭେଦ୍ୟ, ଦୁର୍ଗମ ଅଞ୍ଚଳ ହୋଇଥିବାରୁ ମାଓ କାର୍ଯ୍ୟକଳାପ ପାଇଁ ଏହା ଏକ ଉପଯୁକ୍ତ ସ୍ଥାନ ଥିଲା। ୧୦ବର୍ଷ ତଳେ ଏଠାରେ ମାଓବାଦୀଙ୍କ ଗତିବିଧି ଖୁବ୍ ଅଧିକ ଥିବାରୁ ଏହା 'ଲାଲଗଡ଼'ର ଅପଖ୍ୟାତି ମୁଣ୍ଡାଇଥିଲା। ଏପରିକି ଗୁଳିଗୋଳା ଶବ୍ଦରେ ବି ଅନେକଥର ଗ୍ରାମବାସୀ ଥରହର ହୋଇଛନ୍ତି। ଏଇଥିପାଇଁ ଏ ଗାଁରେ କୌଣସି ସରକାରୀ ଅଧିକାରୀ କିମ୍ବା ବାହାର ଲୋକଙ୍କ ପାଦ ପଡୁ ନଥିଲା; ପୁଲିସ ତ ଯିବା ଦୂରର କଥା। ରାଜ୍ୟ ସରକାର ଏଠାରେ ବିକାଶର ଧ୍ୱଜା ଉଡ଼ାଇବାକୁ ଚାହୁଥିଲେ ହେଁ ମାଓ ଗତିବିଧି ସେଥିରେ ଏକ ପ୍ରମୁଖ ଅନ୍ତରାୟ ସାଜୁଥିଲା। ନିର୍ବାଚନ ସମୟରେ ଗାଁକୁ ନେତା ଆସୁଥିଲେ ସତ; କିନ୍ତୁ ମାଓବାଦୀଙ୍କ ଭୟରେ ଗାଁରେ ବୁଥ୍ ହେଉନଥିଲା। ତେଣୁ ଗ୍ରାମବାସୀ ଚାଲିଚାଲି କମେଇମୁଣ୍ଡା ପଞ୍ଚାୟତକୁ ଭୋଟ୍ ଦେବାକୁ ଆସୁଥିଲେ। କିନ୍ତୁ ଖୁସିର କଥା ହେଲା, ଆଉ ସେ ଭୟର ଦିନ ନାହିଁ। ରାଜ୍ୟ ସରକାରଙ୍କ ନିରନ୍ତର ପ୍ରୟାସ ଯୋଗୁଁ ଏବେ ଏ ଅଞ୍ଚଳର ଚେହେରା ବଦଳି ଯାଇଛି। ଆଉ ଅପହଞ୍ଚ ହୋଇ ରହିନାହିଁ ଏ ଅଞ୍ଚଳ। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ; ଆଦି ସବୁ କ୍ଷେତ୍ରରେ ସକାରାତ୍ମକ ପରିବର୍ତ୍ତନ ହୋଇଛି। ଏଠିକା ଲୋକଙ୍କ ଜୀବନଧାରଣର ମାନରେ ଉନ୍ନତି ଘଟିଛି। ଦିନେ ସରକାରଙ୍କ ଯୋଜନାଠୁ ଯୋଜନ ଦୂରରେ ଥିବା ଗ୍ରାମବାସୀ ଏବେ ବିକାଶର ସ୍ରୋତରେ ସାମିଲ ହୋଇଛନ୍ତି। ଆଉ ଏସବୁ ମାତ୍ର ୧୦ ବର୍ଷ ଭିତରେ ସମ୍ଭବପର ହୋଇପାରିଛି। ▶ପୃଷ୍ଠା-୯

ଉଦାହରଣ ସାଜିଛି ତୁରେକେଲା ବ୍ଲକ୍ ଝରଣ ଗାଁର ରୂପାନ୍ତରଣ



# ଡେବ୍ରିଗଡ଼ ମହାବଳକୁ ଛତିଶଗଡ଼ରେ ଶିକାର!

## ଘଟଣାରେ ସାମିଲ୍ ଥିବା ୫ ଅଭିଯୁକ୍ତ ଗିରଫ

■ ଭୁବନେଶ୍ୱର, ୨୮ ।୧ (ସମିସ): ବର୍ଷେ ହେବ ସମ୍ବଲପୁର ଡେବ୍ରିଗଡ଼ ଅଭୟାରଣ୍ୟରେ ଡେରା ପକାଇଥିବା ମହାବଳ ବାଘକୁ ଶିକାର କରାଯାଇଥିବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ଛତିଶଗଡ଼ର ଗୋମର୍ଡା ଅଭୟାରଣ୍ୟରେ ଗୋଟିଏ ବାଘ ଶିକାର ଘଟଣା ସାମ୍ନାକୁ ଆସିବା ଓ ଏହି ବାଘ ଓଡ଼ିଶାରୁ ସେଠାକୁ ଯାଇଥିବା ନେଇ ସ୍ଥାନୀୟ ଡିଏଫ୍‌ଓ କହିବା ପରେ ଏହି ଆଶଙ୍କା ଦୃଢ଼ୀଭୂତ ହୋଇଛି। ଯଦିଓ ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟ ବନ ବିଭାଗ ପକ୍ଷରୁ ଏହି ବାଘଟି ଡେବ୍ରିଗଡ଼ରୁ ଯାଇଥିବା ନେଇ ସ୍ପଷ୍ଟ କରାଯାଇନାହିଁ, କିନ୍ତୁ ପାରିପାର୍ଶ୍ୱିକ ସ୍ଥିତି ଓ ବିଭିନ୍ନ ଘଟଣାବଳୀକୁ ଅନୁଧ୍ୟାନ କଲେ ସମ୍ଭବତଃ ଏହି ବାଘଟି ଡେବ୍ରିଗଡ଼ରୁ ▶ପୃଷ୍ଠା-୯

- ଓଡ଼ିଶାରୁ ବାଘ ଯାଇଥିବା ନେଇ ସ୍ଥାନୀୟ ଡିଏଫଓଙ୍କ ସୂଚନା
- ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରିଛି ଓଡ଼ିଶା
- ବର୍ଷେ ହେବ ଡେବ୍ରିଗଡ଼ରେ ଡେରା ପକାଇଥିଲା ମହାବଳ

ସକାଳ
THE SAKALA



# ମୋଟରସାଇକଲ ଦୁର୍ଘଟଣାରେ ଜଣେ ମୃତ

**ଡାବୁଗାଁ,୨୮।୧(ସମିସ):** ନବରଙ୍ଗପୁର ଜିଲ୍ଲା ଡାବୁଗାଁ ଥାନା ଅଧୀନ ଅର୍ଚ୍ଛିତଗୁଡ଼ା ଗ୍ରାମ ଛକରେ ମୋଟରସାଇକଲ ଦୁର୍ଘଟଣା ଘଟି ଜଣଙ୍କର ମୃତ୍ୟୁ ଘଟିଥିବା ରବିବାର ଡାବୁଗାଁ ଥାନାରେ ଅଭିଯୋଗ ହୋଇଛି। ମୃତକ ଜଣକ ଉମରକୋଟ ଥାନା ଅଧୀନ ତାରାଯୋଡ଼ି ଗ୍ରାମର ସଦନ ସାନ୍ତା (୩୫)। ସୂଚନାଯୋଗ୍ୟ, ଉମରକୋଟ ଥାନା ଅଧୀନ ତାରାଯୋଡ଼ି ଗ୍ରାମର ସଦନ ସାନ୍ତା(୩୫) ଶନିବାର ନିଜ ବନ୍ଧୁ ଘର କୋଡିଗାଁ ଗ୍ରାମକୁ ଯାଇଥିଲେ। ସନ୍ଧ୍ୟାରେ ସେଠାରୁ ମୋଟରସାଇକଲ ଯୋଗେ ଫେରୁଥିବାବେଳେ ଡାବୁଗାଁ ଥାନା ଅଧୀନ ଅର୍ଚ୍ଛିତଗୁଡ଼ା ଗ୍ରାମ ଛକ ପାଖରେ ଏକ ଗାଈ ସହ ଧକ୍କା ହୋଇଥିଲା। ଫଳରେ ସେ ରାସ୍ତା କଡ଼କୁ ଛିଟିକି ପଡ଼ି ଆହତ ହୋଇଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଯୋଗେ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସିତ ଅବସ୍ଥାରେ ଶନିବାର ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ରବିବାର ସକାଳୁ ମୃତକଙ୍କ ଭାଇ ଲଳିତ ସାନ୍ତା ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତିକରି ଥାନା ଏଏସଆଇ ଚନ୍ଦ୍ରଶେଖର ହଜାରୀ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଥାନାରେ ଏକ ମାମଲା(୨୭/୨୪)ରୁଜୁ କରାଯାଇଛି।

## ମଦ ବିକ୍ରୟକୁ ନେଇ ତାତିଲେ ଲକଡ଼ିପୋଲା ମହିଳା

# ଠେଙ୍ଗାବାଡ଼ି ଧରି ଭାଙ୍ଗିଲେ ମଦ ହାଣ୍ଡି

**ତେନ୍ତୁଲିଖୁଣ୍ଟି,୨୮।୧(ସମିସ)**

ତେନ୍ତୁଲିଖୁଣ୍ଟି ବ୍ଲକ୍ କଂଗ୍ରା ପଞ୍ଚାୟତ ଅନ୍ତର୍ଗତ ଲକଡ଼ିପୋଲା ଗ୍ରାମରେ ବ୍ୟାପକ ମାତ୍ରାରେ ମଦ କାରବାରକୁ ଗ୍ରାମର ମହିଳାମାନେ ବିରୋଧ କରିବା ଆରମ୍ଭ କରିଛନ୍ତି। ଗ୍ରାମକୁ ସମ୍ପୂର୍ଣ୍ଣ ମଦମୁକ୍ତ କରିବା ପାଇଁ ମହିଳାମାନେ ସଂକଳ୍ପ ନେଇ ଗତ ଚାରିଦିନ ପୂର୍ବରୁ ତେନ୍ତୁଲିଖୁଣ୍ଟି ଥାନାରେ ଅଭିଯୋଗ କରିଥିଲେ। ରବିବାର ଗ୍ରାମର ମହିଳାମାନେ ଠେଙ୍ଗା ବାଡ଼ି ଧରି ମଦ ହାଣ୍ଡି ଭଙ୍ଗା ଅଭିଯାନରେ ବାହାରିଥିଲେ। ଏହି ଖବର ଶୁଣି ତେନ୍ତୁଲିଖୁଣ୍ଟି ଆଇଆଇସି ପ୍ରମୋଦ କୁମାର ଖଣ୍ଡୁଆଳଙ୍କ ନେତୃତ୍ୱରେ ଏସଆଇ ବିନିତା ତୀରକି, ଏଏସଆଇ ଭରତ ମାଝୀଙ୍କ ସମେତ ଏକ ପୁଲିସ ଟିମ୍ ଲକଡ଼ିପୋଲା ଗ୍ରାମରେ ପହଞ୍ଚି ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ଏଥିସହ ମହିଳାମାନଙ୍କୁ ସହଯୋଗ କରି ଲକଡ଼ିପୋଲା ଗ୍ରାମରେ ମଦ ଚଢ଼ଉ ଅଭିଯାନ ଆରମ୍ଭ କରିଥିଲେ। ଆଇଆଇସି ଶ୍ରୀ ଖଣ୍ଡୁଆଳ ସଦଳବଳେ ଲକଡ଼ିପୋଲା ଗ୍ରାମରେ ପହଞ୍ଚିବା ବେଳକୁ ଗ୍ରାମର ମହିଳାମାନେ ବିଭିନ୍ନ ମଦ ଘରେ ଚଢ଼ଉ କରି ମଦ ପୋଚ, ମଦ ରନ୍ଧା ସାମଗ୍ରୀ ଆଦି ଜବତ କରିସାରିଥିଲେ। ଏହାପରେ ପୁଲିସ ଟିମ୍ ମହିଳାମାନଙ୍କୁ ସହଯୋଗ କରି ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବା ସହ ମଦ ବିକ୍ରୟ ଘର ଉପରେ ଚଢ଼ଉ କରିଥିଲେ। ତେବେ ଗ୍ରାମର ସାତୋଟି ଘରେ ଚଢ଼ଉ ହୋଇଥିଲା। ଏହି ସମୟରେ ମଦ ମାଫିଆମାନେ ଭୟରେ ଚମ୍ପଟ ମାରିଥିବାବେଳେ ଏଥିରେ କାହାରିକୁ ଗିରଫ କରାଯାଇ ନ ଥିବା ଆଇଆଇସି ଶ୍ରୀ ଖଣ୍ଡୁଆଳ ସୂଚନା ଦେଇଛନ୍ତି। ଏଥିସହ ଲକଡ଼ିପୋଲା ଗ୍ରାମରେ ସମ୍ପୂର୍ଣ୍ଣ ମଦ ବନ୍ଦ ପାଇଁ ପୁଲିସ ପକ୍ଷରୁ ଗ୍ରାମରେ ସଚେତନ କରାଯାଇଛି। ମଦ ବନ୍ଦ ନ ହେବା ପର୍ଯ୍ୟନ୍ତ ଗ୍ରାମରେ ଚଢ଼ଉ ଜାରି ରହିବ ଏବଂ ମଦ କାରବାରରେ ସମ୍ପୃକ୍ତ ଥିବା ବ୍ୟକ୍ତିବିଶେଷଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଇଆଇସି କହିଛନ୍ତି। ଏହି ଚଢ଼ଉ ବେଳେ ପ୍ରାୟ ୨୫୦ ଲିଟର ମଦ ପୋଚ ଏବଂ ୧୫ ଲିଟର ରନ୍ଧା ଦେଶୀ ମଦକୁ ଜବତ କରି ନଷ୍ଟ କରି ଦିଆଯାଇଛି। ପୁଲିସ ମଦ ପୋଚ ନଷ୍ଟ କରି ନିଜ କାର୍ଯ୍ୟ ସମାପନ ନ କରି ମଦ ବ୍ୟବସାୟୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ମଦ ବନ୍ଦ କରିବା ସହ ସ୍ଥାୟୀ ପ୍ରତିକାର କରିବା ପାଇଁ ଦାବି ହେଉଛି।



# ଗ୍ରାମ ରୋଜଗାର ସେବକଙ୍କ ମୃତଦେହ ଉଦ୍ଧାର



**ନାରାୟଣପାଟଣା,୨୮।୧(ସମିସ):** କୋରାପୁଟ ଜିଲ୍ଲା ନାରାୟଣପାଟଣା ବ୍ଲକ୍ କୁମ୍ଭାରି ପଞ୍ଚାୟତର କାର୍ଯ୍ୟରତ ଗ୍ରାମ ରୋଜଗାର ସେବକଙ୍କ ମୃତଦେହ ତାଙ୍କ ସରକାରୀ ବାସଭବନରୁ ରବିବାର ଉଦ୍ଧାର କରିଛି ପୁଲିସ। ମୃତକ ଜଣକ କିରଣ ଚୌଧୁରୀ ହୋଇଥିବାବେଳେ ତାଙ୍କ ଘର ବୋରୀଗି ବୋଲି ଜଣାପଡ଼ିଛି। ଖବର ନେବାରେ ଜଣାପଡ଼ିଛି ଯେ, ରବିବାର ଜଣେ ଯୁବକ କୌଣସି କାମରେ ସକାଳ ୭ଟା ବେଳେ ବ୍ଲକ୍ କାର୍ଯ୍ୟାଳୟ ପଛପଟେ କିରଣ ରହୁଥିବା ଘରକୁ ଯାଇ ଡାକିଥିଲେ। କିନ୍ତୁ ସେ ନ ଶୁଣିବାରୁ କବାଟ ଭିତର ପଟରୁ ଖୋଲାଥିବା ଦେଖି ଘର ଭିତରକୁ ଯିବା ପରେ ତାଙ୍କର ମୃତଦେହ ଏକ ଖଟ ଉପରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ଏହାଦେଖି ଉକ୍ତ ଯୁବକ ଜଣକ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ନାରାୟଣପାଟଣା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରିଥିଲା। ଖବର ପାଇ ପରିବାର ଲୋକେ ପହଞ୍ଚି ଥାନାରେ ଅଭିଯୋଗ ପରେ ନାରାୟଣପାଟଣା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରିବା ସହ ଘଟଣାର ଅଧିକ ତଦନ୍ତ ଜାରି ରଖିଛି। ଅନ୍ୟପଟରେ ବ୍ୟବଚ୍ଛେଦ ପରେ ଶବକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି।

# ଟିପ୍ପର ଧକ୍କାରେ ଯୁବକ ଗୁରୁତର



**ସେମିଳିଗୁଡ଼ା,୨୮।୧(ସମିସ):** ଜନଗହଳିପୂର୍ଣ୍ଣ ସେମିଳିଗୁଡ଼ା ସହର ମୁଖ୍ୟ ରାସ୍ତାରେ ଜଣେ ଯୁବକଙ୍କୁ ଏକ ଡଷ୍ଟ ବୋଝେଇ ଟିପ୍ପର ଧକ୍କା ଦେବା ଫଳରେ ସେ ଗୁରୁତର ଆହତ ହୋଇଛନ୍ତି। ଯୁବକ ଜଣକ ହେଲେ ସଞ୍ଜୟ କୁମାର ବେହେରା। ସେ ସ୍ଥାନୀୟ ଗୋପବନ୍ଧୁନଗରର ଅଞ୍ଚଳର ବୋଲି ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, ରବିବାର ସନ୍ଧ୍ୟା ପ୍ରାୟ ୭ଟା ୨୫ ମିନିଟ୍ ସମୟରେ ସଞ୍ଜୟ ନିଜ ସେଲୁନକୁ ଯିବାପାଇଁ ଘରୁ ବାହାରିଥିଲେ। ତେବେ ଗୋପବନ୍ଧୁ ନଗର ମୁଖ୍ୟ ରାସ୍ତାରେ ଚାଲି ଚାଲି ଯାଉଥିବା ସମୟରେ କୋରାପୁଟ ଆଡ଼କୁ ଯାଉଥିବା ଏକ କ୍ରସର ଗୁଣ୍ଡ ବୋଝେଇ ଟିପ୍ପର ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ସେ ତଳେ ପଡ଼ିଯିବାରୁ ତାଙ୍କର ଦୁଇଗୋଡ଼ ଉପରେ ଟିପ୍ପରର ପଛ ଚକା ଚଢ଼ିଯାଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ସଞ୍ଜୟଙ୍କୁ କୋରାପୁଟ ଡାକ୍ତରଖାନାକୁ ନିଆଯାଇଥିବାବେଳେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଛି। ସଞ୍ଜୟଙ୍କର ଦୁଇଟି ଯାକ ଗୋଡ଼ ନଷ୍ଟ ହୋଇଯାଇଥିବା ସୂଚନା ମିଳିଛି। ସନ୍ଧ୍ୟା ହେଲେ ସେମିଳିଗୁଡ଼ା ସହର ଜନଗହଳିପୂର୍ଣ୍ଣ ହୋଇ ଉଠୁଥିବାବେଳେ ଅଧିକାଂଶ ସମୟ ରାସ୍ତାରେ ଭିଡ଼ ଲାଗୁଛି। ଏଥି ସହିତ ଭାରୀଯାନଗୁଡ଼ିକ ସହର ମଧ୍ୟରେ ବେପରୁଆ ଭାବେ ଚାଳନା କରୁଥିବାରୁ ସାଧାରଣ ଧନ ଜୀବନ ହାନି ହେବାକୁ ଲାଗିଥିବାରୁ ଏହାକୁ ନେଇ ଜନଅସନ୍ତୋଷ ଦେଖାଦେଇଛି। ଗତ କିଛି ଦିନରୁ ସେମିଳିଗୁଡ଼ାରେ ଟ୍ରାଫିକ ନିୟନ୍ତ୍ରଣ ଉପରେ ପୁଲିସ ଦୃଷ୍ଟି ଦେଉ ନ ଥିବା ଲୋକେ ଅଭିଯୋଗ କରିଛନ୍ତି।

## ● ବାଲଡ଼ା ନାଗେଶ୍ୱରୀ ପାହାଡ଼ ଓ ଗୁମ୍ଫାର ଫାଟକ ଭଙ୍ଗା ଘଟଣା

# ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ନିର୍ମିତ ଫାଟକ ବନ୍ଦ ବିବାଦ ନେଇ ଏତଲା

**ନନ୍ଦପୁର,୨୮।୧(ସମିସ):** ନନ୍ଦପୁର ବ୍ଲକ୍ ଅନ୍ତର୍ଗତ ପର୍ଯ୍ୟଟନସ୍ଥଳ ବାଲଡ଼ା ନାଗେଶ୍ୱରୀ ଗୁମ୍ଫା ଓ ପାହାଡ଼ର ଫାଟକ ଭଙ୍ଗା ଘଟଣା ଏବେ ଥାନାରେ ପହଞ୍ଚିଛି। ବନ ବିଭାଗ ସହାୟତାରେ ପର୍ଯ୍ୟଟନସ୍ଥଳୀ ଓ ପାହାଡ଼ର ସୁରକ୍ଷା ପାଇଁ ଗଠିତ ନାଗେଶ୍ୱରୀ ବନ ସୁରକ୍ଷା ସମିତି ଦ୍ୱାରା ପାହାଡ଼ ତଳେ ନିର୍ମିତ ଫାଟକକୁ କିଛି ଖଳ ପ୍ରକୃତିର ଲୋକ ଓପାଡ଼ି ଭାଙ୍ଗି ଫୋପାଡ଼ି ଦେଇଥିବାବେଳେ ଏହି ମାମଲା ଏବେ ପାଡୁଆ ଥାନାରେ ପହଞ୍ଚିଛି। ଦୈନିକ ହଜାର ସଂଖ୍ୟାରେ ଆସୁଥିବା ପର୍ଯ୍ୟଟକଙ୍କ ସୁରକ୍ଷା ନିମିତ୍ତ ତିଆରି ଫାଟକକୁ ଓପାଡ଼ି ଫିଙ୍ଗିଦେବା ଘଟଣାକୁ ସମିତି ନିନ୍ଦା କରିବା ସହ ତଦନ୍ତ କରିବାକୁ ଥାନାରେ ଏତଲା ଦେଇଛନ୍ତି। ଏହାର ଏକକିତା ନକଲ ବାଲଡ଼ା ବନାଞ୍ଚଳ ଅଧିକାରୀ ଓ ବନପାଳଙ୍କୁ ଦେଇ ଆଗାମୀ ଦିନରେ ପାହାଡ଼ ଉପରେ କୌଣସି ଅଘଟଣ ଘଟିଲେ ନାଗେଶ୍ୱରୀ ବନ ସୁରକ୍ଷା ସମିତି ଦାୟୀ ରହିବ ନାହିଁ ବୋଲି ସଭାପତି ରବୀନ୍ଦ୍ର ପାଙ୍ଗି, ଉପସଭାପତି କାର୍ତ୍ତିକ ଖେମୁଣ୍ଡୁ, ମଦନ ହାଡ଼ପୁଟିଆ, ଲବ ଖିଲ, ଖଗେଶ୍ୱର ଦେସ୍ତୀ ପ୍ରମୁଖ ଉଲ୍ଲେଖ କରିଛନ୍ତି। ପାଡୁଆ ଥାନାଧିକାରୀ ଅଶୋକ କୁମାର ବିଷୋୟୀ ଉକ୍ତ ବିବାଦର ସମାଧାନ କରିବାକୁ ରବିବାର ଏକ ବୈଠକ ଭେଜା ପଥପ୍ରାନ୍ତ ସେବା କେନ୍ଦ୍ରରେ ଅନୁଷ୍ଠିତ ହୋଇଥିଲା। ଯାହା ବିଫଳ ହୋଇଛି। ତେଣୁ ଆଗାମୀ ଦିନରେ ଫାଟକ ଭଙ୍ଗା ଘଟଣା ଉପରେ ପୁଲିସ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମିତି ଦାବି କରିଛି। ତେବେ ଗତ କିଛି ଦିନ ହେବ ବାଲଡ଼ାରେ ଗୋଟିଏ ଗୋଷ୍ଠୀ ପକ୍ଷରୁ ବାରମ୍ବାର ଘଟଣାକୁ ବିବାଦୀୟ କରୁଥିବା ଅଭିଯୋଗ ହୋଇଛି।




ସେପଟେ ମିଳିଥିବା ଖବର ଅନୁସାରେ ପୁଲିସ ଏହି ଘଟଣା ନେଇ ଗମ୍ଭୀର ରହିଥିବା କୁହାଯାଉଛି। ସମସ୍ତ ଦିଗ ଉପରେ ନଜର ରଖି ମାମଲାର ଅନୁଧ୍ୟାନ କରିଥିବା ଜଣାପଡ଼ିଛି। ଏହି ଘଟଣା ଉପରେ ଏସଡିପିଓ ସଞ୍ଜୟ କୁମାର ମହାପାତ୍ରଙ୍କୁ ପଚାରିବାରେ ସେ କିଛି କହିବାକୁ ଗଣମାଧ୍ୟମକୁ ମନା କରିବା ସହ ଘଟଣାଟି ସମ୍ବେଦନଶୀଳ ଥିବାରୁ ଅତିରଞ୍ଜିତ ଖବର ପରିବେଷଣରୁ ନିବୃତ୍ତ ରହିବାକୁ କହିବା ସହ ଗଣମାଧ୍ୟମ ପ୍ରତିନିଧିଙ୍କ ସହଯୋଗ ଲୋଡ଼ିଛନ୍ତି।

## ■ ଜୟପୁର ଟାଉନ ଥାନା ଅଧିକାରୀଙ୍କ ବଦଳି ପ୍ରସଙ୍ଗ

# ବଦଳି ବାତିଲ ପାଇଁ ଡିଆଇଜିଙ୍କୁ ଦାବିପତ୍ର ପ୍ରଦାନ

**ଜୟପୁର,୨୮।୧(ସମିସ):** କୋରାପୁଟ ଜିଲ୍ଲା ଜୟପୁର ଟାଉନ ଥାନା ଅଧିକାରୀଙ୍କୁ ମାତ୍ର ୫ ମାସ ମଧ୍ୟରେ ବଦଳି କରାଯିବାକୁ ନେଇ ପ୍ରତିକ୍ରିୟା ପ୍ରକାଶ ପାଇଛି। ଜୟପୁରର କିଛି ବାସିନ୍ଦା ତୁରନ୍ତ ପୂର୍ବତନ ଥାନା ଅଧିକାରୀଙ୍କ ବଦଳି ନିର୍ଦ୍ଦେଶକୁ ବାତିଲ କରିବାକୁ ଏକ ଦାବିପତ୍ର ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜିଙ୍କୁ ପ୍ରଦାନ କରିଛନ୍ତି।

ସୂଚନାପ୍ରକାରେ, ଗତ ୨୫ ତାରିଖରେ ଜୟପୁର ଟାଉନଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ରଙ୍କୁ ଜିଲ୍ଲାର ସୁନାବେଡ଼ା ଥାନାକୁ ଏବଂ ସୁନାବେଡ଼ା ଥାନା ଅଧିକାରୀ ରମଣି ରଞ୍ଜନ ଦଳାଇଙ୍କୁ ଜୟପୁର ଟାଉନ ଥାନାକୁ ବଦଳି କରାଯିବା ସହ ଆସନ୍ତା ୩୦ ତାରିଖ ସୁଦ୍ଧା ନିଜର ନୂତନ ଥାନାରେ ଯୋଗଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଉଭୟ ଥାନା ଅଧିକାରୀ ଗତ ଶନିବାର ନିଜ ନିଜ ନୂତନ ଥାନାରେ ଯୋଗଦେଇଛନ୍ତି। ଅନ୍ୟପଟରେ ଜୟପୁର ଟାଉନ ଥାନାର ପୂର୍ବତନ ଅଧିକାରୀ ଶ୍ରୀ ପାତ୍ରଙ୍କ ବଦଳି ତୁରନ୍ତ ବାତିଲ କରିବା ନେଇ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜିଙ୍କ ନିକଟରେ ଜୟପୁର ସହରର କେତେକ ସଂଗଠନର ସଦସ୍ୟ କୃଷ୍ଣ କେଶବ ଷଡ଼ଙ୍ଗୀ, ଲଳିତ ଅଗ୍ରୱାଲ, ରଜନୀକାନ୍ତ ନାୟକ, ସାଧନା ମିଶ୍ର, ସୁବ୍ରତ ପଣ୍ଡା, ରାଜେଶ ପାତ୍ର, ତପନ ପଣ୍ଡା, ଛବିରାମ ଦାଶ, ବିଷ୍ଣୁ ପ୍ରସାଦ ସାହୁ, ଦେବାଶିଷ ପଣ୍ଡା, ସଞ୍ଜୟ ଅଗ୍ରୱାଲ ପ୍ରମୁଖ ଦାବିପତ୍ର ପ୍ରଦାନ କରିଛନ୍ତି। ଏହାର ନକଲ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ, ମୁଖ୍ୟ ଶାସନ ସଚିବ, ଘରୋଇ ବିଭାଗ ସଚିବ, ପୁଲିସ ନିର୍ଦ୍ଦେଶକ, ମୋ ସରକାର ଓ '୫-ଟି' ଅଧ୍ୟକ୍ଷ, କୋରାପୁଟ ସାଂସଦ, ଜୟପୁର ବିଧାୟକଙ୍କୁ ପ୍ରେରଣ କରିଛନ୍ତି। ଅନ୍ୟପକ୍ଷରେ କୋରାପୁଟ ଏସପି ଅଭିନବ ସୋନକାର ଏହା ପ୍ରଶାସନିକସ୍ତରୀୟ ବଦଳି ବୋଲି କହିବା ସହ କୁନ୍ଦୁରା ଓ କାକିରିଗୁମ୍ମା ଥାନା ଅଧିକାରୀ ଏବଂ ଜିଲ୍ଲାର ବିଭିନ୍ନ ଥାନାରୁ ଅନ୍ୟ ୨୪ ଜଣ ସବଇନ୍ସପେକ୍ଟରଙ୍କୁ ମଧ୍ୟ ବଦଳି କରାଯାଇଛି ବୋଲି କହିଛନ୍ତି। ତେବେ ଗତ ସେପ୍ଟେମ୍ବର ମାସରେ ଜୟପୁର ଟାଉନ ଥାନା ଅଧିକାରୀ ଭାବେ ଶ୍ରୀ ପାତ୍ର ଯୋଗ ଦେଇଥିବାବେଳେ ହଠାତ୍ ମାତ୍ର ୫ ମାସରେ ତାଙ୍କର ବଦଳିକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର୍ ଧରିଥିଲା। ଆଇନଜୀବୀମାନଙ୍କ ଅସନ୍ତୋଷର କାରଣ ସ୍ୱରୂପ ଶ୍ରୀ ପାତ୍ରଙ୍କ ବଦଳି ହୋଇଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଥିଲା। ଏପରିକି ସ୍ଥାନୀୟ ରାଜନୈତିକ ଏବଂ ଲୋକ ପ୍ରତିନିଧିମାନେ ମଧ୍ୟ ତାଙ୍କ ପ୍ରତି ଅସନ୍ତୁଷ୍ଟ ହେବା ମଧ୍ୟ ବଦଳିର ଏକ କାରଣ ବୋଲି ସାଧାରଣରେ ଆଲୋଚନା ହୋଇଥିଲା। କିନ୍ତୁ ଶନିବାର ଦାବିପତ୍ର ପ୍ରଦାନକାରୀମାନେ ତାଙ୍କୁ ରାଜନୈତିକ କାରଣରୁ ବଦଳି କରାଯାଇଛି ବୋଲି ଡିଆଇଜିଙ୍କୁ ଜଣାଇଛନ୍ତି। ତେବେ ବଦଳିର ଦୁଇଦିନ ନ ପୂରୁଣୁ ବଦଳି ବାତିଲ ଦାବି ନେଇ କିଛି ବାସିନ୍ଦାଙ୍କ ଏଭଳି ଦାବିପତ୍ର ପ୍ରଦାନକୁ ନେଇ ଏବେ ସାଧାରଣରେ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# କୋଟିଆ, ମାଳିପୁଟ, ପୁକାଲିରେ ନୂତନ ଲ୍ୟାମ୍ପ୍ସ କାର୍ଯ୍ୟାଳୟ ଉଦ୍‌ଘାଟିତ

**ପଟ୍ଟାଙ୍ଗି,୨୮।୧(ସମିସ)**

କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ବ୍ଲକ୍ ଅନ୍ତର୍ଗତ କୋଟିଆ, ମାଳିପୁଟ ଏବଂ ପୁକାଲିରେ ନୂତନ ଲ୍ୟାମ୍ପସ କାର୍ଯ୍ୟାଳୟ ଉଦଘାଟିତ ହୋଇଯାଇଛି। ପଟ୍ଟାଙ୍ଗି ଲ୍ୟାମ୍ପସର ଏମଡି ଦିଗାମ୍ବର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କେସିସି ବ୍ୟାଙ୍କ୍ ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ ଯୋଗଦେଇ ତିନିଟି ଲ୍ୟାମ୍ପସ କାର୍ଯ୍ୟାଳୟ ଉଦଘାଟନ କରିଥିଲେ। ଉକ୍ତ କାର୍ଯ୍ୟାଳୟଗୁଡ଼ିକ ପ୍ରତ୍ୟେକ ପଞ୍ଚାୟତ କାର୍ଯ୍ୟାଳୟରେ ରହିଥିବା ଦୋକାନ ଗୃହଗୁଡ଼ିକରେ କାର୍ଯ୍ୟକ୍ଷମ କରାଯାଇଛି। ଆଗାମୀ ଦିନରେ ଅନ୍ୟ ଲ୍ୟାମ୍ପସ ଭଳି ଏଠାରେ ମଧ୍ୟ ସୁବିଧା ଯୋଗାଇଦେବାର ବ୍ୟବସ୍ଥା ରହିଥିବା ନେଇ ଜଣାପଡ଼ିଛି। ଅନ୍ୟତମ ଅତିଥି ଭାବେ ପଟ୍ଟାଙ୍ଗି ବିଧାୟକ ପିତମ ପାଢ଼ି, ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା କୋରାପୁଟ ବିଧାୟକ ରଘୁରାମ ପଡାଲ୍, ଜିଲ୍ଲା ପରିଷଦ ଲଇଛନ ଖରା ଓ ଟିକାଇ ଗେମେଲ, ପୂର୍ବତନ ବିଧାୟକ ପ୍ରଫୁଲ୍ଲ ପାଙ୍ଗି, ରମା ରାଉଳ, ପଟ୍ଟାଙ୍ଗି ଡାଇରେକ୍ଟର ଶୁକ୍ରା ଖରା, ପଟ୍ଟାଙ୍ଗି ଲ୍ୟାମ୍ପସ ସଭାପତି ସିକୁଣୁ ପାଙ୍ଗି, ଡାଇରେକ୍ଟର ପଟ୍ଟାଙ୍ଗି ଶ୍ରୀରାମ ଖିଲ, ରମା ରାଉଳ ପ୍ରମୁଖ ଯୋଗଦେଇଥିଲେ। ଅତିଥି ବୃନ୍ଦ ଉକ୍ତ ଲ୍ୟାମ୍ପସ କାର୍ଯ୍ୟାଳୟଗୁଡ଼ିକ ଚାଷୀଙ୍କ ସେବା କରି ଚାଷୀଙ୍କ ଉନ୍ନତିରେ ପ୍ରମୁଖ ଭୂମିକା ଗ୍ରହଣ କରନ୍ତୁ କହି ନିଜ ଅଭିଭାଷଣରେ ମତ ପ୍ରକାଶ କରିଥିଲେ। ଉକ୍ତ ଲ୍ୟାମ୍ପସ କାର୍ଯ୍ୟାଳୟ ପରିଚାଳନା ନିମନ୍ତେ ସଂଗଠକ ଏବଂ ସଭାପତିଙ୍କୁ ଦାୟିତ୍ୱ ଦିଆଯାଇଛି। କୋଟିଆ ସ୍ଥିତ ଲ୍ୟାମ୍ପସ ପରିଚାଳନା ପାଇଁ ସଂଗଠକ ଭାବେ ସତ୍ୟନାରାୟଣ ପଟ୍ଟନାୟକ ଓ ସଭାପତି ଭାବେ ସରପଞ୍ଚ ଲିୟୁ ଗେମେଲଙ୍କୁ ଚୟନ କରାଯାଇ ଦାୟିତ୍ୱ ଦିଆଯାଇଛି। ସେହିପରି ମାଳିପୁଟଠାରେ ସଭାପତି ଭାବେ ପୂର୍ବ ଗୁନେଇପାଡ଼ିଆ ଓ ସଂଗଠକ ଭାବେ ଦିବେନ୍ଦୁ ଶେଖର ନାୟକଙ୍କୁ ଦାୟିତ୍ୱ ଦିଆଯାଇଛି। ପୁକାଲିଠାରେ ସଭାପତି ଭାବେ ବିକୁଣୁ ଖିଲ ଏବଂ ସଂଗଠକ ଭାବେ ଟିପି ରାକେଶଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିବା ନେଇ ସୂଚନା ମିଳିଛି।




# ନବରଙ୍ଗପୁର ସବ୍ ଜେଲରେ ଛତୁଚାଷ ତାଲିମ

**ନବରଙ୍ଗପୁର,୨୮।୧(ସମିସ):** ନବରଙ୍ଗପୁର ସବ୍ ଜେଲରେ ଥିବା ଅନ୍ତେବାସୀମାନଙ୍କୁ ଛତୁଚାଷ ସମ୍ପର୍କରେ ତାଲିମ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ଜିଲ୍ଲାପାଳ ଡ. କମଳ ଲୋଚନ ମିଶ୍ରଙ୍କ କର କମଳରେ ୩୫ ଜଣ ଜେଲର ଅନ୍ତେବାସୀଙ୍କୁ ସାର୍ଟିଫିକେଟ ବଣ୍ଟନ କରାଯାଇଥିଲା। ଜିଲ୍ଲା ଦକ୍ଷତା କମିଟି ବୈଠକରେ ଜେଲରେ ଥିବା ଅନ୍ତେବାସୀମାନଙ୍କ ପାଇଁ ଦକ୍ଷତା ବିକାଶ ତାଲିମ ପ୍ରଦାନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହି ତାଲିମ କାର୍ଯ୍ୟକ୍ରମକୁ ସମାପନ ପାଇଁ ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ ଅଧିକାରୀ ଆନନ୍ଦ ଚନ୍ଦ୍ର ପଲେଇଙ୍କ ପ୍ରୟାସରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ସମ୍ଭବ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ଜନକ ରାଉତଙ୍କ ସମେତ ଜେଲର ବହୁ କର୍ମଚାରୀ ଉପସ୍ଥିତ ଥିଲେ। ଏହି ତାଲିମ ପ୍ରଦାନ କରାଯିବା ପରେ ଜେଲ୍ ଭିତରେ ଛତୁଚାଷ କରି ବଜାରରେ କିପରି ବିକ୍ରି କରାଯାଇପାରିବ ସେ ଦିଗରେ ଯଥାସମ୍ଭବ ଜିଲ୍ଲା ପ୍ରଶାସନ ତରଫରୁ ସାହାଯ୍ୟ କରିବା ପାଇଁ ଜିଲ୍ଲାପାଳ ଡ. ମିଶ୍ର ପ୍ରତିଶ୍ରୁତି ଦେଇଥିଲେ।

## ପୁଷପୁନି ଉତ୍ସବର ଚତୁର୍ଥ ସନ୍ଧ୍ୟାରେ ଆଦିବାସୀ ବେଶ ପ୍ରତିଯୋଗିତା

# 'ଜିଲ୍ଲାର କଳାସଂସ୍କୃତିକୁ ବଞ୍ଚାଇ ରଖିବା ଜିଲ୍ଲାବାସୀଙ୍କ କର୍ତ୍ତବ୍ୟ'




**ଜୟପୁର, ୨୮।୧(ସମିସ)**

କୋରାପୁଟ ଜିଲ୍ଲା ଜୟପୁରଠାରେ ଗତ ଗୁରୁବାରଠାରୁ ଆରମ୍ଭ ହୋଇଥିବା ଆଦିବାସୀ ସଂସ୍କୃତି ଓ ପରମ୍ପରାର ପର୍ବ ପୁଷପୁନି ଉତ୍ସବର ରବିବାର ଥିଲା ଚତୁର୍ଥ ସନ୍ଧ୍ୟା। ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ପଡ଼ିଆଠାରେ ଚାଲିଥିବା ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା ଯୋଗଦେଇ ଅବିଭକ୍ତ କୋରାପୁଟ ଜିଲ୍ଲା ହେଉଛି ସଂସ୍କୃତି ଓ କଳାର ଜିଲ୍ଲା। ତେଣୁ ଏହାକୁ ବଞ୍ଚାଇ ରଖିବା ସମସ୍ତ ଜିଲ୍ଲାବାସୀଙ୍କ କର୍ତ୍ତବ୍ୟ ବୋଲି କହିଥିଲେ। ସେହିପରି ଜୟପୁରଠାରେ ଏପରି ପୁଷ୍ ପୁନେଇ କାର୍ଯ୍ୟକ୍ରମ ଆୟୋଜନ କରି ଜିଲ୍ଲାର ଆଦିବାସୀ ସଂସ୍କୃତି ଓ କଳାର ପ୍ରଚାରପ୍ରସାର କରିବାର ପ୍ରୟାସ କରୁଥିବାରୁ ଆୟୋଜକମାନଙ୍କୁ ସେ ପ୍ରଶଂସା କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ପର୍ଯ୍ୟଟନ ଅଧିକାରୀ ଟଲିନା ପ୍ରଧାନୀ, ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ବିନୋଦିନି ସାନ୍ତ୍ରାପାତ୍ର, ସ୍ଥାନୀୟ କଳାକାର ତଥା ଆୟୋଜକ କମିଟିର ବରିଷ୍ଠ ସଦସ୍ୟ ହିମାଂଶୁ ମହାପାତ୍ର, ଜିଲ୍ଲା ପରିଷଦ ସଦସ୍ୟା ଲତା ଦେବୀ ଓ ତପତି ପଟ୍ଟନାୟକ ଏବଂ ଜଟଣୀ ସେଣ୍ଟ୍ରାଲ ବ୍ୟାଙ୍କର ମୁଖ୍ୟ ପରିଚାଳକ ପ୍ରଦୀପ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ପୁଷ୍ ପୁନେଇ ଆୟୋଜନ କେବଳ ଅବିଭକ୍ତ କୋରାପୁଟ ଜିଲ୍ଲାର ଆଦିବାସୀ ପରମ୍ପରା ଓ ସଂସ୍କୃତି ବଞ୍ଚାଇବା ସହ ଏଠିକାର ନୃତ୍ୟ ଓ ସଂଗୀତକୁ ଲୋକଲୋଚନକୁ ଆଣିବା ମୁଖ୍ୟ ଉଦ୍ଦେଶ୍ୟ ବୋଲି ଆୟୋଜକ କମିଟିର ମୁଖ୍ୟ ଧିରେନ ପଟ୍ଟନାୟକ ସୂଚନା ଦେଇଥିଲେ।

ସେହିପରି ଏହି ସଭା କାର୍ଯ୍ୟକ୍ରମକୁ ଆକାଶବାଣୀ କେନ୍ଦ୍ରର ଆଦିବାସୀ ଭାଷା କାର୍ଯ୍ୟକ୍ରମ ଉଦଘୋଷକ ମନୋଜ ପାତ୍ର ପରିଚାଳନା କରିଥିଲେ। ଏହାପରେ ଆଦିବାସୀ ପୋଷାକ ଓ ବେଶଭୁଷା ପ୍ରତିଯୋଗିତାରେ ବିଭିନ୍ନ ଅଞ୍ଚଳରୁ ଆସିଥିବା କଳାକାରମାନେ ଭାଗ ନେଇଥିଲେ। ଏହି ଅବସରରେ ବିଭିନ୍ନ ଅନୁଷ୍ଠାନର ଆଦିବାସୀ ନୃତ୍ୟ ଓ ସଂଗୀତ ମଞ୍ଚରେ ପରିବେଷଣ ହୋଇଥିଲା। ଏହି ଅବସରରେ ମୀନା ବଜାର, ବିଭିନ୍ନ ଖାଦ୍ୟ ସାମଗ୍ରୀ, ମହିଳାମାନଙ୍କ ପାଇଁ ହସ୍ତତନ୍ତ ଲୁଗା ଏବଂ ଅନ୍ୟାନ୍ୟ ସାଜସଜ୍ଜା ସାମଗ୍ରୀର ପ୍ରଦର୍ଶନୀ ଓ ବ୍ୟାବସାୟିକ କାରବାର ଷ୍ଟଲରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ପ୍ରକାଶଯେ, ଗତ ଗୁରୁବାର ଏହାର ପ୍ରଥମ ଦିବସରେ ବେଶଭୁଷା ସହ ସ୍ଥାନୀୟ କଳାକାରଙ୍କ ଶୋଭାଯାତ୍ରା, ଦ୍ୱିତୀୟ ଦିବସରେ ଆଦିବାସୀ କଣ୍ଠଶିଳ୍ପୀ କଳାକାରଙ୍କ ସଂଗୀତ ପରିବେଷଣ ଏବଂ ତୃତୀୟ ଦିବସରେ କଳାକାରଙ୍କ ଦ୍ୱାରା ଆଦିବାସୀ ନୃତ୍ୟ ପରିବେଷଣ ଅନୁଷ୍ଠିତ ହୋଇଥିଲା। ଦୀର୍ଘ ୭ ଦିନ ଧରି ଅନୁଷ୍ଠିତ ଏହି ପୁଷପୁନି କାର୍ଯ୍ୟକ୍ରମ ଆସନ୍ତା ବୁଧବାର ସମାପ୍ତ ହେବ।

# ଅନନ୍ତପାଲ୍ଲୀ ସରକାରୀ ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଏମଭି ୭୯,(ସମିସ)୨୮।୧:** ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ୍ ଏମଭି ୮୧ ଅନ୍ତର୍ଗତ ଅନନ୍ତପାଲ୍ଲୀ ସରକାରୀ ଏସଏସଡି ଉଚ୍ଚ ବିଦ୍ୟାଳୟଠାରେ ବାର୍ଷିକ ଉତ୍ସବ ପାଳନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଆଡ଼ମା ରାବା, ମୁଖ୍ୟବକ୍ତା ଭାବେ କାଲିମେଳା ବ୍ଲକ ରେଞ୍ଜର, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପୂର୍ବତନ ଶିକ୍ଷୟିତ୍ରୀ ଗୌରୀ କବାଶି, ବିଭାଗୀୟ ଅଧିକାରୀ ଡାବୁଲୁ ଓ ସ୍ଥାନୀୟ ମହାବିଦ୍ୟାଳୟର ପ୍ରିନ୍ସପାଲ ଏବଂ ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକଶିକ୍ଷୟିତ୍ରୀ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ପ୍ରଧାନଶିକ୍ଷକ ଶ୍ରୀ ପଟ୍ଟନାୟକ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ପରେ ମୁଖ୍ୟ ଅତିଥି ଶ୍ରୀ ରାବା ପ୍ରଥମେ ପିଲାମାନଙ୍କୁ କହିଥିଲେ ରାଜ୍ୟ ସରକାର ସେମାନଙ୍କ ପାଇଁ ସବୁ ପ୍ରକାର ସୁବିଧା ଉପଲବ୍ଧ କରାଉଛନ୍ତି। ଆଦିବାସୀ ପିଲାମାନେ ନିଜକୁ ଗଢ଼ି ତୋଳିବାରେ ଏହା ଏକ ସୁଯୋଗ ହୋଇପାରିବ। ଏହା ସହ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ମଧ୍ୟ ଉଚ୍ଚଶିକ୍ଷା ପାଇଁ ଆଦିବାସୀ ପିଲାମାନଙ୍କୁ ଦେଶ ଦୁନିଆରେ ପାଠ ପଢ଼େଇବାର ନିଷ୍ପତ୍ତି ନେଇଛି। ପରେ କୁନି କୁନି ଛାତ୍ରଛାତ୍ରୀମାନେ ସାଂସ୍କୃତିକ ଓ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଉପସ୍ଥିତ ଅତିଥିମାନେ ପୁରସ୍କାର ପ୍ରଦାନ କରି କୁନିକୁନି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ।



# ତୀର୍ଥଯାତ୍ରାରେ ବାହାରିଲେ ୯୭୦ ବରିଷ୍ଠ ନାଗରିକ

## ଶୁଭାରମ୍ଭ କଲେ ମନ୍ତ୍ରୀ; ରାୟଗଡ଼ାରୁ ଯିବେ ବାରାଣସୀ ଓ ଗୟା





**ରାୟଗଡ଼ା,୨୮।୧(ସମିସ)**

ରାଜ୍ୟ ପର୍ଯ୍ୟଟନ ବିଭାଗ ଓ ରାୟଗଡ଼ା ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅନ୍ତର୍ଗତ ତୀର୍ଥଯାତ୍ରା ଭ୍ରମଣ କାର୍ଯ୍ୟକ୍ରମରେ ଦକ୍ଷିଣ ପଶ୍ଚିମାଞ୍ଚଳର କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, ମାଲକାନଗିରି, କଳାହାଣ୍ଡି ଓ ନୂଆପଡ଼ା ଆଦି ୬ଟି ଜିଲ୍ଲାର ୯୭୦ ଜଣ ତୀର୍ଥଯାତ୍ରୀ ଓ ୩୦ଜଣ ଏସ୍କର୍ଟ କର୍ମକର୍ତ୍ତା ରବିବାର ରାୟଗଡ଼ା ରେଳ ଷ୍ଟେସନରୁ ସ୍ୱତନ୍ତ୍ର ଟ୍ରେନ ଯୋଗେ ବାରାଣସୀ ଓ ଗୟା ଅଭିମୁଖେ ତୀର୍ଥଯାତ୍ରା ଆରମ୍ଭ କରିଛନ୍ତି। ଆଦିବାସୀ କଲ୍ୟାଣ ତଥା ଆଇନ ବିଭାଗୀୟ ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟ ଅତିଥି ଭାବେ ଯୋଗଦେଇ ତୀର୍ଥଯାତ୍ରୀମାନେ ଯାଉଥିବା ସ୍ୱତନ୍ତ୍ର ଟ୍ରେନରେ ଫିତା କାଟିବା ସହ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ରାଜ୍ୟ ଉପଦେଷ୍ଟା ଦୁର୍ଗାପ୍ରସାଦ ସାମନ୍ତରାୟ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝି, ଅତିରିକ୍ତ ଜିଲ୍ଲାପାଳ ଭାସ୍କର ରଇତ, ପର୍ଯ୍ୟଟନ ବିଭାଗର ଅତିରିକ୍ତ ଶାସନ ସଚିବ ବାଳମୁକୁନ୍ଦ ଭୂୟାଁ, ରେଳ ବିଭାଗ ବରିଷ୍ଠ ଅଧିକାରୀ ପ୍ରୀତିରାଣୀ ପ୍ରମୁଖ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କ ଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।

ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଯୁଗ୍ମ ନିର୍ଦ୍ଦେଶକ ବିଶ୍ୱଜିତ୍ ରାଉତରାଏ, ସହକାରୀ ନିର୍ଦ୍ଦେଶକ ସରୋଜ ଜେନା, ପ୍ରସନ୍ନ ପଟେଲ, ବରିଷ୍ଠ ସହାୟକ ବୁଦ୍ଧଦେବ ବୁଦୁଲା ସମେତ ରେଳବାଇ ଆଇଆରସିଟିସି କର୍ତ୍ତୃପକ୍ଷ ଏବଂ ରାୟଗଡ଼ା ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ବିଭିନ୍ନ ଅନୁଷ୍ଠାନର କାର୍ଯ୍ୟକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ନାଗରିକମାନଙ୍କ ମଧ୍ୟରେ ଆଧ୍ୟାତ୍ମିକ ଚେତନାର ମନୋଭାବ ଆସୁଥିବାବେଳେ ତୀର୍ଥଯାତ୍ରା କରିବାକୁ ମଧ୍ୟ ମନ ବଳାଇଥାନ୍ତି। ତେବେ ଅର୍ଥାଭାବରୁ ତଥା ପାରିବାରିକ ଆର୍ଥିକସ୍ଥିତି ଉଜ୍ଜ୍ୱଳ ନ ଥିବାରୁ ସେମାନେ ତୀର୍ଥସ୍ଥାନ ଭ୍ରମଣ କରିପାରନ୍ତି ନାହିଁ। ମୁଖ୍ୟମନ୍ତ୍ରୀ ବରିଷ୍ଠ ନାଗରିକମାନଙ୍କ ଏହି ଆଶାକୁ ପୂରଣ କରିବା ଦିଗରେ ତୀର୍ଥଯାତ୍ରା ଯୋଜନା ଆରମ୍ଭ କରି ବରିଷ୍ଠ ନାଗରିକଙ୍କ ପାଇଁ ଏହି ଯୋଜନାର ଶୁଭାରମ୍ଭ କରିଥିବାରୁ ତାଙ୍କୁ ଧନ୍ୟବାଦ ଜଣାଉଛି ବୋଲି ମନ୍ତ୍ରୀ ଶ୍ରୀ ସାରକା ପ୍ରକାଶ କରିଥିଲେ। ସେହିପରି ଆର୍ଥିକ ଅନଗ୍ରସର ଓ ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ବରିଷ୍ଠ ନାଗରିକମାନଙ୍କୁ ସେମାନଙ୍କର ଆଧ୍ୟାତ୍ମିକ ଆକାଂକ୍ଷା ପୂରଣ ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୬ରୁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ପ୍ରଣୟନ କରି ସେମାନଙ୍କୁ ଦେଶର ବିଭିନ୍ନ ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ପ୍ରଦାନ କରିଆସୁଛନ୍ତି। ଆଜିସୁଦ୍ଧା ୨୭ଟି ପର୍ଯ୍ୟାୟରେ ସର୍ବମୋଟ ୨୬ ହଜାର ୬୬୯ ଜଣ ବରିଷ୍ଠ ନାଗରିକ ଏହି ଯୋଜନା ଦ୍ୱାରା ଉପକୃତ ହୋଇଛନ୍ତି। ପ୍ରତିଥର ୧୦୦୦ ଜଣ ତୀର୍ଥଯାତ୍ରୀ ଏହାର ସୁଯୋଗ ପାଉଛନ୍ତି। ଏହି ଯାତ୍ରାବେଳେ ତୀର୍ଥଯାତ୍ରୀମାନଙ୍କ ସମସ୍ତ ସୁବିଧାସୁଯୋଗ ରାଜ୍ୟ ସରକାର ବହନ କରିଥାନ୍ତି। ତୀର୍ଥଯାତ୍ରୀମାନଙ୍କ ରହିବା, ଯିବାଆସିବା ଏବଂ ଖାଦ୍ୟ ପାନୀୟର ବ୍ୟବସ୍ଥା ସହ ଗସ୍ତ ଜଗୁଆଳୀ, ପଥ ପ୍ରଦର୍ଶକ, ଯାତ୍ରୀ ବୀମା ଏବଂ ଚିକିତ୍ସା ସୁବିଧା ଯୋଗାଇ ଦେଇଆସୁଛନ୍ତି।

ଚଳିତ ୨୦୨୩-୨୪ ଆର୍ଥିକ ବର୍ଷରେ ୨୪ଟି ପର୍ଯ୍ୟାୟରେ ଏହି ତୀର୍ଥଯାତ୍ରା ଆରମ୍ଭ ହୋଇଥିବାବେଳେ ଏଥି ମଧ୍ୟରେ ରାୟଗଡ଼ାଠାରୁ ବାରାଣସୀ-ଗୟା ତୀର୍ଥସ୍ଥାନ ଭ୍ରମଣର ସ୍ଥିର କରାଯାଇଥିଲା ବୋଲି ଉପଦେଷ୍ଟା ଶ୍ରୀ ସାମନ୍ତରାୟ ପ୍ରକାଶ କରିଛନ୍ତି। ଏଥିରେ ରାୟଗଡ଼ା ଜିଲ୍ଲାର ୨୬୫ ଜଣ ତୀର୍ଥଯାତ୍ରୀଙ୍କ ସମେତ କୋରାପୁଟର ୧୮୨ ଜଣ, ନବରଙ୍ଗପୁରର ୧୩୦ ଜଣ, ମାଲକାନଗିରିର ୭୯, ନୂଆପଡ଼ା ଜିଲ୍ଲାର ୯୪ ଲେଖାଏଁ ଏବଂ କଳାହାଣ୍ଡିର ୨୨୦ ଜଣ ତୀର୍ଥଯାତ୍ରୀ ତୀର୍ଥଯାତ୍ରା ଭ୍ରମଣରେ ଗସ୍ତ କରିଛନ୍ତି। ଶନିବାର ଉକ୍ତ ୬ଟି ଜିଲ୍ଲାର ତୀର୍ଥଯାତ୍ରୀଙ୍କୁ ରାୟଗଡ଼ାରେ ରହଣୀ ବ୍ୟବସ୍ଥା କରାଯାଇଥିବାବେଳେ ସନ୍ଧ୍ୟାରେ ଭଜନ ସନ୍ଧ୍ୟା ଭଳି ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ରବିବାର ରାୟଗଡ଼ା ରେଳ ଷ୍ଟେସନ ସମ୍ମୁଖରେ ତୀର୍ଥଯାତ୍ରୀମାନଙ୍କୁ ଫୁଲମାଳ ଦେଇ ସ୍ୱାଗତ କରାଯାଇଥିବାବେଳେ ଷ୍ଟେସନ ପରିସରରେ ଏକ ସଭାର ଆୟୋଜନ କରାଯାଇଥିଲା। ଏହି ସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସି ମାଧ୍ୟମରେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ବିଷୟରେ ବାର୍ତ୍ତା ଦେଇ ତୀର୍ଥଯାତ୍ରୀଙ୍କ ଯାତ୍ରାର ଶୁଭମନାସି ଥିଲେ। ଏହି ତୀର୍ଥଯାତ୍ରା ଭ୍ରମଣ ନିମନ୍ତେ ରାୟଗଡ଼ାଠାରେ ଆୟୋଜିତ ସମସ୍ତ କାର୍ଯ୍ୟକ୍ରମ ଅତିରିକ୍ତ ଜିଲ୍ଲାପାଳ ଭାସ୍କର ରଇତ, ଜଳ ବିଭାଜିକା ମିଶନର ପ୍ରକଳ୍ପ ନିର୍ଦ୍ଦେଶକ, ଡ. ଦୟାନିଧି ବାଗଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭାରପ୍ରାପ୍ତ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଭଗବାନ ଖରା ପରିଚାଳନା କରିଥିଲେ।

# ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷାଙ୍କ ବିୟୋଗ

**ମାଥିଲି, ୨୮।୧(ସମିସ)**

ମାଲକାନଗିରି ଜିଲ୍ଲାର ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ପଦ୍ମିନୀ ମୁଦୁଲିଙ୍କ ଶନିବାର ବିଳମ୍ବିତ ରାତିରେ ମାଥିଲି ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ପରଲୋକ ଘଟିଛି। ବିଳମ୍ବିତ ରାତିରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ମାଥିଲି ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୬୬ ବର୍ଷ ବୟସ ହୋଇଥିଲା। ମୃତ୍ୟୁ ଖବର ପରେ ଜିଲ୍ଲାରେ ଶୋକର ଛାୟା ଖେଳିଯାଇଛି। ଶ୍ରୀମତୀ ମୁଦୁଲି ଜିଲ୍ଲା ବିଜୁ ଜନତା ଦଳର ବରିଷ୍ଠ ମହିଳା ନେତ୍ରୀ ସହ ପୂର୍ବରୁ ଗୋବିନ୍ଦପାଲ୍ଲୀର ସରପଞ୍ଚ, ଜିଲ୍ଲା ପରିଷଦର ପୂର୍ବତନ ଉପାଧ୍ୟକ୍ଷା ଓ ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାବେ ନିର୍ବାଚିତ ହୋଇଥିଲେ। ଏହି ଦୁଃଖଦ ଖବର ଶୁଣିବା ପରେ ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣ ଚନ୍ଦ୍ର ବାକା, ଜିଲ୍ଲା ବିଜୁ ଜନତା ଦଳ ସଭାପତି ତଥା ପୂର୍ବତନ ବିଧାୟକ ମାନସ ମାଡକାମି, ପୂର୍ବତନ ବିଧାୟକ ଡମ୍ବରୁ ସୀସା ଓ ମୁକୁନ୍ଦ ସୋଡି ତାଙ୍କ ଶେଷକୃତ୍ୟ କାର୍ଯ୍ୟରେ ଯୋଗଦେଇ ଗଭୀର ଶୋକ ପ୍ରକାଶ କରିଥିଲେ ଏବଂ ସନ୍ତାପି ପରିବାରଙ୍କୁ ସାନ୍ତ୍ୱନା ଦେବା ସହ ଅମର ଆତ୍ମାର ସଦଗତି କାମନା କରିଥିଲେ। ତାଙ୍କ ଶେଷକୃତ୍ୟ ଗୋବିନ୍ଦପଲ୍ଲୀ ଶ୍ମଶାନରେ ରବିବାର ସମାପନ ହୋଇଥିବାବେଳେ ଜିଲ୍ଲା ବିଜେଡି ସମ୍ପାଦକ ସରୋଜ ନାୟକ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଗଙ୍ଗାଧର ବୁରୁଦା, ଖଇରପୁଟ ବ୍ଲକ୍ ଅଧ୍ୟକ୍ଷ ବିଘ୍ନ କିର୍ଷାନି, ମାଥିଲି ବ୍ଲକ ଅଧ୍ୟକ୍ଷ ମହେଶ କୁମାର ବାକା, ଉତ୍କଳ ସାମ୍ବାଦିକ ସଂଘର ଜିଲ୍ଲା କାର୍ଯ୍ୟକାରୀ ସଭ୍ୟ ବାସୁଦେବ ଜେନା, ସାମ୍ବାଦିକ ଶ୍ୟାମ ପ୍ରସାଦ ପଟ୍ଟନାୟକ, ଜିଲ୍ଲା ଆଦିବାସୀ ମହାସଂଘ ସଭାପତି ବନ୍ଧୁ ମୁଦୁଲି, ଜିଲ୍ଲା ଆଇନ ସାମ୍ମୁଖ୍ୟ ସଭାପତି ତଥା ବରିଷ୍ଠ ବିଜେଡି ନେତା ଗୋପାଳକୃଷ୍ଣ ପଣ୍ଡା, ଜିଲ୍ଲା ବିଜୁ ମହିଳା ଜନତା ଦଳ ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ନାୟକ, ଉପସଭାନେତ୍ରୀ ସୁନିତା ଜେନା ପ୍ରମୁଖ ଉପସ୍ଥିତ ଥିଲେ।



# ଦୁଇ ରାମ ଭକ୍ତଙ୍କୁ ଜିଲ୍ଲାବାସୀଙ୍କ ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନା

## ମାଲକାନଗିରିରୁ ଅଯୋଧ୍ୟାକୁ ଚାଲିଚାଲି ଯାଇଥିଲେ



**ମାଲକାନଗିରି,୨୮।୧(ସମିସ):** ଅଯୋଧ୍ୟାରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବରେ ଯୋଗଦେବାକୁ ମାଲକାନଗିରି ଜିଲ୍ଲାର ୨ ଜଣ ରାମ ଭକ୍ତ ମାଲକାନଗିରି ଜିଲ୍ଲାରୁ ଚାଲି ଚାଲି ଯାଇଥିବାବେଳେ ରବିବାର ସେମାନେ ମାଲକାନଗିରି ଫେରିଛନ୍ତି। ତେବେ ତାଙ୍କୁ ଜିଲ୍ଲାବାସୀଙ୍କ ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ରାମ ଭକ୍ତ ଦିନେଶ ପଟ୍ଟନାୟକ ଏବଂ ଭଗବାନ ଦୁର୍ଗା ଗତ ଡିସେମ୍ବର ମାସ ୨୦ ତାରିଖରେ ମାଲକାନଗିରିରୁ ଅଯୋଧ୍ୟା ଅଭିମୁଖେ ପଦଯାତ୍ରା ଆରମ୍ଭ କରିଥିଲେ। ପ୍ରତ୍ୟେକ ଦିନ ପ୍ରାୟ ୪୦ରୁ ୫୦ କିଲୋମିଟର ପାଦରେ ଚାଲି ଚାଲି ବହୁ ବାଧାବିଘ୍ନର ସମ୍ମୁଖିନ ହୋଇ ଜାନୁଆରୀ ୨୧ ତାରିଖରେ ସେମାନେ ଅଯୋଧ୍ୟା ନଗରୀରେ ପହଞ୍ଚିଥିଲେ। ପରେ ସେମାନେ ଅଯୋଧ୍ୟାରୁ ଶ୍ରୀକ୍ଷେତ୍ର ପୁରୀ ଯାଇ ଜଗନ୍ନାଥଙ୍କୁ ଦର୍ଶନ କରି ରବିବାର ସକାଳେ ନିରାପଦରେ ମାଲକାନଗିରି ଫେରିଛନ୍ତି। ମାଲକାନଗିରି ପହଞ୍ଚିବା ପରେ ସହରର ଶହ ଶହ ସାଧାରଣ ଜନତା, ରାମଭକ୍ତ ଏବଂ ସମାଜସେବୀ ବ୍ୟାଣ୍ଡ ବାଜା ଏବଂ ଜୟ ଶ୍ରୀରାମ ଧ୍ୱନି ସହିତ ଶୋଭାଯାତ୍ରା କରି ସେମାନଙ୍କୁ ସ୍ୱାଗତ କରିଥିଲେ।

# ୧ ଲକ୍ଷ ଇନାମୀ ମହିଳା ମାଓବାଦୀ ସମେତ ୩ ଜଣଙ୍କ ଆତ୍ମସମର୍ପଣ

**ମାଲକାନଗିରି,୨୮।୧(ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ସୁକୁମା ଜିଲ୍ଲାରେ ୧ ଲକ୍ଷ ଇନାମୀ ମହିଳା ମାଓବାଦୀ ସମେତ ୩ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଏହି ମାଓବାଦୀମାନେ ଦୀର୍ଘ ଦିନ ଧରି ମାଓ ସଂଗଠନରେ ଜଡ଼ିତ ଥିବାବେଳେ ଧୀରେ ଧୀରେ ମାଓ ସଂଗଠନ ଦୁର୍ବଳ ହେଉଥିବା ସହ ନିଜ ପଥରୁ ଓହରି ଯାଇଥିବାରୁ ଏମାନେ ସାଧାରଣ ଜୀବନଯାପନ କରିବା ପାଇଁ ନିଷ୍ପତ୍ତି ନେଇ ପୁଲିସ ନିକଟରେ ଆତ୍ମସମର୍ପଣ କରିଥିବା ପ୍ରକାଶ କରିଛନ୍ତି। ସେମାନେ ହେଲେ ଦୁଧି ଶୁକୁଡି, ଦୁଧି ଦେବେ ଓ ମାଡବି ହେମା। ଦୁଧି ଦେବେ ନାମରେ ୧ ଲକ୍ଷ ଟଙ୍କାର ଇନାମ ରହିଥିଲା। ଆତ୍ମସମର୍ପଣ ପରେ ଏହି ମାଓବାଦୀଙ୍କୁ ସରକାରୀ ନିୟମ ଅନୁଯାୟୀ ଥଇଥାନ କରାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ପୁଷ୍ ପୁନେଇ ପରବ ଭେଟ୍‌ଘାଟ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

**କାକିରିଗୁମ୍ମା,୨୮।୧(ସମିସ)**

କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ୍ ଅନ୍ତର୍ଗତ କାକିରିଗୁମ୍ମାରେ ପୁଷ୍ ପୁନେଇ ପରବ ଭେଟଘାଟ ଉପଲକ୍ଷେ ଦିନିକିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ସମାଜସେବୀ ଶଙ୍କର ସାଉଁତା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳର ଉଦଘାଟନ କରିଥିଲେ। ଯୁବ ଓଡ଼ିଶା ନବୀନ ଓଡ଼ିଶା ମାଧ୍ୟମରେ ରାଜ୍ୟ ସରକାର ଖେଳ, ନାଚ, ଗୀତ ପ୍ରତି ଅଧିକ ଗୁରୁତ୍ୱ ଦେଉଥିବା ଶ୍ରୀ ସାଉଁତା ଅବଗତ କରାଇଥିଲେ। ଏଥିରେ ୪ଟି ଦଳ ଭାଗନେଇଥିଲେ। ମିସ୍ତ୍ରି ସଂଘ ଏ’, ବଢ଼େଇ ସଂଘ, ହୋଟେଲ ସଂଘ, ମିସ୍ତ୍ରି ସଂଘ ବି’ ଭାଗନେଇଥିଲେ। ଟୁର୍ଣ୍ଣାମେଣ୍ଟ ଶେଷରେ ମିସ୍ତ୍ରି ସଂଘ ଓ ହୋଟେଲ ସଂଘ ଦଳ ମଧ୍ୟରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ମିସ୍ତ୍ରି ସଂଘ ୧୦ ଓଭରରେ ୧୩୨ ରନ୍ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲେ। ହୋଟେଲ ସଂଘ ସମସ୍ତ ୱିକେଟ ହରାଇ ୯୦ ରନ୍ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲେ।



ଫଳରେ ମିସ୍ତ୍ରି ସଂଘ ମ୍ୟାଚକୁ ଜିତିନେଇଥିଲା। ଫାଇନାଲରେ ମୁଖ୍ୟ ଅତିଥି ଭାବେ ବିଜେଡି ଜିଲ୍ଲା ସଭାପତି ଝିନ୍ନ ହିକକା, ସମ୍ମାନିତ ଅତିଥି ଭାବେ ସାଂସଦ ପ୍ରାର୍ଥିନୀ କୈଶଲ୍ୟା ହିକକା, ସମାଜସେବୀ ଶଙ୍କର ସାଉଁତା ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କାର ବିତରଣ କରିଥିଲେ।

# ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର; ପୁଲିସର ତଦନ୍ତ ଜାରି

**ମାଲକାନଗିରି,୨୮।୧(ସମିସ):** ମାଲକାନଗିରି ଜିଲ୍ଲା ବାଲିମେଳା ଏନଏସି ଅଧୀନସ୍ଥ ୮ ନଂ ୱାର୍ଡର ଦୈନିକ ବଜାର ନିକଟରେ ଥିବା ଏକ ଘର ମଧ୍ୟରୁ ଶନିବାର ରାତିରେ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ପୁଲିସ ସୂତ୍ରରୁ ମିଳିଥିବା ସୂଚନାନୁଯାୟୀ, ୮ ନଂ ୱାର୍ଡ ସ୍ଥିତ କାଲୁ ପ୍ରଧାନଙ୍କ ସ୍ତ୍ରୀ ପ୍ରତିମା ପ୍ରଧାନ କୌଣସି କାରଣରୁ ରାତି ପ୍ରାୟ ୮ଟା ସମୟରେ ନିଜ ଘରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଏ ସମ୍ପର୍କରେ ପରିବାର ଲୋକେ ଓର୍କେଲ ଥାନାର ଦ୍ୱାରସ୍ଥ ହୋଇ ଏକ ଲିଖିତ ଏତଲା ଦେଇଥିଲେ। ଏହି ଏତଲାକୁ ଭିତ୍ତିକରି ଥାନାଧିକାରୀ ଧୀରେନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଏସଆଇ ମିଳନ ବରିହାଙ୍କ ନେତୃତ୍ୱରେ ଏକ ପୁଲିସ ଟିମ ଘଟଣାସ୍ଥଳରେ ପହଞ୍ଚି ପ୍ରତିମାଙ୍କ ମୃତଦେହକୁ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ତେବେ ପ୍ରତିମା ଏପରି କାହିଁକି କଲେ ସେନେଇ କୌଣସି ପ୍ରମାଣ ମିଳି ନ ଥିବାବେଳେ ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।

# ବନସୁରଭି ପ୍ରକାଶନ ପକ୍ଷରୁ ସାରସ୍ୱତ ସମାରୋହ



**ଧୋତ୍ରା,୨୮।୧(ସମିସ):**

ବନସୁରଭି ପ୍ରକାଶନ ପକ୍ଷରୁ ବଲ୍ଲଭ ରାଉତଙ୍କ ଆମନ୍ତ୍ରଣ କ୍ରମେ ଅନୁଷ୍ଠାନର ୩୬ତମ ବାର୍ଷିକ ଉତ୍ସବ, ପ୍ରତିଭା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଓ କବିତା ପାଠୋତ୍ସବ ସହ ଏକ ଭବ୍ୟ ସାରସ୍ୱତ ସମାରୋହ ସ୍ଥାନୀୟ ଧୋତ୍ରା ସ୍ଥିତ ସହିଦ ଲକ୍ଷ୍ମଣ ନାୟକ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅଧିବେଶନରେ ଆୟୋଜିତ କବିତାପାଠ ଉତ୍ସବରେ ପ୍ରଭାତୀ ଦେବନାଥ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ମନୋରମା ମହାପାତ୍ର, ସମ୍ମାନିତ ଅତିଥି ଭାବେ ପ୍ରଭଞ୍ଜନ ତ୍ରିପାଠୀ, ସ୍ମୃତି ପଣ୍ଡା ଓ ସଂଯୋଜକ ଭାବେ ଗୁରୁଦାସୀ ମଣ୍ଡଳ, ବୈଜୟନ୍ତୀ ମାଳା ରାଉତ ରହିଥିଲେ। ସ୍ୱାଗତିକା ବାହିନୀପତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଧନଞ୍ଜୟ ମଲ୍ଲ ଧନ୍ୟବାଦ ଦେଇଥିଲେ। ଦ୍ୱିତୀୟ ଅଧିବେଶନ ଡ. ସୁରେନ୍ଦ୍ର ନାଥ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ବିଶିଷ୍ଟ ସମାଜସେବୀ ଜଗନ୍ନାଥ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସାହିତ୍ୟ ସଂଗଠକ ଲଳିତ ମୋହନ ନାୟକ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାହିତ୍ୟିକ ଶ୍ରୀନାରାୟଣ ପଣ୍ଡା, ବରିଷ୍ଠ ସାହିତ୍ୟିକ ବିଜୟ ଚୌଧୁରୀ, ବରିଷ୍ଠ ସାହିତ୍ୟିକ ଜଗଦୀଶ ଚନ୍ଦ୍ର ତ୍ରିପାଠୀ ଓ ଅଧ୍ୟାପକ ଗୋପାଳ ମହାରଣା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ପ୍ରଫୁଲ୍ଲ କୁମାର ରାଉତ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ‘ବନ ସୁରଭି’ ପୁସ୍ତକଟିକୁ ଅତିଥିମାନେ ଲୋକାର୍ପଣ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜନା ଓ ପୁସ୍ତକ ସମୀକ୍ଷା କରିଥିଲେ ଟୁଟୁ ବାବୁ ପଟ୍ଟନାୟକ। ଅଧ୍ୟାପକ ଅଖିଳ ଭଞ୍ଜ ଅତିଥି ପରିଚୟ ପ୍ରଦାନ କରିଥିଲେ। ତୃତୀୟ ଅଧିବେଶନ ବରିଷ୍ଠ ସାହିତ୍ୟିକ କେଦାରେଶ୍ୱର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ବନ ସୁରଭିର ଉପସଭାପତି ସୁବାସ ଚନ୍ଦ୍ର ବିଷୋୟୀ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ଆଦିବାସୀ ଭାଷା ଗବେଷକ ସାଇମନ୍ ବିଡିକା, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ପରୀକ୍ଷିତ ସାହୁ ଉପସ୍ଥିତ ଥିଲେ। ବରିଷ୍ଠ କବି ରତିକାନ୍ତ ଦୁବେ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ୨୦୨୩ ମସିହା ପାଇଁ ସର୍ବଶ୍ରୀ ଡ. ରାଜେନ୍ଦ୍ର ପାଢ଼ୀ, ସଚ୍ଚିଦାନନ୍ଦ ବସ୍ତିଆ, ଶାନ୍ତିଲତା ମହାନ୍ତି, ପ୍ରଭାସିନୀ ମହାନ୍ତି, ରାମ ପ୍ରସାଦ ପାତ୍ର, ରବିନ୍ଦ୍ରନାଥ ବାହିନୀପତି, ସୁଧୀରାଜ ରାଉତ, ରମେଶ ଚନ୍ଦ୍ର ଟାକ୍ରୀ, ଜାହ୍ନବୀ ପଣ୍ଡା, ଅଧ୍ୟାପିକା ସ୍ୱପ୍ନା ମହାନ୍ତି, ପ୍ରଭାତୀ ଦେବନାଥଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ଓ ୨୦୨୪ ମସିହା ପାଇଁ ସର୍ବଶ୍ରୀ ସୁରେଶ ଚନ୍ଦ୍ର ମିଶ୍ର, ସୁଶୋଭିତା ମେରିଲିନ ତୁରୁକ, ବିବେକାନନ୍ଦ ପଟ୍ଟନାୟକ, ଅଧ୍ୟାପକ ରମେଶ ଚନ୍ଦ୍ର ନାହାକ, ସ୍ୱାଗତିକା ସାହୁ, ସମୀର କୁମାର ପ୍ରଧାନ, ତ୍ରିପତି ବାଲାଜୀ ସାହୁ, ସ୍ୱର୍ଣ୍ଣଲତା ପଟ୍ଟନାୟକ, ସାଗର କୁମାର ପରିଡ଼ା, ଦୁର୍ଗାପ୍ରସାଦ ପାଢ଼ୀ, ସବ୍ୟସାଚୀ ବିଷୋୟୀ ଓ ସନ୍ତୋଷ କୁମାର ଖମାରୀ ସମ୍ବର୍ଦ୍ଧିତ ହୋଇଥିଲେ। ଶେଷ ପର୍ଯ୍ୟାୟରେ ଅଧ୍ୟାପକ ରମେଶ ଚନ୍ଦ୍ର ନାହାକଙ୍କ ଦ୍ୱାରା ଯାଦୁ ପରିବେଷଣ ହୋଇଥିଲା। ଶେଷରେ ଗଣେଶ ପ୍ରସାଦ ରଣା ଧନ୍ୟବାଦ ଦେଇଥିଲେ।

# ବହୁ ଭାଷୀ ଶିକ୍ଷକଙ୍କ ଜିଲ୍ଲାସ୍ତରୀୟ ବନ୍ଧୁମିଳନ

**ମାଲକାନଗିରି,୨୮।୧(ସମିସ):** ମାଲକାନଗିରି ଜିଲ୍ଲାରେ ବହୁ ଭାଷୀ ଶିକ୍ଷକଙ୍କ ଜିଲ୍ଲାସ୍ତରୀୟ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଦର ବ୍ଲକ୍ ଅନ୍ତର୍ଗତ ଏମଭି ୨ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମାଲକାନଗିରି ଜିଲ୍ଲା ଶିକ୍ଷା ଅଧିକାରୀ ମାନସ ଜେନା ଉପସ୍ଥିତ ରହି ଶିକ୍ଷକମାନଙ୍କୁ ସେମାନଙ୍କ ଦାୟିତ୍ୱକୁ ସୂଚାରୁ ରୂପେ ତୁଲାଇବା ପାଇଁ ଉପଦେଶ ଦେଇଥିବା ସହ ପ୍ରତି ଶିକ୍ଷକ ଶିକ୍ଷାଦାନକୁ ନିଜର ପେସା ବଦଳରେ ନିଶା କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ସ୍ଥାନରେ କାର୍ଯ୍ୟରତ ବିଭିନ୍ନ ବହୁ ଭାଷା ଶିକ୍ଷକ ଯୋଗଦେଇ ନିଜର କାର୍ଯ୍ୟରେ ଉପୁଜୁଥିବା ବିଭିନ୍ନ ସମସ୍ୟା ଓ ଅନ୍ୟାନ୍ୟ ବିଷୟରେ ପ୍ରକାଶ କରିଥିଲେ। ଯାହାର ସମାଧାନ ଦିଗରେ ଅଧିକାରୀମାନେ ଦୃଷ୍ଟି ଦେବାକୁ ଅନୁରୋଧ କରିଥିଲେ ଶିକ୍ଷକଗଣ।

# ଗିରିଧର ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ଗୁଡାରୀ,୨୮।୧(ସମିସ):** ଗତ ଶୁକ୍ରବାର ଡ.ଗିରିଧର ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଗୁଣୁପୁର ବିଧାୟକ ରଘୁନାଥ ଗମାଙ୍ଗ ଉପସ୍ଥିତ ଥିଲେ। ସ୍କୁଲ ଛାତ୍ରୀମାନେ ସ୍ୱାଗତ ସଂଗୀତ ଗାନ କରିବା ସହ ଫୁଲତୋଡ଼ା ଦେଇ ସମସ୍ତ ଅତିଥିଙ୍କୁ ସମ୍ମାନିତ କରିଥିଲେ। ମଞ୍ଚରେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଗୁଡାରୀ ବ୍ଲକ୍ ଉପାଧ୍ୟକ୍ଷ ବିଶ୍ୱନାଥ ଶବର, ଏମକେ ରାଇ ସରପଞ୍ଚ ତେୟାର ଗ୍ରାସମି ଶବର, ବିଦ୍ୟାଳୟ ସଭାପତି ସୀମାଦ୍ରି ଶବର, ମୁଖ୍ୟବକ୍ତା ସେସ ସାଇ ସେନାପତି, ପ୍ରଧାନଶିକ୍ଷକ ଭଗବାନ ତୁଳ ଏବଂ ଜିଲ୍ଲା ଓଷ୍ଟା ସମ୍ପାଦକ ପ୍ରସନ୍ନ କୁମାର ରଥ ମଞ୍ଚାସିନ ଥିଲେ। ବିଧାୟକ ଏହି ବିଦ୍ୟାଳୟ ଶ୍ରୀ ଗମାଙ୍ଗଙ୍କ ନିଜ ମାଟିର ହୋଇଥିବାରୁ ସେ ସମସ୍ତ ଛାତ୍ରଛାତ୍ରୀ ଏବଂ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ପରେ ଛାତ୍ରଛାତ୍ରୀମାନଙ୍କୁ ଭଲ ପାଠ ପଢ଼ିବାକୁ କହିବା ସହ ସଂସ୍କୃତି, ସାମାଜିକ, କ୍ରୀଡ଼ା କ୍ଷେତ୍ରରେ ନିଜକୁ ସାମିଲ କରିବା ଆବଶ୍ୟକ ବୋଲି ନିଜ ବକ୍ତବ୍ୟ ରଖିଥିଲେ। ଶେଷରେ ଶ୍ରୀ ତୁଳ ସ୍କୁଲର ସମସ୍ତ ଶିକ୍ଷକ, କର୍ମଚାରୀ ତଥା କ୍ରୀଡ଼ା ଶିକ୍ଷକ ସୁନୀଲ ପଟ୍ଟନାୟକ, ଅସିତ ପାଣିଗ୍ରାହୀ (ସହକାରୀ ଶିକ୍ଷକ) କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ ସହଯୋଗ କରିଥିବାରୁ ଧନ୍ୟବାଦ ଜଣାଇଛନ୍ତି।

# କେବେ ସରିବ ମେଗା ପ୍ରକଳ୍ପ: ବଢୁଛି ଅବଧି, ସରୁନି କାମ

**ତେନ୍ତୁଲିଖୁଣ୍ଟି,୨୮।୧(ସମିସ)**

ନବରଙ୍ଗପୁର ଜିଲ୍ଲା ତେନ୍ତୁଲିଖୁଣ୍ଟି ବ୍ଲକରେ ମେଗା ପ୍ରକଳ୍ପ କାର୍ଯ୍ୟ ଶେଷ ଅବଧି ବାରମ୍ବାର ବୃଦ୍ଧି ପାଉଥିଲେ ମଧ୍ୟ କାର୍ଯ୍ୟଶେଷ ହେଉନାହିଁ। ଯାହାକୁ ନେଇ ଏବେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଥିବାବେଳେ ମେଗା ପ୍ରକଳ୍ପ କାର୍ଯ୍ୟ କେବେ ଶେଷ ହେବ ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି। ୨୦୨୨ ଫେବୃଆରୀ ସୁଦ୍ଧା ଲୋକଙ୍କୁ ପାନୀୟଜଳ ଯୋଗାଇବା ଲକ୍ଷ୍ୟରେ ଆରମ୍ଭ କରାଯାଇଥିବା ଏହି ପ୍ରକଳ୍ପ ଆଜି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇପାରି ନାହିଁ। ପ୍ରଥମେ କୋଭିଡ ମହାମାରୀ କାରଣରୁ ଏହି ପ୍ରକଳ୍ପର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନପାରିବା କାରଣରୁ ପ୍ରଥମେ ୬ ମାସ ସମୟ ବୃଦ୍ଧି କରାଯାଇ ୨୦୨୨ ଅଗଷ୍ଟ ସୁଦ୍ଧା କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ଅବଧି ଧାର୍ଯ୍ୟ ହୋଇଥିଲା। ପରବର୍ତ୍ତୀ ସମୟରେ କାର୍ଯ୍ୟ ନ ସରିବାରୁ ପୁଣି ଅବଧି ବୃଦ୍ଧି କରାଯାଇଥିଲା। ୨୦୨୨ ରୁ ବିଭିନ୍ନ କାରଣକୁ ନେଇ ବାରମ୍ବାର ଅବଧି ବୃଦ୍ଧି ପାଉଥିବାବେଳେ ବର୍ତ୍ତମାନ ୨୦୨୪ ମସିହାରେ ମଧ୍ୟ ଲୋକଙ୍କ ନିକଟରେ ପହଞ୍ଚି ପାରିନାହିଁ ବିଶୁଦ୍ଧ ପାନୀୟଜଳ। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ୧୪୯ କୋଟି ୩୯ ଲକ୍ଷ ଟଙ୍କା ବ୍ୟୟରେ ସରକାର ଲୋକଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଇବା ପାଇଁ ଏହି ପ୍ରକଳ୍ପ ଅନୁମୋଦନ କରିଥିବାବେଳେ ତାହା ମନ୍ଥର ଗତିରେ ଚାଲିଥିବା ଅଭିଯୋଗ ହେଉଛି। ପ୍ରତି ଘରେ ପାଣି ଯୋଗାଇବା ପାଇଁ ଏହି ପ୍ରକଳ୍ପ ହେଉଥିବାବେଳେ କାର୍ଯ୍ୟଶେଷ ଅବଧି ଦିନକୁ ଦିନ ବଢୁଛି। ବର୍ତ୍ତମାନ ସୁଦ୍ଧା ଅନେକ ଘରେ ପାଇପ ସଂଯୋଗ ହୋଇପାରି ନାହିଁ। ଗତବର୍ଷ ଗ୍ରୀଷ୍ମଋତୁରେ ଲୋକେ ପାନୀୟଜଳ ପାଇବା ନେଇ ଆଶା ବାନ୍ଧିଥିଲେ। କିନ୍ତୁ ଗ୍ରୀଷ୍ମ ଯାଇ ପୁଣି ଏକ ଗ୍ରୀଷ୍ମଋତୁ ଆସିବାକୁ ଯାଉଥିବାବେଳେ ଖରାଦିନେ ମଧ୍ୟ ଲୋକେ ପାଣି ପାଇବେ କି ନାହିଁ ତାକୁ ନେଇ ଆଶଙ୍କା ଦେଖାଦେଇଛି। ଖାତିଗୁଡ଼ା ବଜାରର ସମ୍ପୂର୍ଣ୍ଣ ଘର ସମେତ ମାଉସୀମା ମନ୍ଦିର ସାହିର କିଛି ଘରେ ପାଇପ୍ ସଂଯୋଗ ହୋଇନାହିଁ। ଯେଉଁ କିଛି ପରିବାର ପାଖରେ ପାଇପ୍ ସଂଯୋଗ ହୋଇଛି ସେଠାରେ ଷ୍ଟାଣ୍ଡପୋଷ୍ଟ ନିର୍ମାଣ ହୋଇନାହିଁ। କିଛି ସ୍ଥାନରେ ଦିଆଯାଇଥିବା ପାଇପ୍ ନଷ୍ଟ ହେବାକୁ ବସିଲାଣି। ତେଣୁ ତୁରନ୍ତ ପ୍ରକଳ୍ପ କାର୍ଯ୍ୟସାରି ଲୋକଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଇବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଏନେଇ ବିଭାଗୀୟ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

ସକାଳ THE SAKALA



## ଗୁଣାତ୍ମକ ଶିକ୍ଷାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୃଢ଼ ପଦକ୍ଷେପ

# ଉପାନ୍ତ ଅଞ୍ଚଳର ରୂପ ବଦଳାଉଛି ରୂପାନ୍ତରଣ




**➤ ଆଜି ତଳଗୁମାଣ୍ଡି ସହ ତିନି '୫-ଟି' ବିଦ୍ୟାଳୟର ଭର୍ଚୁଆଲ ମାଧ୍ୟମରେ ଲୋକାର୍ପଣ କରିବେ ମୁଖ୍ୟମନ୍ତ୍ରୀ**

**ନାରାୟଣପାଟଣା,୨୮।୧(ସମିସ):** ରାଜ୍ୟର ଶିକ୍ଷାବ୍ୟବସ୍ଥାକୁ ଗୁଣାତ୍ମକ ତଥା ସ୍କୁଲଗୁଡ଼ିକର ପରିବେଶକୁ ସୁନ୍ଦର କରି ଗଢ଼ିତୋଳିବା ପାଇଁ ମୁଖ୍ୟମନ୍ତ୍ରୀ ନେଇଛନ୍ତି ଦୃଢ଼ ପଦକ୍ଷେପ। '୫-ଟି' ହାଇସ୍କୁଲ ରୂପାନ୍ତରଣ ଯୋଜନା ଏବେ ଉପାନ୍ତ ଅଞ୍ଚଳର ବିଦ୍ୟାଳୟଗୁଡ଼ିକର ରୂପ ବଦଳାଉଛି। ଘରୋଇ ସ୍କୁଲ ଭଳି ସରକାରୀ ସ୍କୁଲରେ ପିଲାଙ୍କୁ ଉନ୍ନତମାନର ସୂଚନା ଓ ପ୍ରଯୁକ୍ତିବିଦ୍ୟାର ଶିକ୍ଷା ଦେବାଲାଗି ନାରାୟଣପାଟଣା ବ୍ଲକ୍ ଉପାନ୍ତ ଅଞ୍ଚଳରେ '୫-ଟି'ରେ ଉଚ୍ଚ ବିଦ୍ୟାଳୟଗୁଡ଼ିକ ରୂପାନ୍ତରୀକରଣ କରାଯାଇଛି। ଏହି କ୍ରମରେ ସୋମବାର ନାରାୟଣପାଟଣା ବ୍ଲକର ତିନି '୫-ଟି' ରୂପାନ୍ତରିତ ଉଚ୍ଚ ବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମାଧ୍ୟମରେ ଲୋକାର୍ପଣ କରିବେ। ତେବେ ପ୍ରଥମ ପର୍ଯ୍ୟାୟର ୧୦୭୫ଟି ସ୍କୁଲକୁ ମୁଖ୍ୟମନ୍ତ୍ରୀ ଲୋକାର୍ପଣ କରିଥିବାବେଳେ ଏଥିରେ ନାରାୟପାଟଣା ବ୍ଲକରେ ମାତ୍ର ଗୋଟିଏ ସ୍କୁଲ ସାମିଲ୍ ହୋଇଥିଲା। ସେହିପରି ଦ୍ୱିତୀୟ ପର୍ଯ୍ୟାରେ ଦୁଇଟି ଏବଂ ତୃତୀୟ ପର୍ଯ୍ୟାୟରେ ୪ଟି ସ୍କୁଲ ସାମିଲ ହୋଇଥିଲା। ଚତୁର୍ଥ ପର୍ଯ୍ୟାୟରେ ରୂପାନ୍ତରଣ ପାଇଁ ନାରାୟଣପାଟଣା ବ୍ଲକରେ ପୁଣି ଆହୁରି ୪ଟି ସ୍କୁଲ ଚିହ୍ନଟ କରାଯାଇଥିଲା। ଶିରିଗୁଡ଼ା ନୋଡାଲ ସ୍କୁଲ୍ ରୂପାନ୍ତରଣ ପାଇଁ ନୂତନ କୋଠା ନିର୍ମିତ ହେଉଥିବା ଯୋଗୁଁ ବିଳମ୍ବ ହେଉଥିବାରୁ ଏବେ ତଳଗୁମାଣ୍ଡି, ପୋଡ଼ାପଦର, ପିଲକୁର ପ୍ରମୁଖ ତିନିଟି ସ୍କୁଲ୍ ଚତୁର୍ଥ ପର୍ଯ୍ୟାୟରେ ଲୋକାର୍ପଣ ହେବାକୁ ପ୍ରସ୍ତୁତ ହେଉଛି। ସୋମବାର ଉପାନ୍ତ ଅଞ୍ଚଳରେ ଥିବା ତିନିଟି ସ୍କୁଲକୁ ମୁଖ୍ୟମନ୍ତ୍ରୀ ଆଭାସୀ ମାଧ୍ୟମରେ ଲୋକାର୍ପଣ କରିବେ। ତେଣୁ ଛାତ୍ରଛାତ୍ରୀଙ୍କ ମନରେ ଉତ୍କଣ୍ଠା ଦେଖିବାକୁ ମିଳିଛି। ଏତେ କମ୍ ସମୟରେ ଉପାନ୍ତ ଅଞ୍ଚଳରେ ରୂପାନ୍ତରଣ ପ୍ରକ୍ରିୟାକୁ ସଠିକ୍ ଓ ନିର୍ଭିଗ୍ନ ଭାବେ କରାଇଥିବାରୁ ନାରାୟଣପାଟଣା ବ୍ଲକରେ କାର୍ଯ୍ୟରତ ସମସ୍ତ ଇଞ୍ଜିନିୟର ବିଭାଗକୁ ବିଦ୍ୟାଳୟ କମିଟି, ଶିକ୍ଷକ, ଅଭିଭାବକ ଧନ୍ୟବାଦ ଜଣାଇଛନ୍ତି। ଲୋକାର୍ପିତ ଉତ୍ସବ ନେଇ ବୈପାରୀଗୁଡ଼ା ଗୁମ୍ମା ଆଦର୍ଶ ବିଦ୍ୟାଳୟରେ କରାଯାଇଛି। ନାରାୟଣପାଟଣା ସହ କୋରାପୁଟ ଜିଲ୍ଲାରେ ୮୭ଟି ରୂପାନ୍ତରିତ ବିଦ୍ୟାଳୟ ସୋମବାର ଲୋକାର୍ପଣ ହେବ ବୋଲି ସୂଚନା ମିଳିଛି। ଉପାନ୍ତ ଅଞ୍ଚଳରେ ଛାତ୍ରଛାତ୍ରୀ କଳାପଟା ବଦଳରେ ଇ-କଣ୍ଟେଣ୍ଟ ଏବଂ ପ୍ରୋଜେକ୍ଟର୍‌ରେ ପାଠ ପଢ଼ିବେ। ଉନ୍ନତମାନର ଶ୍ରେଣୀ ଗୃହ, ଖେଳ ପଢ଼ିଆ ସହିତ ଖେଳ ସାମଗ୍ରୀ, ସ୍ମାର୍ଟ ସରକାରୀ ବିଦ୍ୟାଳୟରେ ଛାତ୍ରଛାତ୍ରୀ ସ୍ମାର୍ଟ କ୍ଲାସରେ ପଢ଼ିବା ସହିତ ରୋବଟିକ୍ସ ଓ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଭଳି ଅତ୍ୟାଧୁନିକ ଜ୍ଞାନ ଆହରଣ କରିପାରିବେ। ଯାହାକୁ ନେଇ ଏବେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ରାଜ୍ୟ ସରକାରଙ୍କ '୫-ଟି' ଅଧୀନରେ ଏହି ରୂପାନ୍ତରଣ ପ୍ରକ୍ରିୟା ତ୍ୱରାନ୍ୱିତ ହେଉଥିବାବେଳେ ବ୍ଲକ୍ ପ୍ରଶାସନ ତରଫରୁ ବିଡିଓ ପିଉଷ୍ ଲୁହାର, ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ରୀକାନ୍ତ ମହାଲିକଙ୍କ ସହ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ସତେନ୍ଦ୍ର ଦତ୍ତ ଏବଂ ଅକ୍ଷୟ ସାହୁ, ରୋସନ୍ ଗୁରୀଆ ଏହାର ତଦାରଖ କରୁଛନ୍ତି। ଉଦଘାଟନ ତଥା ଲୋକାର୍ପଣ କାର୍ଯ୍ୟକ୍ରମରେ ବ୍ଲକ୍ ଶିକ୍ଷାଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସମସ୍ତ ସ୍କୁଲର ଛାତ୍ରଛାତ୍ରୀଙ୍କ ସହ ଅଭିଭାବକ, ଶିକ୍ଷକଶିକ୍ଷୟିତ୍ରୀ, ବ୍ଲକ୍ ପ୍ରଶାସନ, ସ୍ଥାନୀୟ ଜନପ୍ରତିନିଧିଙ୍କ ସହ କନିଷ୍ଠ ଯନ୍ତ୍ରୀ ଉପସ୍ଥିତ ରହିବେ।

## ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପ୍ରତିଯୋଗିତା ଉଦ୍‌ଘାଟିତ

**ଝରିଗାଁ,୨୮।୧(ସମିସ):** ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ବିଭାଗ ଦ୍ୱାରା ଆୟୋଜିତ ବିଶ୍ୱ ଓଡ଼ିଆ ଭାଷା ଓ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାରପ୍ରସାର ପରିପ୍ରେକ୍ଷୀରେ ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ୍ ସଦର ମହକୁମା ସ୍ଥିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରଠାରେ ଶନିବାର 'ନୂଆ-ଓ' ଯୋଜନା ଅନ୍ତର୍ଗତ ସାହିତ୍ୟ ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି। ଶିକ୍ଷା ଅନୁଷ୍ଠାନର ଅଧ୍ୟକ୍ଷ ଶିବ ପ୍ରସାଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଡାବୁଗାଁ ସ୍ଥିତ ଭୈରବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ରମେଶ ଚନ୍ଦ୍ର ନାହାକ ଯୋଗଦେଇ ଜଗନ୍ନାଥ ସଂସ୍କୃତି ବିଷୟରେ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ। ସେହିପରି ମୁଖ୍ୟବକ୍ତା ଭାବେ କବି ପ୍ରଫୁଲ୍ଲ କୁମାର ରାଉତ ଯୋଗଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ସନ୍ତୋଷ କୁମାର ଖିଲାର, ଅଧ୍ୟାପିକା ତୁଷାରୀ କୁମାରୀ ପଟ୍ଟନାୟକ ମଞ୍ଚାସୀନ ଥିଲେ। ଗ୍ରନ୍ଥ ରକ୍ଷକ ମନୋଜ କୁମାର ମହାପାତ୍ର ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବାବେଳେ ଇଂରାଜୀ ଅଧ୍ୟାପକ ଶଙ୍କର କୁମାର ନାଲା ଧନ୍ୟବାଦ ଅର୍ପଣ କରିଥିଲେ। ବିଶ୍ୱରେ ଓଡ଼ିଆ ଭାଷାର ସମ୍ପ୍ରସାରଣ କରିବାକୁ ହେଲେ ଓଡ଼ିଶାବସୀ ପ୍ରଥମେ ଓଡ଼ିଆ ଭାଷାକୁ ପ୍ରାଧାନ୍ୟ ଦେବା ସହିତ ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷାର ଏଭଳି ପ୍ରସାର କରୁଥିବା ପ୍ରୟାସକୁ ଅତିଥିମାନେ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମ ଅଧିକାରୀ ତଥା ଓଡ଼ିଆ ଅଧ୍ୟାପକ ଗୋପାଳ ମହାରଣା ଜଗନ୍ନାଥ ସଂସ୍କୃତିରେ ସାରଗର୍ଭକ ଆଲୋଚନା କରିବା ସହିତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

## କୋରାପୁଟ ଜିଲ୍ଲା ଡମ ସମାଜ ବିକାଶ ପରିଷଦର ପ୍ରତିଷ୍ଠା ଦିବସ



**ସେମିଲିଗୁଡ଼ା,୨୮।୧(ସମିସ):** କୋରାପୁଟ ଜିଲ୍ଲାର ସେମିଲିଗୁଡ଼ା ବ୍ଲକ ଅନ୍ତର୍ଗତ ଚାରାଙ୍ଗୁଲ୍ ପଞ୍ଚାୟତ ହଞ୍ଜାରାଗୁଡା ଗ୍ରାମ ନିକଟସ୍ଥ ପଡିଆରେ କୋରାପୁଟ ଜିଲ୍ଲା ଡମ ସମାଜ ବିକାଶ ପରିଷଦ ପକ୍ଷରୁ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ମୁଖ୍ୟ ଅତିଥି ଭାବେ ଆଇଡାଅଭିଏ ଅନୁଷ୍ଠାନ ନିର୍ଦ୍ଦେଶକ ରଶ୍ମିତା ଟେଟେ, ମୁଖ୍ୟବକ୍ତା ଭାବେ କୋଟପାଡ଼ ଦେଶିଆ ପତ୍ରିକାର ସମ୍ପାଦକ ରଞ୍ଜନ ମହୁରିଆ, ହଞ୍ଜାରାଗୁଡ଼ା ଚର୍ଚ୍ଚ ପାଳକ ଅପୂର୍ବା ଆନନ୍ଦ, ସମାଜସେବୀ ଚୈତନ୍ୟ ନନ୍ଦିବାଲି, ସମାଜସେବୀ ତିଳକ ଖେମୁଡୁ, ରାଜେନ୍ଦ୍ର କୁମାର ବାଘ, ମାଲି ପର୍ବତ ସୁରକ୍ଷା ସମିତି ସଂଘ ସଭାପତି ବିଜୟ ଖିଲ, ସେମିଲିଗୁଡ଼ା ବ୍ଲକ୍ ସଭାପତି ଅଶୋକ କନ୍ଧପାନ୍ ଓ ଉପସଭାପତି ନିରଞ୍ଜନ ଖିଲ, କୋରାପୁଟ ଜିଲ୍ଲା ଡମ ସମାଜ ବିକାଶ ପରିଷଦ ମିଡ଼ିଆ ସେଲ ପ୍ରତିନିଧିତ୍ୱ ଦିଲ୍ଲୀପ ଖରା ପ୍ରମୁଖ ଉପସ୍ଥିତ ଥିଲେ। କୋରାପୁଟ ଜିଲ୍ଲା ଡମ ସମାଜ ବିକାଶ ପରିଷଦ ସାଂଗଠନିକ ସମ୍ପାଦକ ସାଦେବ ବାଘ ପରିଚାଳନା କରିଥିଲେ। ଜିଲ୍ଲା ସାଧାରଣ ସମ୍ପାଦକ ଦାନିୟେଲ ଖରା, ଚାରାଙ୍ଗୁଲ୍ ପଞ୍ଚାୟତ ସଭାପତି ସଲିମନ୍ ଟାକ୍ରି, ଜିନୁ ଟାକ୍ରି, ପିଙ୍କୁ ଟାକ୍ରି, କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ।

## 'ନୂଆ-ଓ', ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ




**ସୁନାବେଡ଼ା,୨୮।୧(ସମିସ):** ସରକାରଙ୍କ ନିର୍ଦ୍ଦେଶିତ 'ନୂଆ-ଓ', ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦଯାପନୀ ଉତ୍ସବ ସୁନାବେଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ଇନ୍ଦିରା ପ୍ରିୟଦର୍ଶିନୀ ପଟ୍ଟନାୟକ ସ୍ୱାଗତ ଭାଷଣ ଦେବା ସହିତ ଅତିଥି ପରିଚୟ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। 'ନୂଆ-ଓ' କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ଅଧ୍ୟାପକ ମନୋରଞ୍ଜନ ସ୍ୱାଇଁ କାର୍ଯ୍ୟକ୍ରମର ଅଭିଜ୍ଞତା ପ୍ରଦାନ କରିଥିଲେ। ଏଥିରେ କୋରାପୁଟ ବିଧାୟକ ରଘୁରାମ ପଡାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ପାଠପଢ଼ା ସହିତ ଅତିରିକ୍ତ ପାଠ୍ୟକ୍ରମ ଗତିବିଧି କାର୍ଯ୍ୟକଳାପ ଚରିତ୍ର ଗଠନରେ ସହାୟକ ବୋଲି ମତାମତ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସ୍ୱେଚ୍ଛାସେବୀ କୌଶଲ୍ୟା ହିକକା, ଜିଲ୍ଲା ପରିଷଦ ସଭାପତି ସସ୍ମିତା ମେଲେକା, କୋରାପୁଟ ପୂର୍ବତନ ସାଂସଦ ଝିନ୍ନ ହିକକା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ, ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ନୃତତ୍ତ୍ୱ ବିଭାଗ ମୁଖ୍ୟ ଡ. ସିଲି ରାଉତ ବିଦ୍ୟାଳୟର ପୂର୍ବତନ ଛାତ୍ରୀ ହିସାବରେ ବିଗତ ସମୟରେ ବିଦ୍ୟାଳୟର ସଂଘର୍ଷମୟ ଅତୀତ ଏବଂ ନିଜ ଅଭିଜ୍ଞତା ବିଷୟରେ ଛାତ୍ରୀମାନଙ୍କୁ ଅବଗତ କରିଥିଲେ। ବର୍ତ୍ତମାନ ଯୁବପିଢ଼ି ମୋବାଇଲଠାରୁ ଦୂରେଇ ରହି ନିଜ ଧାର୍ଯ୍ୟ ଲକ୍ଷ୍ୟ ପଥରେ ଅନବରତ ଚେଷ୍ଟିତ ହେବା ପାଇଁ ଉପଦେଶ ଦେଇଥିଲେ। ଏହି ଅବସରରେ ଅଧ୍ୟକ୍ଷା ଇନ୍ଦିରା ପ୍ରିୟଦର୍ଶିନୀ ପଟ୍ଟନାୟକ ଅତିଥିମାନଙ୍କୁ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରିଥିଲେ। କ୍ରୀଡ଼ା, ସାଂସ୍କୃତିକ ଏବଂ ସାମାଜିକ ବିଭାଗ ଅନ୍ତର୍ଗତ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅଧ୍ୟାପିକା ପ୍ରାଚୀ ପରାଜିତ ପଣ୍ଡା ପରିଚାଳନା କରିଥିଲେ। ଅଧ୍ୟାପିକା ଅଙ୍କୁରିତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅନ୍ୟାନ୍ୟ ଅଧ୍ୟାପକଅଧ୍ୟାପିକା, କର୍ମଚାରୀ ସହଯୋଗ କରିଥିଲେ।

## ସହିଦ ଲକ୍ଷଣ ନାୟକ ଇଂଲିଶ ମିଡିୟମ୍ ବିଦ୍ୟାଳୟରେ ବିଜ୍ଞାନ ମେଳା

**କାଲିମେଳା,୨୮।୧(ସମିସ):** ମାଲକାନଗିରି ଜିଲ୍ଲା କାଲିମେଳା ସହିଦ ଲକ୍ଷଣ ନାୟକ ଇଂରାଜୀ ମିଡିୟମ ବିଦ୍ୟାଳୟରେ ଦ୍ୱିତୀୟ ବାର୍ଷିକ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ଏଥିରେ ବିଦ୍ୟାଳୟର କୁନି କୁନି ଛାତ୍ରଛାତ୍ରୀ ୩୨ଟି ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ। ସେଗୁଡ଼ିକ ସୋଲାର ଇରିଗେସନ ସିଷ୍ଟମ, ୱାଟର ପ୍ୟୁରୀଫିକେସନ, ଅକ୍ସିଜେନ ସାଇକେଲ, ୱେଷ୍ଟ ୱାଟର ଇତ୍ୟାଦି ପ୍ରକଳ୍ପ ରହିଥିଲା। ଏ ଅବସରରେ ସରକାରୀ ଏସଏସଡି ହାଇସ୍କୁଲ କାଲିମେଳା, କନ୍ୟାଶ୍ରମ ବାଳିକା ବିଦ୍ୟାଳୟର ଶିକ୍ଷକ ପଞ୍ଚଗୁରୁ ମହାନନ୍ଦିଆ ପ୍ରମୁଖ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ପ୍ରତି ପ୍ରକଳ୍ପର ଉପକାରିତା ସମ୍ପର୍କରେ କୁନି କୁନି ଛାତ୍ରଛାତ୍ରୀଙ୍କୁ ପଚାରି ବୁଝିଥିଲେ। ବିଦ୍ୟାଳୟ ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ନବୀନ କୁମାର ସାମନ୍ତ ସମେତ ପ୍ରିନ୍ସପାଲ ମିଥୁରଞ୍ଜନ ସରକାର, ଶିକ୍ଷକ ମନୋରଞ୍ଜନ ମଣ୍ଡଳ, ଗୌତମ ମଣ୍ଡଳ, ରଶ୍ମି ରଞ୍ଜନ ମଲ୍ଲିକ, ସ୍ମୃତି ରଞ୍ଜନ ମହାପାତ୍ର ଓ ଶିକ୍ଷୟିତ୍ରୀ ପ୍ରିୟ ରଶ୍ମି ରାଉତ, ଏସ୍.ଲୀଳାବତି, ବିୟୁଟି ସରକାର, ସୁମନ ପତି, ଭାଗ୍ୟଲତା ସେଠୀ, ଏଲ. ରଜି ପ୍ରମୁଖ ଉପସ୍ଥିତ ଥିଲେ।

## ସେମିଲିଗୁଡ଼ା ବ୍ଲକ୍‌ରେ 'ଘରେ ଘରେ ଶଙ୍ଖ' କାର୍ଯ୍ୟକ୍ରମ



**ସେମିଲିଗୁଡ଼ା,୨୮।୧(ସମିସ):** ବିଜୁ ଜନତା ଦଳର ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ କୋରାପୁଟ ଜିଲ୍ଲାର ପଟାଙ୍ଗି ନିର୍ବାଚନମଣ୍ଡଳୀରେ ଆରମ୍ଭ ହୋଇଛି। ବିଜୁ ଜନତା ଦଳର ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଜାନୁଆରୀ ୨୩ ତାରିଖ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଜୟନ୍ତୀଠାରୁ ଓଡ଼ିଶାର କୋଣ ଅନୁକୋଣରେ 'ଘରେ ଘରେ ଶଙ୍ଖ' କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିବାବେଳେ ପଟାଙ୍ଗି ନିର୍ବାଚନମଣ୍ଡଳୀର ସେମିଲିଗୁଡ଼ା ବ୍ଲକର ବିଭିନ୍ନ ଗ୍ରାମରେ ଏହା ଚାଲୁ ରହିଛି। ବିଧାୟକ ପିତମ ପାଢ଼ିଙ୍କ ନେତୃତ୍ୱରେ ବ୍ଲକ୍ ସମିତି ଅଧ୍ୟକ୍ଷା ଲିଲି ଅଣ୍ଟା ବିରିଆ, ଉପାଧ୍ୟକ୍ଷ ଶିବା ବାଙ୍ଗାରି, ଜିଲ୍ଲା ସାଧାରଣ ସମ୍ପାଦକ ଅନନ୍ତ ରାମ, ବିଜେଡି ବ୍ଲକ୍ ସଭାପତି ରାମ ଅଣ୍ଟା ବିରିଆ, ଯୁବ ନେତା ଆଶିଷ ବାଲୁ, ନେତା କର୍ମୀ ଯୋଗଦେଇ ଗୋଷ୍ଠୀ ହୋଇ ଦାୟିତ୍ୱ ଅନୁଯାୟୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି ଅବସରରେ ଦଳୀୟ ନେତୃବୃନ୍ଦ ସାହି ସାହି ବୁଲି ଘରେ ଘରେ ଶଙ୍ଖ ଚିହ୍ନର ଷ୍ଟିକର ଲଗାଇଥିଲେ। ମାର୍ଚ୍ଚ ୫ ତାରିଖ ବିଜୁ ଜୟନ୍ତୀ ଯାଏ ଏହି ପରିବାର ସମ୍ପର୍କ ଅଭିଯାନ ଚାଲିବ ବୋଲି ବିଧାୟକ ପିତମ ପାଢ଼ି ସୂଚନା ଦେଇଛନ୍ତି। ରାଜ୍ୟ ସରକାରଙ୍କ ଉନ୍ନୟନ କାର୍ଯ୍ୟ ଓ କାର୍ଯ୍ୟକାରୀ ହେଉଥିବା ଉନ୍ନୟନମୂଳକ ଯୋଜନାଗୁଡ଼ିକ ଉପରେ ଘରେ ଘରେ ବୁଝାଇଥିଲେ।

## ପୁଲିସ ପକ୍ଷରୁ ଜନସମ୍ପର୍କ ଶିବିର

**ନାରାୟଣପାଟଣା,୨୮।୧(ସମିସ):** ନାରାୟଣପାଟଣା ଥାନା ଅନ୍ତର୍ଗତ ଡେକାପାଡୁ ଗ୍ରାମରେ ରବିବାର ସ୍ଥାନୀୟ ପୁଲିସ ତରଫରୁ ଏକ ଜନସମ୍ପର୍କ ଶିବିର ଆୟୋଜନ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ଲକ୍ଷ୍ମୀପୁର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ବିରଞ୍ଚି ନାରାୟଣ ଜଗତ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଥାନା ଅଧିକାରୀ ସୁଷମା କଅଁର, ସ୍ଥାନୀୟ ସରପଞ୍ଚ ରେବତୀ କୁଦାରିଆ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଅଲକାପାଇ, ତଳଡେକାପାଡୁ, ଉପରଡେକାପାଡୁ, ଗାଦବାଗୁଡ଼ା ଆଦି ଗ୍ରାମର ୭୦୦ରୁ ଅଧିକ ଗ୍ରାମବାସୀ ଉପସ୍ଥିତ ଥିଲେ। ଗ୍ରାମର ଯୁବକମାନଙ୍କୁ ନେଇ ଏକ ଭଲିବଲ ପ୍ରତିଯୋଗିତା କରାଯାଇଥିଲା। ଏହି ପ୍ରତିଯୋଗିତାରେ ଅଲକାପାଇ ଯୁବକ ଦଳ ବିଜୟୀ ହୋଇଥିଲେ। ପରେ ସାଂସ୍କୃତିକ ନାଚଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଗରିବ ଆଦିବାସୀ ବୃଦ୍ଧବୃଦ୍ଧାଙ୍କୁ କମ୍ବଳ, ଶାଢ଼ି, ଲୁଗା, ଗାମୁଛା, ରୋଷେଇ ସାମଗ୍ରୀ, ଘରୋଇ ସାମଗ୍ରୀ ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀମାନଙ୍କୁ ପାଠପଢ଼ା କିଟ୍ ତଥା ବ୍ୟାଗ, ପେନସିଲ, ବହି, ଖାତା ପ୍ରଦାନ କରାଯାଇଥିଲା। ଏଥିସହ ବାଦ୍ୟଯନ୍ତ୍ର, ସାଂସ୍କୃତିକ କାର୍ଯ୍ୟକ୍ରମର ସାମଗ୍ରୀ, କ୍ରୀଡ଼ା ସାମଗ୍ରୀ ଆଦି ପ୍ରଦାନ କରାଯାଇଥିଲା। ଏସ୍‌ଆଇ ପ୍ରଫୁଲ୍ଲ ପାତ୍ର, ଏସ୍‌ଆଇ ଶୁକ୍ରା ମାଢ଼ି, ଏଏସ୍‌ଆଇ ରଣା ଗଙ୍ଗାଧର ଦଳପତି, ହୃଦୟ ରଞ୍ଜନ ପଟ୍ଟନାୟକ ସମେତ ଅନ୍ୟ କର୍ମଚାରୀ ରହି ସହଯୋଗ କରିଥିଲେ। ପରେ ଗ୍ରାମବାସୀଙ୍କ ସହ ସମସ୍ତ ପୁଲିସ କର୍ମଚାରୀ ଭୋଜନ କରିଥିଲେ।




## ହସ୍ତଶିଳ୍ପ କାରିଗରଙ୍କ ଆଧାର କାର୍ଡ ଓ ବ୍ୟାଙ୍କ୍ ଖାତା ସଂଯୋଗୀକରଣ ନିମନ୍ତେ ସର୍ବେକ୍ଷଣ



**ମାଲକାନଗିରି,୨୮।୧(ସମିସ):** ମାଲକାନଗିରି ଜିଲ୍ଲାରେ ହସ୍ତଶିଳ୍ପ କାରିଗରଙ୍କ ଆଧାର କାର୍ଡ ଓ ବ୍ୟାଙ୍କ୍ ଖାତା ସଂଯୋଗୀକରଣ ନିମନ୍ତେ ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ଶିଖପାଲିଠାରେ ଆରମ୍ଭ ହୋଇଛି ସର୍ବେକ୍ଷଣ କାର୍ଯ୍ୟକ୍ରମ। ଏଥିରେ ଜିଲ୍ଲା ହସ୍ତଶିଳ୍ପ ସହକାରୀ ନିର୍ଦ୍ଦେଶକ ଲୁଲୁମ୍ବା ସିଂ ଧାରୁଆ ଯୋଗଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ହସ୍ତଶିଳ୍ପ ପ୍ରୋତ୍ସାହକ କୁମାର ଗୁରୁଚରଣ ଓ କ୍ଲଷ୍ଟର ସଂଯୋଜକ ରାମକୃଷ୍ଣ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସମସ୍ତ କୁମ୍ଭକାରଙ୍କ ତଥ୍ୟ ସଂଗ୍ରହ ସହ ସେମାନଙ୍କୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସମସ୍ତ ଯୋଜନା ସମ୍ପର୍କରେ ଉପସ୍ଥିତ ଅଧିକାରୀମାନେ ଅବଗତ କରାଇବା ସହ ଶିଳ୍ପୀ ଗୃହ, ସରଞ୍ଜାମ ସହାୟତା, ଭତ୍ତା ଓ ଅନ୍ୟ ସମସ୍ତ ଯୋଜନା ବିଷୟରେ ଆଲୋଚନା କରିଥିଲେ। କିପରି ଏହି ଯୋଜନାଗୁଡ଼ିକର ଲାଭ ସମସ୍ତେ ପାଇପାରିବେ, ଏଥି ନିମନ୍ତେ ବିଭାଗ ସର୍ବଦା ତତ୍ପର ରହିଛି ବୋଲି ଅଧିକାରୀମାନେ ପ୍ରକାଶ କରିଥିଲେ। ଏହି ଅବସରରେ ଅଞ୍ଚଳର ହସ୍ତଶିଳ୍ପ କାରିଗରଙ୍କ ତଥ୍ୟ ସଂଗ୍ରହ କରାଯାଇଥିବାବେଳେ ଜିଲ୍ଲାରେ ଥିବା ପ୍ରାୟ ୫୦୦୦ରୁ ଅଧିକ ହସ୍ତଶିଳ୍ପ କାରିଗରଙ୍କ ସମସ୍ତ ତଥ୍ୟ ସଂଗ୍ରହ କରିବା କାର୍ଯ୍ୟ ବହୁତ ଶୀଘ୍ର ହେବ ବୋଲି ଶ୍ରୀ ଧାରୁଆ ସୂଚନା ଦେଇଛନ୍ତି।

## ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକୋତ୍ସବ



**ରାଇଘର,୨୮।୧(ସମିସ):** ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସଦର ମହକୁମା ସ୍ଥିତ ଉଚ୍ଚମାଧ୍ୟମିକ ବିଦ୍ୟାଳୟଠାରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ଯତୀନ୍ଦ୍ର ଗଣ୍ଡ, ନାନାର ଖରା, ଖଗେଶ୍ୱର ହରିଜନ, ଲିପିକା ବରୋଇ, ବ୍ଲକ ଅଧ୍ୟକ୍ଷା ନବୀନା ନାୟକ, ଉପାଧ୍ୟକ୍ଷ ଗୁପ୍ତ  ପ୍ରସାଦ ଝାଙ୍କର, ସ୍ୱତନ୍ତ୍ର ପରିଷଦ ଅଧ୍ୟକ୍ଷ ଉପେନ୍ଦ୍ର ଗଣ୍ଡ, ସ୍ଥାନୀୟ ସରପଞ୍ଚ ଲମ୍ବୋଦର ମାଝୀ, ମୁଖ୍ୟବକ୍ତା ଭାବେ ଜିଲ୍ଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଭରତ ଚନ୍ଦ୍ର ସାହୁ, ନିବେଦିତା ବିଶ୍ୱାଳ, ରାଇସିଂ ଗଣ୍ଡ ଉପସ୍ଥିତ ଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ କରାଯାଇଥିଲା। ଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶେଷରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଏବଂ ବିଦ୍ୟାଳୟର ପରିଚାଳନା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## ଉପାନ୍ତ ଅଞ୍ଚଳରେ 'ଆମ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମ

# ଲୋକଙ୍କ ନିକଟତର ହେଉଛି ବିକାଶର ବାର୍ତ୍ତା




**ମୁନିଗୁଡ଼ା,୨୮।୧(ସମିସ):** ଉପାନ୍ତ ଅଞ୍ଚଳ ଡିମିରିଗୁଡ଼ା ପଞ୍ଚାୟତରେ 'ଆମ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଓଡ଼ିଶା ଯୋଜନା ମାଧ୍ୟମରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଆୟୋଜନ କରାଯାଇ ସରକାରଙ୍କ ବିକାଶର ବାର୍ତ୍ତାକୁ ସିଧାସଳଖ ଲୋକଙ୍କ ନିକଟତର କରାଯାଉଛି। ଗ୍ରାମାଞ୍ଚଳ ଭିତ୍ତିଭୂମିର ବିକାଶକୁ ନେଇ ରାଜ୍ୟ ସରକାର ପ୍ରୟାସ ଜାରି ରଖିଥିବାବେଳେ ଜଗନ୍ନାଥ ସଂସ୍କୃତିର ସଂରକ୍ଷଣ, ଧାର୍ମିକସ୍ଥଳୀଗୁଡ଼ିକର ରୂପାନ୍ତରୀକରଣ, ମହିଳା ସଶକ୍ତୀକରଣ ଓ ଭିତ୍ତିଭୂମିର ବିକାଶ, ବ୍ୟାଙ୍କିଙ୍ଗ ଭିତ୍ତିଭୂମିର ବିକାଶ ପ୍ରାଥମିକ ବିଦ୍ୟାଳୟଗୁଡ଼ିକର ରୂପାନ୍ତରୀକରଣ, କ୍ରୀଡ଼ା ଭିତ୍ତିଭୂମିର ବିକାଶ, ଐତିହ୍ୟ ଭିତ୍ତିଭୂମିର ବିକାଶ ଭଳି ଅନେକ ଯୋଜନା ହାତକୁ ନିଆଯାଇଛି। ଏହି ସମସ୍ତ ଯୋଜନା ଓ ବିକାଶର ବାର୍ତ୍ତା ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ୍ ଡିମିରିଗୁଡ଼ା ପଞ୍ଚାୟତ ପକ୍ଷରୁ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଆୟୋଜିତ ହୋଇଯାଇଛି। ଡିମିରିଗୁଡ଼ା ସରପଞ୍ଚ ଚୁମୁଲି ମାଝୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଉପଦେଷ୍ଟା ସୁଧୀର ଦାସ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ରାୟଗଡ଼ା ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସନ୍ତୋଷ ସୁନା, ବିଧାୟକ ପ୍ରତିନିଧି ସିମାଞ୍ଚଳ ପାତ୍ର, ଅମ୍ବାଦଳା ଥାନା ଅଧିକାରୀ କଳ୍ପନା ବେହେରା, ଡିମିରିଗୁଡ଼ା ସମିତିସଭ୍ୟ କେଶବ ଦଣ୍ଡସେନା, ବିଜୁ ଜନତା ଦଳର ଯୁବନେତା ଧୀରେନ୍ଦ୍ର ପାଣିଗ୍ରାହୀ, ଡିମିରିଗୁଡ଼ା ନାଏବ ସରପଞ୍ଚ ତ୍ରିଲୋଚନ ପ୍ରଧାନୀ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୃତ୍ତିକା ସଂରକ୍ଷଣ, କୃଷି ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ସମନ୍ୱିତ ଶିଶୁ ବିକାଶ ଯୋଜନା ତରଫରୁ ବିଭିନ୍ନ ଷ୍ଟଲ୍ ମାଧ୍ୟମରେ ଲୋକଙ୍କୁ ସଚେତନ କରାଇବା ସହ ଉପସ୍ଥିତ ଅଧିକାରୀମାନେ ନିଜ ନିଜ ବିଭାଗର କାର୍ଯ୍ୟକ୍ରମ ବିଷୟରେ ଲୋକଙ୍କୁ ବୁଝାଇଥିଲେ। ପରେ ଗ୍ରାମ ପଞ୍ଚାୟତ ଅଧୀନସ୍ଥ ଗ୍ରାମାଞ୍ଚଳରୁ ଆସିଥିବା ଟ୍ରୁପ ଓ ସ୍ଥାନୀୟ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପାରମ୍ପରିକ ଲୋକନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିବା ଛାତ୍ରଛାତ୍ରୀ, ଗ୍ରାମାଞ୍ଚଳରୁ ଆସିଥିବା ଟ୍ରୁପମାନଙ୍କୁ ଟ୍ରଫି ଓ ମାନପତ୍ର ଦେଇ ଉତ୍ସାହିତ କରାଯାଇଥିଲା। ପଞ୍ଚାୟତ ନିର୍ବାହୀ ଅଧିକାରୀ ମାଧବ ମହାନନ୍ଦିଆ ମଞ୍ଚ ପରିଚାଳନା କରିଥିବାବେଳେ ଗ୍ରାମ ରୋଜଗାର ସେବକ ଭୈରବ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିବା ପାଇଁ ଡିମିରିଗୁଡା ପଞ୍ଚାୟତ ଯୋଗାଣ ସହାୟକ ଚାକାରମ୍ କୁଳଦୂପିଆ, ବିଏଫଟି ଗୋବିନ୍ଦ ବାଥେଲିଆ, ସାଲେବନ୍ କରକରିଆ, ରାମାରାଓ କରକରିଆ, ପୂର୍ବତନ ସରପଞ୍ଚ ସାନ ମାଝୀ, ଅନିରୁଦ୍ଧ ଟାକ୍ରି ପ୍ରମୁଖ ଉପସ୍ଥିତ ରହି ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

# ପଲଟୁରାମ ନୀତୀଶ

‘ମୃତ୍ୟୁକୁ ସ୍ୱୀକାର କରିବି, କିନ୍ତୁ ବିଜେପିକୁ ଯିବିନି’

# ନିଜ ଶପଥ ନିଜେ ଭାଙ୍ଗିଲେ

- ପ୍ରତିଥର ନୂଆ ଢଙ୍ଗରେ ଭାଙ୍ଗନ୍ତି ସରକାର
- ବର୍ଷେ ନ ହେଉଣୁ ପୁଣି ବିଜେପିକୁ ଫେରିଲେ
- ଷଷ୍ଠ ଥର ପାଇଁ ପାର୍ଶ୍ୱ ପରିବର୍ତ୍ତନ କଲେ ନୀତୀଶ

ପାଟନା, ୨୮ ।୧ (ଏଜେନ୍ସି)

ସାରା ଦେଶରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ନେଇ ଚର୍ଚ୍ଚା ହେଉଛି। କିଏ ତାଙ୍କୁ ପଲଟୁରାମ ତ ଆଉ କିଏ ରଙ୍ଗ ବଦଳାଉ ଥିବା ଏଣ୍ଡୁଅ କହୁଛି। କାରଣ ନୀତୀଶ ପୁଣି ନିଜ ସହଯୋଗୀ ବଦଳାଇ ବିଜେପିର ପଦ୍ମ ଆସନରେ ବସି ରବିବାର ନୂଆ ସରକାର ଗଠନ କରିଛନ୍ତି। ଏବେ ନୀତୀଶ ଦେଇଥିବା ମନ୍ତବ୍ୟ ‘ମୃତ୍ୟୁକୁ ସ୍ୱୀକାର କରିବି, କିନ୍ତୁ ବିଜେପିକୁ ଯିବିନି’କୁ ନେଇ ଲୋକେ ତାଙ୍କୁ କଟାକ୍ଷ କରୁଛନ୍ତି। ୨୦୨୩ ଜାନୁଆରୀ ୩୦ ପାଟନାର ଗାନ୍ଧୀ ଘାଟରେ ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଦେଇ ନୀତୀଶ ଉପରୋକ୍ତ ମନ୍ତବ୍ୟ ଦେଇଥିଲେ। ଏହି ମନ୍ତବ୍ୟକୁ ବର୍ଷେ ପୂରଣ ହେବାକୁ ଆହୁରି ୨ ଦିନ ବାକି ଥିବାବେଳେ ନୀତୀଶ ପୁଣି ପାର୍ଶ୍ୱ ପରିବର୍ତ୍ତନ କରି ବିଜେପିର ପୁରୁଣା ପ୍ରେମକୁ ସ୍ୱୀକାର କରିଛନ୍ତି। ଏହାକୁ ମିଶାଇ ସେ ନିଜ ରାଜନୈତିକ କ୍ୟାରିୟର ମଧ୍ୟରେ ଛଅ ଥର ପାଇଁ ପାର୍ଶ୍ୱ ପରିବର୍ତ୍ତନ କଲେଣି। କେବେ ଜଙ୍ଗଲ ରାଜ ବିରୋଧରେ ନୂଆ ଦଳ ବନାଇ ଥିଲେ ତ ଆଉ କେବେ ଅନ୍ତରାତ୍ମାର ଡାକରେ ଆରଜେଡି ସହ ମେଣ୍ଟ ଭାଙ୍ଗି ଦେଇଥିଲେ, ପୁଣି ଆଉ କେବେ ବିଜେପିକୁ ନ ଫେରିବା ପାଇଁ ଶପଥ ନେଇଥିଲେ। କିନ୍ତୁ ପ୍ରତି ଥର ସେ ନିଜ ଶପଥକୁ ଭାଙ୍ଗି ଚାଲିଥିଲେ ଏବଂ ନୂଆ ନୂଆ ରେକର୍ଡ କରି ଚାଲିଥିଲେ। ମେଣ୍ଟ ଭାଙ୍ଗିବା ପାଇଁ ସବୁବେଳେ ନୂଆ କାରଣ ଦର୍ଶାଉ ଥିଲେ।

୧୯୮୫ରେ ନାଲନ୍ଦାର ହାରନତ୍ ବିଧାନସଭା ନିର୍ବାଚନ ମଣ୍ଡଳୀରୁ ଜନତା ଦଳ ଟିକେଟ୍‌ରେ ପ୍ରଥମ ଥର ପାଇଁ ବିଧାୟକ ରୂପେ ନିର୍ବାଚିତ ହୋଇଥିବା ନୀତୀଶ କୁମାର ୧୯୮୯ରେ ବର ଲୋକସଭା ଆସନରୁ ଏବଂ ପୁଣି ଥରେ ୧୯୯୧ରେ ମଧ୍ୟବର୍ତ୍ତୀକାଳୀନ ଲୋକସଭା ନିର୍ବାଚନରେ ସେହି ଆସନରୁ ସାଂସଦ ଭାବେ ନିର୍ବାଚିତ ହୋଇଥିଲେ। ୧୯୯୦ରେ ଜନତା ଦଳର ବରିଷ୍ଠ ନେତା ଲାଲୁ ପ୍ରସାଦ ଯାଦବଙ୍କୁ ସମର୍ଥନ ଦେଇ ତାଙ୍କୁ ମୁଖ୍ୟମନ୍ତ୍ରୀ ପଦରେ ଆସୀନ କରାଇ ବିହାର ରାଜନୀତିରେ ଚର୍ଚ୍ଚାକୁ ଆସିଥିଲେ। କିନ୍ତୁ ଲାଲୁଙ୍କ ଭାଗ୍ୟ ଚମକିବାରେ ଲାଗିଥିବାରୁ ନୀତୀଶ ପ୍ରଥମ ଥର ପାଇଁ ୧୯୯୪ରେ ଜନତା ଦଳର ହାତ ଛାଡ଼ି ଦେଇଥିଲେ। ସେ ସମାଜବାଦୀ ଆନ୍ଦୋଳନର ପ୍ରମୁଖ ନେତା ଜର୍ଜ ଫର୍ଣ୍ଣାଣ୍ଡିସଙ୍କ ସହ ମିଶି ସମତା ପାର୍ଟି ଗଠନ କରିଥିଲେ। ସେତେବେଳେ ବିହାରରେ ଜନତା ଦଳର ଲୋକପ୍ରିୟତା ଥିଲା। ଲାଲୁ ଯାଦବ ମୁଖ୍ୟମନ୍ତ୍ରୀ ଏବଂ ଲୋକପ୍ରିୟ ନେତା ଥିଲେ। ନୀତୀଶ ଜନତା ଦଳରେ ଥିଲେ ବି ନିଜ ଅଭିଳାଷ ପୂରଣ କରିବାକୁ ଯାଇ ଦଳ ଛାଡ଼ି ଥିଲେ। ଏଥିପାଇଁ ଦଳରେ ବଢୁଥିବା ଜାତିବାଦ ଏବଂ ଲାଲୁଙ୍କ ଜଙ୍ଗଲରାଜକୁ ଦାୟୀ କରିଥିଲେ। ଏହାର ପ୍ରଭାବ ୧୯୯୬ ସାଧାରଣ ନିର୍ବାଚନରେ ପଡ଼ିଥିଲା। ୨୦୦୩ରେ ନୀତୀଶଙ୍କ ସମତା ପାର୍ଟି ଏବଂ ଶରଦ ଯାଦବଙ୍କ ଜନତା ଦଳର ବିଲୟ ହୋଇ ଜନତା ଦଳ ୟୁନାଇଟେଡ (ଜେଡିୟୁ) ଗଠନ ହୋଇଥିଲା। ଜେଡିୟୁ ଏବଂ ବିଜେପି ମେଣ୍ଟ ମଧ୍ୟ ଜାରି ରହିଥିଲା। ଏହି ସମୟରେ ନୀତୀଶ ୩ ଥର ମୁଖ୍ୟମନ୍ତ୍ରୀ ହୋଇଥିଲେ। ୨୦୦୦ରେ ଏନ୍‌ଡିଏ ସମର୍ଥନରେ ବିହାର ମୁଖ୍ୟମନ୍ତ୍ରୀ ହୋଇଥିବା ନୀତୀଶ କୁମାର ମାତ୍ର ସାତ ଦିନ ପରେ ଇସ୍ତଫା ଦେଇଥିଲେ। ୨୦୦୫ ବିହାର ବିଧାନସଭା ନିର୍ବାଚନରେ ଏନ୍‌ଡିଏ ବିପୁଳ ବିଜୟ ହାସଲ କରିବା ସହିତ ନୀତୀଶ ମୁଖ୍ୟମନ୍ତ୍ରୀ ଭାବେ ସମ୍ପୂର୍ଣ୍ଣ ୫ ବର୍ଷ ଶାସନ କ୍ଷମତାରେ ରହିଲେ। ୨୦୧୦ରେ ପୁଣି ଥରେ ନିର୍ବାଚନ ଜିତି ନୀତୀଶ କୁମାର କ୍ଷମତାକୁ ଫେରିଥିଲେ ଏବଂ ବିଜେପି ସହିତ ମିଶି ସରକାର ଗଢ଼ିଥିଲେ। ଏହା ପରେ ନରେନ୍ଦ୍ର ମୋଦୀଙ୍କ ପ୍ରଭାବ ବଢ଼ିବାରୁ ୨୦୧୩ରେ ନୀତୀଶ ବିଜେପି ସହ ମେଣ୍ଟ ଭାଙ୍ଗି ଥିଲେ ଏବଂ ଏକାକୀ ୨୦୧୪ ଲୋକସଭା ନିର୍ବାଚନ ଲଢ଼ିବାକୁ ନିଷ୍ପତ୍ତି ନେଇଥିଲେ। ନୀତୀଶ ଅଭିଯୋଗ କରିଥିଲେ ଯେ ୧୭ ବର୍ଷର ମେଣ୍ଟ ଭାଙ୍ଗିବାକୁ ବିଜେପି ବାଧ୍ୟ କରିଥିଲା। ମାଟିରେ ମିଶିଯିବୁ ପଛେ, ବିଜେପିକୁ ଫେରିବୁ ନାହିଁ। ସୂଚନା ଅନୁଯାୟୀ ୨୦୧୦ରେ ଏନ୍‌ଡିଏ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ବୈଠକରେ ଗୁଜରାଟ ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦୀ ପହଞ୍ଚି ଥିଲେ। ଏହା ପରଦିନ ବିଜେପି ନୀତୀଶ ଏବଂ ମୋଦୀଙ୍କ ଫଟୋ ଛପାଇ ଥିଲା। ଏଥିରେ ବନ୍ୟା ପୀଡ଼ିତଙ୍କୁ ୫ କୋଟି ଟଙ୍କା ଦେବା ପାଇଁ ଧନ୍ୟବାଦ ଦିଆଯାଇଥିଲା। ଏହି ବିଜ୍ଞାପନକୁ ନେଇ ନୀତୀଶ ଉତ୍କ୍ଷିପ୍ତ ହୋଇ ଯାଇଥିଲେ। ସେ ଏହାକୁ ବିହାର ଜନତାଙ୍କ ଅପମାନ କହିଥିଲେ। ଏଥିପାଇଁ ସେ ବିଜେପି ନେତାଙ୍କ ସହ ରାତ୍ରିଭୋଜିରେ ମଧ୍ୟ ସାମିଲ ହୋଇ ନ ଥିଲେ। ଏଠାରୁ ମୋଦୀ ଏବଂ ନୀତୀଶଙ୍କ ମଧ୍ୟରେ ଫାଟ ବଢ଼ିବାରେ ଲାଗିଥିଲା। ୨୦୧୩ରେ ବିଜେପି ମୋଦୀଙ୍କୁ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ବନାଇବାରୁ ନୀତୀଶ ମେଣ୍ଟ ଭାଙ୍ଗି ଦେଇଥିଲେ। କାରଣ ସେ ନିଜେ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ହେବେ ବୋଲି ଆଶା ରଖିଥିଲେ। ପରେ ଜେଡିୟୁ ୨୦୧୪ ଲୋକସଭା ନିର୍ବାଚନ ଏକାକୀ ଲଢ଼ି ଶୋଚନୀୟ ପରାଜୟ ବରଣ କରିଥିଲା। ତେଣୁ ସେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ ଏବଂ ଜିତନ ରାମ ମାନଝୀଙ୍କୁ ମୁଖ୍ୟମନ୍ତ୍ରୀ ବନାଇ ଥିଲେ। ସେତେବେଳକୁ ନରେନ୍ଦ୍ର ମୋଦୀ ପ୍ରଧାନମନ୍ତ୍ରୀ ହୋଇ ସାରିଥିଲେ। ଏନଡିଏ ସହ ସମ୍ପର୍କ ଖରାପ ଥିଲା। ତେଣୁ ସେ ଆଉ ମେଣ୍ଟକୁ ଫେରି ପାରି ନ ଥିଲେ। ଏକାକୀ ନିର୍ବାଚନ ଜିତି ପାରିବେ ନାହିଁ ବୋଲି ନୀତୀଶ ବୁଝି ପାରିଥିଲେ। କିନ୍ତୁ ଆରଜେଡି ସହ ମିଶି ବିଜେପିକୁ ହରାଇ ପାରିବେ ବୋଲି ଭାବି ଥିଲେ।

୨୦୧୫ରେ ଲାଲୁଙ୍କ ଜଙ୍ଗଲ ରାଜ ଭୁଲି ନୀତୀଶ ଆରଜେଡି ଓ କଂଗ୍ରେସ ସହିତ ମେଣ୍ଟ କରି ଫେବୃଆରୀରେ ଚତୁର୍ଥ ଥର ପାଇଁ ବିହାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ। ସେହି ବର୍ଷ ବିହାର ବିଧାନସଭା ନିର୍ବାଚନରେ ମହାମେଣ୍ଟ ବିପୁଳ ଜନସମର୍ଥନ ପାଇଲା ଏବଂ ନଭେମ୍ବରରେ ନୀତୀଶ ପୁଣି ଥରେ ବିହାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ। କିନ୍ତୁ ମାତ୍ର ୨ ବର୍ଷ ପରେ ଏହି ମେଣ୍ଟରେ ଫାଟ ସୃଷ୍ଟି ହୋଇଥିଲା। ନୀତୀଶ କୁମାର ୨୦୧୬ରେ ନରେନ୍ଦ୍ର ମୋଦୀଙ୍କ ବିମୁଦ୍ରାୟନକୁ ସମର୍ଥନ କଲେ ଏବଂ ବିଜେପି ସମର୍ଥିତ ରାଷ୍ଟ୍ରପତି ପ୍ରାର୍ଥୀ ରାମନାଥ କୋବିନ୍ଦଙ୍କୁ ଭୋଟ ଦେବା ପାଇଁ ନିଷ୍ପତ୍ତି ନେଲେ। ଏହାକୁ ନେଇ ମହାମେଣ୍ଟରେ ବିବାଦ ବଢ଼ିଥିବାବେଳେ ବିଜେପି ସହ ନୀତୀଶଙ୍କ ସମ୍ପର୍କ ସୁଧୁରି ଥିଲା। ପରେ ୨୦୧୭ ଜୁଲାଇ ୨୬ରେ ସେ ମେଣ୍ଟ ଭାଙ୍ଗିଦେବା ସହିତ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଲେ। ଚତୁର୍ଥ ଥର ପାଇଁ ସହଯୋଗୀ ବଦଳାଇ ପୁଣି ବିଜେପି ସହ ମେଣ୍ଟ କରି ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ ହୋଇଥିଲେ। ସେତେବେଳେ ନୀତୀଶ କହିଥିଲେ ଯେ ଅନ୍ତରାତ୍ମାର ସ୍ୱର ଶୁଣି ମହାମେଣ୍ଟ ଛାଡ଼ି ଦେଇଥିଲି। ମହାମେଣ୍ଟର ସ୍ୱଭାବ ଏବଂ କାମ କରିବାର ନିୟମ ତାଙ୍କ ବିରୋଧୀ ଥିଲା। ଏହା ସହିତ ତେଜସ୍ୱୀଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଲଗାଇ ଥିଲେ। ଏହାକୁ ନେଇ ଲାଲୁ ନୀତୀଶଙ୍କୁ ନିଶାଣ କରି ରାଜନୀତିର ପଲଟୁ ରାମ ବୋଲି କହିଥିଲେ।

୨୦୨୦ ବିଧାନସଭା ନିର୍ବାଚନରେ ବିହାରରେ ଏନ୍‌ଡିଏ ମେଣ୍ଟ ବିଜୟ ଲାଭ କରିଥିଲା। ଜେଡିୟୁ କମ୍ ଆସନ ଜିତିବା ସତ୍ତ୍ୱେ ଏନ୍‌ଡିଏ ମେଣ୍ଟର ନେତା ଭାବରେ ନୀତୀଶ ସପ୍ତମ ଥର ପାଇଁ ମୁଖ୍ୟମନ୍ତ୍ରୀ ହେଲେ। ଏହାର ୨ ବର୍ଷ ପରେ ମେଣ୍ଟରେ ଫାଟ ସୃଷ୍ଟି ହୋଇଥିଲା। ନୀତୀଶ ବିଜେପିକୁ ଧୋକାବାଜ କହି ଲାଲୁଙ୍କୁ ଫୁଲ ଧରାଇ ଥିଲେ। ୨୦୨୨ ଅଗଷ୍ଟ ୯ରେ ସେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇ ଏନ୍‌ଡିଏ ସହିତ ସମ୍ପର୍କ ଛିନ୍ନ କଲେ। ଆରଜେଡି-କଂଗ୍ରେସ ସହିତ ପୁଣି ଥରେ ବନ୍ଧୁତା କରି ଅଷ୍ଟମ ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ। ତେଜସ୍ୱୀ ଯାଦବ ଉପ-ମୁଖ୍ୟମନ୍ତ୍ରୀ ହୋଇଥିଲେ। ବିରୋଧୀଙ୍କୁ ଏକଜୁଟ କରି ‘ଇଣ୍ଡିଆ’ ମେଣ୍ଟରେ ନୀତୀଶ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ସରକାର ଭାଙ୍ଗିବା ପୂର୍ବରୁ ସେ ବିଜେପି ବିରୋଧରେ ବଡ଼ ଅଭିଯୋଗ ଲଗାଇ ଥିଲେ। ଜେଡିୟୁକୁ ଶେଷ କରିବା ପାଇଁ ବିଜେପି ଷଡ଼ଯନ୍ତ୍ର କରିଥିଲା ବୋଲି କହିଥିଲେ। ଅପମାନିତ କରିବା ସହିତ ବିଜେପି କ୍ରମାଗତ ଭାବେ ଦଳକୁ ଦୁର୍ବଳ କରିବାରେ ଲାଗିଥିଲା। ଦଳର ବିଧାୟକଙ୍କୁ ଭାଙ୍ଗିବାକୁ ପ୍ରୟାସ କରିଥିଲା। ଏବେ ନୀତୀଶ ପୁଣି ଆରଜେଡି-କଂଗ୍ରେସ ହାତ ଛାଡ଼ି ଏନ୍‌ଡିଏରେ ମିଶିଲେ ଏବଂ ବିଜେପି ସମର୍ଥନରେ ରେକର୍ଡ ୯ମ ଥର ପାଇଁ ବିହାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ। ଏବେ ପରିବାରବାଦର ଦାଗ ଲଗାଇ ମହାମେଣ୍ଟରୁ ଅଲଗା ହୋଇଛନ୍ତି। ତେବେ ଅନେକ ଦିନରୁ ମେଣ୍ଟ ଭାଙ୍ଗିବ ବୋଲି ଚର୍ଚ୍ଚା ହେଉଥିଲା। ନୀତୀଶ କର୍ପୂରି ଠାକୁରଙ୍କ ବାହାନାରେ ନିଜ ଶୈଳୀରେ ମେଣ୍ଟ ଭାଙ୍ଗିବାକୁ ସଙ୍କେତ ଦେଇଥିଲେ। ନୀତୀଶଙ୍କ ମନ୍ତବ୍ୟର ୨୪ ଘଣ୍ଟା ଭିତରେ ଲାଲୁଙ୍କ ଝିଅ ରୋହିଣୀ ତାଙ୍କ ବିରୋଧରେ ପୋଷ୍ଟ କରି ଚିତ୍ର ସ୍ପଷ୍ଟ କରି ଦେଇଥିଲେ।

ଲୋକସଭା ନିର୍ବାଚନ ପୂର୍ବରୁ ନୀତୀଶଙ୍କ ଏହି ନିଷ୍ପତ୍ତି ବିରୋଧୀଙ୍କୁ ଚକିତ କରିଦେଇଛି। ଏହା ପୂର୍ବରୁ ଡିସେମ୍ବର ୧୩ରେ ତେଜସ୍ୱୀଙ୍କ ନେତୃତ୍ୱରେ ୨୦୨୫ ନିର୍ବାଚନ ଲଢ଼ିବୁ ବୋଲି ନୀତୀଶ କହିଥିଲେ। ଏବେ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବା ପାଇଁ ନୀତୀଶଙ୍କ ଉପରେ ଚାପ ପଡୁଥିଲା ବୋଲି କୁହାଯାଉଛି। ଏହା ବ୍ୟତୀତ ରାମ ମନ୍ଦିର ପ୍ରାଣ ପ୍ରତିଷ୍ଠା ପରେ ବିଜେପିକୁ ସମର୍ଥନ ବଢ଼ିଥିବା କୁହାଯାଉଛି। ତେଣୁ ନୀତୀଶ ନିଜ ସାଂସଦଙ୍କ ସଂଖ୍ୟା ହ୍ରାସ କରିବାକୁ ଚାହୁଁନାହାନ୍ତି।



• ୭୫ ବର୍ଷରେ ସୁପ୍ରିମକୋର୍ଟ

## ‘ସୁଦୃଢ଼ ନ୍ୟାୟିକ ବ୍ୟବସ୍ଥା ବିକଶିତ ଭାରତର ମୁଖ୍ୟ ଭିତ୍ତିଭୂମି’

**ନୂଆଦିଲ୍ଲୀ,୨୮।୧(ଏଜେନ୍ସି):** ଆଜିର ଆର୍ଥିକ ନୀତି ଆସନ୍ତାକାଲିର ସ୍ଥିତିଶୀଳ ଭାରତର ଆଧାର ହେବ। ଆଜି ଯେଉଁ ଆଇନ ପ୍ରଣୟନ କରାଯାଉଛି , ତାହା ଭାରତର ଉଜ୍ଜ୍ୱଳ ଭବିଷ୍ୟତକୁ ସୁଦୃଢ଼ କରିବ। ବିଶ୍ୱ ଭୂ-ରାଜନୀତିର ପରିବର୍ତ୍ତିତ ଦୃଶ୍ୟପଟ୍ଟ ମଧ୍ୟରେ ବିଶ୍ୱର ନଜର ଭାରତ ଉପରେ ରହିଛି ଏବଂ ଏହାର ବିଶ୍ୱାସ କ୍ରମାଗତ ଭାବରେ ବୃଦ୍ଧି ପାଉଛି। ସହଜ ଜୀବନଧାରଣ, ବ୍ୟବସାୟ କରିବାରେ ସହଜତା, ଭ୍ରମଣ, ଯୋଗାଯୋଗ ଏବଂ ନ୍ୟାୟର ସହଜତାକୁ ଦେଶର ସର୍ବୋଚ୍ଚ ପ୍ରାଥମିକତା। ଏକ ସୁଦୃଢ଼ ନ୍ୟାୟିକ ବ୍ୟବସ୍ଥା ବିକଶିତ ଭାରତର ମୁଖ୍ୟ ଭିତ୍ତିଭୂମି ବୋଲି ଆଜି ସୁପ୍ରିମ୍‌କୋର୍ଟର ହୀରକ ଜୟନ୍ତୀ ଉତ୍ସବକୁ ଉଦ୍‌ଘାଟନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହା କହିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନାଗରିକ - କୈନ୍ଦ୍ରିକ ସୂଚନା ଓ ପ୍ରଯୁକ୍ତି ସମ୍ବନ୍ଧୀୟ ପଦକ୍ଷେପ, ଯଥା : ଡିଜିଟାଲ୍ ସୁପ୍ରିମ୍ କୋର୍ଟ ରିପୋର୍ଟ (ଡିଜି ଏସ୍‌ସିଆର୍), ଡିଜିଟାଲ୍ କୋର୍ଟ ୨.୦ ଏବଂ ସୁପ୍ରିମକୋର୍ଟର ଏକ ନୂଆ ୱେବସାଇଟ୍‌ର ଶୁଭାରମ୍ଭ କରିଛନ୍ତି। ନ୍ୟାୟର ସହଜତା ପ୍ରତ୍ୟେକ ଭାରତୀୟ ନାଗରିକଙ୍କ ଅଧିକାର ଏବଂ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ହେଉଛନ୍ତି ଏହାର ମାଧ୍ୟମ ବୋଲି ପ୍ରଧାନମନ୍ତ୍ରୀ ମୋଦୀ ଆହ୍ୱାନ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ବିକଶିତ ଭାରତର ମୂଳଦୁଆ ଭାବରେ ଏକ ସୁଦୃଢ଼ ନ୍ୟାୟ ବ୍ୟବସ୍ଥାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ଜନ ବିଶ୍ୱାସ ବିଲ୍ ପ୍ରଣୟନକୁ ସଠିକ ଦିଗରେ ଏକ ପଦକ୍ଷେପ ବୋଲି ଦର୍ଶାଇ ଏକ ନିର୍ଭରଯୋଗ୍ୟ ଆଇନଗତ ଡାଞ୍ଚା ସୃଷ୍ଟି କରିବା ନିମନ୍ତେ ସରକାରଙ୍କ ନିରନ୍ତର ପ୍ରୟାସ ଉପରେ ସେ ଆଲୋକପାତ କରିବା ସହ ବିଚାରାଧୀନ ମାମଲା ସଂଖ୍ୟାକୁ ମଧ୍ୟ ହ୍ରାସ କରିବା ସହ ନ୍ୟାୟପାଳିକାର ଅନାବଶ୍ୟକ ଚାପକୁ ଦୂର କରାଯାଇଛି ବୋଲି ମତ ଦେଇଥିଲେ। ଏହି ଅବସରରେ ପ୍ରଧାନ ବିଚାରପତି ଡଃ ଡି. ୱାଇ, ଚନ୍ଦ୍ରଚୂଡ଼, କେନ୍ଦ୍ର ଆଇନ ଓ ନ୍ୟାୟ ମନ୍ତ୍ରୀ ଅର୍ଜୁନ ରାମମେଘୱାଲ, ବିଚାରପତି ଜଷ୍ଟିସ ସଞ୍ଜୀବ ଖାନ୍ନା ଓ ଜଷ୍ଟିସ ଭୂଷଣ ରାମକୃଷ୍ଣ ଗବାଇ, ଆଟର୍ଣ୍ଣି ଜେନେରାଲ୍ ଅଫ୍ ଇଣ୍ଡିଆ ଆର୍ ଭେଙ୍କଟରମଣି, ସୁପ୍ରିମକୋର୍ଟ ବାର୍ ଆସୋସିଏସନ୍‌ର ସଭାପତି ଡ. ଆଦିଶ ସି. ଅଗ୍ରୱାଲ ଏବଂ ବାର୍ କାଉନସିଲ୍ ଅଫ୍ ଇଣ୍ଡିଆର ଅଧ୍ୟକ୍ଷ ମନନ କୁମାର ମିଶ୍ର ଉପସ୍ଥିତ ଥିଲେ।

**ଡିଜିଟାଲ୍ କୋର୍ଟ ୨.୦ ଆରମ୍ଭ**

• ମାଳଦ୍ୱୀପ ସଂସଦରେ ମାରପିଟ୍

## ରାଷ୍ଟ୍ରପତିଙ୍କ କ୍ୟାବିନେଟକୁ ନେଇ ବିରୋଧୀଙ୍କ ହଙ୍ଗାମା

**ମାଲେ, ୨୮।୧ (ଏଜେନ୍ସି):** ମାଳଦ୍ୱୀପ ସଂସଦରେ ରବିବାର ମାରପିଟ ସହିତ ଜୋରଦାର ହଙ୍ଗାମା ହୋଇଛି। ବିରୋଧୀ ଏବଂ ଶାସକ ଦଳର ସାଂସଦ ମୁହାଁମୁହିଁ ହୋଇଛନ୍ତି। ରିପୋର୍ଟ ଅନୁଯାୟୀ ରାଷ୍ଟ୍ରପତି ମହମ୍ମଦ ମୁଇଜୁଙ୍କ କ୍ୟାବିନେଟ ଉପରେ ସଂସଦରେ ମୋହର ବାଜିବାର ଥିଲା। ଏହି ସମୟରେ ବିରୋଧୀ ସଦସ୍ୟ ଗୃହରେ ପ୍ରବେଶ କରିବାକୁ ଲାଗିଥିଲେ। ମାତ୍ର ସୁରକ୍ଷାକର୍ମୀ ସାଂସଦଙ୍କୁ ଅଟକାଇବାକୁ ପ୍ରୟାସ କରିଥିଲେ। କିନ୍ତୁ ଅଧିକାଂଶ ସାଂସଦ ଗୃହ ଭିତରକୁ ପ୍ରବେଶ କରିଥିଲେ। ଏହା ପରେ ବାଚସ୍ପତି ପକ୍ଷପାତ କରୁଥିବା ବିରୋଧୀ ଅଭିଯୋଗ କରିଥିଲେ। ତାଙ୍କ କାନ ପାଖରେ ଲାଉଡସ୍ପିକର ବଜାଇ ଥିଲେ। ଏହାକୁ ଶାସକ ଦଳର ସଦସ୍ୟ ବିରୋଧ କରିଥିଲେ। କିଛି ସମୟ ମଧ୍ୟରେ ଏହା ମାରପିଟରେ ପହଞ୍ଚି ଯାଇଥିଲା। ଏହାର ଭିଡିଓ ଭାଇରାଲ ହେବାରେ ଲାଗିଛି।

• ସଂରକ୍ଷଣ ଉପରେ ୟୁଜିସିର ନୂତନ ଚିଠା ମାର୍ଗଦର୍ଶିକା

## ସଂରକ୍ଷିତ ପ୍ରାର୍ଥୀ ନ ମିଳିଲେ ପଦବୀ ଅସଂରକ୍ଷିତ ରହିବ

**ନୂଆଦିଲ୍ଲୀ,୨୮।୧(ଏଜେନ୍ସି):** ଯଦି ଅନୁସୂଚିତ ଜାତି(ଏସ୍‌ସି) କିମ୍ବା ଅନୁସୂଚିତ ଜନଜାତି (ଏସ୍‌ଟି) କିମ୍ବା ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି) ଶ୍ରେଣୀରେ ପର୍ଯ୍ୟାପ୍ତ ପ୍ରାର୍ଥୀ ଉପଲବ୍ଧ ନ ହୁଅନ୍ତି, ତେବେ ଏହି ବର୍ଗର ସଂରକ୍ଷିତ ପଦବୀ ବାକି ପ୍ରାର୍ଥୀଙ୍କ ପାଇଁ ଅଣ-ସଂରକ୍ଷିତ ଘୋଷିତ କରାଯାଇପାରେ। ଦେଶର ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ଭାରତ ସରକାରଙ୍କ ସଂରକ୍ଷଣ ନୀତିର କାର୍ଯ୍ୟାନ୍ୱୟନ ପାଇଁ ନିର୍ଦ୍ଦେଶାବଳୀ ବର୍ତ୍ତମାନ ହିତାଧିକାରୀଙ୍କ ମତାମତ ପାଇଁ ସାର୍ବଜନୀନ କରାଯାଇଛି। ସଂରକ୍ଷଣ ପ୍ରସଙ୍ଗରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ପକ୍ଷରୁ ଜାରି କରାଯାଇଥିବା ନୂତନ ଚିଠା ମାର୍ଗଦର୍ଶିକାରେ ଏହା କୁହାଯାଇଛି। ତେବେ ଏହି ଚିଠା ମାର୍ଗଦର୍ଶିକାକୁ ଜେଏନ୍‌ୟୁ ଛାତ୍ର ସଂଘ (ଜେଏନଏସୟୁ) ତୀବ୍ର ବିରୋଧ କରିଛି। ସଂଘ ୟୁଜିସି ଅଧ୍ୟକ୍ଷ ଏମ ଜଗଦେଶ କୁମାରଙ୍କ କୁଶପୁତ୍ତଳିକା ଦାହ କରିଛି।

ପ୍ରଚଳିତ ବ୍ୟବସ୍ଥାନୁଯାୟୀ ଏସ୍‌ସି କିମ୍ବା ଏସ୍‌ଟି କିମ୍ବା ଓବିସି ପାଇଁ ସଂରକ୍ଷିତ ଏକ ଖାଲି ପଦବୀ ଏସସି, ଏସ୍‌ଟି କିମ୍ବା ଓବିସି ପ୍ରାର୍ଥୀ ବ୍ୟତୀତ ଅନ୍ୟ କୌଣସି ପ୍ରାର୍ଥୀ ପୂରଣ କରିପାରିବେ ନାହିଁ। ତଥାପି, ବିରଳ ତଥା ଅସାଧାରଣ ମାମଲାରେ ଯେତେବେଳେ ଗ୍ରୁପ ‘ଏ’ ସେବାରେ ଏକ ଖାଲି ପଦବୀକୁ ଜନସାଧାରଣଙ୍କ ସ୍ୱାର୍ଥରେ ଖାଲି ରହିବାକୁ ଦିଆଯାଇପାରିବ ନାହିଁ, ସଂପୃକ୍ତ ବିଶ୍ୱବିଦ୍ୟାଳୟ ନିମ୍ନଲିଖିତ ସୂଚନା ପ୍ରଦାନ କରି ଖାଲି ସ୍ଥାନ ସଂରକ୍ଷଣ ପାଇଁ ଏକ ପ୍ରସ୍ତାବ ପ୍ରସ୍ତୁତ କରିପାରେ। ଗ୍ରୁପ୍ ସି କିମ୍ବା ଡି ମାମଲାରେ ଗ୍ରୁପ ଡି'ର ସଂରକ୍ଷଣ ପାଇଁ ପ୍ରସ୍ତାବ ବିଶ୍ୱବିଦ୍ୟାଳୟର କାର୍ଯ୍ୟନିର୍ବାହୀ ପରିଷଦ ନିକଟକୁ ଯିବା ଉଚିତ। ଗ୍ରୁପ୍ ଏ' କିମ୍ବା ବି' ବର୍ଗର ପଦବୀ ନିମନ୍ତେ ପ୍ରସ୍ତାବକୁ ଆବଶ୍ୟକ ଅନୁମୋଦନ ନିମନ୍ତେ ସମ୍ପୂର୍ଣ୍ଣ ବିବରଣୀ ସହିତ ଶିକ୍ଷା ମନ୍ତ୍ରାଳୟକୁ ପଠାଯିବା ଦରକାର। ଆବଶ୍ୟକ ଅନୁମୋଦନ ପାଇଁ ସମ୍ପୂର୍ଣ୍ଣ ବିବରଣୀ ଶିକ୍ଷା ମନ୍ତ୍ରଣାଳୟ ନିକଟରେ ଦାଖଲ କରାଯିବା ଉଚିତ ବୋଲି ଚିଠା ମାର୍ଗଦର୍ଶିକାରେ କୁହାଯାଇଛି। ମଞ୍ଜୁରୀ ମିଳିବା ପରେ ପଦପୂରଣ କରାଯାଇପାରେ। ପଦୋନ୍ନତି କ୍ଷେତ୍ରରେ, ଯଦି ସଂରକ୍ଷିତ ଖାଲି ପଦବୀ ପାଇଁ ପଦୋନ୍ନତି ପାଇଁ ପର୍ଯ୍ୟାପ୍ତ ସଂଖ୍ୟକ ଏସସି ଏବଂ ଏସଟି ପ୍ରାର୍ଥୀ ଉପଲବ୍ଧ ନ ହୁଅନ୍ତି, ତେବେ ଏହି ପଦବୀଗୁଡିକ ସଂରକ୍ଷିତ ହୋଇ ଅନ୍ୟ ସମ୍ପ୍ରଦାୟର ପ୍ରାର୍ଥୀମାନେ ପୂରଣ କରିପାରିବେ। ଯଦି କିଛି ସର୍ତ୍ତ ପୂରଣ ହୁଏ ତେବେ ଏପରି ପରିସ୍ଥିତିରେ ସଂରକ୍ଷିତ ପଦବୀଗୁଡିକର ସଂରକ୍ଷଣକୁ ଅନୁମୋଦନ କରିବାର କ୍ଷମତା ୟୁଜିସି ଏବଂ ଶିକ୍ଷା ମନ୍ତ୍ରଣାଳୟକୁ ଦାୟିତ୍ୱ ଦିଆଯିବ।

ଗାଇଡଲାଇନରେ କୁହାଯାଇଛି ଯେ, ନିଯୁକ୍ତ କର୍ତ୍ତୃପକ୍ଷ ଏବଂ ଏସ୍‌ସି, ବିଶ୍ୱବିଦ୍ୟାଳୟର ଏସ୍‌ଟି ପାଇଁ ଯୋଗାଯୋଗ ଅଧିକାରୀଙ୍କ ମଧ୍ୟରେ ମତଭେଦ ହେଲେ ପର୍ସନାଲ ଏବଂ ଟ୍ରେନିଂ ବିଭାଗର ପରାମର୍ଶ କ୍ରମେ ଏହାକୁ କାର୍ଯ୍ୟକାରୀ କରାଯାଇପାରେ।






ସକାଳ
THE SAKALA

### ନବମ ଥର ପାଇଁ ମୁଖ୍ୟମନ୍ତ୍ରୀ ହେଲେ ନୀତୀଶ କୁମାର

# ବିଜେପିର ଜିତାପଟ, ଇଣ୍ଡିଆ ମେଣ୍ଟ ଛଟପଟ

କିଏ କହୁଛି 'ପଲ୍‌ଟୁରାମ୍' ତ ପୁଣି ଆଉ କିଏ କହୁଛି 'ରଙ୍ଗବଦଳା ଏଣ୍ଡୁଅ'; ଆଉ କିଏ କହୁଛି 'କୁର୍ସିକୁମାର' ଏବଂ ପୁଣି କଂଗ୍ରେସ ନେତା ଶଶି ଥରୁରଙ୍କ ବିଶେଷ ଅବୋଧ ଇଂରାଜୀ ଭାଷାରେ ସେ 'ସ୍ନୋଲିଗୋଷ୍ଟର' - ଅର୍ଥାତ୍ ଆଦର୍ଶବିହୀନ ଓ ଅନୈତିକ ଦଳବଦଳକାରୀ। ଗତସନ୍ଧ୍ୟାରେ ଏସବୁ ବିଶେଷଣକୁ ଖାତିର ନ କରି ବିହାର ରାଜଧାନୀ ପାଟନାରେ ରେକର୍ଡ ନବମ ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବରେ ଶପଥ ନେଇଛନ୍ତି ବରିଷ୍ଠ ଜେଡିୟୁ ନେତା ନୀତୀଶ କୁମାର। ଗତ ଦୁଇଦିନର ରାଜନୈତିକ ଉଷ୍ଣପ୍ରବାହ ପରେ ନୀତୀଶ କୁମାର ଏନ୍‌ଡିଏ ମେଣ୍ଟ ସହ ମିଶି ନୂତନ ମିଳିତ ସରକାର ଗଠନ କରିଛନ୍ତି। ୨୦୦୫ରୁ ଏ ପର୍ଯ୍ୟନ୍ତ ନୀତୀଶ ବାବୁ ବିହାର ରାଜନୀତିରେ ଏକ ମହାଦ୍ରୁମ ଭାବେ ଉଭା ହୋଇଛନ୍ତି, କେତେବେଳେ ଏନ୍‌ଡିଏ ସପକ୍ଷରେ ତ ଆଉ କେତେବେଳେ ଏନ୍‌ଡିଏ ବିପକ୍ଷରେ।

ଅନ୍ୟପକ୍ଷରେ ଏନ୍‌ଡିଏ ମେଣ୍ଟରୁ ବାହାରି ଯେତେବେଳେ ସେ ଲାଲୁପ୍ରସାଦଙ୍କ ରାଷ୍ଟ୍ରୀୟ ଜନତା ଦଳ(ଆରଜେଡି) ସହିତ ମିଶି ସରକାର ଗଠନ କଲେ, ବିହାରରେ ସେବେଠାରୁ ତାଙ୍କର ଜାତୀୟ ରାଜନୀତିର ଭାବମୂର୍ତ୍ତି ଉଦ୍‌ଭାସିତ ହେଲା ଏକମାତ୍ର ମୋଦୀ ବିରୋଧୀ ନିର୍ଭରଯୋଗ୍ୟ ଜାତୀୟ ସାମ୍ମୁଖ୍ୟ ନେତା ଭାବରେ। ଦିଲ୍ଲୀ ସିଂହାସନରେ ବସିବା ପାଇଁ ତାଙ୍କର ପ୍ରଚ୍ଛନ୍ନ ଅଭିଳାଷ ସମସ୍ତଙ୍କୁ ଜଳଜଳ ଦିଶୁଥିଲା। ରାଜନୈତିକ ରଣନୀତି, କ୍ଷମତା କେନ୍ଦ୍ରରେ ଦୃଢ଼ ଭାବେ ବସି ରହିବାର କୌଶଳ ଏବଂ ସବୁ ବିରୋଧ ଓ କଟୁ ସମାଲୋଚନା ସତ୍ତ୍ୱେ ନୀତୀଶ କୁମାର ରାଜନୈତିକ ଗୋଟି ଚଳାଇବାରେ ଯେଉଁ କୌଶଳ ପ୍ରଦର୍ଶନ କରିଆସିଛନ୍ତି, ତାହା ସାରା ଦେଶର ସାମ୍ପ୍ରତିକ ରାଜନୈତିକ ନେତୃମଣ୍ଡଳୀଙ୍କ ପାଇଁ ଏକ ମାର୍ଗଦର୍ଶିକା କହିଲେ ଭୁଲ୍ ହେବ ନାହିଁ। ଏହି ନୀତୀଶ କୁମାରଙ୍କ ମିଳିତ ମନ୍ତ୍ରିମଣ୍ଡଳକୁ ଏବ ପର୍ଯ୍ୟନ୍ତ ବିଜେପିର ତୁଙ୍ଗ ନେତାମାନେ 'ଜଙ୍ଗଲରାଜ'ର ଆଖ୍ୟା ଦେଇ କ'ଣ ଯେ ଗାଳିମନ୍ଦ ନ ଶୁଣାଇଛନ୍ତି? ଏବେ ସେହି ନୀତୀଶ କୁମାର ଗତକାଲି ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇସାରି ଦୁଇଜଣ ବିଜେପି ନେତାଙ୍କୁ ଉପମୁଖ୍ୟମନ୍ତ୍ରୀ ଭାବେ କ୍ୟାବିନେଟ୍‌ରେ ସାମିଲ୍ କରିଛନ୍ତି। ରାଜନୀତିରେ ରଙ୍ଗ ବଦଳାଇବା ଆଦୌ ବଡ଼ କଥା ନୁହେଁ, ତେବେ ନୀତୀଶ ବାବୁ ଜଣେ ଅଦ୍ଭୁତ ରଙ୍ଗଶିଳ୍ପୀ ଭାବେ ଭାରତୀୟ ରାଜନୈତିକ ପ୍ରେକ୍ଷାପଟ୍ଟରେ ସ୍ମରଣୀୟ ରହିବେ।

ଗତ ସାଧାରଣତନ୍ତ୍ର ଦିବସ ପୂର୍ବସନ୍ଧ୍ୟାରେ କେନ୍ଦ୍ରର ଏନ୍‌ଡିଏ ସରକାର ବିହାରର ଦିବଙ୍ଗତ ସମାଜବାଦୀ ନେତା କର୍ପୁରୀ ଠାକୁରଙ୍କ ପାଇଁ ମରଣୋତ୍ତର 'ଭାରତରତ୍ନ' ସମ୍ମାନ ଘୋଷଣା କରିବା ଘଟଣା ସାରା ଦେଶରେ ଏବଂ ବିଶେଷକରି 'ଇଣ୍ଡିଆ' ମେଣ୍ଟ ଶିବିରରେ ଗୋଟିଏ ବୋମା ବିସ୍ଫୋରଣ ଭାବରେ ପ୍ରଘଟ ହେଲା। ପରିଣାମ ସ୍ୱରୂପ ବିହାର କ୍ଷମତା ରାଜନୀତିରେ ସ୍ଥାନୀୟ ସୁନାମୀ ଲହର ଆସିଲା ତଥା 'ଇଣ୍ଡିଆ' ମେଣ୍ଟ ଜାତୀୟ ସାମ୍ମୁଖ୍ୟରେ ଦୃଢ଼ ଭୂକମ୍ପ ଅନୁଭୂତ ହେଲା। ଅତିପଛୁଆ ବର୍ଗ କଲ୍ୟାଣ ନିମନ୍ତେ ବିହାରରେ ନୀତୀଶ ବାବୁଙ୍କ ମେଣ୍ଟ ସରକାର ଲାଲୁ ଯାଦବଙ୍କ ଦଳ ସହ ଯେଉଁ ପଇଁତରା ଖେଳୁଥିଲେ, ପ୍ରଧାନମନ୍ତ୍ରୀ ମୋଦୀଙ୍କ 'ଭାରତରତ୍ନ' ଘୋଷଣା ସେହି ଖେଳକୁ ନିଶ୍ଚିହ୍ନ କରିଦେଲା। ନୀତୀଶବାବୁ 'ଇଣ୍ଡିଆ' ମେଣ୍ଟର କଚ୍ଛପ ଗତିରେ ତଥା କଂଗ୍ରେସ ଦଳର ଉଚ୍ଚାଭିଳାଷର ଚାପରେ ଅଣନିଃଶ୍ୱାସୀ ହେଉଥିବା ବେଳେ ହଠାତ୍ ତାଙ୍କ ପାଇଁ ନୂଆ ରାସ୍ତାଟିଏ ଖୋଲିଗଲା। ସାପ ମରିବନି କି ବାଡ଼ି ଭାଙ୍ଗିବନି। ନୀତୀଶ କୁମାର ମୁଖ୍ୟମନ୍ତ୍ରୀ ରହିବେ, ଇଣ୍ଡିଆ ମେଣ୍ଟର ସପ୍ତଶଳାକା ବନ୍ଧନରୁ କର୍ପୁରୀ ଠାକୁର-ବ୍ରହ୍ମଶର ମାରି ପ୍ରଧାନମନ୍ତ୍ରୀ ନୀତୀଶ କୁମାରଙ୍କୁ ରାହୁଲ-ମମତା-କେଜ୍ରିଓ୍ୱାଲ୍ ଧୂଆଁବାଣରୁ ରକ୍ଷା କରିଦେଲେ। ଯେଉଁ କୌଶଳକ୍ରମେ ନୀତୀଶ ବାବୁ 'ଇଣ୍ଡିଆ' ମେଣ୍ଟର କୁମ୍ଭୀର ପିଠିରୁ ଡିଆଁ ମାରି ଏନ୍‌ଡିଏ ମେଣ୍ଟର ଜାମୁକୋଳି ଗଛ ଡାଳରେ ଚଢ଼ିଲେ ତାହାର ଅନୁଭୂତି ଅଶୋଭନୀୟ ହେଲେ ମଧ୍ୟ ବେଶ୍ ଆମୋଦପୂର୍ଣ୍ଣ।

ବିହାରରେ ତ କ୍ଷମତା ମଞ୍ଚରେ ନୀତୀଶ ବାବୁ ନାୟକ ରହିଲେ, କେବଳ ଯାହା ଉପନାୟକ ବଦଳିଲେ। କିନ୍ତୁ ସେପଟେ ସବୁଠୁ ବେଶି କ୍ଷତି ସହିଲେ 'ଇଣ୍ଡିଆ' ମେଣ୍ଟର ନେତୃବର୍ଗ। ଏହି ମେଣ୍ଟରେ ସବୁଠାରୁ ଗ୍ରହଣଯୋଗ୍ୟ ନେତା ଭାବେ ଏ ପର୍ଯ୍ୟନ୍ତ ନୀତୀଶ ବାବୁ ହିଁ ଗଣା ଯାଉଥିଲେ। ତାଙ୍କର ପଟ ପରିବର୍ତ୍ତନ ପରେ 'ଇଣ୍ଡିଆ' ମେଣ୍ଟର ଅବସ୍ଥା 'ପୁନର୍ମୂଷିକୋଭବ' କାହାଣୀର ସ୍ମରଣ କରାଉଛି। କେତେକ ପର୍ଯ୍ୟବେକ୍ଷକ ମନ୍ତବ୍ୟ ଦେଉଛନ୍ତି ଯେ ନୀତୀଶବାବୁଙ୍କୁ 'ଇଣ୍ଡିଆ' ମେଣ୍ଟ ଡଙ୍ଗାରୁ ପାଣିକୁ ପେଲି ଦେବା ପାଇଁ ସଫଳ ଉଦ୍ୟମ କରିଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏବଂ ଦିଲ୍ଲୀ ମୁଖ୍ୟମନ୍ତ୍ରୀ କେଜ୍ରିୱାଲ୍। 'ଇଣ୍ଡିଆ' ମେଣ୍ଟର ଗତ ଶିଖର ସମ୍ମିଳନୀରେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼୍‌ଗେଙ୍କୁ ଆଗଭର ହୋଇ 'ଇଣ୍ଡିଆ' ମେଣ୍ଟର ଆବାହକ ଭାବେ ପ୍ରସ୍ତାବ ରଖିଥିଲେ ଏହି ଦୁଇ ମୁଖ୍ୟମନ୍ତ୍ରୀ। କଂଗ୍ରେସ ଦଳ ଦ୍ୱାରା ପ୍ରାୟୋଜିତ ଏହି ପ୍ରସ୍ତାବରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ସବୁଠାରୁ ଅଧିକ ପୀଡ଼ା ପାଇଥିଲେ। ତାଙ୍କର ସମସ୍ତ ଉଚ୍ଚାଭିଳାଷ ଚୂରମାର ହୋଇଯାଇଥିଲା। ସେହିଦିନଠାରୁ ତାଙ୍କର ଏନ୍‌ଡିଏ ମେଣ୍ଟ ସହ ଭିତିରିଆ କଥାବାର୍ତ୍ତା ଆରମ୍ଭ ହୋଇଥିଲା ବୋଲି ଜଣାପଡ଼ିଛି। ଏଠାରେ ଲକ୍ଷ୍ୟ କରିବା କଥା ଯେ ବିହାର ରାଜନୈତିକ ମଞ୍ଚରେ ନୂତନ ନାୟକ ପ୍ରକରଣର ବାସ୍ନା ପାଇଲା ମାତ୍ରେ ଉତ୍ତରପ୍ରଦେଶର ସମାଜବାଦୀ ପାର୍ଟି ନେତା ଅଖିଳେଶ ଯାଦବ କଂଗ୍ରେସ ସହିତ ନିର୍ବାଚନୀ ଆସନ ବଣ୍ଟରା ଘୋଷଣା କରି ଆସନ୍ତା ଲୋକସଭା ନିର୍ବାଚନରେ କଂଗ୍ରେସକୁ ଏଗାରଟି ଆସନ ଛାଡ଼ିବା କଥା କହିଲେ। ନଇଁ ପଡ଼ିଥିବ ଯେତେବେଳେ ବିଧାଟିଏ ମାରିବ ସେତେବେଳେ - ଏହି ନ୍ୟାୟରେ ବୋଧେ ଅଖିଳେଶ ବାବୁ କଂଗ୍ରେସକୁ ତା'ର ଉପଯୁକ୍ତ ସ୍ଥାନ ଦେଖାଇଛନ୍ତି। କଂଗ୍ରେସ କୁଆଡ଼େ ମାଗୁଥିଲା କୋଡ଼ିଏ, ପନ୍ଦରଟି ପାଇଥିଲେ ଖୁସି ହୋଇଥା'ନ୍ତା; କିନ୍ତୁ ଦାତା ଦେଲେ ଏଗାର। ଏଥିରୁ ଯାହା ଜଣାପଡୁଛି 'ଇଣ୍ଡିଆ' ମେଣ୍ଟର ସ୍ୱପ୍ନ ଚୂରମାର। କାରଣ ପଞ୍ଜାବରେ କେଜ୍ରିୱାଲ୍ ଓ ପଶ୍ଚିମ ବଙ୍ଗରେ ମମତା ବାନାର୍ଜୀ କଂଗ୍ରେସକୁ ସାଥୀରେ ନ ନେଇ ନିର୍ବାଚନ ଲଢ଼ିବେ ବୋଲି ଘୋଷଣା କରିଛନ୍ତି।

ଏ ସବୁ ପରେ ଏବେ ରାଜନୈତିକ ପର୍ଯ୍ୟବେକ୍ଷକମାନେ ପ୍ରଶ୍ନ କରୁଛନ୍ତି ଯେ 'ଏନ୍‌ଡିଏ ମେଣ୍ଟକୁ ପୁଣି ଯିବା ବଦଳରେ ବରଂ ମରିଯିବା ଭଲ' ବୋଲି କହିଥିବା ନୀତୀଶ କୁମାର ମାତ୍ର ୧୮ ମାସର ବ୍ୟବଧାନ ପରେ ସେହି ବିଜେପିର ହାତ ଧରିଲେ କେମିତି ଏବଂ ବିଜେପି ପୁଣି ତାଙ୍କୁ ଗ୍ରହଣ କଲା କେମିତି? ତେଣୁ ଆଗାମୀ ଦିନରେ ନୀତୀଶ କୁମାର ବିଜେପି ପାଇଁ କେତେ ଭରସାଯୋଗ୍ୟ ହେବେ? ପାଣିପାଗ ବଦଳିଲେ ନୀତୀଶ ପୁଣି ବିଜେପି ହାତ ଛାଡ଼ିବେ ନାହିଁ ତ? କାରଣ ନୀତୀଶ କୁମାରଙ୍କ ରାଜନୈତିକ ଜୀବନକୁ ତର୍ଜମା କଲେ ଏଭଳି ଦ୍ୱନ୍ଦ୍ୱ ସୃଷ୍ଟି ହେବା ସ୍ୱାଭାବିକ। ୧୯୮୫ରେ ନାଳନ୍ଦାର ହାରନଟ୍ ବିଧାନସଭା ନିର୍ବାଚନ ମଣ୍ଡଳିରୁ ଜନତା ଦଳ ଟିକେଟ୍‌ରେ ପ୍ରଥମ ଥର ପାଇଁ ବିଧାୟକ ରୂପେ ନିର୍ବାଚିତ ହୋଇଥିବା ନୀତୀଶ କୁମାର ଏ ଯାବତ୍ ତିନିଥର ଏନ୍‌ଡିଏ ମେଣ୍ଟରେ ଏବଂ ଦୁଇ ଥର ଆରଜେଡି-କଂଗ୍ରେସ ମେଣ୍ଟରେ ଯୋଗ ଦେଇଛନ୍ତି ଏବଂ ସେଥିରୁ ଓହରି ଯାଇଛନ୍ତି। ଯେଉଁ ମେଣ୍ଟକୁ ଛାଡ଼ିଛନ୍ତି ତାକୁ ନିନ୍ଦା କରିଛନ୍ତି ଏବଂ ପରବର୍ତ୍ତୀ ସମୟରେ ପୁଣି ସେହି ମେଣ୍ଟକୁ ପ୍ରଶଂସା କରିଛନ୍ତି। 'କ୍ଷମତା ରାଜନୀତି'ର ଉଦାହରଣ ଏହାଠାରୁ ବଳି ଆଉ କ'ଣ ଥାଇପାରେ! 'ଇଣ୍ଡିଆ' ମେଣ୍ଟକୁ ଦୁର୍ବଳ କରିବା ପାଇଁ ବିଜେପି ଯେଉଁ ସୁଯୋଗ ଖୋଜୁଥିଲା ତାହା ସେହି ଦଳକୁ ନୀତୀଶ କୁମାର ରୂପରେ ମିଳିଯାଇଛି। ଏଣୁ ନୀତୀଶଙ୍କୁ ଗ୍ରହଣ କରିବାରେ ବିଜେପିର କୌଣସି ଅସୁବିଧା ନାହିଁ। କିନ୍ତୁ ଆସନ୍ତା ନିର୍ବାଚନରେ ନୀତୀଶ କୁମାର ଭୋଟରଙ୍କ ଦ୍ୱାରା ଗ୍ରହଣୀୟ ହେବେ କି ନାହିଁ ତାହାକୁ ନେଇ ରାଜନୈତିକ ପର୍ଯ୍ୟବେକ୍ଷକମାନେ ଅଙ୍କ କଷୁଛନ୍ତି। ଏଥିସହିତ ଭାରତର ଆଞ୍ଚଳିକ ନିର୍ବାଚନୀ ରାଜନୀତି ଇତିହାସରେ ଆଉ ଏକ ଅଧ୍ୟାୟ ଲେଖା ହେବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି।

### ଘୋଷଣା

ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

# ଆଜିର 'ଇ-ଜୀବନ'



ପ୍ରଫେସର ଶ୍ରୀନିବାସ ପାଠୀ
ଆଇଜଲ(ମିଜୋରାମ୍) ମୋ: ୯୪୩୬୧୫୧୧୩୧

କଥାରେ ଅଛି, ପରିବର୍ତ୍ତନ ହିଁ ସ୍ଥିର ଓ ନିତ୍ୟ। ଏହି କଥାକୁ ଆମେ ଗ୍ରହଣ କରୁ କି ନ କରୁ ଏହା ସତ୍ୟ, ବାସ୍ତବ, ଆଉ ଚିରନ୍ତନ। ଅନେକ ଶତାବ୍ଦୀ ଧରି ଏହି ଧାରା ଚାଲି ଆସିଛି। କିନ୍ତୁ ବିଂଶ ଶତାବ୍ଦୀର ଶେଷ ଭାଗରେ ତଥା ଏକବିଂଶ ଶତାବ୍ଦୀର ପ୍ରାରମ୍ଭ କାଳରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ଯେଉଁ ପରିବର୍ତ୍ତନ ଆସିଛି, ତାହା ବୋଧହୁଏ ମାନବ ଇତିହାସ ପରିପ୍ରେକ୍ଷୀରେ ଅଚିନ୍ତନୀୟ। ଜନଜୀବନର ଏମିତି କୌଣସି ଦିଗ ନାହିଁ, ଯାହା 'ସୂଚନା-ଯୋଗାଯୋଗ-ପ୍ରଯୁକ୍ତି ବିଦ୍ୟା' ଅବା 'ଇଲେକ୍‌ଟ୍ରୋନିକ୍' (ସଂକ୍ଷେପରେ 'ଇ') ମାଧ୍ୟମ ଦ୍ୱାରା ପ୍ରଭାବିତ ନୁହେଁ। ଅର୍ଥାତ ଆଜିର ଜୀବନକୁ 'ଇ- ଜୀବନ' ବୋଲି ଅଭିହିତ କରାଯାଇପାରେ।

ଆମ ନିଜ ଜୀବନ, ପରିବାର, ବନ୍ଧୁ ପରିଜନ, ସାଙ୍ଗ, ସାଥୀ, ପଡ଼ୋଶୀ, କର୍ମସ୍ଥ, ଗାଁ, ସହର, ଜିଲ୍ଲା, ରାଜ୍ୟ, ଦେଶ କଥା ତ ରହିଛି। ଅତି ସାଧାରଣ ଯୋଗାଯୋଗ ଓ ମତ ବିନିମୟ ପାଇଁ ସିଧାସଳଖ କଥାବାର୍ତ୍ତା ବଦଳରେ ମୋବାଇଲ ଫୋନ୍ ମାଧ୍ୟମ ହୋଇଯାଇଛି। ଇଚ୍ଛା ଥାଉ କି ନ ଥାଉ କମ୍ପ୍ୟୁଟର, ଇଣ୍ଟରନେଟ୍ ଓ ମୋବାଇଲ୍ ଫୋନ୍ ସଙ୍ଗେ ମଣିଷ ଯୋଡ଼ି ହୋଇଯାଉଛି। ଏହି ତିନୋଟି ମଧ୍ୟରୁ ଆମେ ଯଦି କେବଳ ମୋବାଇଲକୁ ଆଧାର କରି ଆଲୋଚନା କରିବା, ତେବେ ମଧ୍ୟ ଆମ 'ଇ-ଜୀବନ' ବିଷୟରେ ସବିଶେଷ ଜାଣିପାରିବା। ଅବଶ୍ୟ କିଛିବର୍ଷ ଆଗରୁ ଆମେ କେବଳ କଥାବାର୍ତ୍ତା ପାଇଁ ବ୍ୟବହାର କରୁଥିବା ଛୋଟ ଓ ପ୍ରାରମ୍ଭିକ ମୋବାଇଲ ଫୋନ୍ କଥା ନୁହେଁ। ଗତ ଦୁଇ ଦଶନ୍ଧି ମଧ୍ୟରେ ଦ୍ରୁତ ପରିବର୍ତ୍ତନଶୀଳ ବୁଦ୍ଧିମାନ, ଚତୁର, ହୁସିଆର, ଆକର୍ଷକ ବା ସ୍ମାର୍ଟ ମୋବାଇଲ ଫୋନ୍ ହିଁ ଏକମାତ୍ର ଯନ୍ତ୍ର ଅବା ମାଧ୍ୟମ, ଯାହା ଆମ ସମସ୍ତଙ୍କ ପାଇଁ ଜୀବନ ଭଳି ଓ ସ୍ଥଳବିଶେଷରେ ଜୀବନଠାରୁ ଅଧିକ ମୂଲ୍ୟବାନ ହୋଇଯାଇଛି।

ହାତ ପାହାନ୍ତାରେ ନୁହେଁ, ବରଂ ହାତରେ ସବୁକିଛି ପାଇବା ଆଶା ସ୍ୱପ୍ନ ନ ହୋଇ ବାସ୍ତବତାରେ ପରିଣତ ହୋଇଛି। ଆମ 'ଇ-ଜୀବନ'ରେ ବିଶ୍ୱକୁ ଗବାକ୍ଷରେ ନୁହେଁ, ବିଶ୍ୱବ୍ରହ୍ମାଣ୍ଡକୁ ହାତ ପାପୁଲିରେ ରଖିପାରିଛେ। ସ୍ମାର୍ଟ ଫୋନ୍‌ରେ କଥାବର୍ତ୍ତା ହେବା, ପରସ୍ପରକୁ ଦେଖିପାରିବା ଅବା ବାର୍ତ୍ତା ଆଦାନ ପ୍ରଦାନ ସତେଯେମିତି ଅତି ସାଧାରଣ ଅବା ଗୌଣ ହୋଇ ଯାଇଥିବା ସମୟରେ ହଜାର ହଜାର ନିତ୍ୟ ନୂତନ ବ୍ୟବହାର ଆମକୁ ଚକିତ କରିଛି।

ସେଦିନ ଜଣେ ବନ୍ଧୁ କଥା ପ୍ରସଙ୍ଗରେ



କହୁଥିଲେ, କିଣାବିକା, ପ୍ରଚାର, ପ୍ରସାର, ବିଜ୍ଞାପନ, ମନୋରଞ୍ଜନ, ଧର୍ମ, ଆଧ୍ୟାତ୍ମିକତା, ପାଠଶାଠ, ଯୋଗ, ପ୍ରାଣାୟାମ, ବ୍ୟାୟାମ, ନାଚଗୀତ, ଚଳଚ୍ଚିତ୍ର, ବ୍ୟାଙ୍କ, ବୀମା, ଚାଷବାସ, ଡାକ୍ତରୀ ପରାମର୍ଶ, ବିବାହମେଳକ, ନିମନ୍ତ୍ରଣ, ପୁରସ୍କାର, ତିରସ୍କାର, ଖବରକାଗଜ, ରେଡିଓ, ଟେଲିଭିଜନ, ଫଟୋ, ରେକର୍ଡିଙ୍ଗ, ସିଧାପ୍ରସାରଣ, ପରୀକ୍ଷା, ଅଫିସ୍ କାର୍ଯ୍ୟ ଆଦି ଆମ ଦିନଚର୍ଯ୍ୟା ଓ ଜନଜୀବନର ଯେତେସବୁ ଆବଶ୍ୟକତା ରହିଛି, ସେ ସବୁ ତଥା ଆମ ଚିନ୍ତାଶକ୍ତିର ବାହାରେ ଥିବା ଆଉରି ଅନେକ କଥା ମଧ୍ୟ ମୋବାଇଲ୍ ମାଧ୍ୟମରେ ହିଁ ସାଧିତ ହୋଇପାରିଛି।

ସକାରାତ୍ମକ ଦିଗ ପ୍ରତି ଦୃଷ୍ଟି ଦେଲେ ସ୍ମାର୍ଟ ଫୋନ୍‌ର ଭଲକାମ ଓ ସୁ ପ୍ରଭାବର ଏକ ଲମ୍ବା ତାଲିକାଟିଏ ହେବ। ଘରେ ବସି ହାତରେ ସ୍ମାର୍ଟ ମୋବାଇଲ୍ ଥିଲେ, ଅନେକ କିଛି ପାଇପାରିବା ଓ ଦେଇପାରିବା। ସରକାରୀ ଯୋଜନାର ସୁଫଳ ବିନା ମଧ୍ୟସ୍ଥିରେ ସାଧାରଣ ଜନତାଙ୍କ ନିକଟରେ ପହଞ୍ଚିପାରୁଛି। ପେନ୍‌ସନ୍, ଭତ୍ତା, ଅନ୍ୟାନ୍ୟ ପାଉଣା ମିଳିପାରୁଛି, ଆଉ ସେ ସମ୍ପର୍କରେ ସୂଚନା ମଧ୍ୟ। ବିକାଶର ଯାତ୍ରାପଥରେ ଅନୀତି ଦୁର୍ନୀତିକୁ ହ୍ରାସ କରିବା ସହଜସାଧ୍ୟ ହୋଇଛି।

ବୋଧହୁଏ ପଚାଶ ବର୍ଷ ପୂର୍ବର କଥା। ପ୍ରବନ୍ଧ ପ୍ରତିଯୋଗିତାର ବିଷୟ ଥିଲା- 'ବିଜ୍ଞାନ: ବରଦାନ ନା ଅଭିଶାପ'। ଆଜିକାଲି ଏହା ଏକ ଆଲୋଚ୍ୟ ପ୍ରସଙ୍ଗ ଭାବରେ ଅଛି କି ନାହିଁ ବିଚାର କରିବାକୁ ହେବ। କାରଣ କେବଳ ଭଲ-ମନ୍ଦ, ଲାଭ-କ୍ଷତି, ବା ଗ୍ରହଣୀୟ-ପରିତ୍ୟଜ୍ୟ ଭଳି ଦୁଇଟି ବିପରୀତ ଧର୍ମୀ ଧାରା ଅବା ସମାନ୍ତରାଳ ଚିନ୍ତନଠାରୁ ବହୁ ଊର୍ଦ୍ଧ୍ୱରେ ଆଜିର 'ଇ-ଜୀବନ' ଅଡୁଆ ସୂତାର ଖିଅ। ବୁଢ଼ିଆଣୀ ଜାଲ, କି ଚାବି ହଜିଯାଇଥିବା କୁହୁକପେଡ଼ିଠାରୁ ମଧ୍ୟ ଅଧିକ ଜଟିଳ।

ଯଦି ଇଣ୍ଟରନେଟ୍ ସଂଯୋଗ କୌଣସି କାରଣରୁ ବ୍ୟାହତ ହୁଏ; ଆମକୁ ସେହି ସେବା ଯୋଗାଇ ଦେଉଥିବା ସଂସ୍ଥାରେ କୌଣସି ଯାନ୍ତ୍ରିକ ତ୍ରୁଟି ଦେଖାଦିଏ, ବିଶ୍ୱର କୌଣସି ଏକ ଅଞ୍ଚଳରେ, କେତେକ ଦେଶରେ ବା ଆମ ଦେଶରେ ଏହି ସେବାରେ ବ୍ୟାଘାତ ସୃଷ୍ଟି ହୁଏ ବା ଜାଣିଶୁଣି କରାଯାଏ; ଅବା ବିଦ୍ୟୁତ ସରବରାହ ଭଳି ମୌଳିକ ସେବା ମିଳେ ନାହିଁ, ତେବେ ମୋବାଇଲ ଏବଂ ତା'ଉପରେ ନିର୍ଭରଶୀଳ ଆମ 'ଇ- ଜୀବନ'ରେ ଅପରାହ୍ନର ଅନ୍ଧକାର ଆସେ।

ଆମ ମୋବାଇଲ୍‌ଟି ଭାଙ୍ଗି ଗଲେ କି ଅଚଳ ହୋଇଗଲେ ଆଉ ଗୋଟିଏ କିଣି ପ୍ରଯୁକ୍ତି ବିଦ୍ୟା ସାହାଯ୍ୟରେ ସେହି ନୂଆ ଯନ୍ତ୍ର ବ୍ୟବହାର କରାଯାଇପାରେ। କିନ୍ତୁ କେତେଗୁଡ଼ିଏ ବ୍ୟାବାହାରିକ ସମସ୍ୟାର ସମ୍ମୁଖୀନ ହେବାକୁ ଆମେ ପ୍ରାୟତଃ ବାଧ୍ୟ। ହେଲେ ମୋବାଇଲଟି ହଜିଗଲେ, ଚୋରୀ ହୋଇଗଲେ, ଆମ ହାତରେ ଥାଇ ମଧ୍ୟ ଏହାକୁ ଖଳ ପ୍ରକୃତିର ତତ୍ତ୍ୱ ଯାନ୍ତ୍ରିକ ହରଣ ଚାଲ୍ କଲେ; ଅବା ଆମେ ଅଜାଣତରେ କି ଲୋଭବଶତଃ ନିଜ ମୋବାଇଲ୍‌କୁ ଆଉ କାହାର ଯାନ୍ତ୍ରିକ କୁ-ପରିଚାଳନା ପାଇଁ ଦେଲେ କଥା ସରିଲା। ଟଙ୍କା ପଇସା, ମାନ ସମ୍ମାନ ଓ ବ୍ୟକ୍ତିଗତ ତଥ୍ୟ ସବୁକିଛି ଗୋଟିଏ ମୁହୂର୍ତ୍ତରେ ଶେଷ ହୋଇଯିବ ଅବା ଦୁରୁପଯୋଗ ହେବ। ଥାନା, ପୁଲିସ୍, କୋର୍ଟ କଚେରୀ ଓ ହାକିମଙ୍କ କଥା ପରେ ଆସିବ। ବୋଝ ଉପରେ ନଳିତା ବିଡ଼ା। ଅର୍ଥହାନି, ଶରୀର ପୀଡ଼ା, ମନସ୍ତାପ, ମାନସିକ ଚାପ ଆଉ ବିନା ଦୋଷରେ ଦୋଷୀ ହୋଇ ଲୋକଲଜ୍ଜା କଥା ନ କହିଲେ ଭଲ। ଏହା ଆମ ସରଳ ଜୀବନର ଜଟିଳତମ ଚକ୍ରବ୍ୟୂହ।

ଏ ପର୍ଯ୍ୟନ୍ତ ଜାଣିଶୁଣି ବୁଝିବିଚାରି ଗୋଟିଏ ପ୍ରମୁଖ ପ୍ରସଙ୍ଗ ଆଲୋଚନା କରାଯାଇନାହିଁ। କାରଣ ତାହା ସାମାଜିକ ଗଣମାଧ୍ୟମ ବା ସୋସିଆଲ୍ ମିଡିଆ କଥା। ଏହା ଅନ୍ଧଗଳିରେ ଅମୁହାଁ ଦେଉଳ। ତଣ୍ଟିରେ ଲାଗିଥିବା କଣ୍ଟା, ଯାହା ଗିଳି ହେବ ନାହିଁ କି ସହଜରେ ବାହାର କରିହେବ ନାହିଁ। ଭାତ ହାଣ୍ଡିରୁ ଗୋଟିଏ ଦାନା ନେବା, 'ଶୁଭ ସକାଳ' ଜଣାଇବା ପାଇଁ ବ୍ୟବହୃତ ମାଧ୍ୟମଟି ସାମାନ୍ୟ ଭଲ କଥା ସହିତ ଏତେ ଅଧିକ ଅଶୁଭ ବାର୍ତ୍ତା। ଅସହ୍ୟ କଥା ଓ ଚିତ୍ର, ତଥା କଞ୍ଚା ମିଛର ଦୈନିକ ହାଟ ପାଲଟିଯାଇଛି। 'ଇ-ଜୀବନ' ଯୁଦ୍ଧରେ ଏବେ ବ୍ୟବହାର କରାଯାଉଥିବା ସଦ୍ୟତମ ଅଦୃଶ୍ୟ ଅସ୍ତ୍ର 'ଏ-ଆଇ' ବା 'କୃତ୍ରିମ ବୁଦ୍ଧିମତା' ଏତେ ଶକ୍ତିଶାଳୀ ଯେ ଏଇ ଲେଖାଟି ଲେଖିବା ସମୟରେ ନିଜ ମୋବାଇଲ୍‌କୁ ମୁହଁ ଓଲଟାଇ ଟିକେ ଦୂରରେ ରଖିଛି। ଅବଶ୍ୟ ଏକଥା ମଧ୍ୟ ନିରାଟ ସତ୍ୟ ଯେ ଲେଖିସାରିବା ପରେ ତତ୍‌କ୍ଷଣାତ ପ୍ରେରଣା ପାଇଁ ସେଇ ମୋବାଇଲ୍‌ର ହିଁ ସାହାଯ୍ୟ ନେବାକୁ ହେବ।

# ଗଣତନ୍ତ୍ରରେ ଜନତା ଜନାର୍ଦ୍ଦନ!



ବିରଜା ମହାପାତ୍ର
ନୂଆଦିଲ୍ଲୀ, ମୋ: ୯୮୧୦୯୩୫୫୨୬



ସ୍ୱାଧୀନୋତ୍ତର ଭାରତରେ ସମ୍ବିଧାନ ଶାସନର ୭୪ ବର୍ଷ ପୂର୍ତ୍ତି ହେଲା। ଦିଲ୍ଲୀର ରାଜପଥରେ ଗଣତନ୍ତ୍ର ଦିବସର ବିଶେଷ ପ୍ୟାରେଡରେ ସବୁବର୍ଷ ପରି ପ୍ରଦର୍ଶିତ ହେଲା ଗତ ସାତ ଦଶନ୍ଧିରେ ଭାରତର ମୁଖ୍ୟ ଉପଲବ୍ଧି ସବୁର ଝଲକ। ଆମର ପ୍ରତିରକ୍ଷା ପ୍ରସ୍ତୁତିର ପ୍ରାମାଣିକତା। ଆମର ଚଉସ୍ତରି ବର୍ଷର ଭାରତୀୟ ସାଧାରଣତନ୍ତ୍ରର ଉପଲବ୍ଧି ଉପରେ ସ୍ମୃତି ରୋମନ୍ଥନ କରିବାର ଏବଂ ଆଗାମୀ ଦିନ ପାଇଁ ସ୍ୱପ୍ନ ଦେଖିବାର ଅପୂର୍ବ ସୁଯୋଗ ମଧ୍ୟ ଆସିଲା। କାରଣ ମାତ୍ର କେଇମାସ ପରେ ଭାରତର ଲୋକସଭା ସାଧାରଣ ନିର୍ବାଚନର ପାଳି। ଏଥର ଓଡ଼ିଶା ଓ ଅନ୍ୟ ପାଞ୍ଚଟି ରାଜ୍ୟ ବିଧାନସଭା ପାଇଁ ବି ନିର୍ବାଚନର ସମୟ ପାଖେଇଛି। ସାଧାରଣ ଭୋଟରମାନଙ୍କ ଉପରେ ପୁଣି ଗୁରୁଦାୟିତ୍ୱ! ଭାରତୀୟ ଭୋଟର ଯେତେ ପୋଖତ ବୋଲି କହିଲେ ମଧ୍ୟ ଆମକୁ ବିଚାରକୁ ନେବାକୁ ପଡ଼ିବ ଆଜିର ରାଜନୀତିର ବାସ୍ତବତାକୁ! ରାଷ୍ଟ୍ର ସର୍ବୋପରି ବୋଲି ଖାଲି କହିଦେଲେ ହେବନାହିଁ। ଜନମତ ପର୍ଯ୍ୟବେକ୍ଷକମାନଙ୍କୁ ବିଶ୍ଳେଷଣ କରିବା ପାଇଁ ହେବ ଆଜି ଦେଶର ସ୍ଥିତି, ନାଗରିକଙ୍କ ମନୋବୃତ୍ତି, ନିର୍ବାଚନୀ ରାଜନୀତିର ତ୍ରୁଟିବିଚ୍ୟୁତି ଓ ଏହାର ନିରାକରଣ ଆଦିର ସମ୍ଭାବନା। ଆଜିର ଅନ୍ତର୍ଜାତୀୟ ବ୍ୟବସ୍ଥା, ନିର୍ଭରଶୀଳ ବିଶ୍ୱ ଅର୍ଥନୀତି, ଭୂ-ରାଜନୀତି ଓ ଡିଜିଟାଲ ଗଣମାଧ୍ୟମର କ୍ରମବର୍ଦ୍ଧିଷ୍ଣୁ ନକାରାତ୍ମକ ଚାପ ଆଦି କାରକଗୁଡ଼ିକୁ ମଧ୍ୟ ବିଚାରକୁ ନେବାକୁ ହେବ। ତୃତୀୟ ବିଶ୍ୱର ବିକାଶଶୀଳ ରାଷ୍ଟ୍ର ଭାବେ ଭାରତର ସାମ୍ପ୍ରତିକ ସ୍ଥିତି ମଧ୍ୟ ଆମର ବିଶାଳ ଜନସଂଖ୍ୟାର ଜନାଦେଶ ସଂଗ୍ରହ ପ୍ରକରଣରେ ଏକ ଜଟିଳ ପ୍ରକ୍ରିୟା। ତେବେ ଏକ ସକାରାତ୍ମକ ବାତାବରଣରେ ନିରପେକ୍ଷ ଓ ଭୟମୁକ୍ତ ନିର୍ବାଚନର ସଫଳତା ପାଇଁ ଉତ୍ତମ ନାଗରିକତାର ଚରମ ଆବଶ୍ୟକତା ରହିଛି।

ଯୁଗ ବଦଳିଛି। ସ୍ୱାଧୀନତା ପୂର୍ବସମୟର ଡିବିରୀ ବତି, ଶଗଡ଼, ଢିଙ୍କି, ପିଢ଼ା, ଚଟ, ମସିଣା, ସିଲଟ ଖଡ଼ି, ତାଳପତ୍ର ପୋଥି, ଭୋଗେଇ, ଟୋକେଇ ଆଦି ଆଜି ସଂଗ୍ରହାଳୟ ସାମଗ୍ରୀ ହେଇଆସିଲାଣି। ବିଜୁଳି ଆଲୁଅ ଆମ ଅନ୍ଧକାର ଦୂରେଇଛି। ଡାକ୍ତରଖାନା ଓ ବିସ୍ତୃତ ସ୍ୱାସ୍ଥ୍ୟ ବ୍ୟବସ୍ଥା ଆମ ଜାତୀୟ ମୃତ୍ୟୁ ହାର କମେଇଛି। ଶିକ୍ଷାର ପ୍ରସାରିତ ଭିତ୍ତିକ୍ଷେତ୍ର ଆମ ଜ୍ଞାନକୌଶଳ ହାସଲରେ ଉତ୍କର୍ଷ ଆଣୁଛି। ଯୋଗାଯୋଗ, ଗମନାଗମନ ଓ ମନୋରଞ୍ଜନ ଆଦି ବିଭିନ୍ନ କ୍ଷେତ୍ରରେ ବିକାଶର ବିପ୍ଳବ ଆସିଛି। ଆମ ସମ୍ବିଧାନ ଶାସନର ଗୋଟିଏ ସବୁଠାରୁ ବଡ଼ ସଫଳତା ହେଉଛି ଆମ ଦେଶରେ ଅସ୍ପୃଶ୍ୟତା ଲୋପ ପାଇଯାଇଛି। ସମ୍ବିଧାନର ଧାରା ୧୭ ଅନୁଯାୟୀ ଅସ୍ପୃଶ୍ୟତା ଏକ ଦଣ୍ଡନୀୟ ଅପରାଧ ଭାବେ ପରିଗଣିତ ଓ ଏଥିପାଇଁ ଅସଂଖ୍ୟ ଦଣ୍ଡିତ ମଧ୍ୟ ହେଇଛନ୍ତି। ତେବେ ସାମାଜିକ ଐକ୍ୟ ଓ ସମରସତ୍ତା କ୍ଷେତ୍ରରେ ଦେଶରେ ବେଶ୍ ଆଖିଦୃଶିଆ ପ୍ରଗତି ହୋଇଛି!

ଏ ସବୁର ସଫଳତା କେବଳ ସରକାରଙ୍କର ବୋଲି କହିଲେ ଠିକ ହେବନି। ଗଣତନ୍ତ୍ରରେ ଏ ସବୁର ଶ୍ରେୟ ଯିବ ଜନତାଙ୍କ ପାଖକୁ। ଅର୍ଥାତ ଗୋଟିଏ ଗଣତନ୍ତ୍ରରେ ସୁସ୍ଥ ଓ ସଚେତନ ନାଗରିକତା ହିଁ ଦେଶକୁ ସୁଷମ ବିକାଶ ପଥରେ ଆଗେଇ ନେବାକୁ ସାହାଯ୍ୟ କରେ। ସୁସ୍ଥ ଓ ଦେଶମନସ୍କ ନାଗରିକତା ହିଁ ସମୃଦ୍ଧ ଗଣତନ୍ତ୍ରର ମୂଳଦୁଆ।

ଆଜି ରାଜତନ୍ତ୍ର ଇତିହାସ ହେଇସାରିଛି। ଆମେ ଛୋଟ ଛୋଟ ବିଭାଜିତ ଗଡ଼ଜାତ ରାଜ୍ୟ ସବୁ ମିଶିକରି ଗଢ଼ିଲେ ନୂତନ ଭାରତ ଦେଶ। ସ୍ୱାଧୀନତା ପୂର୍ବରୁ ଜନତା ଥିଲେ ପ୍ରଜା। ଆଜି ସେମାନେ ହିଁ ଦେଶର ପ୍ରକୃତ ମାଲିକ। ଆଜି ସେଇ 'ମାଲିକ'ମାନଙ୍କ ପାଇଁ ଆହ୍ୱାନ କେମିତି ସେମାନେ ନିର୍ବାଚିତ କରିବେ ନିଜ ଜନପ୍ରତିନିଧି। ଏଥର ଦେଶରେ ୫୪୩ ଲୋକସଭା ଆସନ ଓ ଛଅଟି ରାଜ୍ୟ ବିଧାନସଭା ପାଇଁ ଏକ ସମୟରେ ମତଦାନ ହେବ।

ସମ୍ବିଧାନର ଧାରା ୩୨୬ ଅନୁଯାୟୀ ଏ ଦେଶର ସ୍ୱାଧୀନ ନାଗରିକମାନଙ୍କ ହାତରେ ବିନା ଭୟ ବା ବିନା ପ୍ରଲୋଭନରେ ସରକାର ଗଢ଼ିବା ପାଇଁ ମତଦାନର ଅଧିକାର ମିଳିଛି। ସେଇ ଅଧିକାରଟି ଏକ ପବିତ୍ର ସାମ୍ବିଧାନିକ ଓ ଗଣତାନ୍ତ୍ରିକ ଅଧିକାର। ସେଇଟି ଦେଶ ଗଠନର ଅସଲି କ୍ଷମତା। ଦେଶ ଗୋଟିଏ ଘର। ଘରଟି ସରସ ସୁନ୍ଦର କରିବାରେ ପରିବାର ସଦସ୍ୟଙ୍କର ଯେମିତି ଭୂମିକା ଅଛି, ଦେଶ ଗଢ଼ିବାରେ ସେମିତି ଦାୟିତ୍ୱ ମତଦାତା ନାଗରିକଙ୍କର। ସଚେତନ ତଥା ଦାୟିତ୍ୱବାନ ନାଗରିକଙ୍କ ପାଇଁ ଏହି ଅଧିକାର ସାବ୍ୟସ୍ତ କରିବା ଏକ ଜାତୀୟ ନୈତିକ ଚେତନାର ପ୍ରସଙ୍ଗ।

ଏହି ନୈତିକ ଚେତନାକୁ ଅନେକ ସମୟରେ ପଙ୍ଗୁ କରିଦିଏ ଜାତି, ସମ୍ପ୍ରଦାୟ ଓ ଧର୍ମନେଇ ପରିଚୟ-ବିତର୍କର ପ୍ରଭାବ, ଅର୍ଥ ପ୍ରଲୋଭନ, ମଦ, ଆତଙ୍କ ଓ ପୂର୍ବର ଭୋଟ ବାକ୍ସ ଅପହରଣ ପ୍ରସଙ୍ଗ ଇତ୍ୟାଦି। ଏଇ ନୈତିକ ଚେତନାକୁ ମଧ୍ୟ ପ୍ରଭାବିତ କରେ ଅନ୍ଧ ଭାବରେ ବ୍ୟକ୍ତି-ପୂଜନ ଓ ପରିବାରବାଦ ପ୍ରସଙ୍ଗ ଆଦି ନକାରାତ୍ମକ ପ୍ରକରଣ। ଅନ୍ୟପକ୍ଷରେ ଗାନ୍ଧୀ, ଗୋପବନ୍ଧୁଙ୍କ ଭଳି ଯୁଗପୁରୁଷ ନିଜ ସମୟର ଜନନାୟକ ହୋଇ ଦେଶ ଓ ରାଷ୍ଟ୍ରକୁ ସାମୂହିକ ଉତ୍ଥାନ ପଥରେ ବାଟ କଢ଼ାଇ ନିଅନ୍ତି! ଗଣତନ୍ତ୍ରର ମର୍ଯ୍ୟାଦାକୁ ଉନ୍ନୀତ କରିଦିଅନ୍ତି ଅନନ୍ୟ ସ୍ତରକୁ! ରାଷ୍ଟ୍ର ଭାବନା ଦୃଢ଼ୀଭୂତ ହୁଏ। ଗଣତନ୍ତ୍ରର ଅସଲି ପରାକାଷ୍ଠା ଉପଲବ୍ଧି ହୁଏ!

ସାମ୍ବିଧାନିକ ଖସଡ଼ା ଅନୁଯାୟୀ ନିର୍ବାଚିତ ଲୋକ ପ୍ରତିନିଧିଗଣ ନିଜର ନେତା ଚୟନ କରନ୍ତି। ଏ ଦୃଷ୍ଟିରୁ ସାଂସଦ ଓ ପ୍ରଧାନମନ୍ତ୍ରୀ - ଉଭୟ ସମାନ ପଦ ମର୍ଯ୍ୟାଦାର ଅଧିକାରୀ। ସ୍ୱାଧୀନତା ପରେ ଜବାହାରଲାଲ ନେହେରୁ ତାଙ୍କ ମନ୍ତ୍ରିମଣ୍ଡଳରେ ତାଙ୍କର ସମାଲୋଚକ ବି ଆର ଆମ୍ବେଦକର, ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଓ ଶ୍ୟାମାପ୍ରସାଦ ମୁଖର୍ଜୀଙ୍କୁ ସାମିଲ କରିଥିଲେ। ଆଜି ପ୍ରମୁଖ ରାଜନୈତିକ ଦଳମାନଙ୍କ ଭିତରେ ଅସହିଷ୍ଣୁ ଭାବ ଦେଖାଯାଉଛି। ଦେଶହିତ ବିଷୟ ନିରନ୍ତର ଚିନ୍ତନ କରୁଥିବା ଲୋକେ ଓ ସମୀକ୍ଷକ ଏହା ନେଇ ନିଶ୍ଚିତ ଚିନ୍ତିତ ଜଣା ପଡୁଛନ୍ତି।

ସ୍ୱାଧୀନ ଭାରତର ଜନଗଣଙ୍କ ଦ୍ୱାରା ଗଠିତ ଶାସନତନ୍ତ୍ର ବ୍ୟବସ୍ଥା ୭୫ ବର୍ଷରେ ପଦାର୍ପଣ କରିଥିଲେ ହେଁ ଏହାର ସବୁଠାରୁ ବଡ଼ ବିଡ଼ମ୍ବନା ହେଉଛି ସେହି ଗଣଙ୍କ ମଧ୍ୟରୁ ଅଶୀ କୋଟି ଦରିଦ୍ର। ସେମାନଙ୍କୁ ଆଜି ମଧ୍ୟ ମାଗଣା ଖାଇବା ଜିନିଷ ଯୋଗାଇବାକୁ ପଡୁଛି। ବେକାରଙ୍କ ସଂଖ୍ୟା ପ୍ରାୟ ଆଠ ପ୍ରତିଶତ। ୨୫ ଶତାଂଶ ଲୋକ ନିରକ୍ଷର। ଏଣୁ ଆଜି ଲୋକପ୍ରତିନିଧିଙ୍କ ନିକଟରେ ଦୁଇଟି ଗୁରୁଦାୟିତ୍ୱ। ତାଙ୍କ ପାଖରେ ରହିବା ଦରକାର ନିଜ ଅଞ୍ଚଳର ସମସ୍ୟାକୁ ନେଇ ସଂସଦରେ ଉପସ୍ଥାପିତ କରିବାର ସାମର୍ଥ୍ୟ ଓ ଦେଶ ଗଠନରେ ନିରନ୍ତର ପ୍ରକ୍ରିୟାରେ ସକ୍ରିୟ ଭୂମିକା ନିଭେଇବାର ଶକ୍ତି।

ସ୍ୱାଧୀନତା ପରେ ସିନା ସମ୍ବିଧାନ ଆଣିଛି ଗଣତନ୍ତ୍ର। କିନ୍ତୁ ଗଣତନ୍ତ୍ରକୁ ଯାହା ଦୁର୍ବଳ କରେ ତାହା ହେଲା ଦଳୀୟ ରାଜନୀତି ଓ କ୍ଷମତା ହାସଲର ଅଭିସନ୍ଧି। ଜନଗଣଙ୍କ ମତର ଧ୍ରୁବୀକରଣ ଓ ବାହୁବଳୀମାନଙ୍କ ଦ୍ୱାରା ମତଦାନ ପ୍ରକ୍ରିୟାର ଦୂଷିତକରଣ ଗଣତନ୍ତ୍ରର ଆଉ ଏକ ବିଡ଼ମ୍ବନା। ଆମେ ଆଶା କରିବା ଆଗକୁ ବିଜ୍ଞ ଲୋକେ ସେମାନଙ୍କ ପ୍ରଭାବୀ ଭୂମିକା ନିର୍ବାହ କରିବେ। ଭଲ ଜନପ୍ରତିନିଧି ବାଛିବେ, ଯାହା ଜାତି, ଧର୍ମ, ଧନ ଓ ବାହୁବଳ ଆଧାରରେ ହେଇନଥିବ। ନିର୍ବାଚିତ ପ୍ରତିନିଧି ଜଣକ ଜନତାଙ୍କ ବିଶ୍ୱାସର ପାତ୍ର ହେବାକୁ ଯୋଗ୍ୟ ହେଇଥିବେ। ଏତେବଡ଼ ଗୁରୁଦାୟିତ୍ୱ ନ୍ୟସ୍ତ ମତଦାତାଙ୍କ ଉପରେ। ସେମାନେ ବୁଝିବା ଦରକାର ଜନତା ନିଜେ ହିଁ ଜନାର୍ଦ୍ଦନ ଓ ରାଷ୍ଟ୍ରର ଭାଗ୍ୟ ନିୟନ୍ତା।

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

**ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ**

# ଯୋଡ଼ିହେବେ ସମଗ୍ର ବିଶ୍ୱର ପ୍ରବାସୀ ଓଡ଼ିଆ

- ୧୩ ଲକ୍ଷ ପ୍ରବାସୀ ଓଡ଼ିଆଙ୍କୁ ଯୋଡ଼ିବା ଲକ୍ଷ୍ୟ
- ଅନଲାଇନ ପଞ୍ଜିକରଣ ଆରମ୍ଭ

**ଭୁବନେଶ୍ୱର, ୨୮ ।୧(ସମିସ):** ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀକୁ ନେଇ ସାରା ରାଜ୍ୟରେ ବଢ଼ିଛି ଉତ୍କଣ୍ଠା। ଏହାକୁ ନେଇ ରାଜ୍ୟର କୋଣ ଅନୁକୋଣରେ ଉତ୍ସାହ ପ୍ରକାଶ ପାଇଛି। ଅପରପକ୍ଷେ ସମ୍ମିଳନୀ ସହିତ ଯୋଡ଼ି ହେବାକୁ ବିଦେଶରେ ରହୁଥିବା ପ୍ରବାସୀ ଓଡ଼ିଆ ମଧ୍ୟ ଆଗ୍ରହ ପ୍ରକାଶ କରିଛନ୍ତି। ଅନଲାଇନ ମାଧ୍ୟମରେ ବହୁ ପ୍ରବାସୀ କାର୍ଯ୍ୟକ୍ରମରେ ଭାଗ ନେବେ ବୋଲି ଜଣାପଡ଼ିଛି। ପ୍ରାୟ ୧୩ ଲକ୍ଷ ପ୍ରବାସୀ ଓଡ଼ିଆଙ୍କୁ ଅନଲାଇନ ମାଧ୍ୟମରେ ଯୋଡିବା ପାଇଁ ବ୍ୟବସ୍ଥା କରାଯାଉଛି। ଓଡ଼ିଶା ବାହାରେ ଥାଇ ମଧ୍ୟ ନିଜର ମାତୃଭାଷା, କଳା, ସାହିତ୍ୟ, ସଂସ୍କୃତି ଓ ଐତିହ୍ୟ ପ୍ରତି ପ୍ରବାସୀ ମାନଙ୍କ ଆନ୍ତରିକତାକୁ ସ୍ୱାଗତ ଏବଂ ପ୍ରଶଂସା କରାଯାଉଛି।

ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ ସହ ଯୋଡ଼ି ହୋଇଥିବା ୧୭ଟି ପ୍ରବାସୀ ଓଡ଼ିଆ ସଂସ୍ଥା ସହ ଏ ସମ୍ପର୍କରେ ଆଲୋଚନା ହୋଇଛି। ଦେଶ ବିଦେଶର ବହୁ ଭାଷାବିତ, ଐତିହାସିକ ଏବଂ ବିଶିଷ୍ଟ ବ୍ୟକ୍ତି ବିଶେଷ ଏଥିରେ ଯୋଗ ଦେଉଥିବାରୁ ସେମାନଙ୍କ ଠାରୁ ତଥ୍ୟଭିତ୍ତିକ ଉପସ୍ଥାପନା ସମ୍ପର୍କରେ ଜାଣିବା ନିମନ୍ତେ ବହୁ ପ୍ରବାସୀ ଓଡ଼ିଆ ଇଛାବ୍ୟକ୍ତ କରିଥିବା ଦୃଷ୍ଟିରୁ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ସମ୍ମିଳନୀ ସହ ସେମାନଙ୍କୁ ଯୋଡ଼ିବା ପାଇଁ ଏଭଳି ପଦକ୍ଷେପ ଗ୍ରହଣ କରାଯାଉଛି। ବିଦେଶରେ ରହି ନିଜ ମାତୃଭାଷାର ମହନୀୟତାକୁ ଉଜ୍ଜୀବିତ କରିବାକୁ ଏହି ସମ୍ମିଳନୀ ଏକ ଅପୂର୍ବ ସୁଯୋଗ ବୋଲି ଅନେକ ମତବ୍ୟକ୍ତ କରିଛନ୍ତି। ଏପରିକି ଓଡ଼ିଶା ସଂକ୍ରାନ୍ତ ବିଭିନ୍ନ ଲେଖାମାନ ସେମାନଙ୍କ ଠାରୁ ମଧ୍ୟ ଆହ୍ୱାନ କରାଯାଉଛି, ଯାହା ଆସନ୍ତା ଓଡ଼ିଶା ଦିବସରେ ପ୍ରକାଶ ପାଇବ। ସମ୍ମିଳନୀ ସମ୍ପର୍କରେ ତଥ୍ୟ ଦେବା ପାଇଁ ଖୋଲା ଯାଇଥିବା ୱେବସାଇଟ ମାଧ୍ୟମରେ ପଞ୍ଜିକରଣ ଆରମ୍ଭ ହୋଇଛି। ସମ୍ମିଳନୀ ପାଇଁ ଶୁଭେଚ୍ଛା ଭିଡିଓ ବାର୍ତ୍ତା ପ୍ରେରଣ ନିମନ୍ତେ ଅନେକ ପ୍ରବାସୀ କରିଥିବା ଅନୁରୋଧକୁ ସମ୍ମାନ ଜଣାଇ ଆସନ୍ତାକାଲିଠାରୁ ଏହି ବାର୍ତ୍ତା ମଧ୍ୟ ଆହ୍ୱାନ କରାଯାଉଛି। ଏହି ସମ୍ମିଳନୀ ଆସନ୍ତା ଫେବ୍ରୁଆରୀ ୩ ତାରିଖରୁ ତିନି ଦିନ ଧରି ସ୍ଥାନୀୟ ଜନତା ମଇଦାନ ଠାରେ ଆୟୋଜିତ ହେବ। ଏଥିରେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, କଳା ଓ ଐତିହ୍ୟକୁ ନେଇ ଅନେକ ମାର୍ମିକ ଆଲୋଚନା କରାଯିବ।

## ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରରେ ଆୟୋଜିତ ହେବ ଆଲୋଚନାଚକ୍ର

**ଭୁବନେଶ୍ୱର,୨୮ ।୧(ସମିସ):** ଓଡ଼ିଆ ଭାଷାର ପ୍ରଚାର, ପ୍ରସାର ଓ ବିକାଶ ସହ ଏହାକୁ ସାରା ବିଶ୍ୱର କୋଣ ଅନୁକୋଣରେ ପହଞ୍ଚାଇବାର ଉଦ୍ଦେଶ୍ୟ ନେଇ ରାଜ୍ୟ ସରକାର ଆସନ୍ତା ଫେବୃୟାରୀ ୩ ରୁ ୫ ତାରିଖ ପର୍ଯ୍ୟନ୍ତ ଆୟୋଜନ କରୁଛନ୍ତି 'ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ'। ଏହି ପରିପ୍ରେକ୍ଷୀରେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଦ୍ୱାରା ଆସନ୍ତା ଫେବୃୟାରୀ ମାସ ୧ ଓ ୨ ତାରିଖରେ 'ଓଡ଼ିଆ ଭାଷା ଓ ଓଡ଼ିଶାର କଳାସଂସ୍କୃତି' ଶୀର୍ଷକ ଏକ ଦୁଇ ଦିବସୀୟ ଆଲେଚାନାଚକ୍ର କେନ୍ଦ୍ରର ନିଜସ୍ୱ ପ୍ରେକ୍ଷାଳୟ ଉତ୍କଳ ରଙ୍ଗମଞ୍ଚରେ ଆୟୋଜିତ ହେବ। ଏହି ଗବେଷଣାତ୍ମକ ଆଲୋଚନାଚକ୍ରରେ ବହୁ ବିଶିଷ୍ଟ ଭାଷାବିଜ୍ଞାନୀ, ଗବେଷକ, ସାହିତ୍ୟିକ, ସାରସ୍ୱତ ସାଧକ, ସଙ୍ଗୀତ ଏବଂ ନୃତ୍ୟ ସାଧକ/ସାଧିକା, ବିଶେଷଜ୍ଞ ଏବଂ ବୁଦ୍ଧିଜୀବୀ ଏହି ସମ୍ମିଳନୀରେ ଯୋଗଦେଇ ଗବେଷଣାତ୍ମକ ତଥ୍ୟ ଉପସ୍ଥାପନ କରିବେ। ପ୍ରତ୍ୟେକ ଦିନ ଦୁଇଟି ଅଧିବେଶନ ଅନୁଷ୍ଠିତ ହେବାକୁ ଥିବା ବେଳେ ପ୍ରଥମ ଅଧିବେଶନ ଦିନ ୧୧ ଟାରୁ ଅପରାହ୍ନ ୨ଟା ଏବଂ ଦ୍ୱିତୀୟ ଅଧିବେଶନ ଅପରାହ୍ନ ୩ ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ହେବ।

ପ୍ରଥମ ଦିନର 'ଚର୍ଯ୍ୟାଗୀତିର ଭାଷା ଓ ସାଙ୍ଗୀତିକ ବିଭାବ ଏବଂ ରୀତିଯୁଗୀୟ କାବ୍ୟର ଗୀତିମୟ ଭାଷା' ସମ୍ପର୍କରେ ଆଲୋଚନା ହେବ। ଡ. ବାବାଜୀ ପଟ୍ଟନାୟକ ଏବଂ ଡ. କୃଷ୍ଣକେଶବ ଷଡ଼ଙ୍ଗୀ ଏହି ଆଲୋଚନାରେ ଭାଗନେବେ। ଏଥିରେ ଅଧ୍ୟକ୍ଷତା କରିବେ ଡ. ବସନ୍ତ ପଣ୍ଡା ଏବଂ ଡ. କୀର୍ତ୍ତନ ନାରାୟଣ ପାଢ଼ୀ। ସେହିଭଳି ଦ୍ୱିତୀୟ ଦିବସରେ 'ମଧ୍ୟଯୁଗୀୟ ଗୀତି କବିତାର ଭାଷା' ଓ 'ଓଡ଼ିଆ ଲୀଳା ଯାତ୍ରା ସାହିତ୍ୟର ଭାଷା ବିଭବ' ସମ୍ପର୍କରେ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ଏହି ଆଲୋଚନାରେ ବକ୍ତା ଭାବରେ ଡ. ଶାନ୍ତନୁ ରଥ ଏବଂ ଡ. ଅଜୟ ମିଶ୍ର ଯୋଗ ଦେବେ ଏବଂ ଡ. ଶରତ ଚନ୍ଦ୍ର ରଥ ଓ ଡ. ସଂଘମିତ୍ରା ମିଶ୍ର ଏଥିରେ ଅଧ୍ୟକ୍ଷତା କରିବେ। ଏହି କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ସାରସ୍ୱତ ସାଧକ, ନୃତ୍ୟ ଗୁରୁ ଏବଂ ସଙ୍ଗୀତ ବିଶାରଦ ପ୍ରମୁଖ ଯୋଗଦେବା ସହିତ କାର୍ଯ୍ୟକ୍ରମରେ ଗୁଗୁଲ୍‌ମିଟ୍ ଜରିଆରେ ଆଭାଷୀ ମାଧ୍ୟମରେ ବହୁ ବିଶେଷଜ୍ଞ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି।

**୨୦୦୦ ଟଙ୍କିଆ ନୋଟ୍ ଅଦଳବଦଳ ରାକେଟ୍‌ର ପର୍ଦ୍ଦାଫାସ**

# କନେଷ୍ଟବଳ ସହ ୨ଗିରଫ, ୩୦ ଲକ୍ଷ ଜବତ

- ୨ ହଜାର ଟଙ୍କା ବଦଳରେ ୫୦୦ ଟଙ୍କା ଦେଉଥିଲେ
- ଆନ୍ଧ୍ର ଓ ଓଡ଼ିଶାର ବହୁ ସମ୍ପୃକ୍ତ

**ପାରଳାଖେମୁଣ୍ଡି,୨୮ ।୧(ସମିସ):** ଦୈନନ୍ଦିନ କାରବାରରେ ୨ ହଜାର ଟଙ୍କିଆକୁ ଆର୍‌ବିଆଇ ଅଚଳ କରିଦେଇଥିବାରୁ ଏହାର ସୁଯୋଗ ନେଇ କିଛି ଦଲାଲ ମାତିଛନ୍ତି। ସେମାନେ ବଡ଼ବଡ଼ ବ୍ୟବସାୟୀଙ୍କ କଳାଧନକୁ ଧଳାରେ ପରିଣତ କରିବାର ଲୋଭ ଦେଖାଇ ସେମାନଙ୍କଠାରୁ ୨ ହଜାର ଟଙ୍କିଆ ନେଇ ୫ ଶହ ଟଙ୍କିଆ ଧରାଉଛନ୍ତି। ଏଭଳି ଏକ ର୍‍ୟାକେଟ୍‌ର ପର୍ଦ୍ଦାଫାସ୍ କରିଛି ଗଜପତି ଜିଲ୍ଲା ପୁଲିସ୍। ଏହି ର୍‍ୟାକେଟ୍‌ର ୨ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ, ଆନ୍ଧ୍ରପ୍ରଦେଶ ସାଲୁରୁ ଗ୍ରାମର ଆର୍. ବିନୋଦ ଓ ଗଜପତି ଜିଲ୍ଲାରେ କାର୍ଯ୍ୟରତ ପୁଲିସ କନଷ୍ଟେବଳ ତନୁଜ କୁମାର ସାବତ। ସେମାନଙ୍କଠାରୁ ୩୦ଲକ୍ଷ ଟଙ୍କାର ୫ଶହ ୫ଶହ ଟଙ୍କିଆ ଜବତ ହୋଇଛି।

ସୂଚନାନୁଯାୟୀ, ଦୈନନ୍ଦିନ କାରବାରରେ ୨ ହଜାର ଟଙ୍କିଆ ଅଚଳ ହେବା ପରେ କିଛି ବଡ଼ ବଡ଼ ବ୍ୟବସାୟୀ ଚିନ୍ତାରେ ପଡ଼ିଛନ୍ତି। ସେମାନଙ୍କ ପାଖରେ ପୁଳାପୁଳା ଟଙ୍କା ଥିଲେ ହେଁ ଆୟକର ଫାନ୍ଦରେ ପଡ଼ିବା ଭୟରେ ସେମାନେ ପୂରା ଟଙ୍କା ବଦଳାଇବାକୁ ସାହସ



ଜୁଟାଇ ପାରୁନାହାନ୍ତି। ତେଣୁ କ୍ଷତିରେ ହେଉ ପଛେ, କଳାଧନକୁ ଧଳାରେ ପରିଣତ କରିବା ପାଇଁ ଚେଷ୍ଟା ଚଳାଇଛନ୍ତି। ଏହାର ସୁଯୋଗ ନେଇ ଏକ ର୍‍ୟାକେଟ୍ ଏହି ବେଆଇନ କାରବାର ଚଳାଇଆସୁଛି।

ରବିବାର ପାରଳାଖେମୁଣ୍ଡି ଏସଡିପିଓ ମାଧବାନନ୍ଦ ନାୟକ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ଗତ ୨୫ତାରିଖ ଦିନ ପାରଳାଖେମୁଣ୍ଡି ସହର ଉପକଣ୍ଠସ୍ଥ କେରାଣ୍ଡି ଗ୍ରାମ ନିକଟ ଏକ ନିଛାଟିଆ ସ୍ଥାନରେ ଟଙ୍କା ଭର୍ତ୍ତି ବ୍ୟାଗ୍ ଛଡ଼ାଇନେବା ଭଳି ଅଭିଯୋଗ ବିଶାଖାପାଟଣାର ରବୀନ୍ଦ୍ରନାଥ ପାରଳା ଆଦର୍ଶ ଥାନାରେ କରିଥିଲେ। ତଦନ୍ତ ବେଳେ ଜଣାପଡ଼ିଥିଲା ଯେ ରାଜେଶ ନାମକ ଜଣେ ବ୍ୟକ୍ତିଙ୍କୁ ନୋଟ କାରବାର ପାଇଁ ପଠାଯାଇଥିଲା। ୩୦ ଲକ୍ଷ ଟଙ୍କା ମୂଲ୍ୟର ୫ ଶହ ଟଙ୍କିଆ ନୋଟ୍ ବଦଳରେ ୬୦ ଲକ୍ଷ ଟଙ୍କାର ୨ହଜାର ଟଙ୍କିଆ ନୋଟ୍ ଦେବାକୁ ଡିଲ୍ ହୋଇଥିଲା। ଡିଲ୍‌ରେ ପାରଳା ସହରର 'ବସ' ନାମକ ଜଣେ ବ୍ୟକ୍ତି କାରବାରରେ ଜଡିତ ଥିଲେ। ଉଭୟ ରାଜେଶ ଓ ବସ୍ ଉକ୍ତ ଦିନ ଘଟଣାସ୍ଥଳକୁ ଯାଇଥିଲେ। ସେମାନଙ୍କ ସହିତ ଅଭିଯୋଗକାରୀ ମଧ୍ୟ ଯାଇଥିଲେ। ଡିଲ୍ ବେଳେ ଅଭିଯୋଗକାରୀଙ୍କଠାରୁ ଟଙ୍କା ଭର୍ତ୍ତି ବ୍ୟାଗ ରାଜେଶ ଓରଫ୍ ଆର୍.ବିନୋଦ ଛଡ଼ାଇ ଘଟଣାସ୍ଥଳରୁ ଦୌଡି ପଳାଇବାକୁ ଉଦ୍ୟମ କରିଥିଲେ। ତେବେ ନିକଟରେ ଭଲିବଲ ଖେଳୁଥିବା କିଛି ଯୁବକ ବିନୋଦକୁ କାବୁ କରି ପୁଲିସକୁ ଖବର ଦେଇଥିଲେ। ଇତି ମଧ୍ୟରେ ପୁଲିସ କନଷ୍ଟେବଳ ତନୁଜ କୁମାର ସାବତ ପହଞ୍ଚି ଅଭିଯୁକ୍ତଙ୍କଠାରୁ ମୋବାଇଲ ନେଇ ପାରଳାଖେମୁଣ୍ଡିର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ବ୍ୟକ୍ତିଙ୍କୁ ଦେଇଥିଲେ। ଏହାକୁ ନେଇ ସେ ତଦନ୍ତ ପରିସରଭୁକ୍ତ ହୋଇଥିଲେ। ତଦନ୍ତ ବେଳେ କନ୍‌ଷ୍ଟେବଳ ତନୁଜ ସାବତ ମଧ୍ୟ ଏହି ରାକେଟ୍‌ରେ ସାମିଲ ଥିବା ଜଣାପଡ଼ିବା ପରେ ଶନିବାର ତାଙ୍କୁ ଚାକିରିରୁ ନିଲମ୍ବନ କରାଯାଇ ଗିରଫ କରାଯାଇଛି। ଏହି ଘଟଣାରେ ଆନ୍ଧ୍ରର ଓ ପାରଳା ସହରର ବହୁବ୍ୟକ୍ତି ଜଡିତ ଥିବା ପୁଲିସ ତଦନ୍ତ ବେଳେ ଜଣାପଡ଼ିଛି। ଗଜପତି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସ୍ୱାତୀ ଏସ୍. କୁମାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଦନ୍ତ ଚାଲିଛି।

## ଜି.ଉଦୟଗିରିକୁ ଫେରିଲା ଶୀତ

**ଜି.ଉଦୟଗିରି, ୨୮ ।୧(ସମିସ):** କିଛି ଦିନର ବ୍ୟବଧାନ ପରେ କନ୍ଧମାଳ ଜିଲ୍ଲା ଜି.ଉଦୟଗିରିକୁ ପୁଣିଥରେ ଶୀତ ଫେରିଛି। ଜି.ଉଦୟଗିରି ସହର ସବୁଠାରୁ ଥଣ୍ଡା ସହର ଭାବେ ଚର୍ଚ୍ଚାରେ ରହୁଥିବା ବେଳେ ଏବେ ପୁଣିଥରେ ଏହାର ସର୍ବନିମ୍ନ ତାପମାତ୍ରା ୬.୪ ଡିଗ୍ରୀ ରେକର୍ଡ ହୋଇଛି। ଏଠାରେ

**ସର୍ବନିମ୍ନ ତାପମାତ୍ରା ୬.୪ ଡିଗ୍ରୀ**

ଏବେ ଦିନର ତାପମାତ୍ରା ବଢ଼ୁଥିବା ବେଳେ ରାତ୍ରିର ତାପମାତ୍ରା କମିବାରେ ଲାଗିଛି। ଫଳରେ ଅସହ୍ୟ ଜାଡ଼ ଅନୁଭୂତ ହେଉଛି। ଜାଡ଼ର ପ୍ରକୋପ ଗ୍ରାମାଞ୍ଚଳରେ ଅଧିକ ରହୁଛି। ସକାଳୁ ୯ଟା ପର୍ଯ୍ୟନ୍ତ ଏବଂ ରାତି ୮ଟା ପରେ ଘରୁ ବାହାରିବା କଷ୍ଟକର ହୋଇପଡୁଛି। ଶୀତ ଦାଉରୁ ରକ୍ଷା ପାଇବା ପାଇଁ ଦିନତମାମ ଲୋକେ ଖରାରେ ରହୁଥିବା ବେଳେ ସନ୍ଧ୍ୟା ବେଳେ ନିଆଁ ଜାଳି ବସି ରହୁଛନ୍ତି।

## ଅବଶିଷ୍ଟାଂଶ...

### ଲୋକଙ୍କ ପାଇଁ...

ଏହି ଅବସରରେ କେନ୍ଦୁଝର ଜିଲ୍ଲାରେ ଚାଲିଥିବା ବିକାଶମୂଳକ କାର୍ଯ୍ୟଗୁଡ଼ିକର ହିସାବ ଲୋକଙ୍କ ନିକଟରେ ରଖିଛନ୍ତି '୫-ଟି' ଅଧ୍ୟକ୍ଷ । ସେ କହିଛନ୍ତି ଯେ ବଳଦେବଜୀଉ ମନ୍ଦିର ରୂପାନ୍ତରଣ ପାଇଁ ୪.୮୦ କୋଟି ଟଙ୍କା ମଞ୍ଜୁର ହୋଇଥିବା ବେଳେ ଗୁପ୍ତଗଙ୍ଗାରେ ଥିବା ବ୍ରହ୍ମେଶ୍ୱର ମନ୍ଦିର ପାଇଁ ୩.୫୦ କୋଟି , ସୀତାବିଞ୍ଜି ମନ୍ଦିର ରୂପାନ୍ତରଣ ପାଇଁ ୨.୪୦ କୋଟି, ସୀତାମଠରେ ସୌନ୍ଦର୍ଯ୍ୟକରଣ ପାଇଁ ୩.୧୧ କୋଟି ମଞ୍ଜୁର ହୋଇଛି। ସେହିଭଳି ଲୋକଙ୍କ ଦାବି ଅନୁସାରେ ଭୀମକୁଣ୍ଡଠାରେ ସେତୁ ନିର୍ମାଣ ନିମନ୍ତେ୧୯ କୋଟି ଟଙ୍କା ମୁଖ୍ୟମନ୍ତ୍ରୀ ମଞ୍ଜୁର କରିଛନ୍ତି। ଗୁଣ୍ଡିଚାଘାଇ ଜଳପ୍ରପାତର ସୌନ୍ଦର୍ଯ୍ୟକରଣ ପାଇଁ ୨ କୋଟି ଟଙ୍କା, ତେଲକୋଇଠାରେ ଏକ ଇନଷ୍ଟ୍ରିମ ଜଳସେଚନ ପ୍ରକଳ୍ପ ପାଇଁ ୪୧ କୋଟି ଓ ସଣ୍ଡେଇବଞ୍ଚାରେ ଆଉ ଇନଷ୍ଟ୍ରିମ ଜଳସେଚନ ପ୍ରକଳ୍ପ ପାଇଁ ୬୦ କୋଟି ଟଙ୍କା ମଞ୍ଜୁର ହୋଇଛି ବୋଲି ସେ ସୂଚନା ଦେଇଛନ୍ତି।

କେନ୍ଦୁଝର ଜିଲ୍ଲା ପାଇଁ କରାଯାଇଥିବା ଉନ୍ନୟନମୂଳକ କାର୍ଯ୍ୟ ଉପରେ ଆଲୋକପାତ କରି '୫-ଟି' ଅଧ୍ୟକ୍ଷ କହିଛନ୍ତି ଯେ କେନ୍ଦୁଝରରେ ମେଡିକାଲ କଲେଜ, ସରକାରୀ ଇଂଜିନିୟରିଂ କଲେଜ ଓ ବିଶ୍ୱବିଦ୍ୟାଳୟ ସବୁକିଛି ହୋଇଛି । ଲୋକଙ୍କ ଦାବି ଅନୁଯାୟୀ ଗୋନାସିକା ହାଇସ୍କୁଲକୁ ଉଚ୍ଚମାଧ୍ୟମିକ ସ୍କୁଲକୁ ଉନ୍ନିତ କରିବାକୁ ମୁଖ୍ୟମନ୍ତ୍ରୀ ମଞ୍ଜୁରି ଦେଇଛନ୍ତି । ଏବର୍ଷରୁ ଯୁକ୍ତଦୁଇ ପାଠପଢା ଆରମ୍ଭ ହେବ । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଲୋକଙ୍କ ଯାହା ଆବେଦନ ଆସିବ ତାକୁ ସମ୍ମାନର ସହ ସମାଧାନ କରାଯିବ ବୋଲି ସେ କହିଛନ୍ତି। ଓଡ଼ିଶାର ସାଢ଼େ ଚାରି କୋଟି ଲୋକଙ୍କୁ ମୁଖ୍ୟମନ୍ତ୍ରୀ ନିଜ ପରିବାର ବୋଲି ଭାବନ୍ତି। ତେଣୁ ପରିବାରର ପ୍ରତ୍ୟେକ ଲୋକଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ନବୀନ ପଟ୍ଟନାୟକ ବିଏସକେୱାଇ ଯୋଜନା ଆରମ୍ଭ କରିଛନ୍ତି। ପ୍ରତି ମାସରେ ଦୁଇ ଲକ୍ଷ ଲୋକ ଏହି ଯୋଜନାରୁ ଉପକୃତ ହେଉଛନ୍ତି। ଏ ବାବଦରେ ସରକାର ୨୫୦ କୋଟି ଟଙ୍କା ପ୍ରତି ମାସରେ ଖର୍ଚ୍ଚ କରୁଛନ୍ତି। ଯେଉଁମାନଙ୍କ ପାଖରେ ବିଏସ୍‌କେୱାଇ କାର୍ଡ ନାହିଁ ସେମାନେ ନବୀନ କାର୍ଡ ପାଇଁ ଆବେଦନ କରିପାରିବେ। ଯୋଗାଯୋଗ ବ୍ୟବସ୍ଥାରେ ଲକ୍ଷ୍ମୀ ବସ ସେବା ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଛି। ଗାଁ ସହ ବ୍ଲକ ଯୋଡ଼ି ହୋଇଛି। ଆସନ୍ତାମାସରୁ କେନ୍ଦୁଝରରେ ଏହି ସେବା ଆରମ୍ଭ ହେବ। ମାତ୍ର ୫ ଟଙ୍କାରେ ମହିଳା ଓ ଛାତ୍ରଛାତ୍ରୀ ଯାତାୟତ କରିପାରିବେ। ସେହିଭଳି ଆମ ବ୍ୟାଙ୍କ ଯୋଜନାରେ ବ୍ୟାଙ୍କ ନଥିବା ସବୁ ପଞ୍ଚାୟତରେ ବ୍ୟାଙ୍କ ଖୋଲିବ ବୋଲି ୫-ଟି ଅଧ୍ୟକ୍ଷ ସୂଚନା ଦେଇଛନ୍ତି।

### ବିଜେପି ସହ...

ଆଉ ଇଆଡେସିଆଡେ ଯିବାର କୌଣସି ପ୍ରଶ୍ନ ଉଠୁ ନାହିଁ। ସେ ଆରଜେଡି ନେତା ତଥା ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବଙ୍କ ବିରୋଧରେ ଗୁରୁତର ଅଭିଯୋଗ ଲଗାଇଛନ୍ତି। ତେଜସ୍ୱୀ କୌଣସି କାମ କରୁ ନ ଥିଲେ। ଜେଡିୟୁ ସମସ୍ତଙ୍କୁ ସାଥିରେ ନେଇ ଚାଲିଥିଲା ବୋଲି କହିଥିଲେ।

ଏହା ପୂର୍ବରୁ ନୀତୀଶ ସକାଳ ୧୧ଟାରେ ଇସ୍ତଫା ଦେଇ ନୂଆ ସରକାର ଗଠନ ପାଇଁ ଦାବି ଉପସ୍ଥାପନ କରିଥିଲେ। ଏହା ପରେ ବିଜେପି ଔପଚାରିକ ଭାବେ ନୂଆ ସରକାରକୁ ସମର୍ଥନ ଦେବା ପାଇଁ ଘୋଷଣା କରିଥିଲା। ଶପଥ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନୀତୀଶ କୁମାରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେହିପରି ବିଜେପି ଅଧ୍ୟକ୍ଷ ନଡ୍ଡା କହିଛନ୍ତି ଯେ ନୀତୀଶ ଏନ୍‌ଡିଏକୁ ଫେରି ଆସିବା ଖୁସିର ବିଷୟ। ଏନ୍‌ଡିଏ ଜେଡିୟୁ ଏବଂ ନୀତୀଶଙ୍କ ସ୍ୱାଭାବିକ ମେଣ୍ଟ। ଅନ୍ୟପକ୍ଷରେ ଏହି ରାଜନୈତିକ ପଟ ପରିବର୍ତ୍ତନକୁ ନେଇ ତେଜସ୍ୱୀ କହିଛନ୍ତି ଯେ ଏବେ ଖେଳ ଆରମ୍ଭ ହୋଇଛି। ଅସଲ ଖେଳ ଆହୁରି ବାକି ରହିଛି। ୨୦୨୪ରେ ଜନତା ଦଳ ୟୁନାଇଟେଡ (ଜେଡିୟୁ) ଭାଙ୍ଗିଯିବ ବୋଲି କହିଛନ୍ତି। ସେ ନୀତୀଶଙ୍କ ପାଇଁ ଫେରିବାର ବାଟ ପରିଷ୍କାର ଥିବା ମଧ୍ୟ ସଙ୍କେତ ଦେଇଛନ୍ତି। ନୀତୀଶ ପୂର୍ବରୁ ସମ୍ମାନନୀୟ ଥିଲେ ଏବଂ ଆଗକୁ ରହିବେ ବୋଲି ଉଲ୍ଲେଖ କରିଛନ୍ତି। ମାତ୍ର ଲାଲୁଙ୍କ ବଡ଼ ପୁଅ ତେଜ ପ୍ରତାପ ଯାଦବ ନୀତୀଶଙ୍କୁ ରଙ୍ଗ ବଦଳାଉଥିବା ଏଣ୍ଡୁଅ କହିଛନ୍ତି। ତାଙ୍କୁ 'ଏଣ୍ଡୁଅ ରତ୍ନ' ସମ୍ମାନରେ ସମ୍ମାନିତ କରାଯିବା ଉଚିତ ବୋଲି କହିଛନ୍ତି। ଲାଲୁଙ୍କ ଝିଅ ରୋହିଣୀ ଯାଦବ ନୀତୀଶଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ଅଳିଆ ଆର୍ବଜନା କୁଣ୍ଡକୁ ଚାଲିଗଲା। ଦୁର୍ଗନ୍ଧଯୁକ୍ତ ଅଳିଆକୁ ସ୍ୱାଗତ କରିଥିବାରୁ ମଣ୍ଡଳୀକୁ ଧନ୍ୟବାଦ ବୋଲି କହିଛନ୍ତି। ସେହିପରି ରାଜନୈତିକ ରଣନୀତିକାର ପ୍ରଶାନ୍ତ କିଶୋର କହିଛନ୍ତି ଯେ ପାର୍ଶ୍ୱ ପରିବର୍ତ୍ତନ କରିବା ନୀତୀଶଙ୍କ ରାଜନୀତିର ଅଂଶ ପାଲଟି ଯାଇଛି। କିନ୍ତୁ ବିହାରରେ ସବୁ ପଲଟୁରାମ ବୋଲି ଆଜିର ଘଟଣାକ୍ରମରୁ ପ୍ରମାଣିତ ହୋଇଯାଇଛି। ଅମିତ ଶାହା, ନରେନ୍ଦ୍ର ମୋଦୀ ଏବଂ ବିଜେପି ଲୋକ ମଧ୍ୟ ନୀତୀଶଙ୍କ ଭଳି ପଲଟୁରାମ (ପଟ ପରିବର୍ତ୍ତନକାରୀ)। କାଲି ଯେଉଁ ବିଜେପି ନୀତୀଶଙ୍କୁ ଗାଳି ଦେଉଥୁଲା, ଆଜି ସେ ସୁଶାସନର ନୂଆ ପ୍ରତିମୂର୍ତ୍ତି ବନି ଯାଇଛି। ଆରଜେଡି ନୀତୀଶଙ୍କୁ ସୁଶାସନ ଏବଂ ବିହାରର ଭବିଷ୍ୟତ କହୁଥିଲା। ଏବେ ସେ ତାଙ୍କୁ ଗାଳି କରିବ। ଏହା ମଧ୍ୟରେ ଜେଡିୟୁର ରାଷ୍ଟ୍ରୀୟ ପ୍ରବକ୍ତା କେସି ତ୍ୟାଗୀ କହିଛନ୍ତି ଯେ କଂଗ୍ରେସ ଯୋଗୁଁ ଜେଡିୟୁ ଇଣ୍ଡିଆ ମେଣ୍ଟ ଛାଡ଼ିଲା । କଂଗ୍ରେସ ମେଣ୍ଟର ନେତୃତ୍ୱ ନେବାକୁ ଚାହୁଁଥିଲା। କଂଗ୍ରେସ ଟିଏମ୍‌ସି ମୁଖ୍ୟ ମମତା ବାନାର୍ଜୀଙ୍କ ସହ ମିଶି ଷଡ଼ଯନ୍ତ୍ର କରୁଥିଲା। ଇଣ୍ଡିଆ ମେଣ୍ଟର ବୈଠକରେ ଖଡଗେଙ୍କୁ ପ୍ରଧାନମନ୍ତ୍ରୀ ହେବାର ପ୍ରସ୍ତାବ ଦେଇଥିଲା। ଆସନ ବୁଝାମଣା ପ୍ରସଙ୍ଗକୁ କଂଗ୍ରେସ ଅଟକାଇ ରଖିଥିଲା। ବାରମ୍ବାର ଆସନ ବୁଝାମଣା କରିବାକୁ କହିଥିଲେ ମଧ୍ୟ ଶୁଣି ନ ଥିଲା। ବିଜେପିର ମୁକାବିଲା ପାଇଁ ବିରୋଧୀଙ୍କ ପାଖରେ କୌଣସି ଯୋଜନା ନ ଥିଲା ବୋଲି ଜେଡିୟୁ ବୁଝି ସାରିଥିଲା।

### ୮ ଯାଏ ବଢ଼ିଲା...

ତୃତୀୟ ପର୍ଯ୍ୟାୟ ସମ୍ପ୍ରସାରଣରେ ଗ୍ରାମାଞ୍ଚଳରେ ରହୁଥିବା ପ୍ରତ୍ୟେକ ପରିବାରକୁ (ସରକାରୀ କର୍ମଚାରୀ, ପେନସନ୍‌ଭୋଗୀ ଓ ଆୟକର ଦାତାଙ୍କୁ ବାଦ୍ ଦେଇ) ସାମିଲ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଥିଲେ। ତେଣୁ ଏହାର ପଞ୍ଜୀକରଣ ଅବଧିକୁ ସରକାର ଜାନୁଆରୀ ୨୬ ତାରିଖ ଯାଏ ବୃଦ୍ଧି କରିଥିଲେ। ନବୀନ କାର୍ଡଧାରୀଙ୍କୁ ଚଳିତ ବର୍ଷ ମେ' ୧ ତାରିଖରୁ ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ମିଳିବ। ହିତାଧିକାରୀ ନିଜେ ଉକ୍ତ ୱେବ୍‌ସାଇଟ୍‌ରେ ଲଗ୍‌ଇନ୍ କରି ଅବା ନିକଟସ୍ଥ ଜନସେବା କେନ୍ଦ୍ରକୁ ଯାଇ ନବୀନ କାର୍ଡ ପାଇଁ ଅନ୍‌ଲାଇନ୍‌ରେ ଆବେଦନ କରିପାରିବେ। ନବୀନ କାର୍ଡ ହିତାଧିକାରୀମାନେ ଓଡ଼ିଶାରେ ଏବଂ ରାଜ୍ୟ ବାହାରେ ଥିବା ଘରୋଇ ସୁପରସ୍ପେଶାଲିଟି ଡାକ୍ତରଖାନାରେ ଦେୟମୁକ୍ତ ଚିକିତ୍ସା ପାଇବେ। ଏଥିରେ ପ୍ରତି ପରିବାର ପାଇଁ ବାର୍ଷିକ ୫ ଲକ୍ଷ ଟଙ୍କା ଏବଂ ମହିଳାଙ୍କ ପାଇଁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ବ୍ୟବସ୍ଥା ରହିଛି। ଯେଉଁମାନେ ବିଏସ୍‌କେୱାଇ କାର୍ଡ ପାଇଛନ୍ତି, ସେମାନଙ୍କର ବିଏସ୍‌କେୱାଇ ନବୀନ କାର୍ଡ ପାଇଁ ପଞ୍ଜୀକରଣ କରିବାର ଆବଶ୍ୟକତା ରହିବ ନାହିଁ। ସେମାନେ ପାଉଥିବା ଚିକିତ୍ସା ସୁବିଧାରେ କୌଣସି ପରିବର୍ତ୍ତନ ହେବ ନାହିଁ। ଜାତୀୟ ଖାଦ୍ୟ ନିରାପତ୍ତା ଅବା ରାଜ୍ୟ ଖାଦ୍ୟ ନିରାପତ୍ତା ଯୋଜନାରେ ନୂଆ କରି ସାମିଲ ହେଉଥିବା ହିତାଧିକାରୀମାନେ ବର୍ତ୍ତମାନ ଚାଲୁ ରହିଥିବା ବିଏସ୍‌କେୱାଇରେ ସ୍ୱତଃ ଅନ୍ତର୍ଭୁକ୍ତ ହେବେ। ବିଏସ୍‌କେୱାଇ ନବୀନ କାର୍ଡ ହିତାଧିକାରୀମାନେ ତାଲିକାଭୁକ୍ତ ଘରୋଇ ଡାକ୍ତରଖାନାରେ ନିର୍ଦ୍ଧାରିତ ଗୁରୁତର (କ୍ରିଟିକାଲ) ରୋଗ ଗୁଡିକର ଦେୟମୁକ୍ତ ଚିକିତ୍ସା ପାଇବେ।

### ଲାଲଗଡ଼ ଏବେ...

ଗ୍ରାମବାସୀ ଗଦାଧର ଭୋଇ କହନ୍ତି, ଗାଁକୁ ପକ୍କା ସଡ଼କ ନିର୍ମାଣ ହୋଇଛି। ପୋଲ ନିର୍ମାଣ କାମ ମଧ୍ୟ ଚାଲିଛି। ପୂର୍ବାପେକ୍ଷା ବର୍ତ୍ତମାନ ଗାଁର ବଡ଼ ପରିବର୍ତ୍ତନ ହୋଇଛି। କିଛି ବର୍ଷ ପୂର୍ବରୁ ଜରୁରୀକାଳୀନ ପରିସ୍ଥିତିରେ ଗାଁକୁ ଆମ୍ବୁଲାନ୍ସ ଯାଇପାରୁ ନଥିଲା। ରୋଗୀ ୫ କିମି ବୁହା ହେଉଥିଲେ। ସେହିପରି ଜଙ୍ଗଲୀ ରାସ୍ତାକୁ ଭୟ କରି ଛାତ୍ରଛାତ୍ରୀମାନେ ସ୍କୁଲ ଯାଉନଥିଲେ। କିନ୍ତୁ ବର୍ତ୍ତମାନ ରାଜ୍ୟ ସରକାରଙ୍କ ପାଇଁ ଏ ଗାଁର ଚେହେରା ବଦଳିଛି। ଗାଁକୁ ଯାତାୟାତ ସୁଗମ ହୋଇଛି। ଗର୍ଭବତୀ ମହିଳା ଓ ଶିଶୁ ଏବେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟନୀତିରେ ସାମିଲ ହୋଇଛନ୍ତି। ଗାଁରେ ଥିବା ଶିଶୁ ଓ ଗର୍ଭବତୀ ମହିଳାଙ୍କ ପାଖକୁ ପହଞ୍ଚିଛି ସେବା। ଅଙ୍ଗନବାଡ଼ି କେନ୍ଦ୍ର ବି ନିର୍ମାଣ ହୋଇଛି। ସ୍ୱାସ୍ଥ୍ୟକର୍ମୀ ଗାଁକୁ ଆସି ଟିକା ଦେଉଛନ୍ତି। ସେହିପରି ଏହି ଗାଁର ଛାତ୍ରଛାତ୍ରୀମାନେ ପୂର୍ବରୁ ସ୍କୁଲ ମୁହଁ ଦେଖିପାରୁନଥିଲେ। କିନ୍ତୁ ଏବେ ଗାଁରେ ସ୍କୁଲ ସ୍ଥାପନ ହେବା ସହ ପ୍ରଥମରୁ ପଞ୍ଚମ ଶ୍ରେଣୀ ଯାଏ ପିଲାଙ୍କୁ ପଢ଼ାଯାଉଛି। ଷଷ୍ଠରୁ ଦଶମ ଶ୍ରେଣୀ ପଢ଼ିବାକୁ ଛାତ୍ରଛାତ୍ରୀ କମେଇମୁଣ୍ଡା '୫-ଟି' ହାଇସ୍କୁଲକୁ ଯାଉଛନ୍ତି। ସେହିପରି ଗାଁରେ ଥିବା ସବୁ ଚାଳଘର ଏବେ ପକ୍କାଘରରେ ପରିଣତ ହୋଇଛି। ରାଜ୍ୟ ସରକାରଙ୍କ ବିଜୁ ପକ୍କା ଘର ଯୋଜନାରେ ୪୫ ପରିବାରରୁ ପ୍ରାୟ ୩୮ ପରିବାର ଉପକୃତ ହୋଇଛନ୍ତି। ଯେଉଁ ୩ରୁ ୪ ଘର ପରିବାର ପକ୍କା ଘର ପାଇନାହାନ୍ତି, ସେମାନଙ୍କ ନାମ ନୂଆ ତାଲିକାରେ ରହିଛି। ଖାଲି ସେତିକି ନୁହେଁ, ଆଗରୁ କେବଳ କେନ୍ଦୁପତ୍ର, ମହୁଲ ଓ ଅନ୍ୟାନ୍ୟ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ପରିବାରର ଗୁଜୁରାଣ ମେଣ୍ଟାଉଥିବା ଏଠାକାର ବାସିନ୍ଦା ଏବେ ଜଣେ ଜଣେ ସଫଳ ଚାଷୀ ପାଲଟିଛନ୍ତି। ଜଙ୍ଗଲ ଜମିରେ ବିଭିନ୍ନ ପନିପରିବା ଫଳାଇବା ସହ ଧାନଚାଷ, ରାହାଡି ଚାଷ, କୋଳଥ, ମାଛ, ଲଙ୍କା, କଦଳୀ ଭଳି ବିଭିନ୍ନ ଚାଷ କରି ନିଜର ଆର୍ଥିକ ମେରୁଦଣ୍ଡକୁ ସୁଦୃଢ଼ କରୁଛନ୍ତି।

ଏ ସଂପର୍କରେ ତୁରେକେଲା ବ୍ଲକ୍ ସ୍ୱାସ୍ଥ୍ୟାଧିକାରୀ ସ୍ୱାଗତ ଖମାରୀ କହନ୍ତି, ଡାକ୍ତରୀ ଟିମ୍ ସହ ଅନେକଥର ଝରଣ ଗାଁକୁ ଯାଇଛୁ। କିନ୍ତୁ ୧୦ ବର୍ଷ ତଳେ ଯାହା ଦୃଶ୍ୟ ଥିଲା, ଏବେ ସେଥିରେ ବିରାଟ ପରିବର୍ତ୍ତନ ଘଟିଛି। ବର୍ତ୍ତମାନ ଗାଁକୁ ପକ୍କା ସଡ଼କ ସଂଯୋଗ ହୋଇଥିବାରୁ ସହଜରେ ଯାତାୟାତ କରିହେଉଛି। ସବୁପ୍ରକାର ସ୍ୱାସ୍ଥ୍ୟସେବା ପହଞ୍ଚାଇ ପାରୁଛୁ। ଆମ୍ବୁଲାନ୍ସ ସହ ମେଡିକାଲ ଟିମ୍ ମଧ୍ୟ ସହଜରେ ଗାଁ ଲୋକଙ୍କ ନିକଟତର ହୋଇପାରୁଛନ୍ତି।

କମେଇମୁଣ୍ଡା ସରପଞ୍ଚ ବିନୋଦିନୀ ନାଗଙ୍କ କହିବାନୁସାରେ, ରାଜ୍ୟ ସରକାରଙ୍କ ଜନକଲ୍ୟାଣ ଯୋଜନା ଗାଁର ଚିତ୍ର ଓ ଚରିତ୍ର ସଂପୂର୍ଣ୍ଣ ଭାବେ ବଦଳାଇ ଦେଇଛି। ମୋର ମନେ ଅଛି, ପଞ୍ଚାୟତ ନିର୍ବାଚନ ବେଳେ ଏ ଗାଁକୁ ପ୍ରଚାରରେ ଯିବାକୁ ଭୟ କରୁଥିଲି। କିନ୍ତୁ ଆଜି ରାଜନେତାମାନେ ବିନା ଭୟରେ ଗାଁକୁ ଯାଇପାରୁଛନ୍ତି। ଲୋକଙ୍କ ସୁଖଦୁଃଖ ବୁଝୁଛନ୍ତି। ମାଓ ଗତିବିଧି ଯୋଗୁଁ ଦୀର୍ଘ ସମୟ ଧରି ଗ୍ରାମବାସୀ ସରକାରୀ ଯୋଜନାରୁ ବଞ୍ଚିତ ଥିଲେ। କିନ୍ତୁ ବର୍ତ୍ତମାନ ସେମାନେ ମୌଳିକ ସୁବିଧା ପାଇପାରୁଛନ୍ତି। ଅନ୍ୟପକ୍ଷରେ, ତୁରେକେଲା ବିଡିଓ ଶଙ୍କର୍ଷଣ ବେହେରା କହିଛନ୍ତି ଯେ ଯଦି ଗାଁର ପାନୀୟଜଳ ଅସୁବିଧା ଅଛି କିମ୍ବା ବିଦ୍ୟାଳୟରେ ଅତିରିକ୍ତ ଶ୍ରେଣୀଗୃହ ଦରକାର ତେବେ ସେସବୁ ଅଭିଯୋଗ ଆସିଲେ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ସମାଧାନ କରାଯିବ। ଗାଁ ଯିବା ରାସ୍ତାରେ ନାଳଗୁଡ଼ିକରେ ଯାତାୟାତକୁ ସୁଗମ କରିବା ପାଇଁ ନିର୍ମାଣ କାମ ଚାଲିଛି। ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ପକ୍କା ଘର, ବାର୍ଦ୍ଧକ୍ୟ ଭତ୍ତା, ମାଗଣା ଚାଉଳ ଯେପରି ମିଳିବ ସେ ଦିଗରେ ପ୍ରୟାସ ଜାରି ରଖିଛୁ। ଆଉ ଏ ଗାଁ ଅନ୍ଧାରୀ ମୂଳକ ହୋଇ ନାହିଁ, ସରକାରୀ ଯୋଜନାରେ ଆଲୋକିତ ହୋଇଛି। ରାଜ୍ୟ ସରକାରଙ୍କ ରୂପାନ୍ତରଣ ପ୍ରକ୍ରିୟା ଓ ବିକାଶ ମାନଚିତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି।

### ଡେବ୍ରିଗଡ଼ ମହାବଳକୁ...

ଯାଇ ସେଠାରେ ପ୍ରାଣ ହରାଇଥିବା ଆଶଙ୍କା କରାଯାଉଛି। ଯଦି ଏହା ହୋଇଥାଏ, ୨୦୧୮ ମସିହା ପରେ ପୁଣିଥରେ ଡେବ୍ରିଗଡ଼ ବାଘଶୂନ୍ୟ ହେବାକୁ ଯାଉଛି। ମିଳିଥିବା ସୂଚନା ଅନୁଯାୟୀ, ଛତିଶଗଡ଼ର ଗୋମର୍ଡା ଅଭୟାରଣ୍ୟରେ କିଛି ଶିକାରୀ ବାର୍‌ହା ଶିକାର ପାଇଁ ବିଦ୍ୟୁତ୍ ତାର ବିଛାଇଥିଲେ। ଏହି ତାରରେ ଗୋଟିଏ ମହାବଳ ବାଘ ଫସିଯିବାରୁ ଘଟଣାସ୍ଥଳରେ ତା'ର ମୃତ୍ୟୁ ହୋଇଥିଲା। ବାଘଟି ମରିଯିବା ପରେ ଶିକାରୀମାନେ ଭୟଭୀତ ହୋଇ ପାଖରେ ଥିବା ଏକ ନଦୀକୂଳରେ ଗାତ ଖୋଳି ତାକୁ ପୋତି ଦେଇଥିଲେ। ତେବେ ଘଟଣା ସମ୍ପର୍କରେ ସ୍ଥାନୀୟ ବନ ବିଭାଗକୁ ସୂଚନା ମିଳିବା ପରେ ଘଟଣାସ୍ଥଳରୁ ମଲା ବାଘର ଶବ ଜବତ କରାଯିବା ସହ ଏଥିରେ ସମ୍ପୃକ୍ତ ୫ଜଣଙ୍କୁ ଗିରଫ କରାଯାଇଛି। ତେବେ ଏହି ବାଘଟି ଓଡ଼ିଶାରୁ ସେଠାକୁ ଯାଇଥିବା ନେଇ ସ୍ଥାନୀୟ ଡିଏଫ୍‌ଓ ଗଣେଶ ୟୁଆର୍ ଗଣମାଧ୍ୟମକୁ କହିଛନ୍ତି।

ତାଙ୍କ ସୂଚନା ଅନୁଯାୟୀ, ସାଧାରଣତଃ ଗୋମର୍ଡାରେ ବାଘ ଦେଖାଯାଆନ୍ତି ନାହିଁ। କିନ୍ତି ବିଭିନ୍ନ ସମୟରେ ଓଡ଼ିଶାରୁ ଏଠାକୁ ବାଘ ଆସିଥାନ୍ତି। ଡିସେମ୍ବରରେ ଅଭୟାରଣ୍ୟରେ ଏକ ବାଘ ବିଚରଣ କରୁଥିବା ଦେଖିବାକୁ ମିଳିଥିଲା। ଉକ୍ତ ବାଘ ଉପରେ ନଜର ରଖିବା ନିମନ୍ତେ ଏକ ଟିମ୍ ଗଠନ କରାଯାଇଥିଲା। ମାତ୍ର ଗତ ୧୨ତାରିଖ ପରେ ଆଉ ବାଘର ପାଦଚିହ୍ନ ଦେଖିବାକୁ ମିଳି ନଥିଲା। ଏହାପରେ ଅଭୟାରଣ୍ୟ ଭିତରେ ଥିବା ଘୋରଘଣ୍ଟି ଗାଁରେ ଏକ ନଦୀ ପଠାରେ ବାଘର ମୃତଦେହ ପୋତାଯାଇଥିବା ବିଶେଷ ସୂତ୍ରରୁ ଖବର ମିଳିଥିଲା।

ଗତ ୨୪ତାରିଖରେ ଏହି ଘଟଣାରେ ୩ଜଣଙ୍କୁ କାବୁ କରି ପଚରାଉଚରା କରାଯାଇଥିଲା। ପଚରାଉଚରା ପରେ ଉକ୍ତ ୩ ଜଣ ସତ ମାନିଥିଲେ। ବାର୍‌ହା ଶିକାର ପାଇଁ ସେମାନେ ଜଙ୍ଗଲରେ ବିଦ୍ୟୁତ୍ ତାର ବିଛାଇଥିବା ବେଳେ ତାର ସଂସ୍ପର୍ଶରେ ଆସି ବାଘଟିର ମୃତ୍ୟୁ ହୋଇଥିବା ସେମାନେ କହିଥିଲେ। ଏହାପରେ ସେମାନେ ବାଘର ମୃତଦେହକୁ ଏକ ନଦୀ ପାଖରେ ପୋତି ଦେଇଥିବା କହିଥିଲେ। ମାତ୍ର ବନ ବିଭାଗ ଅଧିକାରୀ ଉକ୍ତ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ଏହି ଘଟଣାରେ ସମୁଦାୟ ୫ ଜଣଙ୍କୁ ଗିରଫ କରାଯାଇଛି। ଏଥିସହ ଦାୟିତ୍ୱରେ ଅବହେଳା ଅଭିଯୋଗରେ ଜଣେ ବନ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଥିବା ବେଳେ ୨ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ତେବେ ଏହି ବାଘ ଡିବ୍ରିଗଡ଼ରୁ ଯାଇଛି କି ଅନ୍ୟ କେଉଁଠୁ ଆସିଛି ତାହା ସ୍ପଷ୍ଟ ହୋଇ ନ ଥିବା ପିସିସିଏଫ୍ (ବନ୍ୟପ୍ରାଣୀ) ସୁଶାନ୍ତ ନନ୍ଦ କହିଛନ୍ତି। ପିସିସିଏଫ୍‌ଙ୍କ ସୂଚନା ଅନୁଯାୟୀ, ଡେବ୍ରିଗଡ଼ରେ ରହୁଥିବା ବାଘ ନାଗପୁରର ତରଭା ଅଞ୍ଚଳରୁ ଆସୁଥିଲା। ଏହି ବାଘଟି ବିଭିନ୍ନ ଅଞ୍ଚଳରେ ବିଚରଣ କରୁଥିଲା। ଯେପର୍ଯ୍ୟନ୍ତ ବାଘର ଜେନେଟିକ୍ ଆଧାରରେ ସ୍ପଷ୍ଟ ନ ହୋଇଛି, ଏହା କେଉଁଠିକାର ବାଘ ଜଣାପଡ଼ିବ ନାହିଁ। ତେବେ ଶୀତ ଦିନେ ବାଘ ବୁଲାବୁଲି ପାଇଁ ବାହାରକୁ ଯାଉଥିବା ବେଳେ ଶୀତ ପରେ ଯଦି ଡେବ୍ରିଗଡ଼ରେ ବାଘ ନ ମିଳିଲା, ତେବେ ଯାଇ କିଛି କହିହେବ ବୋଲି ଶ୍ରୀ ନନ୍ଦ କହିଛନ୍ତି।

### ଧ୍ୟାନ, ପ୍ରାର୍ଥନା...

ଜିଲ୍ଲା ସ୍ତରରେ ହେଉଥିବା ପ୍ରତିଯୋଗିତା ଆପଣମାନଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ବିଜୟୀ ହେବା ଅପେକ୍ଷା ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବା ସବୁଠୁ ମହତ୍ତ୍ୱପୂର୍ଣ୍ଣ। ଏହା ଆପଣଙ୍କ ପ୍ରତିଭାକୁ ଆହୁରି ବିକଶିତ କରିବ ବୋଲି ଉଲ୍ଲେଖ କରି ଶ୍ରୀ ପାଣ୍ଡିଆନ ଜୀବନରେ ସଫଳତା ପାଇବାକୁ କ'ଣ କରିବାକୁ ପଡ଼ିବ ସେ ସମ୍ପର୍କରେ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଛନ୍ତି। ବିଶ୍ୱବିଦ୍ୟାଳୟର ଉନ୍ନୟନ କାର୍ଯ୍ୟ ଆସନ୍ତା ଦେଢ଼ମାସ ମଧ୍ୟରେ ଶେଷ କରାଯିବ ବୋଲି ମଧ୍ୟ ସେ ପ୍ରତିଶ୍ରୁତି ଦେଇଛନ୍ତି ।

'୫-ଟି ଅଧ୍ୟକ୍ଷ' କହିଛନ୍ତି ଯେ 'ନୂଆ-ଓ' କାର୍ଯ୍ୟକ୍ରମ ମୁଖ୍ୟମନ୍ତ୍ରୀଙ୍କ ଏକ ବଡ଼ ପଦକ୍ଷେପ। ଏହା ଆପଣଙ୍କ ଭିତରେ ଥିବା ପ୍ରତିଭାକୁ ବିକଶିତ କରିବ। ଭବିଷ୍ୟତରେ ଏହା ଆପଣଙ୍କୁ ଜଣେ ଜଣେ ଭଲ ମଣିଷ ହେବା ସହ ଜୀବନରେ ସଫଳତା ପାଇବାକୁ ବାଟ ଦେଖାଇବ। ଆଗକୁ ବଢ଼ିବାକୁ ହେଲେ ପାଠ ଯେତିକି ଆବଶ୍ୟକ, ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ବି ସେତିକି ଆବଶ୍ୟକ । ରୂପାନ୍ତରଣକୁ ନେଇ ୫-ଟି ଅଧ୍ୟକ୍ଷ କହିଛନ୍ତି ଯେ ବର୍ତ୍ତମାନ ହାଇସ୍କୁଲ ଓ କଲେଜର ରୂପାନ୍ତରଣ କରାଯାଉଛି। ଏହା ଆପଣମାନ ଶିକ୍ଷାଲାଭ ପାଇଁ ଏକ ଭଲ ପରିବେଶ ଦେବ। ଯାହାଦ୍ୱାରା ଆପଣମାନଙ୍କ ପାଠ ପଢ଼ା ପ୍ରତି ଆଗ୍ରହ ବଢ଼ିବ। ନିଜ ଅଞ୍ଚଳରେ ଥିବା କଲେଜରେ ସହର ଭଳି ସ୍ମାର୍ଟ କ୍ଲାସରୁମ୍, ଇ-ଲାଇବ୍ରେରୀ, ସାଇନ୍ସ ଲ୍ୟାବ ଭଳି ଅତ୍ୟାଧୁନିକ ସୁବିଧା ପାଇ ପାରିବେ। ଯାହା ଆପଣମାନଙ୍କୁ ଆଗକୁ ବଢ଼ିବାରେ ସହାୟକ ହେବ।

ସେ ପୁଣି କହିଛନ୍ତି ଯେ କଠିନ ପରିଶ୍ରମ ହି ସଫଳତାର ମୂଳମନ୍ତ୍ର। କଠିନ ପରିଶ୍ରମ ଲାଗି ଛାତ୍ରଛାତ୍ରୀଙ୍କୁ ଶରୀର ଓ ମନକୁ ସୁସ୍ଥ ରଖିବାକୁ ପଡିବ। ଏଥିଲାଗି ଛାତ୍ରଛାତ୍ରୀ ଦିନକୁ ୩୦ ମିନିଟ ଶାରୀରିକ ପରିଶ୍ରମ ସହ ମନର ସୁସ୍ଥତା ଲାଗି ୧୫ ମିନିଟ ଧ୍ୟାନ କରିବାକୁ କହିଛନ୍ତି । ସୋସିଆଲ ମିଡିଆର ଉପକାର ଓ ଅପକାରିତା ଉପରେ ମଧ୍ୟ ଛାତ୍ରଛାତ୍ରୀଙ୍କୁ ୫-ଟି ଅଧ୍ୟକ୍ଷ ବୁଝାଇଛନ୍ତି। ସୋସିଆଲ ମିଡିଆରେ କମ ସମୟ ଅତିବାହିତ କରି ଛାତ୍ରଛାତ୍ରୀଙ୍କୁ ଦିନକୁ ୧୪ ଘଣ୍ଟା ପରିଶ୍ରମ କରିବାକୁ ପରାମର୍ଶ ଦେଇଛନ୍ତି। ଏହାସହ ବାପାମାଆ ଓ ଗୁରୁଜନଙ୍କ ସମ୍ମାନ ସହ କଥା ମାନି ନିଜ ଲକ୍ଷ୍ୟ ପଥରେ ଆଗକୁ ଯିବାକୁ କହିଛନ୍ତି। ଆପଣଙ୍କ ଭବିଷ୍ୟତ ଆପଣଙ୍କ ହାତରେ ଅଛି ବୋଲି ଛାତ୍ରଛାତ୍ରୀଙ୍କୁ କହିଛନ୍ତି ୫-ଟି ଅଧ୍ୟକ୍ଷ । ଏହି ଅବସରରେ କେନ୍ଦୁଝର ଜିଲ୍ଲାର କିଛି ସଫଳ ବ୍ୟକ୍ତିତ୍ୱଙ୍କ ଉଦାହରଣ ଦେଇ ସେମାନେ ସରକାରୀ ହାଇସ୍କୁଲରେ ପାଠ ପଢି କିପରି ସଫଳତା ହାସଲ କରିଛନ୍ତି ସେନେଇ ଶ୍ରୀ ପାଣ୍ଡିଆନ୍ ନିଜ ବକ୍ତବ୍ୟରେ କହିଛନ୍ତି। ଏଠାକାର ହାଇସ୍କୁଲରୁ ପାଠ ପଢି ସୁରେଶ ମହାପାତ୍ର ଆଇଏସ ପାଇବା ସହ ରାଜ୍ୟ ମୁଖ୍ୟ ଶାସନ ସଚିବ ପଦ ସମ୍ଭାଳିଛନ୍ତି। ସେହିପରି ଅଟଳ କ୍ରିଷ୍ଣା ଖଟୁଆ ମହାକାଶ ଗବେଷଣା ସଂସ୍ଥା ଇସ୍ରୋରେ ବୈଜ୍ଞାନିକ ହୋଇପାରିଛନ୍ତି। ସେହିଭଳି ଶୁଭ୍ରାଂଶୁସେନାପତି ସଫଳ କ୍ରିକେଟର ଭାବେ ଆଇପିଏଲ ଖେଳି ଜିଲ୍ଲାର ନାଁ ଉଜ୍ଜ୍ୱଳ କରିଛନ୍ତି ୫-ଟି ଅଧ୍ୟକ୍ଷ କହିଛନ୍ତି ।

**SALE**
Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact- Bhavishya Homes Pvt Ltd.
**Ph.: 9437015112**

**AFFIDAVIT**
By virtue of an affidavit sworn before the Executive Magistrate Narasinghpur Dated 25/01/2024, I CHAMPA MAHALIK, WO-Rabindra Mahalik, Vill-Lembo, P.O-Alara, P.S- Narasinghpur, Dist-Cuttack, Odisha Declare that, I have changed my name from SOMABARI MAHALIK to CHAMPA MAHALIK. Hence forth I shall be known as CHAMPA MAHALIK for all purposes.
Sd/-Champa Mahalik.

**TPCODL**
**ବିଶେଷ ସୂଚନା**
ନିୟମିତ ମରାମତି କାର୍ଯ୍ୟ ପାଇଁ ଆଜି ଭୁବନେଶ୍ୱର ସ୍ଥିତ ଇନ୍ଦିରା କଲୋନୀ, ନୂଆଗ୍ରାମ, ନାଥପୁର, ଶ୍ରୀଗୁରୁ ନଗର, ନୀଳକଣ୍ଠ ନଗର ଅଞ୍ଚଳରେ ସକାଳ ୯ ଘଟିକାରୁ ସନ୍ଧ୍ୟା ୫ ଘଟିକା ପର୍ଯ୍ୟନ୍ତ ବିଦ୍ୟୁତ ଯୋଗାଣ ବନ୍ଦ ରହିବ। ଅସୁବିଧା ପାଇଁ ଦୁଃଖିତ - TPCODL
**ଅସୁବିଧା ପାଇଁ ଦୁଃଖିତ - TPCODL**

# ସ୍ୱସ୍ତି

ସକାଳ
THE SAKALA
www.sakalaepaper.com



# ମହତ୍ତ୍ୱପୂର୍ଣ୍ଣ ମାଘ ମାସ

ଆରମ୍ଭ ହୋଇଛି ପବିତ୍ର ମାଘ ମାସ। ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଏହି ମାସର ଗୁରୁତ୍ୱ ରହିଛି। ବ୍ରତ, ଉପାସନାର ପ୍ରକୃଷ୍ଟ ମାସ ମାଘ। ଏହି ମାସରେ ପଡୁଥିବା ବିଶେଷ ତିଥିରେ ଦେବାରାଧନା ତଥା ଧର୍ମୀୟ ଆଚରଣ କରିବା ଦ୍ୱାରା ବିଶେଷ କୃପା ପ୍ରାପ୍ତି ହୁଏ। ଏହାସହ ଜୀବନରେ ଆସୁଥିବା ସମସ୍ତ ବାଧାବିଘ୍ନ ଦୂର ହୁଏ।

**ମାଘ ମାସର ମାହାତ୍ମ୍ୟ:** ମାଘ ମାସରେ ଗଙ୍ଗା କୂଳରେ କୁମ୍ଭମେଳା ଆୟୋଜନ ହୋଇଥାଏ। ଏହି ମାସରେ ଗଙ୍ଗା ନଦୀରେ ସ୍ନାନ ଏବଂ ଦାନର ବିଶେଷ ମହତ୍ତ୍ୱ ଅଛି। ଉକ୍ତ ମାସରେ ମାତା ଗଙ୍ଗା, ସୂର୍ଯ୍ୟଦେବ, ଭଗବାନ ବିଷ୍ଣୁଙ୍କ ପୂଜାରେ ବିଶେଷ ଫଳ ପ୍ରାପ୍ତି ହୁଏ। ଏହି ମାସରେ ଗଙ୍ଗା ସ୍ତୋତ୍ର ତଥା ଗଙ୍ଗା ସ୍ତୁତି ପାଠ କରିବା ବେଶ୍ ଶୁଭଦାୟକ।

**ପୂଜାପାଠ:** ମାଘ ମାସରେ ପୂଜା-ପାଠରେ ବିଶେଷ ଗୁରୁତ୍ୱ ଅଛି। ସେଥିପାଇଁ ଏହି ମାସରେ ଭଗବାନ ଶ୍ରୀକୃଷ୍ଣ, ବିଷ୍ଣୁ ଓ ମା' ଲକ୍ଷ୍ମୀଙ୍କ ଉପାସନା କରାଯାଇଥାଏ। ଏହାସହ ପ୍ରତ୍ୟେକ ଦିନ ସକାଳୁ ଉଠି ସ୍ନାନ ଏବଂ ଧ୍ୟାନ ପରେ ଭଗବାନ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରିବା ଦରକାର। ଏଭଳି କରିବା ଦ୍ୱାରା ଦେବ କୃପା ଲାଭ ହୁଏ।

**ପୁଣ୍ୟଦାୟୀ ଦାନ:** ମାଘ ମାସରେ ଦାନର ଖୁବ୍ ମହତ୍ତ୍ୱ ଅଛି। ପୁରାଣରେ ଅନେକ ଦାନ ବିଷୟରେ ଉଲ୍ଲେଖ କରାଯାଇଛି। ସେଥିରୁ ଅନ୍ନଦାନ, ବିଦ୍ୟାଦାନ, ଅଭୟଦାନ ଏବଂ ଧନଦାନକୁ ଶ୍ରେଷ୍ଠ ବୋଲି କୁହାଯାଇଛି। ଏହାକୁ ପୁଣ୍ୟ କାମ ବୋଲି ମଧ୍ୟ କୁହାଯାଏ। ମାଘ ମାସରେ ଖେଚୁଡ଼ି, ଘୃତ, ହଳଦି, ଲୁଣ, ରାଶି, ଗୁଡ଼ ଦାନ କରିବା ଦ୍ୱାରା ମହାଫଳ ପ୍ରାପ୍ତି ହୁଏ।

**କଳ୍ପବାସ:** ମାଘ ମାସରେ କଳ୍ପବାସ କରିବା ହେଉଛି ସବୁଠୁ ବଡ଼ ପୁଣ୍ୟ। କଳ୍ପବାସ ଅର୍ଥାତ୍ କିଛି କାଳ ତଥା ସମ୍ପୂର୍ଣ୍ଣ ମାଘ ମାସ ନଦୀ ତଟରେ କୁଟୀର କରି ରହିବା ଏବଂ ସାଧୁମାନଙ୍କ ସହିତ ବ୍ରତ, ତପ, ଉପବାସ, ସତ୍‌ସଙ୍ଗ ଆଦି କରିବା ହେଉଛି କଳ୍ପବାସ। କିଛି ଲୋକ ମାଘ ପୂର୍ଣ୍ଣିମା ପର୍ଯ୍ୟନ୍ତ କଳ୍ପବାସ କରନ୍ତି। କଳ୍ପବାସ ଦ୍ୱାରା ଶରୀରରୁ ସମସ୍ତ ରୋଗ ଓ ମନର ସମସ୍ତ ଶୋକ ସମାପ୍ତ ହୋଇଥାଏ। ବ୍ରହ୍ମା, ବିଷ୍ଣୁ, ମହେଶ୍ୱର, ଆଦିତ୍ୟ ମାଘ ମାସରେ ପ୍ରୟାଗରାଜ ଯମୁନା ସଙ୍ଗମ ପାଇଁ ଗମନ କରନ୍ତି ବୋଲି ଶାସ୍ତ୍ରରେ ବର୍ଣ୍ଣନା ରହିଛି।

ଏହି ମାସର ବିଭିନ୍ନ ତିଥିରେ ଆମ ଓଡ଼ିଶାରେ ବିରଜାଦେବୀଙ୍କ ଜନ୍ମୋତ୍ସବ, ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପଦ୍ମବେଶ, ଗଜ ଉଦ୍ଧାରଣ ବେଶ, କୋଣାର୍କ ଚନ୍ଦ୍ରଭାଗାରେ ମାଘ ବୁଡ଼, ବ୍ୟାସ ସରୋବର ମେଳା, ଯୋରନ୍ଦା ମେଳା ଅନୁଷ୍ଠିତ ହୋଇଥାଏ।

## ଗୀତାବାଣୀ



ଅପାନେ ଜୁହ୍ୱତି ପ୍ରାଣଂ ପ୍ରାଣେଽପାନଂ ତଥାପରେ।
ପ୍ରାଣାପାନଗତୀ ରୁଦ୍ଧ୍ୱା ପ୍ରାଣାୟାମପରାୟଣାଃ ॥୨୯॥
ଅପରେ ନିୟତାହାରାଃ ପ୍ରାଣାନ୍ ପ୍ରାଣେଷୁ ଜୁହ୍ୱତି।
ସର୍ବେଽପ୍ୟେତେ ଯଜ୍ଞବିଦୋ ଯଜ୍ଞକ୍ଷପିତକଲ୍ମଷାଃ ॥୩୦॥

ଅନ୍ୟ କେତେକ ପ୍ରାଣାୟାମପରାୟଣ ଯୋଗୀ ଅପାନରେ ପ୍ରାଣବାୟୁକୁ ପୂରକ କରି, ପ୍ରାଣ ଓ ଅପାନର ଗତିକୁ ରୁଦ୍ଧ (କୁମ୍ଭକ) କରି ପ୍ରାଣରେ ଅପାନକୁ ଆହୁତି ଦିଅନ୍ତି ବା ରେଚକ କରନ୍ତି; ତଥା ଅନ୍ୟ କେତେକ ନିୟମିତ ଆହର କରୁଥିବା ଯୋଗୀ ପ୍ରାଣମାନଙ୍କୁ ପ୍ରାଣମାନଙ୍କରେ ଆହୁତି ଦିଅନ୍ତି। ଏ ସମସ୍ତ ସାଧକ ଯଜ୍ଞ ଦ୍ୱାରା ପାପ ନାଶ କରନ୍ତି ଏବଂ ଯଜ୍ଞକୁ ଜାଣନ୍ତି।

(ଚତୁର୍ଥୋଽଧ୍ୟାୟଃ – ଶ୍ଳୋକ - ୨୯/୩୦)

# ପୂଜା ଫୁଲ ଖସିବାର ସଙ୍କେତ



ଆମେ ଠାକୁର ଘରେ ବା ମନ୍ଦିରରେ ଦେବଦେବଙ୍କ ପୂଜା କରିଥାଉ। ତେବେ ବେଳେ ବେଳେ ପୂଜା ସମୟରେ ଠାକୁରଙ୍କ ମସ୍ତକରୁ ଫୁଲ ଖସି ପଡ଼ିଥାଏ। ଏପରିକି କେବେ କେବେ ଦୀପ ବି ଦୀପ ଲିଭିବା ଦେଖାଯାଏ। ତେବେ ପୂଜା ବେଳେ ମିଳୁଥିବା ଏଭଳି ସଙ୍କେତରୁ ବିଭିନ୍ନ କଥା ଜାଣିବାକୁ ମିଳିଥାଏ। କୁହାଯାଏ ଏହି ସବୁ ସଙ୍କେତ ଦ୍ୱାରା ଭଗବାନ ପ୍ରସନ୍ନ କି କୋପ ଅଛନ୍ତି, ସେ କଥା ବୁଝାପଡ଼େ। ଯେତେବେଳେ ପୂଜା ସମୟରେ ଠାକୁରଙ୍କ ମଥାରୁ ଫୁଲ ଖସିଥାଏ, ଏହାର ଅର୍ଥ ହେଉଛି ପୂଜା ସଫଳ ହୋଇଛି ଏବଂ ଭଗବାନ ପ୍ରସନ୍ନ ଅଛନ୍ତି। ଏହାର ଆଉ ଏକ ଅର୍ଥ ହେଉଛି ମନସ୍କାମନା ପୂରଣ ହେବ। ତା'ସହ ଫୁଲ ପଡ଼ିବାର ଅର୍ଥ ହେଉଛି ଘରେ ସୁଖସମୃଦ୍ଧି ବୃଦ୍ଧି ଘଟିବ। ଭଗବାନଙ୍କ ମଥାରୁ ଖସିଥିବା ଏହି ଫୁଲକୁ ନାଲି କପଡ଼ାରେ ବାନ୍ଧି ଘର ଆଲମାରିରେ ରଖିପାରିବେ।

# ସଙ୍କଟ ଚତୁର୍ଥୀ



ଆଜି ହେଉଛି ମାଘ ମାସ କୃଷ୍ଣ ପକ୍ଷର ଚତୁର୍ଥୀ। ଯାହାକି 'ସଙ୍କଟ ଚତୁର୍ଥୀ' ଭାବେ ପରିଚିତ। ମା' ମାନେ ନିଜ ପିଲାଙ୍କ ଦୀର୍ଘଜୀବନ କାମନା କରି ଏହି ବ୍ରତ କରିଥାନ୍ତି। ତେବେ ଏଥିରେ ଶ୍ରୀ ଗଣେଶଙ୍କ ପୂଜାର୍ଚ୍ଚନା କରାଯାଏ। ସଙ୍କଟ ଚତୁର୍ଥୀ ବ୍ରତ ପାଳନ କରିବା ଦ୍ୱାରା ଶ୍ରୀଗଣେଶଙ୍କ ଆଶୀର୍ବାଦ ପ୍ରାପ୍ତ ହୁଏ। ତା'ସହ ସମସ୍ତ ଅସୁବିଧାରୁ ମୁକ୍ତି ମିଳିଥାଏ।

ଶ୍ରୀଗଣେଶ ଅଗ୍ରପୂଜ୍ୟ ହୋଇଥିବା ବେଳେ ସେ ବିଘ୍ନବିନାଶକ। କୁହାଯାଏ, ଶ୍ରୀ ଗଣେଶଙ୍କ ପୂଜା ନୀତିନିୟମରେ କରିବା ଦ୍ୱାରା ସମସ୍ତ ବିଘ୍ନ ବା ସଙ୍କଟ ଦୂର ହୁଏ। ଏହିଦିନ ମା'ମାନେ ସନ୍ତାନଙ୍କ କଲ୍ୟାଣ କାମନା କରି ଉପବାସ ରଖିଲେ ସେମାନଙ୍କ ଜୀବନର ସମସ୍ତ ବାଧାବିଘ୍ନ ଦୂର ହୋଇଥାଏ। ତା'ସହ ପାପ ମଧ୍ୟ କ୍ଷୟ ହୁଏ। ସେହିପରି ଗଣେଶଙ୍କୁ ପୂଜାର୍ଚ୍ଚନା କରିବା ପରେ ମହିଳାମାନେ ଉପବାସ ଭାଙ୍ଗିଥାନ୍ତି। ଏହିଦିନ ରାଶି ଓ ଗୁଡ଼କୁ ବ୍ୟବହାର କରାଯାଇ ଛେଳି ପ୍ରତିକୃତି ତିଆରି କରାଯାଏ। ଏହାପରେ ଦୁବରେ ଏହାର ବେକକୁ କାଟି ଦିଆଯାଏ। ଏଭଳି କରିବା ଦ୍ୱାରା ଶ୍ରୀଗଣେଶ ପ୍ରସନ୍ନ ହେଉଥିବା ବିଶ୍ୱାସ ରହିଛି।

# ପେଚା ମୂର୍ତ୍ତି ରଖିବା ଶୁଭଦାୟକ



**ହିନ୍ଦୁ ଧର୍ମରେ ପେଚାକୁ ମା' ଲକ୍ଷ୍ମୀଙ୍କ ବାହନ ଭାବେ ଗ୍ରହଣ କରାଯାଏ। ଅନ୍ୟପଟରେ ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ଘରେ ପେଚା ମୂର୍ତ୍ତି ରଖିବା ଶୁଭ ବୋଲି ବିବେଚନା କରାଯାଏ।**

- ଜ୍ୟୋତିଷ ଶାସ୍ତ୍ରରେ କୁହାଯାଇଛି ଯେ, ଘରେ ପେଚା ମୂର୍ତ୍ତି ରଖିବା ଦ୍ୱାରା ବାସ୍ତୁଦୋଷ ଦୂର ହୁଏ।
- ବାସ୍ତୁ ଶାସ୍ତ୍ର ଅନୁସାରେ, ପେଚା ମୂର୍ତ୍ତିକୁ ଉତ୍ତର-ପଶ୍ଚିମ ଦିଗରେ ରଖିବା ଶୁଭଙ୍କର। ଏହାକୁ ମୁଖ୍ୟ ଘର ଏବଂ ମୁଖ୍ୟ ଦ୍ୱାରରେ ରଖିବା ଉଚିତ। ଏହା ଦ୍ୱାରା ଘରୁ ନକାରାତ୍ମକ ଶକ୍ତି ଦୂର ହୁଏ।
- ଏହାକୁ ଘର ସହ ଅଫିସ୍‌ରେ ମଧ୍ୟ ରଖିପାରିବେ। ଏହା ଦ୍ୱାରା ଜୀବନରେ ସକାରାତ୍ମକ ଶକ୍ତି ସଞ୍ଚାର ହୁଏ।
- ହିନ୍ଦୁ ଶାସ୍ତ୍ର ଅନୁସାରେ, ଶୁକ୍ରବାର ମା' ଲକ୍ଷ୍ମୀଙ୍କୁ ସମର୍ପିତ। ଏଣୁ ଶୁକ୍ରବାର ଦିନ ଘରେ ଏହାକୁ ରଖିବା ଶୁଭଦାୟକ। ତେବେ ମୂର୍ତ୍ତିକୁ ଗଙ୍ଗାଜଳରେ ପରିଷ୍କାର କରି ଘରେ ସ୍ଥାପିତ କରନ୍ତୁ।

# ଅମାବାସ୍ୟାରେ କ'ଣ ଅକରଣୀୟ

**ହିନ୍ଦୁଧର୍ମରେ ପ୍ରତ୍ୟେକ ତିଥିର ବିଶେଷତ୍ୱ ଅଛି। ପୂର୍ଣ୍ଣିମା ଓ ଅମାବାସ୍ୟା ପ୍ରତ୍ୟେକ ମାସରେ ଥରେ ଆସେ। ପ୍ରତ୍ୟେକ ମାସର କୃଷ୍ଣ ପକ୍ଷର ଅନ୍ତିମ ତିଥିକୁ ଅମାବାସ୍ୟା କୁହାଯାଏ। ଏହିଦିନ ଚନ୍ଦ୍ର ଦୃଶ୍ୟମାନ ହୋଇ ନ ଥାନ୍ତି। ତେଣୁ ଏହି ଦିନ କିଛି କାମ କରିବା ଶାସ୍ତ୍ର ସମ୍ମତ ନୁହେଁ।**

- ଏହିଦିନ ଆମିଷ ଓ ମଦ୍ୟପାନ କରିବା ଅନୁଚିତ। ଏପରି କରିବା ଦ୍ୱାରା ଆର୍ଥିକ ସମସ୍ୟା ଦେଖାଦିଏ।
- ସେହିପରି ପିଆଜ, ରସୁଣ ଖାଇବା ମଧ୍ୟ ମନା। କେବଳ ଏତିକି ନୁହେଁ, ଏହିଦିନ କେଶ ତଥା ଦାଢ଼ି କାଟିବା ମଧ୍ୟ ମନା। ଏହି କାମ କରିବା ଦ୍ୱାରା ପିତୃପୁରୁଷ କ୍ରୋଧିତ ହୁଅନ୍ତି।
- ଏହାବାଦ୍ କେଶ ସଫା କରିବା ଦ୍ୱାରା ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥାଏ।
- ଧାର୍ମିକ ମାନ୍ୟତାନୁସାରେ, ଏହିଦିନ କଳି-ଝଗଡ଼ାରୁ ଦୂରେଇ ରହିବା ଆବଶ୍ୟକ।
- ସେହିପରି ଏହିଦିନ ଝାଡୁ କିଣିବା ମନା। ଏଭଳି କଲେ ଲକ୍ଷ୍ମୀ ମା' କ୍ରୋଧ ପ୍ରକଟ କରନ୍ତି।
- ଏହିଦନିରେ ମୁଣ୍ଡନ ଓ ଗୃହପ୍ରବେଶ ଭଳି ଶୁଭ କାମ କରିବାକୁ ବାରଣ କରାଯାଇଛି।



# ପ୍ରକୃତ କର୍ମ

ବୁଦ୍ଧ କଥା



**ଗୌତମ ବୁଦ୍ଧଙ୍କ ମୂଲ୍ୟବାନ ବିଚାର, ଜ୍ଞାନ, ଉପଦେଶ ଓ ନୀତିବାଣୀ ଦ୍ୱାରା ଲୋକଙ୍କ ଜୀବନ ବଦଳି ଯାଏ। ସେଥିପାଇଁ ଜ୍ଞାନାଲୋକକୁ ଅଧିକ ଉଦ୍‌ଭାସିତ କରିବା ପାଇଁ ବୁଦ୍ଧଙ୍କ ବିଚାରଧାରା ଅବଶ୍ୟ ଆପଣାଇବା ଉଚିତ। ଏହି ପରିପ୍ରେକ୍ଷୀରେ କର୍ମକୁ ନେଇ ବୁଦ୍ଧଙ୍କର ଏକ ସୁନ୍ଦର ତଥା ଶିକ୍ଷଣୀୟ କଥା ନିମ୍ନରେ ପ୍ରଦତ୍ତ କରାଗଲା।**

ଥରେ ଗୌତମବୁଦ୍ଧଙ୍କୁ ତାଙ୍କର କିଛି ଶିଷ୍ୟ ପ୍ରଶ୍ନ କରିଥିଲେ ଯେ, ପ୍ରକୃତ କର୍ମ କାହାକୁ କୁହାଯାଏ। ଶିଷ୍ୟମାନଙ୍କ ଜିଜ୍ଞାସା ମୋଚନ କରିବାକୁ ଯାଇ ବୁଦ୍ଧ ସେମାନଙ୍କୁ ଏହି କହାଣୀ ଶୁଣାଇଲେ।

ଏକଦା ଜଣେ ରାଜା ନିଜ ମନ୍ତ୍ରୀଙ୍କ ସହିତ ଘୋଡ଼ାରେ ବସି ରାଜ୍ୟ ଭ୍ରମଣରେ ଯାଇଥିଲେ। ଭ୍ରମଣ ସମୟରେ ରାଜାଙ୍କ ନଜର ଜଣେ ଦୋକାନୀଙ୍କ ଉପରେ ପଡ଼ିଲା ଏବଂ ସେଠାରେ ସେ ଅଟକି ଗଲେ। ତେବେ ସେହି ଦୋକାନୀ ଜଣକୁ ଦେଖି ରାଜା ମନ୍ତ୍ରୀକୁ କହିଲେ, 'ମୁଁ ଜାଣିନି, ଏହି ଦୋକାନୀକୁ ଦେଖି କାହିଁକି ମୋତେ ମୃତ୍ୟୁଦଣ୍ଡ ଦେବାକୁ ଇଚ୍ଛା ହେଉଛି।' ଏତକ କହି ରାଜା ସେହି ସ୍ଥାନରୁ ଏକୁଟିଆ ଚାଲି ଆସିଲେ।

ମନ୍ତ୍ରୀ ମଧ୍ୟ ଏହାର କାରଣ ନେଇ ରାଜାଙ୍କୁ କିଛି ପଚାରିପାରିଲେ ନାହିଁ। ତେବେ ଏହା ପରଦିନ ମନ୍ତ୍ରୀ ଗ୍ରାହକ ବେଶରେ ଦୋକାନୀଙ୍କ ପାଖରେ ପହଞ୍ଚିଲେ। ସେହି ଦୋକାନୀ ଜଣକ ଚନ୍ଦନ କାଠ ବିକ୍ରି କରେ।

ମନ୍ତ୍ରୀ ଦୋକାନୀକୁ ଏଣୁତେଣୁ କଥାକହି କାମ ଓ ତାଙ୍କର ହାଲଚାଲ ପଚାରିଲେ। ସେଇଠୁ ଦୋକାନୀ ଜଣକ କହିଲା, "କ'ଣ କହିବି ଭାଇ, ମୋ ଅବସ୍ଥା ତ ବହୁତ ଖରାପ! ଲୋକ ମୋ ଦୋକାନକୁ ଆସୁଛନ୍ତି। ଚନ୍ଦନ କାଠର ପ୍ରଶଂସା ମଧ୍ୟ କରୁଛନ୍ତି, କିନ୍ତୁ କେହି ଏହାକୁ କିଣୁ ନାହାନ୍ତି। ତେବେ ମୁଁ ଅପେକ୍ଷାରେ ଅଛି ଯେ, କେବେ ଆମ ରାଜାଙ୍କ ମୃତ୍ୟୁ ହେବ ଏବଂ ମୋ ଦୋକାନରୁ ତାଙ୍କ ଅନ୍ତିମ ସଂସ୍କାର ପାଇଁ ସବୁ ଚନ୍ଦନ କାଠ ଯିବ।" ଦୋକାନୀ ମୁହଁରୁ ଏତକ ଶୁଣିବା ପରେ ମନ୍ତ୍ରୀ ସବୁ ବୁଝିଗଲେ। ସେ ବୁଝିଗଲେ ଯେ, କ'ଣ ପାଇଁ ରାଜାଙ୍କ ମନରେ ଏହି ଦୋକାନୀଙ୍କ ପ୍ରତି ନକାରାତ୍ମକ ଚିନ୍ତାଧାରା ବସା ବାନ୍ଧିଛି।

ତେବେ ଦୋକାନୀଙ୍କ କଥା ଶୁଣି ଛଦ୍ମବେଶୀ ମନ୍ତ୍ରୀ ତାଙ୍କଠାରୁ କିଛି ଚନ୍ଦନ କାଠ କିଣିଲେ। କାଠ ବିକ୍ରି ହେବାରୁ ଦୋକାନୀ ଜଣକ ବି ବେଶ୍ ଖୁସି ହୋଇଗଲା। ଅନ୍ୟପଟେ ରାଜାଙ୍କ ପାଖରେ ପହଞ୍ଚି ମନ୍ତ୍ରୀ କହିଲେ, 'ଆପଣ ଯେଉଁ ଦୋକାନୀକୁ ମୃତ୍ୟୁଦଣ୍ଡ ଦେବା କଥା ଚିନ୍ତା କରିଥିଲେ, ସେ ଆପଣଙ୍କ ପାଇଁ ଭେଟି ସ୍ୱରୂପ ଏହିସବୁ ଚନ୍ଦନ କାଠ ପଠାଇଛି।' ଏହାଶୁଣି ରାଜା ଖୁବ୍ ଖୁସି ହୋଇଗଲେ। ତା'ସହ ମନେ ମନେ ଭାବିଲେ ମୁଁ ବିନା କାରଣରେ ଦୋକାନୀଟି ବିଷୟରେ ଭୁଲ୍ ଚିନ୍ତା କରୁଥିଲି। ରାଜା ମନ୍ତ୍ରୀଙ୍କଠାରୁ ଚନ୍ଦନ କାଠ ନେଇ ତାକୁ ଶୁଙ୍ଘିଲେ ଏବଂ ସେଥିରୁ ଅପୂର୍ବ ସୁଗନ୍ଧ ଚହଟୁଥିଲା। ତେବେ ଦୋକାନୀର ଚନ୍ଦନକାଠ ଉପହାରରେ ଖୁସି ହୋଇ ରାଜା ତା'ପାଇଁ କିଛି ସ୍ୱର୍ଣ୍ଣମୁଦ୍ରା ଦେଲେ।

ଏହା ପରଦିନ ମନ୍ତ୍ରୀ ଦୋକାନୀ ପାଖକୁ ଯାଇ କହିଲେ, ଏହି ସ୍ୱର୍ଣ୍ଣମୁଦ୍ରା ତୁମ ପାଇଁ ରାଜା ପଠାଇଛନ୍ତି। ଏହା ଦେଖି ସେ ଖୁସି ହୋଇଗଲା ଏବଂ ମନେ ମନେ କହିଲା, 'ମୁଁ କେତେ ଭୁଲ୍ ଥିଲି ଯେ, ରାଜାଙ୍କ ମୃତ୍ୟୁକଥା ଚିନ୍ତା କରୁଥିଲି! ସେ ତ କେତେ ଦୟାଳୁ।' ଗୌତମ ବୁଦ୍ଧ ଏହି କାହାଣୀକୁ ଶେଷ କରି କହିଲେ, 'ଆମ କାମ ଓ ଚିନ୍ତାଧାରା ହିଁ ହେଉଛି ଆମର କର୍ମ।'

## ପ୍ରଶ୍ନୋତ୍ତର

୧. ଗାନ୍ଧାରୀ କେଉଁ ରାଜାଙ୍କର କନ୍ୟା ଥିଲେ?
୨. କର୍ଣ୍ଣଙ୍କ ପୁତ୍ରଙ୍କ ନାମ କ'ଣ?
୩. ଭୀମସେନଙ୍କୁ କେଉଁ ବିଷ ଦିଆଯାଇଥିଲା?
୪. ହନୁମାନଙ୍କୁ କିଏ ଗଦା ପ୍ରଦାନ କରିଥିଲେ?
୫. ପଶୁପତି କେଉଁ ଦେବତାଙ୍କୁ କୁହାଯାଏ?



**ଉତ୍ତର**
(୧)ରାଜା ସୁବଳ(୨)ବୃଷସେନ (୩)କାଳକୂଟ (୪) କୁବେର (୫) ମହାଦେବ

# ରାହୁ ପ୍ରକୋପ ଦୂର କରେ ଏରୁଣ୍ଡିବନ୍ଧ

**ସନାତନ ଧର୍ମ ଏବଂ ଜ୍ୟୋତିଷ ଶାସ୍ତ୍ରରେ ଘରର ଏରୁଣ୍ଡି ବନ୍ଧର ବିଶେଷ ଗୁରୁତ୍ୱ ଅଛି। ଏରୁଣ୍ଡି ବନ୍ଧ ଘରୁ ନକାରାତ୍ମକ ଶକ୍ତି ଦୂରେଇ ରଖିବାରେ ସାହାଯ୍ୟ କରେ। ମୁଖ୍ୟଦ୍ୱାରରେ ଏରୁଣ୍ଡିବନ୍ଧରେ ନିତି ସଞ୍ଜ ସଳିତା ଜଳାଯାଏ।**

- ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ଏରୁଣ୍ଡି ବନ୍ଧରେ ରାହୁ ବାସ କରନ୍ତି। ଏହି ପୂଜା ଦ୍ୱାରା ରାହୁ ପ୍ରଭାବ କମ୍ ହୁଏ। ଏହା ସହ ଘରେ ସକାରାତ୍ମକ ଶକ୍ତି ପ୍ରବେଶ କରେ। ଏଣୁ ଏରୁଣ୍ଡି ବନ୍ଧକୁ ମା' ଲକ୍ଷ୍ମୀଙ୍କ ଆଗମନର ଦ୍ୱାର ବୋଲି କୁହାଯାଏ।
- ଏରୁଣ୍ଡି ବନ୍ଧ ପୂଜା ଦ୍ୱାରା ମା' ଲକ୍ଷ୍ମୀଙ୍କ କୃପା ପ୍ରାପ୍ତି ହୁଏ। ଏହାସହ ଜୀବନରେ ହସ ଖୁସି ଭରିଯାଏ। ଘରର କୌଣସି ପୂଜା ଉତ୍ସବରେ ଘରର ଦୁଆର ବନ୍ଧକୁ ପ୍ରଥମେ ସାଜସଜ୍ଜା କରାଯାଏ। ସେହିପରି ଦୀପାବଳି ଅବସରରେ ଦୀପ ଜଳାଯାଏ। ତା'ସହ ରଙ୍ଗୋଲି ବି କରାଯାଏ। ସେଥିପାଇଁ ଘରର ଏରୁଣ୍ଡି ବନ୍ଧକୁ ସବୁବେଳେ ସଫାସୁତୁରା ରଖିବା ଆବଶ୍ୟକ।



## ପୋଡ଼ାଗଡ଼ରେ ମାଣ୍ଡିଆ ମଣ୍ଡି ଶୁଭାରମ୍ଭ



**ପୋଡ଼ାଗଡ଼,୨୮।୧(ସମିସ):** ଦଶମନ୍ତପୁର ବ୍ଲକ୍ ଅନ୍ତର୍ଗତ ପୋଡ଼ାଗଡ଼ରେ ମାଣ୍ଡିଆ ମଣ୍ଡିର ଶୁଭାରମ୍ଭ ହୋଇଯାଇଛି। କୋରାପୁଟ ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ରଘୁରାମ ପଡାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମଣ୍ଡିର ଶୁଭାରମ୍ଭ କରିଥିଲେ। କୋରାପୁଟ ଜିଲ୍ଲାର ୪୮ ଟି ମଣ୍ଡିରେ ମାଣ୍ଡିଆ କ୍ରୟ କରାଯିବାକୁ ଥିବାବେଳେ କିଲୋ ୩୮ ଟଙ୍କା ୪୬ ପଇସାରେ କ୍ରୟ କରାଯିବ ବୋଲି କୋରାପୁଟ ଆଦିବାସୀ ସମନ୍ୱିତ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ସୌମ୍ୟ ସାର୍ଥକ ମିଶ୍ର କହିଛନ୍ତି। ଚଳିତ ବର୍ଷ ୨ ଲକ୍ଷ ୫୦ ହଜାର କ୍ୱିଣ୍ଟାଲ ମାଣ୍ଡିଆ କ୍ରୟ କରାଯିବାକୁ ଲକ୍ଷ୍ୟ ରଖାଯାଇଥିବା ଶ୍ରୀ ମିଶ୍ର କହିଛନ୍ତି। ପ୍ରଥମ ଦିନରେ ପୋଡ଼ାଗଡ଼ରେ ୧୧ ଜଣ ଚାଷୀଙ୍କଠାରୁ ୬୦ କ୍ୱିଣ୍ଟାଲ ମାଣ୍ଡିଆ କ୍ରୟ କରାଯାଇଥିବା ପ୍ରକଳ୍ପ ପ୍ରଶାସକ ସୌମ୍ୟ ସାର୍ଥକ ମିଶ୍ର କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କୋରାପୁଟ କୃଷି ଜିଲ୍ଲା ଅଧିକାରୀ ବୈକୁଣ୍ଠନାଥ ବେହେରା, ଆତ୍ମା ଉପ ପ୍ରକଳ୍ପ ନିର୍ଦ୍ଦେଶକ ତାପସ ଚନ୍ଦ୍ର ରାୟ, ଟିଡିସିସି ଜିଲ୍ଲା ମ୍ୟାନେଜର ସୁରେଶ ଚନ୍ଦ୍ର ମଲ୍ଲିକ, ମିଲେଟ ମିଶନର ଜିଲ୍ଲା ସଂଯୋଜକ ଶିବ ଶଙ୍କର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଧାନ୍ ଫାଉଣ୍ଡେସନର କର୍ମକର୍ତ୍ତା ଯୋଗଦେଇ ପରିଚାଳନା କରିଥିଲେ। ଏହି ଅବସରରେ ସ୍ୱୟଂ ସହାୟିକା ମହିଳା ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ କ୍ଷୁଦ୍ର ଶସ୍ୟରେ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ଷ୍ଟଲର କୋରାପୁଟ ବିଧାୟକ ରଘୁରାମ ପଡ଼ାଲ ଉଦଘାଟନ କରିବା ସହ ଖାଦ୍ୟର ସ୍ୱାଦ ଚାଖିଥିଲେ।

## ଆଜି ଲୋକାର୍ପଣ ହେବ ୮୨ ରୂପାନ୍ତରିତ ଉଚ୍ଚ ବିଦ୍ୟାଳୟ

**କୋରାପୁଟ,୨୮।୧(ସମିସ):** '୫-ଟି' ଅଧୀନରେ ଚତୁର୍ଥ ପର୍ଯ୍ୟାୟରେ ରୂପାନ୍ତରିତ ୮୨ଟି ଉଚ୍ଚ ବିଦ୍ୟାଳୟକୁ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସ ଜରିଆରେ ଲୋକାର୍ପଣ କରିବେ। ଏହି ସମାରୋହ ବୈପାରୀଗୁଡ଼ା ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ଅପରାହ୍ଣ ୫ଟା ସମୟରେ ହେବାକୁ ଥିବାବେଳେ '୫-ଟି' ତଥା ଯୁବ ଓଡ଼ିଶା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସ ମାଧ୍ୟମରେ ଉଦଘାଟନ କରିବେ ବୋଲି ଜିଲ୍ଲା ଶିକ୍ଷା ଅଧିକାରୀ ରାମ ଚନ୍ଦ୍ର ନାହାକ ସୂଚନା ଦେଇଛନ୍ତି। କୋରାପୁଟ ଜିଲ୍ଲାରେ ମୋଟ ୨୭୫ଟି ହାଇସ୍କୁଲ ଥିବାବେଳେ ବର୍ତ୍ତମାନ ସୁଦ୍ଧା ତିନିଟି ପର୍ଯ୍ୟାୟରେ ୨୫୨ ସ୍କୁଲ ଓ ସ୍ୱତନ୍ତ୍ର ଭାବେ ଓଡ଼ିଶା ଖଣି ନିଗମ ଦ୍ୱାରା ରୂପାନ୍ତର ହୋଇଥିବା ଲକ୍ଷ୍ମୀପୁର ସ୍ଥିତ ସାଙ୍ଗନା ଉଚ୍ଚ ବିଦ୍ୟାଳୟ ଲୋକାର୍ପଣ ହୋଇଥିବା ଶ୍ରୀ ନାହାକ ପ୍ରକାଶ କରିଛନ୍ତି। ୨୦୨୧ ନଭେମ୍ବର ୨୮ରେ ପ୍ରଥମ ପର୍ଯ୍ୟାୟରେ ୧୭ ହାଇସ୍କୁଲ ଲୋକାର୍ପିତ ହୋଇଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୯୫ ଏବଂ ୨୦୨୩ ଏପ୍ରିଲ ୨୬ରେ ତୃତୀୟ ପର୍ଯ୍ୟାୟରେ ୫୮ଟି ରୂପାନ୍ତରିତ ସ୍କୁଲ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପଣ କରିଥିଲେ।

## ରାଇବିଜି ଏସ୍‌ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ଚନ୍ଦ୍ରପୁର,୨୮।୧(ସମିସ):** ରାୟଗଡ଼ା ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ଚନ୍ଦ୍ରପୁର ବ୍ଲକ୍ ହନୁମନ୍ତପୁର ଗ୍ରାମ ପଞ୍ଚାୟତ ଅଧୀନ ରାଇବିଜି ଜାତି ଜନଜାତି କଲ୍ୟାଣ ବିଭାଗ ବାଳିକା ଉଚ୍ଚ ବିଦ୍ୟାଳୟର ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଗୁଣୁପୁର ବିଧାୟକ ରଘୁନାଥ ଗମାଙ୍ଗ, ମୁଖ୍ୟ ବକ୍ତା ଭାବେ ଶ୍ୟାମଘନ ଭୂୟାଁ, ସଭାପତି ଭାବେ ଗୁଣୁପୁର ସହକାରୀ ମଙ୍ଗଳ ଅଧିକାରୀ ପ୍ରଦୀପ କୁମାର ଦଳାଇ, ସମ୍ମାନିତ ଅତିଥି ଭାବେ ଖୋଲିକୋଟର ପୂର୍ବତନ ପ୍ରଫେସର କାଳୀକିଙ୍କର ପଟ୍ଟନାୟକ, ଚନ୍ଦ୍ରପୁର ବ୍ଲକ ଅଧ୍ୟକ୍ଷ କୋଇନ କିମ୍ବାକା, ଜିଲ୍ଲା ବିଜୁ ଜନତା ଦଳ ସାଧାରଣ ସମ୍ପାଦକ ଗଗନ ଆଚାର୍ଯ୍ୟ, ଚନ୍ଦ୍ରପୁର ବ୍ଲକ୍ ଜିଲ୍ଲା ପରିଷଦ ସଭ୍ୟ ସୁଜିତ କୁମାର ବ୍ରେଡେକା, ବ୍ଲକ୍ ସମ୍ପ୍ରସାରଣ ଅଧିକାରୀ କୃଷ୍ଣଚନ୍ଦ୍ର ବେହେରା, ବ୍ଲକ୍ ଅତିରିକ୍ତ ଶିକ୍ଷାଧିକାରୀ ରମାକାନ୍ତ ମିସାଲ, ଥାନା ଅଧିକାରୀ ନୀଳକଣ୍ଠ ବେହେରା, ସ୍କୁଲ କମିଟି ସଭାପତି ଲୋକପତି ଗୋଗେରେଙ୍ଗା, ଟୁନା ଗୌଡ଼ ପ୍ରମୁଖ ଯୋଗଦେଇଥିଲେ। ଆରମ୍ଭରେ ଖେଳ ଶିକ୍ଷକ ଆଲୋକ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କିଥିଲେ। ପ୍ରଧାନଶିକ୍ଷୟିତ୍ରୀ ଅନୁରାଧା ଲିଙ୍ଗମ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ବୁଡୁବାଲି ଆଶ୍ରମର ଶିକ୍ଷକ ରାମଚନ୍ଦ୍ର ପାଢ଼ୀଙ୍କ ସହ କନ୍ୟାଶ୍ରମର ଶିକ୍ଷକ ଆଲୋକ ସ୍ୱାଇଁ, ଲଳିତେନ୍ଦୁ ଦାସ, ଦିଲ୍ଲୀପ କୁମାର ମାଝୀ, ତାପସ ବେହେରା, ମାଳି ଝୁନାକା, ବୁଦୁରାମ ଜାଗାରାଙ୍ଗା, ଶିକ୍ଷୟିତ୍ରୀ ତିଳୋତ୍ତମା ଚିଚୁଆଁନ, ସ୍ୱାତୀ ଦୁର୍ଗା, ସହାୟିକା ସୁଶୀଳା ଦିବାକା ଓ ସମସ୍ତ କର୍ମଚାରୀ ସହଯୋଗ କରିଥିବାବେଳେ, ଅଭିଭାବକ ଓ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ସେହିପରି ଚନ୍ଦ୍ରପୁର ପୁଲିସ ଷ୍ଟାଫ ଓ ରାଇବିଜି ସିଆରପି ଷ୍ଟାଫ ଉପସ୍ଥିତ ଥିଲେ।

### ନବରଙ୍ଗପୁର ଜିଲ୍ଲା 'ସକାଳ' ପରିବାରର ବନ୍ଧୁମିଳନ

# 'ଜିଲ୍ଲାର ଘରେ ଘରେ 'ସକାଳ' ପହଞ୍ଚାଇବାକୁ ସଙ୍କଳ୍ପ'

**ନବରଙ୍ଗପୁର,୨୮।୧(ସମିସ)**

ଅବିଭକ୍ତ କୋରାପୁଟ ଜିଲ୍ଲାରେ 'ସକାଳ' ଖବରକାଗଜ ସମସ୍ତ ଆବାଳ ବୃଦ୍ଧବନିତାଙ୍କ ନିକଟରେ ଆଦୃତ ହୋଇପାରିଛି। ଏବେ ନବରଙ୍ଗପୁର ଜିଲ୍ଲାର ପ୍ରତି ବ୍ଲକ ଓ ପଞ୍ଚାୟତ ଅଞ୍ଚଳର ଘରେ ଘରେ 'ସକାଳ' ଖବରକାଗଜ ପହଞ୍ଚାଇବାକୁ ସଙ୍କଳ୍ପ ବଦ୍ଧ ହେବାକୁ ରବିବାର ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ବ୍ଲକ୍ ଅନ୍ତର୍ଗତ ମୃଗ ବିହାର ନିକଟ ଏକ ଶାଳ ଜଙ୍ଗଲର ସବୁଜମୟ ପରିବେଶରେ ଆୟୋଜିତ ଓଡ଼ିଶାର ଅଗ୍ରଣୀ ଦୈନିକ ଖବର କାଗଜ 'ସକାଳ' ନବରଙ୍ଗପୁର ଜିଲ୍ଲା ପରିବାରର ବନ୍ଧୁମିଳନ କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଥିଲା। ନୂତନ ବର୍ଷକୁ ସ୍ୱାଗତ ଜଣାଇ ଆୟୋଜିତ ହୋଇଥିବା 'ସକାଳ' ନବରଙ୍ଗପୁର ଜିଲ୍ଲା ପରିବାରର ବନ୍ଧୁମିଳନ କାର୍ଯ୍ୟକ୍ରମରେ 'ସକାଳ' ଜୟପୁର ସଂସ୍କରଣ ମୁଖ୍ୟ ରାକେଶ କୁମାର ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ଥାନୀୟ ଜନସାଧାରଣଙ୍କ ରୁଚି ଅନୁସାରେ ସବୁବେଳେ ତଥ୍ୟଭିତ୍ତିକ ଖବର ପ୍ରସାରଣ କରି କିଭଳି ସର୍ବଦା ଜନସାଧାରଣଙ୍କ ଅତି ନିକଟତର ହୋଇପାରିବେ ସେନେଇ ଉଚିତ୍ ମାର୍ଗଦର୍ଶନ କରିବା ସହ ତିନି ବର୍ଷ ମଧ୍ୟରେ 'ସକାଳ' ଜିଲ୍ଲାର କୋଣ ଅନୁକୋଣରେ ପହଞ୍ଚାଇବାରେ ସହଯୋଗ ପ୍ରଦାନ ପାଇଁ ସମସ୍ତ ପ୍ରତିନିଧିଙ୍କୁ ଧନ୍ୟବାଦ ଦେଇଥିଲେ। ନବରଙ୍ଗପୁର ଜିଲ୍ଲା ପ୍ରତିନିଧି ଗୌରାଙ୍ଗ ପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଜିଲ୍ଲାସ୍ତରୀୟ ବନ୍ଧୁମିଳନ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସଂସ୍କରଣର ପ୍ରସାର ନିର୍ବାହୀ ସୁଧୀର କୁମାର ମାଦଳା, ସହସମ୍ପାଦକ ଦୀପକ କୁମାର ପଣ୍ଡା, ଜୟପୁର ସଂସ୍କରଣ ବିଜ୍ଞାପନ ବିଭାଗର ନିର୍ବାହୀ ସୟଦ ହବିବୁର୍ ରହମାନ୍, ଜୟପୁର ସିଟି ପ୍ରତିନିଧି ସୁପ୍ରିତ ପୂଜାରୀ ପ୍ରମୁଖ ଅତ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। ମୃଗ ବିହାର ନିକଟ ଶାଳ ଜଙ୍ଗଲ ପରିସରରେ ଆୟୋଜିତ ଏହି ବନ୍ଧୁମିଳନରେ ପାପଡ଼ାହାଣ୍ଡି ପ୍ରତିନିଧି ପ୍ରବୀଣ ସତନାମୀ, ମୈଦଲପୁର ପ୍ରତିନିଧି ସନ୍ତୋଷ ପାଣିଗ୍ରାହୀ, ତେନ୍ତୁଲିଖୁଣ୍ଟି ପ୍ରତିନିଧି ମହେଶ୍ୱର ମହାନ୍ତି, କୋଷାଗୁମୁଡ଼ା ପ୍ରତିନିଧି ସନ୍ତୋଷ କୁମାର ସିଂଦେଓ, ଡାବୁଗାଁ ପ୍ରତିନିଧି ମିତୁ ମାଦଳା, ଉମରକୋଟ ପ୍ରତିନିଧି ମୋହନ ସାହୁ, ଚାନ୍ଦାହାଣ୍ଡି ପ୍ରତିନିଧି ଶ୍ୟାମ ସୁନ୍ଦର ସୁନାନୀ, ଝରିଗାଁ ପ୍ରତିନିଧି ବିକୁ ଲେଙ୍କା, ଜଟାବାଲ ପ୍ରତିନିଧି ସେକ୍ ମୁସ୍ତାକ ହୁସେନ, ରାଇଘର ପ୍ରତିନିଧି ବିଶ୍ୱଜିତ୍ ମହାରଣା ଏବଂ ବେହେଡା ପ୍ରତିନିଧି ସୁଦାମ ମିଶ୍ର, ରମେଶ ରାଓ, ଯଦୁ ଗୌଡ଼ ପ୍ରମୁଖ ଯୋଗଦେଇଥିଲେ।



## ରାଜସ୍ୱ ବିଭାଗର କ୍ୟାଡର ପୁନର୍ଗଠନ ପାଇଁ ରାଜ୍ୟ ସରକାରଙ୍କୁ ଧନ୍ୟବାଦ

**ଜୟପୁର, ୨୮।୧(ସମିସ):** କୋରାପୁଟ ଜିଲ୍ଲା ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ପକ୍ଷରୁ ଏକ କାର୍ଯ୍ୟକାରିଣୀ ବୈଠକ ଶୁକ୍ରବାର ଜୟପୁରସ୍ଥିତ ଯାଦବ ଭବନରେ ଅନୁଷ୍ଠିତ ହୋଇଥିଲା। ଅମଲା ସଂଘର ଜିଲ୍ଲା ଶାଖା ସଭାପତି ଶଶିଭୂଷଣ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜୟପୁର ଉପଖଣ୍ଡ ଓଡ଼ିଶା ଅମଲା ସଂଘର କର୍ମକର୍ତ୍ତା ଏବଂ ଜିଲ୍ଲା ଶାଖାର କର୍ମକର୍ତ୍ତା ଯୋଗଦେଇଥିଲେ। ରାଜ୍ୟ ସରକାର ରାଜସ୍ୱ ବିଭାଗର କ୍ୟାଡର ପୁନର୍ଗଠନ କରିବା ସହିତ ରାଜସ୍ୱ ବିଭାଗକୁ ଏକ ଅଲଗା କ୍ୟାଡରର ମାନ୍ୟତା ଦେଇଥିବା ଯୋଗୁଁ ଉପସ୍ଥିତ ସମସ୍ତ ସଦସ୍ୟ ଓ କର୍ମକର୍ତ୍ତା ରାଜ୍ୟ ସରକାର ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ଶାଖା ସଭାପତି ଶ୍ରୀ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସଂଘର ରାଜ୍ୟ ଆଞ୍ଚଳିକ ସମ୍ପାଦକ କୈଳାସ ସାମନ୍ତରାୟ, ଜିଲ୍ଲା ସଂଘ ସମ୍ପାଦକ କୋରାପୁଟ ଜିଲ୍ଲା ଶାଖା ସଞ୍ଜୟ କୁମାର ପଣ୍ଡା, ସଂଘର ସାଂଗଠନିକ ସମ୍ପାଦକ କେ.ସୁବାସ ଚନ୍ଦ୍ର ଆଚାର୍ଯ୍ୟ, ସଂଘ ଜିଲ୍ଲା ଶାଖା ଉପସଭାପତି ଜଗନ୍ନାଥ ମାଝୀ, ଜୟପୁର ଉପଖଣ୍ଡ ସଂଘ ଉପସଭାପତି ସଞ୍ଜୟ କୁମାର ରଥ, କୋଷାଧ୍ୟକ୍ଷ ସତ୍ୟ ରଞ୍ଜନ ତ୍ରିପାଠୀ, କାର୍ଯ୍ୟନିର୍ବାହୀ ସଦସ୍ୟ ତ୍ରିନାଥ ପଣ୍ଡା, ବିନାୟକ ମିଶ୍ର, କେ.ରବି କୁମାର, ସାଗର ଜେନା, ବାଲଗୋପାଳ ମିଶ୍ର, ପ୍ରଶାନ୍ତ କୁମାର ଭଞ୍ଜ, ନାଗେଶ୍ୱର ରାଓଙ୍କ ସମେତ ବହୁ ବରିଷ୍ଠ ସଦସ୍ୟ ଯୋଗଦେଇଥିଲେ। ବୈଠକ ଶେଷରେ ଆସନ୍ତା ଫେବୃଆରୀ ୪ରେ ପୁଣି ଏକ ପ୍ରସ୍ତୁତି ବୈଠକର ଆୟୋଜନ କରିବାକୁ ନିଷ୍ପତ୍ତି ଗ୍ରହଣ କରିଥିଲେ।

## ଆଦିବାସୀ ମହିଳାଙ୍କୁ ଶୀତବସ୍ତ୍ର ଓ ଯୁବବର୍ଗଙ୍କୁ କ୍ରୀଡ଼ା ସାମଗ୍ରୀ ପ୍ରଦାନ

**କାଶୀପୁର,୨୮।୧(ସମିସ):** ଆଦିବାସୀଙ୍କ ଐତିହ୍ୟ ଯାତ୍ରା ଟୋକିମରା ଉପଲକ୍ଷେ ମୈତ୍ରୀ ଇନଫ୍ରା କମ୍ପାନୀ ପକ୍ଷରୁ କାଶୀପୁର ବ୍ଲକ ଅନ୍ତର୍ଗତ ସୁଙ୍ଗେର ଓ ସିନ୍ଦୁରଘାଟି ପଞ୍ଚାୟତର ପ୍ରାୟ ଦୁଇ ହଜାର ମହିଳା ଓ ପୁରୁଷଙ୍କୁ ଶୀତ ବସ୍ତ୍ର ପ୍ରଦାନ କରାଯାଇଥିବାବେଳେ ଉକ୍ତ ଦୁଇ ଗ୍ରାମପଞ୍ଚାୟତରେ ବିଭିନ୍ନ ଗ୍ରାମର ପ୍ରାୟ ୨୦ଟି ଯୁବବର୍ଗଙ୍କୁ ଏକାଧିକ କ୍ରୀଡ଼ା ସାମଗ୍ରୀ ପ୍ରଦାନ କରିଥିବା ଦେଖିବାକୁ ମିଳିଛି। ପ୍ରକାଶ ଥାଉକି, କାଶୀପୁର ଏକ ଆଦିବାସୀ ବହୁଳ ଅଞ୍ଚଳ। ଏଠାରେ ଏକାଧିକ ଜାତିର ଆଦିବାସୀ ସମ୍ପ୍ରଦାୟର ଲୋକ ବସବାସ କରୁଥିବାବେଳେ ଏକାଧିକ ପର୍ବପର୍ବାଣି ମଧ୍ୟ ପାଳିତ ହେଇଥାଏ। ଏହି ଅଞ୍ଚଳର ଅନ୍ୟାନ୍ୟ ପର୍ବ ମଧ୍ୟରେ ପ୍ରମୁଖ ପର୍ବ ହେଉଛି ଟୋକିମରା। ଏହି ପର୍ବ ପୌଷ ମାସର ପ୍ରାରମ୍ଭରେ ପେଙ୍ଗ ସମ୍ପ୍ରଦାୟର ଗାଁମାନଙ୍କରେ ଅନୁଷ୍ଠିତ ହୋଇଥାଏ। ଏହି ଅବସରରେ ମୈତ୍ରୀ ଇନଫ୍ରା ନିର୍ଦ୍ଦେଶକଙ୍କ ଉପସ୍ଥିତିରେ କମ୍ପାନୀର ସିଏସଆର ପକ୍ଷରୁ ସୁଙ୍ଗେର ଓ ସିନ୍ଦୁରଘାଟି ପଞ୍ଚାୟତର ପ୍ରାୟ ୨୦୦୦ ମହିଳା ଓ ପୁରୁଷଙ୍କୁ ଶୀତବସ୍ତ୍ର(କମ୍ବଳ) ପ୍ରଦାନ କରାଯାଇଥିଲା। ସେହିପରି ଅଞ୍ଚଳର ୨୦ଟି ଗାଁର ଯୁବବର୍ଗଙ୍କୁ କ୍ରିକେଟ ବ୍ୟାଟ, ବଲ ଓ ଭଲିବଲ, ନେଟ ପ୍ରଭୃତି ପ୍ରଦାନ କରାଯାଇଥିଲା। ଏଭଳି ଅଞ୍ଚଳର ଦିନହୀନ ଲୋକଙ୍କୁ ସହଯୋଗର ହାତ ବଢ଼ାଉଥିବା ଓ ଯୁବବର୍ଗଙ୍କୁ ଖେଳକୁଦ ପାଇଁ ପ୍ରୋତ୍ସାହିତ ଜାରି ରଖୁଥିବା ପାଇଁ ମୈତ୍ରୀ ଇନଫ୍ରା ମାଲିକ ଶ୍ରୀନିବାସ ରାଓଙ୍କୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।




## ଏମ୍‌ସିସି କ୍ରିକେଟ୍ ପ୍ରତିଯୋଗିତା ଉଦ୍‌ଯାପିତ

**ଦୁର୍ଗୀ,୨୮।୧(ସମିସ):** ବିଷମକଟକ ବ୍ଲକ୍ ଦୁର୍ଗୀ ଏମସିସି କ୍ରିକେଟ ପ୍ରତିଯୋଗିତା ଗତ ଶୁକ୍ରବାର ଏମସିସି ଷ୍ଟାଡିୟମରେ ଉଦଯାପିତ ହୋଇଯାଇଛି। ୧୨ ତାରିଖଠାରୁ ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟର ଉଦଯାପନୀ ଦିବସରେ ଆୟୋଜିତ ଫାଇନାଲ ମ୍ୟାଚ ଗୁଣୁପୁର ଓ ମୁନିଗୁଡ଼ା ଦଳ ମଧ୍ୟରେ ହୋଇଥିଲା। ଏଥିରେ ମୁନିଗୁଡ଼ା ଦଳ ୯ ଓଭରରେ ୫୪ ରନ କରି ବିଜୟୀ ହୋଇଥିଲା। ଏଥିରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପଦେଷ୍ଟା ତଥା ରାୟଗଡ଼ା ଜିଲ୍ଲା ବିଜୁ ଜନତା ଦଳର ସଭାପତି ସୁଧୀର କୁମାର ଦାସ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିବା ବେଳେ ବିଷମକଟକ ବ୍ଲକ୍ ଅଧ୍ୟକ୍ଷା ଯଶୋଦା ହୁଇକା, ବ୍ଲକ ଉପାଧ୍ୟକ୍ଷ ଦେବୀ ପ୍ରସାଦ ପଟ୍ଟନାୟକ, ଜିଲ୍ଲା ପରିଷଦ ସଭ୍ୟା ବିଜୟ ଶାନ୍ତି କୁମୁରୁକା, ସ୍ଥାନୀୟ ସରପଞ୍ଚ ବିଜୟ କୁମୁରୁକା, ମୁନିଗୁଡ଼ା ବ୍ଲକ୍ ବିଜୁ ଜନତା ଦଳର ବରିଷ୍ଠ ନେତା ରତନ ଲାଲ ଯୌନେ ଓ ପୂର୍ଣ୍ଣ ଗୌଡ଼ ସମେତ ବିଜୁ ଜନତା ଦଳର ବ୍ଲକ୍ ଉପସଭାପତି ପିଙ୍କୁ ପାତ୍ର ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ମ୍ୟାଚରେ ୧୬ଟି ଟିମ ଭାଗ ନେଇଥିଲେ। ମୁନିଗୁଡ଼ା ବିଜୟୀ ଦଳକୁ ଜିଲ୍ଲା ସଭାପତି ସୁଧୀର କୁମାର ଦାସ ୩୦ ହାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ ଏବଂ ଉପବିଜେତା ଗୁଣୁପୁର ଦଳକୁ ସମସ୍ତ ମଞ୍ଚାସୀନ ସମ୍ମାନିତ ଅତିଥି ୨୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ଅମ୍ପାୟାର ଭାବେ କାହ୍ନୁ ଦଳେଇ ଓ ରିଙ୍କୁ ମିଶ୍ର ଖେଳ ପରିଚାଳନା କରିଥିଲେ। ସାଗର ଗୌଡ଼ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।




## ଦୁର୍ଘଟଣା ପରେ ପଦକ୍ଷେପ; ରାସ୍ତାକଡ଼ରୁ ହଟିଲେ ପରିବା ବିକାଳି

**କୋରାପୁଟ,୨୮।୧(ସମିସ):** ବରିଷ୍ଠ ନାଗରିକମାନଙ୍କୁ ତୀର୍ଥ ଯାତ୍ରା ନେବା ପାଇଁ ଆସୁଥିବାବେଳେ ଏକ ଘରୋଇ ବସ୍ ରବିବାର ସନ୍ଧ୍ୟାରେ ଦୁର୍ଘଟଣା ଗ୍ରସ୍ତ ହେବା ପରେ ପୌର କର୍ତ୍ତୃପକ୍ଷ ରାସ୍ତା କଡ଼ରେ ବସୁଥିବା ପରିବା ବିକାଳିମାନଙ୍କୁ ସ୍ଥାନାନ୍ତର କରିଛନ୍ତି। ରବିବାର କୋରାପୁଟର ସାପ୍ତାହିକ ହାଟ ବସିଥାଏ। ଚନ୍ଦନ ପୋଖରୀ ନିକଟ ରାସ୍ତାର ଦୁଇ ପାର୍ଶ୍ୱରେ ଏହି ସମୟରେ ପରିବା ବିକାଳିମାନେ ପରିବା ଓ ଅନ୍ୟାନ୍ୟ ସାମଗ୍ରୀ ବିକ୍ରି କରିଥାନ୍ତି। ରବିବାର ଭୋର୍ ସମୟରେ ପୌର କର୍ତ୍ତୃପକ୍ଷ ମାଇକ ଦ୍ୱାରା ରାସ୍ତାକଡ଼ରେ ନ ବସିବା ପାଇଁ ପ୍ରଚାର କରିଥିଲେ। ଯଦି କୌଣସି ବ୍ୟକ୍ତି ରାସ୍ତା କଡ଼ରେ ବସି ପରିବା ବିକିବେ ତାଙ୍କ ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରଚାର କରାଯାଇଥିଲା। ଏଥିସହ ରବିବାର ସମସ୍ତ ପରିବାର ବିକାଳିଙ୍କୁ ସ୍ଥାନାନ୍ତର କରାଯାଇଥିଲା। ସୂଚନା ଥାଉ କି, ଶନିବାର ତୀର୍ଥଯାତ୍ରୀମାନଙ୍କୁ ନେଉଥିବା ଏକ ବସ୍ ବ୍ରେକ୍ ଫେଲ୍ ହୋଇ ଜଣେ ଆଇନଜୀବୀଙ୍କୁ ଧକ୍କା ଦେବା ସହ ଚନ୍ଦନ ପୋଖରୀ ନିକଟ ବିଜୁ ପାଠାଗାର କାନ୍ଥକୁ ଧକ୍କା ଦେଇ ଅଟକିଥିଲା। ଗୁରୁତର ଅବସ୍ଥାରେ ଆଇନଜୀବୀ ଜଣକ ବିଶାଖାପାଟଣାରେ ଚିକିତ୍ସିତ ହେଉଛନ୍ତି। କୋରାପୁଟ ଓକିଲ ସଂଘର ଦାବି ପରେ ରବିବାର କୋରାପୁଟ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ରାସ୍ତା କଡ଼ରୁ ପରିବା ବିକଳିଙ୍କୁ ଅମିନ ଲାଇନ ନୂଆ ହାଟ ପିଣ୍ଡିକୁ ସ୍ଥାନାନ୍ତର କରିଛନ୍ତି।

### ବ୍ୟାଡ୍‌ମିଣ୍ଟନ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ

**କୋରାପୁଟ,୨୮।୧(ସମିସ):** ସ୍ଥାନୀୟ ଇନଡୋର ଷ୍ଟାଡିୟମରେ କୋରାପୁଟ ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନ ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଆୟୋଜିତ ଦିନିକିଆ ବ୍ୟାଡମିଣ୍ଟନ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ଅଣ୍ଡର ୯, ୧୧ ଓ ୧୩ ବର୍ଷ ବୟସର ୬୦ରୁ ଊର୍ଦ୍ଧ୍ୱ ବିଭିନ୍ନ ବିଦ୍ୟାଳୟର ବାଳକ ଓ ବାଳିକା ଅଂଶ ଗ୍ରହଣ କରିଥିଲେ। ସଭାପତି ମୋତି ରଞ୍ଜନ ବେହେରାଙ୍କ ଦ୍ୱାରା ଅଂଶ ଗ୍ରହଣ କରିଥିବା ଖେଳାଳିଙ୍କୁ ସମ୍ମାନିତ କରାଯାଇଥିଲା। ସମ୍ପାଦକ ଶୈଳେନ୍ଦ୍ର ଚୌଧୁରୀ ପରିଚାଳନା କରିଥିବାବେଳେ ଗିରିଶ ବେହେରା, ବସନ୍ତ ପଣ୍ଡା, ସନ୍ତୋଷ ବେବର୍ତ୍ତା, ବିଶ୍ୱରଞ୍ଜନ ମହାନ୍ତି, ଗଣେଶ ସାହୁ, ଗୌରୀ ଜେନା, ପ୍ରଦୀପ ମହାନ୍ତି, ବାପୁଜୀ ପାତ୍ର ପ୍ରମୁଖଙ୍କ ସହ ଆସୋସିଏସନର ଅନ୍ୟାନ୍ୟ ସଦସ୍ୟ ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ।

### ନମୋ ନବ ମତଦାତା ସମ୍ମିଳନୀ

**ତେନ୍ତୁଲିଖୁଣ୍ଟି,୨୮।୧(ସମିସ):** ନବରଙ୍ଗପୁର ଜିଲ୍ଲା ତେନ୍ତୁଲିଖୁଣ୍ଟି ବ୍ଲକ୍ ଖାତିଗୁଡ଼ା ଅଫିସର କ୍ଲବଠାରେ ପ୍ରଧାନମନ୍ତ୍ରୀଙ୍କ ନମୋ ନବ ମତଦାତା ସମ୍ମିଳନୀ ଆୟୋଜିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ସାଂସଦ ବଳଭଦ୍ର ମାଝୀ ଯୋଗଦେଇ ଏକ ସମୃଦ୍ଧ ଏବଂ ବିକଶିତ ଭାରତ ଗଠନରେ ନବ ମତଦାତାଙ୍କ ବେଶ୍ ଗୁରୁତ୍ୱ ରହିଥିବା କହିଥିଲେ। ସେହିପରି ଜିଲ୍ଲା ଯୁବମୋର୍ଚ୍ଚା ସମ୍ପାଦକ ଅକ୍ଷୟ ମହାନ୍ତି ଏବଂ ତେନ୍ତୁଲିଖୁଣ୍ଟି ମଣ୍ଡଳ ସଭାପତି ହରେକୃଷ୍ଣ ମୁଦୁଲି ପ୍ରମୁଖ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଶିକ୍ଷାନୁଷ୍ଠାନ ସମେତ ଆଖପାଖ ଅଞ୍ଚଳର ଶତାଧିକ ଛାତ୍ରଛାତ୍ରୀ ଏବଂ ଯୁବକଯୁବତୀ ଉପସ୍ଥିତ ଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କୁ ନେଇ ସାଂସ୍କୃତିକ ନୃତ୍ୟ, ସଙ୍ଗୀତ ଗାନ କାର୍ଯ୍ୟକ୍ରମ ହୋଇଥିଲା। ଏହି କାର୍ଯ୍ୟକ୍ରମ ସଫଳ କରିବାରେ ଯୁବମୋର୍ଚ୍ଚା ମଣ୍ଡଳ ସଭାପତି ଆଶିଷ ଟାକ୍ରି, ମଣ୍ଡଳ ସାଧାରଣ ସମ୍ପାଦକ ପ୍ରଶାନ୍ତ ନାୟକ, ପଞ୍ଚାୟତ ପ୍ରମୁଖ ମହେଶ୍ୱର ଦଳେଇ, ରାଜେଶ ବାଘ, ଅଭିମନ୍ୟୁ ହରିଜନଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ।

## ବସନ୍ତ ମହୋତ୍ସବର ମେଗା କ୍ରୀଡ଼ା ଉଦ୍‌ଘାଟିତ

**ଗୁଣୁପୁର,୨୮।୧(ସମିସ)**

ଦ୍ୱାଦଶ ରାଜ୍ୟସ୍ତରୀୟ ବଂଶଧାରା ବସନ୍ତ ମହୋତ୍ସବର ରବିବାର ମେଗା କ୍ରୀଡ଼ା ଉତ୍ସବ ଉଦଘାଟିତ ହୋଇଯାଇଛି। ଏହି ଅବସରରେ ପୁରୁଣା ବସଷ୍ଟାଣ୍ଡ ଦକ୍ଷିଣକାଳୀ ମନ୍ଦିରରୁ ମଶାଲ ଶୋଭାଯାତ୍ରା ବାହାରି ମିନି ଷ୍ଟାଡିୟମରେ ପହଞ୍ଚିଥିଲା। ଷ୍ଟାଡିୟମରେ କ୍ରୀଡ଼ା ପରିଷଦର ପତାକା ଉତ୍ତୋଳନ ହୋଇଥିଲା। ପରିଚାଳନା କମିଟିର ସଭାପତି ଅକ୍ଷୟ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉଦଘାଟକ ଭାବେ ବିଧାୟକ ରଘୁନାଥ ଗମାଙ୍ଗ, ମୁଖ୍ୟ ଅତିଥି ଭାବେ ପୌରାଧ୍ୟକ୍ଷା ମମତା ଗୌଡ଼, ସମ୍ମାନିତ ଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷା ଝିଲି ଶବର, ଉପାଧ୍ୟକ୍ଷ ସୁଦର୍ଶନ ଶବର, ପୌର ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ଼ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଜିଲ୍ଲାର ବିଭିନ୍ନ ବ୍ଲକର ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଖେଳିଥିବା ୧୫ ଜଣ ଖେଳାଳିଙ୍କୁ କ୍ରୀଡ଼ା ଗୌରବ ସମ୍ମାନ ପ୍ରଦାନ କରାଯାଇଥିଲା। ଏହାପରେ ଷ୍ଟାଡିୟମରେ ଗାଁ କବାଡ଼ି ଓ ୧୦୦ ମିଟର ଦୌଡ଼, ଟାଗ୍ ଅଫ ଓ୍ୱାର, ଚଇତି ମଣ୍ଡପରେ ଭାରୋତ୍ତୋଳନ ଓ ପୁରୁଣା ଗୁଣୁପୁର ପଡ଼ିଆରେ ସୋମନାଥ ପାତ୍ର ସ୍ମାରକୀ ଟେନିସ ବଲ କ୍ରିକେଟ ଟୁର୍ଣ୍ଣାମେଣ୍ଟକୁ ଅତିଥିମାନେ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା କମିଟିର କାର୍ଯ୍ୟକାରୀ ସଭାପତି ଏ. ବାବା ପ୍ରସାଦ, ଉପସଭାପତି ଉମା ଦାସ, ସାଧାରଣ ସମ୍ପାଦକ ମିଲି ପାଢ଼ୀ, ସମ୍ପାଦକ ରମେଶ ଲିମା, ରାମ ପଣ୍ଡା, ଗଜା ପାଳ, ଲକ୍ଷ୍ମୀ ମହାଙ୍କୁଡ଼, ଶକ୍ତି ଦାସ, ରାଜେଶ ପାଢ଼ୀ, ସଂଯୋଜକ ବି. ସତିଶ କୁମାର, ରମେଶ ମିଶ୍ର, କୃଷ୍ଣ ପ୍ରସାଦ ମିଶ୍ର, ରବି କୁମାର, ସିମାଦ୍ରୀ ଭେଙ୍କେଟ କ୍ରିଷ୍ଣା, ଶିବ ଡାକୁଆ, କାଉନସିଲର ପ୍ରମୋଦ ଦାସ, ଭାଗିରଥି ବିଶୋୟୀ, ଚେପାଲି ସରସ୍ୱତୀ, ଅଶୋକ ରଥ, ତିରୁପତି ରଥ, ସାନ୍ତନୁ କାର୍ଜୀ ପ୍ରମୁଖ ଯୋଗଦେଇଥିଲେ। କ୍ରୀଡ଼ା ପରିଷଦ ସଭାପତି ଦେବ ପାଢ଼ୀ, ସମ୍ପାଦକ ସପନ ଦାସ ଓ କ୍ରୀଡ଼ା ସଂଯୋଜକ କିରଣ ପାଣିଗ୍ରାହୀ, ସଞ୍ଜୀବ ପଟ୍ଟନାୟକ, ବିଟିବି ରାବଣା ମୂର୍ତ୍ତୀ, କ୍ରୀଡ଼ା ଶିକ୍ଷକ ରମାକାନ୍ତ ମିଶ୍ର, ଗୌତମ ମେଦିଲି, ଶଙ୍କର୍ଷଣ ମହାନ୍ତି, ନନ୍ଦିନୀ ପଣ୍ଡା, ନମିତା ରଥ ପ୍ରମୁଖଙ୍କ ଦ୍ୱାରା ଖେଳ ପରିଚାଳନା ହୋଇଥିଲା।



## 'ମାନକ ଭାଷା ବନାମ ଆଞ୍ଚଳିକ ଭାଷା' ଶୀର୍ଷକ ଆଲୋଚନାଚକ୍ର

**କୋରାପୁଟ, ୨୮।୧(ସମିସ):** ସରକାରୀ ମହାବିଦ୍ୟାଳୟ, କୋରାପୁଟରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅନ୍ତର୍ଗତ ତ୍ରିଦିବସୀୟ ଆଲୋଚନାଚକ୍ରର ଶେଷ ଦିବସରେ 'ମାନକ ଭାଷା ବନାମ ଆଞ୍ଚଳିକ ଭାଷା' ଶୀର୍ଷକ ପ୍ୟାନେଲ ଆଲୋଚନା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଲୋଚକ ଭାବରେ ଯୋଗଦେଇ ଡ. ପରମେଶ୍ୱର ମୁଣ୍ଡ, ଡ. ଚନ୍ଦ୍ରଶେଖର ହୋତା, ଡ. ପ୍ରଦୀପ ମିଶ୍ର, ରବି ଶତପଥୀ ଏବଂ ଡ. ପ୍ରୀତିଧାରା ସାମଲ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଆଲୋଚନାରେ ଭାଷା ଅସ୍ମିତା, ବର୍ଣ୍ଣମାଳାଭିତ୍ତିକ ଦ୍ୱନ୍ଦ୍ୱ, ଆଞ୍ଚଳିକ ଭାଷା ସଙ୍କଟ ଓ ସମସ୍ୟା ତଥା ସୃଜନାତ୍ମକ ସାହିତ୍ୟରେ ମାନକ ଭାଷା ଓ ଆଞ୍ଚଳିକ ଭାଷାର ଭୂମିକା ସମ୍ପର୍କରେ ସୁଦୀର୍ଘ ଆଲୋଚନା ହୋଇଥିଲା। ଏହି ଆଲୋଚନାରେ ସଭାପତିତ୍ୱ କରି ମହାବିଦ୍ୟାଳୟର ଅଧ୍ୟକ୍ଷ ଦୀପକ କୁମାର ପଟ୍ଟନାୟକ ବିଜ୍ଞାନ ତଥା ବୈଷୟିକ ପାଠ୍ୟକ୍ରମରେ ମାତୃଭାଷାର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ନୋଡାଲ ଅଫିସର ଡ. ଲୋପାମୁଦ୍ରା ସ୍ୱାଇଁ କାର୍ଯ୍ୟକ୍ରମର ପରିଚାଳନା ତଥା ସଂଯୋଜନା କରିଥିଲାବେଳେ ଅଧ୍ୟାପକ ଡ. କ୍ଷୀରୋଦ ଚନ୍ଦ୍ର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ତ୍ରିଦିବସୀୟ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକଅଧ୍ୟାପିକା ଉପସ୍ଥିତ ରହି ସହଯୋଗ କରିଥିଲାବେଳେ ଶତାଧିକ ଛାତ୍ରଛାତ୍ରୀ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।



ସକାଳ THE SAKALA



## କୋଟପାଡ଼ଠାରେ ପୁଷପୁନୀ ଭେଟ୍‌ଘାଟ୍

**ଚାନ୍ଦିଲି,୨୮।୧(ସମିସ)**

କୋଟପାଡ଼ ବଡ଼ଦାଣ୍ଡଠାରେ ପ୍ରଥମଥର ପାଇଁ ବହୁ ଆଡ଼ମ୍ବରରେ ପାଳିତ ହୋଇଯାଇଛି ପୁଷପୁନୀ ଭେଟଘାଟ କାର୍ଯ୍ୟକ୍ରମ। ଏହି ଉତ୍ସବ ପାଳନରେ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ କଳାକାର ନିଜ ନିଜର କଳା ପ୍ରଦର୍ଶନ କରିଥିଲେ। ଏହି ଅବସରରେ ସମସ୍ତ କଳାକାରଙ୍କୁ ଉପସ୍ଥିତ ଅତିଥିମାନଙ୍କ ଦ୍ୱାରା ମାନପତ୍ର ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୋଟପାଡ଼ ବିଧାୟିକା ପଦ୍ମିନୀ ଦିଆନ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଏସଡିସି ଅଧକ୍ଷ ଚନ୍ଦ୍ରଶେଖର ମାଝୀ, ଏନ୍‌ଏସି ଅଧକ୍ଷ ଏମ୍. ଶଙ୍କର ରାଓ, ଗଣେଶ ପଣ୍ଡା, ସୁଧୀର ମହାନ୍ତି, କିଶୋର ମିଶ୍ର, ପଙ୍କଜ ପାତ୍ର, ମଣି ପଟ୍ଟନାୟକ, ବିନାୟକ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ସହଯୋଗୀମାନଙ୍କ ମଧ୍ୟରେ ହେମନ୍ତ ପାତ୍ର, କୁଞ୍ଜ ବିହାରୀ ବୈଦ୍ୟ, ବୁଲୁ ବକ୍ସି, ବାଲାଜୀ ନାୟକ, ରଞ୍ଜନ ମହୁରୀୟା, ପ୍ରଶାନ୍ତ ସାହୁ, ପ୍ରଦୀପ ପ୍ରଧାନଙ୍କ ସହ କୁନୁ ମାଳି, ଆର ସୂରିଆ ରାଓ, ରୁନୁ ପ୍ରଧାନ, ସରୋଜ ପଟ୍ଟନାୟକ, ଗୋପାଳ ମହନ୍ତ ଉପସ୍ଥିତ ରହି ପୂର୍ଣ୍ଣ ସହଯୋଗ କରିଥିଲେ।

### 'ଆମ ଓଡ଼ିଶା, ନବୀନ ଓଡ଼ିଶା' ପଞ୍ଚାୟତସ୍ତରୀୟ ସଚେତନତା ଶିବିର

# 'ଗ୍ରାମାଞ୍ଚଳ ଭିତ୍ତିଭୂମିର ବିକାଶକୁ ରାଜ୍ୟ ସରକାରଙ୍କ ଅଗ୍ରାଧିକାର'

**ବିଷମ କଟକ,୨୮।୧(ସମିସ):** ଗ୍ରାମାଞ୍ଚଳ ଭିତ୍ତିଭୂମିର ବିକାଶକୁ ନେଇ ରାଜ୍ୟ ସରକାର ପ୍ରୟାସ ଜାରି ରଖିଥିବାବେଳେ ଜଗନ୍ନାଥ ସଂସ୍କୃତିର ସଂରକ୍ଷଣ, ଧାର୍ମିକସ୍ଥଳୀଗୁଡ଼ିକର ରୂପାନ୍ତରୀକରଣ, ମହିଳା ସଶକ୍ତୀକରଣ ଓ ଭିତ୍ତିଭୂମିର ବିକାଶ, ବ୍ୟାଙ୍କିଙ୍ଗ ଭିତ୍ତିଭୂମିର ବିକାଶ, ପ୍ରାଥମିକ ବିଦ୍ୟାଳୟଗୁଡ଼ିକର ରୂପାନ୍ତରୀକରଣ, କ୍ରୀଡ଼ା ଭିତ୍ତିଭୂମିର ବିକାଶ, ଐତିହ୍ୟ ଭିତ୍ତିଭୂମିର ବିକାଶ ଭଳି ଅନେକ ଯୋଜନା ହାତକୁ ନିଆଯାଇଛି। ଏହି ସମସ୍ତ ଯୋଜନା ଓ ବିକାଶର ବାର୍ତ୍ତା ଦୁର୍ଗମ ଓ ଗ୍ରାମାଞ୍ଚଳ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଏହି ପଞ୍ଚାୟତସ୍ତରୀୟ ସଚେତନତା ଶିବିର ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୋଜନ କରାଯାଉଛି। ଏହି ପରିପ୍ରେକ୍ଷୀରେ ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକ ଅନ୍ତର୍ଗତ କାଙ୍କୁବାଡ଼ି ଗ୍ରାମ ପଞ୍ଚାୟତରେ ଶିବିରରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷା ଯଶୋଦା ହୁଇକା ଯୋଗ ଦେଇଥିବାବେଳେ



ବ୍ଲକ୍ ଉପାଧକ୍ଷ ଦେବୀ ପ୍ରସାଦ ପଟ୍ଟନାୟକ, କାଙ୍କୁବାଡ଼ି ସରପଞ୍ଚ ଦୟାକୁଲସିକା, ସମିତିସଭ୍ୟ ଅକ୍ଷୟ କୁମାର ହିକକା, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ସଦସ୍ୟ ଡମ୍ବରୁଧର ଚୌଧୁରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦାସିବ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ କୃଷି ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ସମନ୍ୱିତ ଶିଶୁ ବିକାଶ ଯୋଜନା ଓ ଶିକ୍ଷା ବିଭାଗ ଓ ଅନ୍ୟାନ୍ୟ ବିଭାଗ ପକ୍ଷରୁ ଅନେକ ଷ୍ଟଲ୍ ମାଧ୍ୟମରେ ଲୋକଙ୍କୁ ସଚେତନତା କରାଇବା ସହ ଉପସ୍ଥିତ ଅଧିକାରୀମାନେ ନିଜ ନିଜ ବିଭାଗର କାର୍ଯ୍ୟକ୍ରମ ବିଷୟରେ ଲୋକଙ୍କୁ ବୁଝାଇଥିଲେ। ପରେ ଗ୍ରାମ ପଞ୍ଚାୟତ ଅଧୀନସ୍ଥ ବିଭିନ୍ନ ବିଦ୍ୟାଳୟ ଓ ଗ୍ରାମାଞ୍ଚଳରୁ ଆସିଥିବା କଳାକାରମାନଙ୍କ ଦ୍ୱାରା ପାରମ୍ପରିକ ଲୋକନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିବା ଛାତ୍ରଛାତ୍ରୀ ଓ ଅନ୍ୟାନ୍ୟ ଗ୍ରୁପକୁ ଟ୍ରଫି ଓ ମାନପତ୍ର ଦେଇ ଉତ୍ସାହିତ କରାଯାଇଥିବାବେଳେ ପଞ୍ଚାୟତରେ ହୋଇଥିବା ଉନ୍ନୟନମୂଳକ କାର୍ଯ୍ୟର ଏକ ବହି ଉପସ୍ଥିତ ଗ୍ରାମବାସୀଙ୍କୁ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ପଞ୍ଚାୟତ ଏବଂ ବ୍ଲକର କର୍ମଚାରୀମାନେ ସହଯୋଗ କରିଥିବାବେଳେ ପଞ୍ଚାୟତ ନିର୍ବାହୀ ଅଧିକାରୀ ମୂରଲି ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମରେ ଆୟୋଜନ ହୋଇଥିଲା। ଅନୁରୂପ କାର୍ଯ୍ୟକ୍ରମରେ ବ୍ଲକସ୍ଥ କୁମ୍ଭାର ଧାମୁଣି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ମଧ୍ୟ ଆୟୋଜନ ହୋଇଥିଲା।

**ବନ୍ଧୁଗାଁ:** କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକର ନିଳାବାଡ଼ି ପଞ୍ଚାୟତରେ 'ଆମ ଓଡ଼ିଶା, ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରକାରଙ୍କ ବିଭିନ୍ନ ଯୋଜନା ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ଏହି ପ୍ରୟାସ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିବାବେଳେ କୌଣସି ଗୋଟିଏ ଲାଇନ ଡିପାର୍ଟମେଣ୍ଟରୁ ଜଣେ ମଧ୍ୟ ସରକାରୀ ଅଧିକାରୀ ଉପସ୍ଥିତ ରହି ନ ଥିବା ସମସ୍ତଙ୍କୁ ବିସ୍ମିତ କରିଥିଲା। ପେଣ୍ଡାଲ ସୁସଜ୍ଜିତ ହୋଇଥିଲେ ମଧ୍ୟ ଅନେକ ସରକାରୀ ବିଭାଗର ବିଭିନ୍ନ ଯନ୍ତ୍ରପାତି, ସଚେତନତା ପାଇଁ ଥିବା ପୋଷ୍ଟର, ବ୍ୟାନର ଓ ଲିଫଲେଟଗୁଡ଼ିକୁ ପ୍ରଦର୍ଶନ କରିବା ପାଇଁ ୬ଟି ଷ୍ଟଲରୁ ମାତ୍ର ୩ଟି ଷ୍ଟଲରେ ଅଙ୍ଗନବାଡ଼ି କର୍ମୀ ନିଜର ପୁଷ୍ଟିକର ଖାଦ୍ୟ ସାମଗ୍ରୀ ପ୍ରଦର୍ଶନୀ, ମିଶନ ଶକ୍ତିରୁ ସିଆରପି ଓ ଆଶା ଦିଦିମାନେ ରହିଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ପଞ୍ଚାୟତର ସରପଞ୍ଚ ୱାଟାକା ଜଗାନା



ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ବ୍ଲକ ବିଜେଡି ସଭାପତି ବାଲା ନାଗ, ଜିପିଓ ଶ୍ରୀନିବାସ ପଟ୍ଟନାୟକ, ମିଶନ ଶକ୍ତି ବିଭାଗର ବିପିସି ବି.କେ. ପ୍ରଦୀପ କୁମାର, ମୃତ୍ତିକା ସଂରକ୍ଷଣ ବିଭାଗରୁ ଶୁଭେନ୍ଦୁ ପାତ୍ର ଓ ସମ୍ମାନିତ ଅତିଥି ଭାବେ କାନାଗାଁ ପଞ୍ଚାୟତ ସରପଞ୍ଚ ଭାସ୍କର ୱାଟାକା, ବଡ଼ସରପଲ୍ଲୀ ପଞ୍ଚାୟତ ସରପଞ୍ଚ ସୁନ୍ଦ୍ରୁ ପିଡ଼ିକା, ନାଏବ ସରପଞ୍ଚ ସିତାଲୁ ଉର୍ଲାକା, ପିଇଓ ସାଇ ପଟ୍ଟନାୟକ, ଆଇସିଡିଏସ୍ ବିଭାଗର ସୁପରଭାଇଜର ସୁମନ୍ତ ଖୋସଲା, ଏଏନ୍‌ଏମ ସତ୍ୟଭାମା ରାଉତ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥିମାନଙ୍କ ଦ୍ୱାରା ରାଜ୍ୟ ସରକାରଙ୍କ ତରଫରୁ ଆମ ଲୋକମାନଙ୍କ ପାଇଁ ଅନେକ ଯୋଜନା କରିଛନ୍ତି। ଏହି ସଚେତନତା କାର୍ଯ୍ୟକ୍ରମକୁ ପିଇଓ ନାଗେଶ୍ୱର ରନ୍ଧାଲୁ ତତ୍ତ୍ୱାବଧାନ କରିଥିବାବେଳେ ପିଇଓ ରାମଚନ୍ଦ୍ର ମେଲେକା ସଭା ପରିଚାଳନା କରିଥିଲେ।

## ଅବସରପ୍ରାପ୍ତ ଓ ପଦୋନ୍ନତି ପାଇଥିବା ଶିକ୍ଷକଙ୍କୁ ସମ୍ବର୍ଦ୍ଧନା



**ଚନ୍ଦାହାଣ୍ଡି,୨୮।୧(ସମିସ)**

ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକରେ ଅବସର ଗ୍ରହଣ କରିଥିବା ପାଞ୍ଚ ଜଣ ଶିକ୍ଷକ ଓ ଏବିଇଓ ପାଇଁ ପଦୋନ୍ନତି ହୋଇଥିବା ପାଞ୍ଚଜଣ ଶିକ୍ଷକଙ୍କୁ ଚନ୍ଦାହାଣ୍ଡି ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସଂଘର ସଭାପତି ପଦ୍ମଲୋଚନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଝରିଗାଁ ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ମାଝି ଓ ମୁଖ୍ୟବକ୍ତା ଭାବେ ଓଡ଼ିଶା ଉଠା ଜଳସେଚନ ନିଗମ ଉପଦେଷ୍ଟା କୁମାର ପାଢ଼ୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଏବିଇଓ ନୀଳକଣ୍ଠ ଦାସ, ପ୍ରେମଚାନ୍ଦ ଧୁରୁଆ ଏବଂ ଅବସରପ୍ରାପ୍ତ ଶିକ୍ଷକ ସୁଜନରାମ ମନହିରା, ତ୍ରିନାଥ ମେହେର, କୀର୍ତ୍ତନ ଜଗତ, ଶିବରାମ ପୂଜାରୀ ଓ ସୁବାସ ଚନ୍ଦ୍ର ଯୋଶୀ ଯୋଗଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷକବୃନ୍ଦ ନିଜ କର୍ମମୟ ଜୀବନର ହୃଦୟଙ୍ଗମ କରିଥବା ଅନୁଭୂତି ବର୍ଣ୍ଣନା କରିବା ସଙ୍ଗେ ନିଜ କର୍ତ୍ତବ୍ୟ ସୁଚାରୁରୂପେ ସମ୍ପାଦନ ପାଇଁ ଶିକ୍ଷକମାନଙ୍କୁ ପରାମର୍ଶ ଦେଇଥିଲେ। ବ୍ଲକର ପାଞ୍ଚ ଜଣ ପ୍ରଧାନଶିକ୍ଷକ ଗଣେଶ ନାୟକ, ବଳଭଦ୍ର ବିଶୋଇ, ଚନ୍ଦ୍ରକଳା ଜଗତ, ତ୍ରିଲୋଚନ ବାଘ ଏବଂ ଦେବେନ୍ଦ୍ର କୁମାର ବାଘ ଏବିଇଓ ଭାବେ ପଦୋନ୍ନତି ପାଇଥିବାରୁ ସଂଘ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଏହି ସମ୍ବର୍ଦ୍ଧନା ସଭାରେ ସଂଘର ସମ୍ପାଦକ ବସନ୍ତ କୁମାର ଧୁରୁଆ, ଉପସଭାପତି ପ୍ରସନ୍ନ କୁମାର ନାୟକ, ସହସମ୍ପାଦକ ତରଣ ସିଂ ପୂଜାରୀ, କୋଷାଧକ୍ଷ ଅଭିରାମ ବଗର୍ତ୍ତୀ, ଲିଙ୍ଗରାଜ ନାୟକ, ତୁଳାରାମ ମାଝୀ, ଦେଓ କୁମାର ସାହୁ, ରାଜକୁମାର ପୂଜାରୀ, ସାନ ଦେଇ, ବୃନ୍ଦାବତୀ ମାଝି, ଇନ୍ଦ୍ର ମୋହନ କେଉଟ, ବିଶ୍ୱରଞ୍ଜନ ପଣ୍ଡା, ଅମିତ ଖମାରୀ, ତ୍ରିପତୀ ଦଳେଇ, ପ୍ରଦୀପ ପାଢ଼ୀଙ୍କ ସମେତ ଅନେକ ଶିକ୍ଷକ ଯୋଗଦେଇଥିଲେ। ଶିକ୍ଷକ ହୃଷୀକେଶ ସୁନାନୀ ବୈଠକରେ ପ୍ରାରମ୍ଭିକ ସଂଗୀତ ଗାନ କରିଥିବାବେଳେ ଶିକ୍ଷକ ଜଗଦୀଶ ଗୌଡ଼ ମଞ୍ଚ ପରିଚାଳନା କରିଥିଲେ ଏବଂ ବରିଷ୍ଠ ଶିକ୍ଷକ ସୁବାସ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## କଂଗ୍ରେସ ନେତାଙ୍କ ବିୟୋଗ

**ନନ୍ଦପୁର,୨୮।୧(ସମିସ):** ବରିଷ୍ଠ କଂଗ୍ରେସ ନେତାଙ୍କ ଦେହାନ୍ତରେ ନନ୍ଦପୁର କଂଗ୍ରେସରେ ଶୋକ ଖେଳିଯାଇଛି। ନନ୍ଦପୁର ବ୍ଲକର ବରିଷ୍ଠ କଂଗ୍ରେସ ନେତା ପୂର୍ଣ୍ଣ ଚନ୍ଦ୍ର ପାଲିଙ୍କ ଗତ ୨୬ ତାରିଖରେ ଦେହାନ୍ତ ହୋଇଯାଇଛି। କିଛି ମାସହେବ ଦେହ ଅସୁସ୍ଥ ଥିବା ପରିବାର ପକ୍ଷରୁ ସୂଚନା ମିଳିଥିଲା। ଗତ ୨୬ରେ ତାଙ୍କ ମୃତ୍ୟୁ ଖବର ପ୍ରସାରିତ ହେବା ପରେ ନନ୍ଦପୁରବାସୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ସେପଟେ ନନ୍ଦପୁର ବ୍ଲକ କଂଗ୍ରେସର ବହୁ କର୍ମୀ ଯୋଗଦେଇ ଶେଷ ଦର୍ଶନ କରିବା ସହ ପୂର୍ବତନ ବ୍ଲକ ଅଧକ୍ଷ ଗୋପାଳ ମାଟାମ, ଯୁବ ନେତା ଦେବେନ୍ଦ୍ର ଖେମୁଣ୍ଡୁ ସମେତ ନନ୍ଦପୁର ବ୍ଲକର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କଂଗ୍ରେସ ପକ୍ଷରୁ ଦଳୀୟ ପତାକା ପାର୍ଥିବ ଶରୀରରେ ପକାଇ ମରଶରୀର ଶ୍ମଶାନ ଘାଟ ନେଇଥିଲେ। ଖବର ପାଇ ପୂର୍ବତନ ବିଧାୟକ ରାମ ଚନ୍ଦ୍ର କାଡାମ ଶୋକ ପ୍ରକାଶ କରିଛନ୍ତି।

## ଜିଲ୍ଲା ମୋଟର ସାଇକଲ ମେକାନିକ୍ ସଂଘର ବାର୍ଷିକ ସମ୍ମିଳନୀ

**ଉମରକୋଟ,୨୮।୧(ସମିସ):** ଉମରକୋଟ କଲ୍ୟାଣ ମଣ୍ଡପଠାରେ ଜିଲ୍ଲା ସଂଘର ସାଧାରଣ ସମ୍ପାଦକ ପର୍ଶୁରାମ ନାୟକ ଯାଦବଙ୍କ ପରିଚାଳନାରେ ଜିଲ୍ଲା ମୋଟର ସାଇକଲ ମେକାନିକ ସଂଘର ବାର୍ଷିକ ସମ୍ମିଳନୀର ଆୟୋଜନ କରାଯାଇଥିଲା। ସଂଘର ସଭାପତି ଗଣେଶ ବେହେରାଙ୍କ ଅଧକ୍ଷତାରେ ଆୟୋଜିତ ସଭାକାର୍ଯ୍ୟରେ ମୁଖ୍ୟଅତିଥି ରୂପେ ନବରଙ୍ଗପୁର ସାଂସଦ ରମେଶ ଚନ୍ଦ୍ର ମାଝି, ସମ୍ମାନିତ ଅତିଥି ରୂପେ ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ଅନ୍ୟତମ ଅତିଥି ରୂପେ ଉମରକୋଟ ପୌର ପରିଷଦର ନଗରପାଳିକା ରାଧା ଭତ୍ରା, ମୁଖ୍ୟବକ୍ତା ଭାବେ କାଉନସିଲର ତଥା ସଂଘର ଆଇନ୍ ପରାମର୍ଶଦାତା ତପନ ଦେବନାଥ,



କାଉନସିଲର ତଥା ପିସିସି ସଭ୍ୟ ସାଇନାରାୟଣ ପାଢ଼ୀ, ପୂର୍ବତନ ନଗରପାଳ ଝଡ଼େଶ୍ୱର ମହାନ୍ତି, ସମାଜସେବୀ ସେଲିମ୍ ଲାଠେରଙ୍କ ସମେତ ୧୦ଟି ବ୍ଲକ ଓ ୨ଟି ପୌର ପରିଷଦର ଦୁଇ ଚକିଆ ମେକାନିକାଲର ସଭାପତି, ସମ୍ପାଦକ, କୋଷାଧକ୍ଷ ଓ ସଦସ୍ୟମାନେ ଯୋଗଦେଇଥିଲେ। ଏଥିରେ ଜିଲ୍ଲାର ପ୍ରତ୍ୟେକ ସଂଘକୁ ନିଜସ୍ୱ ଜାଗା ଓ ସଭାଗୃହ ଯୋଗାଇଦେବା, ମେକାନିକମାନଙ୍କୁ ଅଣ ସଂଗଠିତ କିମ୍ବା ଶ୍ରମିକମାନଙ୍କର ଯାହା ଯାହା ସୁବିଧା ଅଛି ସେ ଅନୁଯାୟୀ ସୁବିଧା ଦେବା, ସରକାର ଆଦିବାସୀ, ହରିଜନ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା କ୍ଷେତ୍ରରେ ଯାହା ଯାହା ସୁବିଧା ଅଛି ସେଗୁଡ଼ିକ ମେକାନିକମାନଙ୍କର ପୁଅ-ଝିଅମାନଙ୍କୁ ମଧ୍ୟ ତାହା ସୁଯୋଗ ଦିଆଯିବା, ରାସ୍ତାରେ ମୋଟର ସାଇକଲ ଟ୍ରାଏଲ ସମୟରେ ଧରପଗଡ଼ ବନ୍ଦ ହେବା, ଜିଲ୍ଲାର ପ୍ରତ୍ୟେକ ମେକାନିକମାନଙ୍କୁ ସାମୂହିକ ପ୍ରଶିକ୍ଷଣ ଦେଇ ଦୁଇଚକିଆ ଡ୍ରାଇଭର ଲାଇସେନ୍ସ ଦିଆଯିବା ପ୍ରମୁଖ ଦାବି ଉପରେ ଆଲୋଚନା ହୋଇଥିଲା। ଉମରକୋଟ ସଂଘର ଉପସଭାପତି ଏସ୍ ବିଜୟ, ସାଧାରଣ ସମ୍ପାଦକ ଆବେଶ୍ ରାଜା, କୋଷାଧକ୍ଷ ରସିଦ୍‌ଅଲ୍ଲି, କାର୍ଯ୍ୟକାରିଣୀ ସଦସ୍ୟ ବୃନ୍ଦ ଅଭିଦାସ୍, ମନୋଜ ଗୌଡ଼, ସରୋଜ ଗୌଡ଼, ଏମ୍ ଏକ୍ଟରାଓ, ରାଜୁ ମଣ୍ଡଳ, ସେକ୍ ଗୌସି, ଜଗନ୍ନାଥ ପଣ୍ଡା, ଅରୁଣ ପଣ୍ଡା, ନବରଙ୍ଗପୁର ସଦସ୍ୟ ମୁରଲୀଧର, ଦାଶରଥି ଗୁରୁ, ଡାବୁଗାଁର କୈଳାସ, ସାକ୍ଷିର, ରାଇଘରର ଅନୱର ଆଲାମ, କନ୍ୟା ସାହୁଙ୍କ ସମେତ ଜିଲ୍ଲାର ପ୍ରାୟ ୧୫ ଶହରୁ ଊର୍ଦ୍ଧ୍ୱ ମେକାନିକ୍ ଯୋଗଦେଇଥିଲେ। ଉମରକୋଟ କଲ୍ୟାଣ ମଣ୍ଡପଠାରୁ ଡିଏନକେ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା ପରିକ୍ରମା କରିଥିଲା। ଶେଷରେ ଉମରକୋଟ ସଂଘର ଉପଦେଷ୍ଟା ପର୍ଶୁରାମ ନାୟକ ଯାଦବ ଧନ୍ୟବାଦ ଅର୍ପଣ କରିଥିଲେ।

## ସେବା କାଗଜକଳ ଶ୍ରମିକଙ୍କ ପ୍ରୋଭିଡେଣ୍ଟ ଫଣ୍ଡ କାଗଜପତ୍ର ବ୍ରହ୍ମପୁର କାର୍ଯ୍ୟାଳୟକୁ ସ୍ଥାନାନ୍ତରିତ

**ଜୟପୁର, ୨୮।୧(ସମିସ):** କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ସେବା କାଗଜକଳ କର୍ମଚାରୀମାନଙ୍କ ପ୍ରୋଭିଡେଣ୍ଟ ଫଣ୍ଡ ଜମା ରାଶି ଦୀର୍ଘ ଚାରି ବର୍ଷ ପରେ କୋଲକାତାରୁ ବ୍ରହ୍ମପୁର ଆଞ୍ଚଳିକ ପ୍ରଭିଡେଣ୍ଟ ଫଣ୍ଡ କାର୍ଯ୍ୟାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେବା କାଗଜକଳ ସର୍ବମୋଟ ୧୨୨୨ ଜଣ କର୍ମଚାରୀ ୨୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା କରମ ଚାନ୍ଦ ଥାପର ପ୍ରୋଭିଡେଣ୍ଟ ଫଣ୍ଡ ଟ୍ରଷ୍ଟର ଆକାଉଣ୍ଟାଣ୍ଟକୁ ସ୍ଥାନାନ୍ତରିତ ହୋଇଥିଲା। ଏହା ଫଳରେ କର୍ମଚାରୀମାନେ ସେମାନଙ୍କ ଜମା ରଖିଥିବା ଭବିଷ୍ୟତ ନିଧି ପାଣ୍ଠି, ପାଇବାରେ ଅବସରପ୍ରାପ୍ତ ଶ୍ରମିକ ଓ ମୃତ ଶ୍ରମିକଙ୍କ ପରିବାରକୁ ପେନସନ ମିଳିବାରେ ସୁବିଧା ହୋଇପାରିବ। କେନ୍ଦ୍ର ପ୍ରୋଭିଡେଣ୍ଟ ଫଣ୍ଡ କମିଶନ କର୍ମଚାରୀମାନଙ୍କ ପିଏଫ ଦେୟ ଟଙ୍କା ସଠିକ୍ ଭାବେ ସଞ୍ଚାଳନ ପାଇଁ ନିର୍ଦ୍ଦେଶ ଦେଇ ତୁରନ୍ତ ସମସ୍ୟା ସମାଧାନ ପାଇଁ ଚିଠି ପ୍ରଦାନ କରିଥିଲେ। ଗତ ଡିସେମ୍ବର ୫ ତାରିଖରେ କୋରାପୁଟ ସାଂସଦ ସପ୍ତଗିରି ଉଲ୍ଲାକାଙ୍କ ଶୂନ୍ୟକାଳରେ ସାଂସଦରେ ପିଏଫ୍ ପ୍ରସଙ୍ଗ ଉଠାଇବା ପରେ ତୁରନ୍ତ ସମସ୍ୟାର ସମାଧାନ ପାଇଁ ଦାବି କରିଥିଲେ। କର୍ମଚାରୀ ନେତା ତଥା ପ୍ରଥମ କର୍ମଚାରୀ ଓ ଶ୍ରମିକ ସଂଘର ସଭାପତି ପ୍ରମୋଦ ମହାନ୍ତି, ସମ୍ପାଦକ ପ୍ରଦୀପ ପାଣ୍ଡିଆ, ୨ୟ ସଂଘର କାର୍ଯ୍ୟକାରୀ ସଭାପତି ବଂଶୀଧର ମହାକୁଡ଼, ସାଧାରଣ ସମ୍ପାଦକ ସରୋଜ ସୁଆରଙ୍କ ନେତୃତ୍ୱରେ ଅନ୍ୟାନ୍ୟ କର୍ମଚାରୀ ନେତାମାନେ ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦଙ୍କ ଜରିଆରେ '୫-ଟି' ଅଧକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ସାକ୍ଷାତ କରିବା ସହ ସମସ୍ୟାର ସମାଧାନ ନେଇ ନିବେଦନ ପତ୍ର ପ୍ରଦାନ କରିଥିଲେ। ଶ୍ରମିକ ଓ ମୃତ ଶ୍ରମିକଙ୍କ ପରିବାର ସଦସ୍ୟମାନେ ରାସ୍ତାରୋକ, ଆନ୍ଦୋଳନ ବାରମ୍ବାର କରିଛନ୍ତି। ଏଆଇଟିୟୁସି ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା ଓ ସିବିଟି ସଭ୍ୟ ସୁକୁମାର ଡାମଲେଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

## ସଦାଶିବ ସୁକୁମାର ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଶିକ୍ଷଣ ଶିବିର

**ଉମରକୋଟ,୨୮।୧(ସମିସ):**

ନବରଙ୍ଗପୁର ଜିଲ୍ଲା ଉମରକୋଟ ସହରର ସଦାଶିବ ସୁକୁମାର ସରକାରୀ ଉଚ୍ଚ ବିଦ୍ୟାଳୟରେ ଚାରିଦିନ ଧରି ଚାଲିଥିବା ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି। ଶିକ୍ଷଣରେ ଦୁର୍ବଳ ପିଲାମାନଙ୍କ ନିମନ୍ତେ ଶିକ୍ଷଣ ସାମଗ୍ରୀ ଏକ ବରଦାନ ସଦୃଶ୍ୟ ବୋଲି ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଶିକ୍ଷା ବିଭାଗର ଅଧିକାରୀମାନେ ମତବ୍ୟକ୍ତ କରିଥିଲେ। ଉମରକୋଟ ବିଆରସିସି ପୁରୁଷୋତ୍ତମ ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଚାରିଦିନିଆ ପ୍ରଶିକ୍ଷଣ ଶିବିରର ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ଏବିଇଓ ଦେବେନ୍ଦ୍ର କୁମାର ବାଘ, ସୁଶୀଳା ଜୋରଦାର ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଏସଆରଜୀ ଧନେଶ୍ୱର ପୁହାଣ ଯୋଗଦେଇ ଶିକ୍ଷଣ ସାମଗ୍ରୀଗୁଡ଼ିକ ପିଲାମାନଙ୍କର ଶିକ୍ଷା କ୍ଷେତ୍ରରେ ଏକ ବରଦାନ ସଦୃଶ୍ୟ ଅଟେ। ଯାହାକୁ ବ୍ୟବହାର କରି ଏକ ଆନନ୍ଦମୟ ଶିକ୍ଷା ଉଭୟ ଶିକ୍ଷକ ଏବଂ ଛାତ୍ରଛାତ୍ରୀ ପାଇପାରିବା ସହ ଏଫ୍‌ଏଲ୍‌ଏନର ଲକ୍ଷ୍ୟ ହାସଲ ସହଜ ଏବଂ ସୁଗମ ହୋଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ। ଏହାଦ୍ୱାରା ଉଭୟ ଛାତ୍ରଛାତ୍ରୀ ଓ ଶିକ୍ଷକଶିକ୍ଷୟିତ୍ରୀମାନଙ୍କର ଅନ୍ତର୍ନିହିତ ଶକ୍ତିର ପରିପ୍ରକାଶ ହୋଇ ପାରିବ ବୋଲି ଅଂଶ ଗ୍ରହଣକାରୀମାନେ ମତବ୍ୟକ୍ତ କରିଥିଲେ। ଏହି ଶିବିରରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୨୨ ଜଣ ଶିକ୍ଷକଶିକ୍ଷୟିତ୍ରୀ ଯୋଗଦେଇଥିବା ବେଳେ ପ୍ରଶିକ୍ଷକ ଭାବେ ବରିଷ୍ଠ ଶିକ୍ଷକ ଧନେଶ୍ୱର ପୁହାଣ, ସିଆରସିସି ମୋତିରାମ ଗଣ୍ଡ, ମଧୁସ୍ମିତା ଦାସ, ସତ୍ୟନ୍ଦ୍ର ରାଉତ ଉପସ୍ଥିତ ରହି ପ୍ରଶିକ୍ଷଣ ଦେଇଥିଲେ। ଶେଷରେ ସିଆରସିସି ମୋତିରାମ ଗଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ସଂସ୍ଥା ନବରଙ୍ଗପୁରର ବରିଷ୍ଠ ପ୍ରଶିକ୍ଷକ ମୂର୍ତ୍ତି କୁମାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସିଆରସିସି ଅଜୟ ଛୋଟରାୟ, ଈଶ୍ୱର ଚନ୍ଦ୍ର ସ୍ୱାଇଁ, ସତ୍ୟବ୍ରତ କର, ମନୋଜ ବେହେରା, ସନ୍ତୋଷ ସାହୁ, ମଧୁସୂଦନ ଜେନା, ବଙ୍କିମ ମଣ୍ଡଳ, ଚୌବନ ସାହୁ, ରାଜେନ୍ଦ୍ର ଭତ୍ରା, ବିଷ୍ଣୁ ସାହୁଙ୍କ ସମେତ ସମସ୍ତ ସିଆରସିସି ସହଯୋଗ କରିଥିଲେ।

## ସାମ୍ବାଦିକ ଗଜମୋହନ ଓ ଖବରକାଗଜ ବିତରକ ସୁଦର୍ଶନଙ୍କ ଶ୍ରଦ୍ଧାଞ୍ଜଳି ସଭା



**ଟିକିରି,୨୮।୧(ସମିସ):** ରାୟଗଡ଼ା ଜିଲ୍ଲାର କାର୍ଯ୍ୟରତ ସାମ୍ବାଦିକ ଗଜମୋହନ ଗରଡ଼ିଆ ଓ ଟିକିରି ଖବରକାଗଜ ବିତରକ ସୁଦର୍ଶନ ବେହେରାଙ୍କ ବିୟୋଗରେ ଶନିବାର ଟିକିରି ହନୁମାନ ମନ୍ଦିର ପରିସରରେ କାଶୀପୁର ବ୍ଲକ ସାମ୍ବାଦିକ ସଂଘ ତରଫରୁ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ପ୍ରଦ୍ୱିପ ପ୍ରଜ୍ୱଳନ କରି ନିରବ ପ୍ରାର୍ଥନା କରାଯାଇଥିଲା। କାଶୀପୁର ବ୍ଲକର ବୁଦ୍ଧିଜୀବୀ, ସମାଜସେବୀ ହରପ୍ରସାଦ ନାୟକ, ବ୍ଲକ୍ ଚେୟାରମ୍ୟାନ କଣ୍ଡ ମାଝୀ, ବିଷ୍ଣୁପ୍ରଷାଦ ପାତ୍ର, ସିତୁନ ମାଝୀ, ପ୍ରତାପ ମାଝୀ, ବିନୋଦ ନାଏକ, ବଣିକ ସଂଘର ସଦସ୍ୟ ମନୋଜ ବେହେରା, ପ୍ରଫୁଲ୍ଲ ସାହୁ ଓ କାଶୀପୁର ବ୍ଲକର ସମସ୍ତ ସାମ୍ବାଦିକ ଉପସ୍ଥିତ ଥିଲେ।

### ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ମରାମତି କାର୍ଯ୍ୟ ନିମ୍ନମାନର ଅଭିଯୋଗ

# ସୁବିଧା ଦେଖି କାମ କରୁଛନ୍ତି ଠିକାଦାର

**ମୁନିଗୁଡ଼ା,୨୮।୧(ସମିସ):**

ସରଧାପୁର ପଞ୍ଚାୟତ ଆଡ଼ାଗାଞ୍ଜୁ ଗ୍ରାମ ନିକଟରୁ ପାଣ୍ଡରାମୁଣ୍ଡା ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ହେଉଥିବା ରାସ୍ତା ମରାମତି କାମରେ ଘୋଟାଲା। ଠିକାଦାର ଓ ଜେଇଙ୍କ ସଲାସୁତରାରେ ଚାଲିଛି ନିମ୍ନମାନର କାମ। ଏଭଳି ସାଙ୍ଘାତିକ ଅଭିଯୋଗ ଆସିଛି ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ୍ ସରଧାପୁର ପଞ୍ଚାୟତ ଆଡ଼ାଗାଞ୍ଜୁ ଓ ପାଣ୍ଡରାମୁଣ୍ଡା ଗ୍ରାମରୁ।

ଦୀର୍ଘଦିନ ହେଲା ଆଡ଼ାଗାଞ୍ଜୁଠାରୁ ପାଣ୍ଡରାମୁଣ୍ଡାକୁ ସଂଯୋଗ କରୁଥିବା ରାସ୍ତାର ପିଚୁ ଉଠିଯାଇ ଏକ ପ୍ରକାର ମରଣଯନ୍ତା ପାଲଟିଥିବାବେଳେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଉକ୍ତ ରାସ୍ତାର ମରାମତି ନିମନ୍ତେ ଲକ୍ଷାଧିକ ଟଙ୍କାର ଟେଣ୍ଡରରେ ଚାଲିଛି ମରାମତି କାର୍ଯ୍ୟ। କିନ୍ତୁ ରାସ୍ତାକୁ ଦେଖିଲେ କଣ୍ଟ୍ରାକ୍ଟରର କେତେ ସ୍ୱଚ୍ଛ ବେଶ୍ ବୁଝାପଡୁଛି। ଆଡ଼ାଗାଞ୍ଜୁ ଘାଟି ନିକଟରୁ ରାସ୍ତା ମରାମତି କାମ ଆରମ୍ଭ ବଦଳରେ ନିଜର ସୁବିଧା ଦେଖି କଣ୍ଟ୍ରାକ୍ଟରଙ୍କ ମନମୁତାବକ କାର୍ଯ୍ୟ ପାଇଁ ଅଞ୍ଚଳବାସୀ



ଅସନ୍ତୋଷ ପ୍ରକାଶ କରିଛନ୍ତି। ରାସ୍ତାରେ ପିଚୁ ଢାଳିବା ପୂର୍ବରୁ ରାସ୍ତାରୁ ଭଲ ଭାବରେ ମାଟି ସଫା ହୋଇ ନ ଥିବାବେଳେ ପ୍ରାଇମର ଢାଳି ପିଚୁ ପଡୁଥିବା ଦେଖିବାକୁ ମିଳିଛି। ଯାହାକି ଖୁବ୍ କମ୍ ଦିନ ମଧ୍ୟରେ ରାସ୍ତା ଉପରୁ ପିଚୁ ବାହାରିଯିବାର ଆଶଙ୍କା ରହୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଖାଲି ସେତିକି ନୁହେଁ ରାସ୍ତା କଡ଼ରେ ଥିବା ଓର୍ମ ଉପରେ ପିଚୁ ପଡ଼ିଥିବା ଦେଖିବାକୁ ମିଳିଛି। ଯାହାକି ଉକ୍ତ ସ୍ଥାନରେ ମାଟି କିମ୍ବା ମୋରମ୍ ପକାଇବା ପରେ ପିଚୁ ପଡ଼ିବା କଥା ନଚେତ୍ ଅତଡ଼ା ଖସି କମ ଦିନ ମଧ୍ୟରେ ରାସ୍ତା ଭାଙ୍ଗିଯିବା ସମ୍ଭାବନା ମଧ୍ୟ ରହିଛି। ଗରମ ପିଚୁ ପଡ଼ିବା ସଙ୍ଗେ ସଙ୍ଗେ ଉକ୍ତ ରାସ୍ତା ଉପରେ ବାଲି କିମ୍ବା ପଥର ଡଷ୍ଟ ପକାଇବା ଜରୁରୀ ଥିବାବେଳେ ରାସ୍ତା ଉପରେ କୌଣସି ଜିନିଷ ବ୍ୟବହାର ହେଉନି, ଯେଉଁ କାରଣରୁ ଉକ୍ତ ରାସ୍ତା ଉପର ଦେଇ କୌଣସି ଭାରୀଯାନ ଯିବାଆସିବା କଲେ ରାସ୍ତାରେ ବ୍ୟବହାର ହୋଇଥିବା ପିଚୁ ଉଠିଯିବା ସହ ରାସ୍ତା ଦବିବାର ଆଶଙ୍କା ଥିବାରୁ ସ୍ଥାନୀୟ ଗ୍ରାମବାସୀ କଣ୍ଟ୍ରାକ୍ଟରଙ୍କ ମନମୁଖି କାର୍ଯ୍ୟକୁ ନାପସନ୍ଦ କରିଛନ୍ତି। ସବୁଠୁ ବଡ଼ କଥା ହେଲା ଶେଷ ଶନିବାର ଦିନ ସରକାରୀ ଛୁଟି ଥିବାବେଳେ ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତିରେ ଏହି କାର୍ଯ୍ୟ ଚାଲିଥିବା ନେଇ ନିମ୍ନମାନର କାର୍ଯ୍ୟ ହେଉଥିବା ଓ ବିନା ଫଳକରେ କାର୍ଯ୍ୟକୁ ନେଇ ଆଡ଼ାଗାଞ୍ଜୁ ଓ ପାଣ୍ଡରାମୁଣ୍ଡା ଗ୍ରାମର ଗାରୀ ଚିନ୍ଦିଆ, ଜେନା ବିଭାର, ଗାଗଡ଼ା ଚିଡ଼ିଆ, କେଚେ ଚିଡ଼ିଆ, ବିନୋଦ ଚିଡ଼ିଆ, ରତ ଯାକେଶିକା ପ୍ରମୁଖ ଅଭିଯୋଗ କରିଛନ୍ତି। ତେବେ ସରକାରୀ ଛୁଟି ଦିନରେ ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତିରେ କେଉଁ ପରିସ୍ଥିତିରେ କାର୍ଯ୍ୟ ଆରମ୍ଭ ହୋଇଛି ତାହା ତଦନ୍ତସାପେକ୍ଷ। ଉକ୍ତ ବିଷୟକୁ ନେଇ ବିଭାଗୀୟ ଅଧିକାରୀଙ୍କ ସହ ଯୋଗାଯୋଗ କରିବା ପାଇଁ ଚେଷ୍ଟା କରିଥିଲେ ସୁଦ୍ଧା କୌଣସି ଉତ୍ତର ମିଳିପାରି ନାହିଁ।

## ଠିକା ସଂସ୍ଥାର ମନମୁଖି କାର୍ଯ୍ୟରେ ଲୋକେ ହନ୍ତସନ୍ତ

**ତେନ୍ତୁଳିଖୁଣ୍ଟି,୨୭।୧(ସମିସ):** ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକରେ ଜାରି ରହିଥିବା ମେଗା ପ୍ରକଳ୍ପ କାର୍ଯ୍ୟ ସରିବାର ନା ନେଉନାହିଁ। ଠିକା ସଂସ୍ଥାର ବେପରୁଆ କାର୍ଯ୍ୟ ପାଇଁ ଲୋକେ ବିଭିନ୍ନ ସମୟରେ ସମସ୍ୟା ଭୋଗୁଥିବା ନଜରକୁ ଆସୁଛି। ଶନିବାର ଆଉଳିଗୁମା ଗ୍ରାମରେ ଗୋଟିଏ ପିକଅପ୍ ଭ୍ୟାନ୍ ରାସ୍ତା ମଝିରେ ଦବିଯିବାରୁ ଡ୍ରାଇଭରଙ୍କ ସମେତ ଲୋକେ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ପାଇପ ପୋତିବା ପାଇଁ ସମ୍ପୃକ୍ତ ସଂସ୍ଥା ରାସ୍ତା ମଝିରେ ଗାତ ଖୋଳୁଛି। କିନ୍ତୁ କାମ ସାରିବା ପରେ ସାମାନ୍ୟ ହାଲୁକା ମାଟି ଘୋଡ଼ାଇ ଚାଲିଯାଉଥିବାରୁ ବିଭିନ୍ନ ସମୟରେ ଗାଡ଼ିଗୁଡ଼ିକ ରାସ୍ତା ମଝିରେ ଦବିଯାଇ ଯାତାୟାତ ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହେଉଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ସମ୍ପୃକ୍ତ ସଂସ୍ଥାର ବେପରୁଆ କାର୍ଯ୍ୟରେ ରୋକ ଲଗାଇ ରାସ୍ତାଗୁଡ଼ିକୁ ସଠିକ ମରାମତି କରିବା ପାଇଁ ଦାବି ହେଉଛି।



# ପୁରୀ ଗଲା ଅର୍ପଣ ରଥରୁ ସଂଗୃହୀତ ଚାଉଳ, ଗୁଆ, ନଡ଼ିଆ

ରାୟଗଡ଼ା,୨୮।୧(ସମିସ)

ଗତ ୧୭ତାରିଖରେ ଶ୍ରୀକ୍ଷେତ୍ର ପୁରୀଠାରେ ଶ୍ରୀଜଗନ୍ନାଥ ମନ୍ଦିର ପରିକ୍ରମା ପ୍ରକଳ୍ପର ଶୁଭ ଉଦଘାଟନ କରିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହି ପରିକ୍ରମା ପ୍ରକଳ୍ପର ଶୁଭାରମ୍ଭ ପୂର୍ବରୁ ସମଗ୍ର ରାଜ୍ୟରେ ଅର୍ପଣ ରଥ ପରିଭ୍ରମଣ କରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭାବାବେଗକୁ ଜଗନ୍ନାଥପ୍ରେମୀ ଏବଂ ସମସ୍ତଙ୍କ ମନରେ ଏକ ଆଧ୍ୟାତ୍ମିକ ଚିନ୍ତନ ସୃଷ୍ଟି କରିପାରିଥିଲା। ଏହି କ୍ରମରେ ଗାଁଠାରୁ ଆରମ୍ଭ କରି ସହରାଞ୍ଚଳର ସାହିଗଳିରେ ଅର୍ପଣ ରଥ ବୁଲୁଥିବା ସମୟରେ ଶ୍ରଦ୍ଧାଳୁମାନେ ଚାଉଳ, ଗୁଆ, ନଡ଼ିଆ, ନଗଦ ଟଙ୍କା ଦାନ ଦେଇଥିଲେ। ରାୟଗଡ଼ା ଜିଲ୍ଲାରୁ ସମୁଦାୟ୨୩୨ କ୍ୱିଣ୍ଟାଲ ଚାଉଳ, ୫୬କେଜି ଗୁଆ, ୩୫୦ଟି ନଡ଼ିଆ ଏବଂ ୪ଲକ୍ଷ ୧୩ ହଜାର ୮୩୫ଟଙ୍କା ଦାନ ଆକାରରେ ଆଦାୟ ହୋଇଥିଲା। ଯାହାକୁ ଶନିବାର ରାୟଗଡ଼ା ଜିଲ୍ଲା ପ୍ରଶାସନ




ପକ୍ଷରୁ ଶ୍ରୀମନ୍ଦିର, ପୁରୀକୁ ଏକ ଟ୍ରକ ଯୋଗେ ପଠାଯାଇଛି। ଏଥିନିମନ୍ତେ ରାୟଗଡ଼ା ଜିଲ୍ଲା ସଦର ମହକୁମାଠାରେ ଥିବା ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରେ ଏକ ଭବ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଦିବାସୀ କଲ୍ୟାଣ ଏବଂ ଆଇନ ବିଭାଗୀୟ ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସବୁଜ ପତାକା ଦେଖାଇ ଟ୍ରକ୍ ଯାତ୍ରାର ଶୁଭ ମନାସୀ ଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି, ବରିଷ୍ଠ ତୀର୍ଥଯାତ୍ରୀ ଯୋଜନା ଉପଦେଷ୍ଟା ଦୁର୍ଗା ପ୍ରସାଦ ସାମନ୍ତରାଏ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ଅନୁସୂୟା ମାଝି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝି, ରାୟଗଡ଼ା ବ୍ଲକ୍ ଅଧ୍ୟକ୍ଷା ଟୁନି ହୁଇକା, ଉପାଧ୍ୟକ୍ଷ ହରପ୍ରସାଦ ହେପ୍ରୁକା, ଆମ ଓଡ଼ିଶା ନବୀନ ଓଡ଼ିଶା ଜିଲ୍ଲା ସଂଯୋଜକ ପି.ଗୌରୀ ଶଙ୍କର, ଅତିରିକ୍ତ ଜିଲ୍ଲାପାଳ ଭାସ୍କର ଚନ୍ଦ୍ର ରଇତ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ନିହାର ରଞ୍ଜନ କହଁର, ମିଶନ ଶକ୍ତି ଡିପିଏମ୍ ହେମନ୍ତ ବାଗ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ତଥା ଜିଲ୍ଲା ଡିଆଇପିଆରଓ ବସନ୍ତ କୁମାର ପ୍ରଧାନ, ରାୟଗଡ଼ା ବ୍ଲକ୍ ବିଡିଓ ଅମୂଲ୍ୟ କୁମାର ସାହୁ, ଏବିଡିଓ କାଳୁଚରଣ ନାୟକଙ୍କ ସମେତ ସରପଞ୍ଚ, ସମିତିସଭ୍ୟ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଜିଆରଏସ୍ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।

## ଜିଲ୍ଲାପାଳଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ମାଲକାନଗିରି,୨୮।୧(ସମିସ):** ମାଲକାନଗିରି ଜିଲ୍ଲା ସଦରରେ ଥିବା ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ବିଶାଳ ସିଂଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ନୀତେଶ ୱାଧୱାନୀ, ବନଖଣ୍ଡ ଅଧିକାରୀ ପ୍ରତାପ କଟ୍ଟାପଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବେଦବର ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତ୍ରିନାଥ ମାଝୀ ଏବଂ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ତପନ ନାରାୟଣ ରଥ ମଞ୍ଚାସିନ ଥିଲେ। ମାଲକାନଗିରି ଜିଲ୍ଲାରେ କାର୍ଯ୍ୟ କରିବା ସୌଭାଗ୍ୟର ବିଷୟ ଏବଂ ଏହି ଜିଲ୍ଲାରେ ଭଲ ଅଭିଜ୍ଞତା ମିଳିଛି ବୋଲି ଜିଲ୍ଲାପାଳ ଶ୍ରୀ ସିଂ ପ୍ରକାଶ କରିବା ସହ ସମସ୍ତଙ୍କର ସହଯୋଗ ନିମନ୍ତେ କୃତଜ୍ଞତା ଜଣାଇଥିଲେ। ତାଙ୍କ ଅଧୀନରେ ଜିଲ୍ଲାରେ ବିମାନବନ୍ଦର କାର୍ଯ୍ୟ ସହ ଅନେକ ଉନ୍ନୟନମୂଳକ କାର୍ଯ୍ୟ ସମ୍ପାଦିତ ହୋଇପାରିଛି। ତାଙ୍କପରି ଜଣେ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଦୁର୍ଲଭ ବୋଲି ବିଭାଗୀୟ ଅଧିକାରୀମାନେ ମତ ରଖିଥିଲେ। ଶ୍ରୀ ସିଂ ମାଲକାନଗିରି ଜିଲ୍ଲାରେ ଜିଲ୍ଲାପାଳ ଭାବେ ପ୍ରଥମେ କାର୍ଯ୍ୟରେ ଯୋଗଦେଇଥିଲେ ଏବଂ ବର୍ତ୍ତମାନ କେନ୍ଦୁଝର ଜିଲ୍ଲାପାଳ ଭାବେ ଯୋଗଦେବେ। ତାଙ୍କ ସ୍ଥାନରେ ୨୦୧୯ ବ୍ୟାଚ୍ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ତଥା କଳାହାଣ୍ଡି ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପାୱାର ସଚିନ ପ୍ରକାଶ ମାଲକାନଗିରି ଜିଲ୍ଲାପାଳ ଭାବେ ଯୋଗଦେବେ। ଏହି ଅବସରରେ ଜିଲ୍ଲାର ସମସ୍ତ ଅଧିକାରୀ, ବିଡିଓ ଏବଂ ତହସିଲଦାର ଉପସ୍ଥିତ ଥିଲେ।

## ମା' ଭୈରବୀ ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ପଟ୍ଟାଙ୍ଗି,୨୮।୧(ସମସ):** କୋରାପୁଟ ଜିଲ୍ଲା ଓଡ଼ିଶା ଆନ୍ଧ୍ର ସୀମାନ୍ତ ପଟ୍ଟାଙ୍ଗି ବ୍ଲକର ସୁଙ୍କି ସତସଂଘ କେନ୍ଦ୍ରଠାରେ ସାଧାରଣତନ୍ତ୍ର ଦିବସ ଅବସରରେ ମା' ଭୈରବୀ ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ମା' ଭୈରବୀ ଭଲିବଲ୍ ଟୁର୍ଣ୍ଣାମେଣ୍ଟର ସଭାପତି ଏସ୍ ବୋମାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ସୁଙ୍କି ଗ୍ରାମ ପଞ୍ଚାୟତର ସରପଞ୍ଚ ପାନ୍ଦି କୁମାରୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ସମାଜସେବୀ ବଳରାମ ବାରିକ, ସମିତିସଭ୍ୟ ସୁଲି ଆପାରାଓ, ସମିତିସଭ୍ୟ ପ୍ରତିନିଧି ମୋଜେସ ଗଣ୍ଡେରୀ ପ୍ରମୁଖ ଯୋଗଦେଇଥିଲେ। ରେଫରୀ



ଭାବେ ଭିକାରୀ ବେହେରା ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ବି. ତ୍ରିନାଥ, ଜେଟି ଚିରଞ୍ଜିବି, ଏସ୍. ରାଜୁ, ଏ.ପୂର୍ଣ୍ଣ, ଟ୍ରକ୍ ଆସୋସିଏସନର ପୂର୍ବତନ ସଭପତି ଏମ୍ ପୁଷ୍କର, କ୍ଲବର ସମ୍ପାଦକ ପ୍ରସାଦ ପଟ୍ଟନାୟକ, ମୁଖ୍ୟ ସଂଗଠକ ଶଙ୍କର ପଟ୍ଟନାୟକ, ସହସଂଗଠନ ଏସ୍. ଶେଖର ସହଯୋଗ କରିଥିଲେ। କ୍ଲବର ସଦସ୍ୟ ଏସ୍ ବାସୁ ଓ କିରଣ, ଏଲ୍. ବିଜୟକୁମାର, ପି. ସାଇ କ୍ରୀଷ୍ଣା ଓ କେ. ଆଦିନାରାୟଣ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓ ଶ୍ରୀମନ୍ଦିର ପରିକ୍ରମା କାର୍ଯ୍ୟକ୍ରମ

ମାଥିଲି,୨୮।୧(ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଭେଜଗୁଡ଼ା ପଞ୍ଚାୟତ ଅଁଳାପଦରଠାରେ ଥିବା ବାପୁଜୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗତ କିଛି ଦିନ ଧରି ଆରମ୍ଭ ହୋଇଥିବା ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓ ଶ୍ରୀମନ୍ଦିର ପରିକ୍ରମା କାର୍ଯ୍ୟକ୍ରମର ଉଦଯାପନ ଗତ ଶୁକ୍ରବାର ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ରମାକାନ୍ତ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମର ମୁଖ୍ୟ ଅତିଥି କିଶୋର ଚନ୍ଦ୍ର ପ୍ରଧାନ, ମୁଖ୍ୟବକ୍ତା ଭାବେ ମାଥିଲି ମହାବିଦ୍ୟାଳୟର ଅଧ୍ୟାପକ ରାଜକିଶୋର ଜେନା ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବରେ ଭେଜଗୁଡ଼ା ପଞ୍ଚାୟତର ସରପଞ୍ଚ ଭୀମସେନ ନାୟକ, ଜିଲ୍ଲା ମୁଖ୍ୟ କ୍ରୀଡ଼ା ଅଧିକାରୀ କାର୍ତ୍ତିକଚନ୍ଦ୍ରବେହେରା, ପାଙ୍ଗାମ୍ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ବିଶ୍ୱନାଥ ସାହୁ ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ ବର୍ଗର ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସୁପ୍ରିତି ଦିଦି ଓ ଯୁଧିଷ୍ଠିର ମହାନ୍ତ ସାର୍ ମଞ୍ଚ ପରିଚାଳନା କରିଥିଲେ। ନୋଡାଲ ଅଫିସର ଭାବେ ଅଧ୍ୟାପକ ଶୁଭ୍ରାଂଶୁ ଶେଖର ମହାପାତ୍ର କାର୍ଯ୍ୟକ୍ରମକୁ ସୁରୁଖୁରୁରେ ସମ୍ପାଦନ କରିଥିବାବେଳେ ଅଧ୍ୟାପକ ରାମ ପୂଜାରୀ, ଅଧ୍ୟାପକ ଅର୍ଜୁନ ଭୂମିଆ, ଅଧ୍ୟାପିକା ମିନତୀ ସରକାର ଓ ଗୌରୀ ପୂଜାରୀ ସମେତ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ।

## ପଟ୍ଟାଙ୍ଗି ନିର୍ବାଚନମଣ୍ଡଳୀରେ ନୂତନ ମତଦାତା କାର୍ଯ୍ୟକ୍ରମ

**ସେମିଳିଗୁଡା,୨୮।୧(ସମିସ):** କୋରାପୁଟ ଜିଲ୍ଲା ସେମିଳିଗୁଡ଼ା ବ୍ଲକ୍ ଅନ୍ତର୍ଗତ ସୁବାଇ ଜୈନ ମନ୍ଦିର ନିକଟସ୍ଥ କଲ୍ୟାଣ ମଣ୍ଡପରେ ବିଜେପି ଯୁବ ମୋର୍ଚ୍ଚା ଆନୁକୁଲ୍ୟରେ ପଟାଙ୍ଗି ବିଧାନସଭା ନମୋ ନବ ମତଦାତା ସମ୍ମିଳନୀ ଅନୁଷ୍ଠିତ ହାଇଥିଲା। ଭାରତୀୟ ଜନତା ପାର୍ଟି ଯୁବ ମୋର୍ଚ୍ଚା ପକ୍ଷରୁ କୋରାପୁଟ ଜିଲ୍ଲାର ୫ଟି ବିଧାନସଭାର ଥିବା ନବ ଯୁବକଙ୍କୁ ନେଇ ନମୋ ନବ ମତଦାତା ସମ୍ମିଳନୀରେ ପ୍ରଧାନ ମନ୍ତ୍ରୀଙ୍କ ଭାଷଣକୁ ଦେଖିବା ସହ ନବ ମତଦାତାଙ୍କୁ ଜାଗୃତ କାରିବେ ବୋଲି ଶପଥ ନେଇଥିଲେ। କୋରାପୁଟ ଜିଲ୍ଲା ସଭାପତି ସୁମନ୍ତ ପ୍ରଧାନ ନେତୃତ୍ୱରେ ସାଧାରଣ ସମ୍ପାଦକ ଦେବେନ୍ଦ୍ର ମହାନ୍ତି, ଜିଲ୍ଲା ସମ୍ପାଦକ ଚୌତନ୍ୟ ହନ୍ତାଳ, କୋରାପୁଟ ଜିଲ୍ଲା ସଂଯୋଜକ ତ୍ରିନାଥ ପଣ୍ଡା, କୋରାପୁଟ ଜିଲ୍ଲା ଆଦିବାସୀ ମୋର୍ଚ୍ଚା ସାଧାରଣ ସମ୍ପାଦକ ଜୟରାମ ଭୋଇ, ଜୟରାମ ପୂଜାରୀ ଥିଲେ।

## ସନ୍ତୋଷ ପାଢ଼ୀ ମେମୋରିଆଲ ବ୍ୟାଡମିଣ୍ଟନ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ତେନ୍ତୁଳିଖୁଣ୍ଟି,୨୮।୧(ସମିସ):** ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ଖାତିଗୁଡ଼ା ଅଫିସର୍ସ କ୍ଲବଠାରେ ଉଦ୍‌ଘାଟିତ ହୋଇଯାଇଛି ସନ୍ତୋଷ ପାଢ଼ୀ ମେମୋରିଆଲ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ। ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖାତିଗୁଡ଼ା ଥାନା ଅଧିକାରୀ ହରିଶ ଚନ୍ଦ୍ର ଗୋଲାରୀ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ବିଶିଷ୍ଟ କ୍ରୀଡ଼ାବିତ ତଥା ପ୍ରଶିକ୍ଷକ ସ୍ୱର୍ଗତ ସନ୍ତୋଷ ପାଢ଼ୀଙ୍କ ସ୍ମାରକୀରେ ଆୟୋଜିତ ହୋଇଥିବା ଏହି ପ୍ରତିଯୋଗିତାରେ ସ୍ୱର୍ଗତ ସନ୍ତୋଷ ପାଢ଼ୀଙ୍କ ବଡ଼ ଭାଇ ବଳରାମ ପାଢ଼ୀଙ୍କୁ ସମ୍ମାନିତ ଅତିଥି ଭାବେ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ଆୟୋଜିତ ଏହି ପ୍ରତିଯୋଗିତାର ପ୍ରଥମ ଦିନରେ ମୋଟ ୨୬ଟି ଦଳ ଅଂଶ ଗ୍ରହଣ କରିଥିଲେ। ଏଥିରେ ସିପୁନ ସହ କୁନା ଏବଂ ରାକେଶ ସହ ଟୁନା ଦଳ ଇଣ୍ଟର ବ୍ଲକର ଫାଇନାଲରେ ପାଦ ଥାପିଛନ୍ତି।

## ଅଭିନବ ପ୍ରୟାସ କରି ପ୍ରଶଂସା ସାଉଁଟିଛନ୍ତି ଅଙ୍ଗନବାଡ଼ି କର୍ମୀ

**ନନ୍ଦପୁର,୨୮।୧(ସମିସ):** ଗତ ୨୨ ତାରିଖରେ ଅଯୋଧ୍ୟାରେ ରାମ ମନ୍ଦିର ପ୍ରତିଷ୍ଠା ଓ ରାମ ଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଅବସରରେ ନନ୍ଦପୁରରେ ଅଭିନବ ପ୍ରୟାସ କରି ପ୍ରଶଂସା ସାଉଁଟିଥିଲେ ନନ୍ଦପୁର ବ୍ଲକ୍ ଲୁଜୀଙ୍ଗ ଅଙ୍ଗନବାଡ଼ି କର୍ମୀ ସ୍ନେହମୟୀ ଦାସ। ଶ୍ରୀରାମ ଲାଲାଙ୍କ ଅଯୋଧ୍ୟାରେ ପ୍ରାଣ ପ୍ରତିଷ୍ଠା ଉତ୍ସବ ଚାଲିଥିବାବେଳେ ଅଙ୍ଗନବାଡ଼ି କେନ୍ଦ୍ରର କୁନି କୁନି ପିଲାଙ୍କୁ ନେଇ ଅଙ୍ଗନବାଡ଼ି କର୍ମୀ ପୂରା ରାମାୟଣ ନାଟକ ପରିବେଷଣ କରିଥିଲେ। ଶ୍ରୀରାମ,



ଭ୍ରାତା ଲକ୍ଷ୍ମଣ, ମାତା ସୀତା ଓ ବୀର ହନୁମାନଙ୍କ ବେଶରେ କୁନି କୁନି ପିଲାଙ୍କୁ ସଜାଇବା ସହ ରାମାୟଣରେ ବର୍ଣ୍ଣିତ ପୂରା କାହାଣୀ ପିଲାମାନଙ୍କ ଦ୍ୱାରା ଅଭିନୀତ କରାଇଥିଲେ। ତାଙ୍କର ଏହି ଉଦ୍ୟମ ଓ ପ୍ରୟାସକୁ ସିଡିପିଓ ମିନତିବାଳା ପଟ୍ଟନାୟକ ପ୍ରଶଂସା କରିଥିଲେ।

ବ୍ଲକ୍‌ସ୍ତରୀୟ ୭୫ତମ ସାଧାରଣତନ୍ତ୍ର ଦିବସ

# 'ଦେଶକୁ ସୁଦୃଢ଼ ଓ ସଶକ୍ତ କରିଛି ଭାରତୀୟ ସମ୍ବିଧାନ'

ନନ୍ଦପୁର,୨୮।୧(ସମିସ)

ନନ୍ଦପୁର ବ୍ଲକସ୍ତରୀୟ ୭୫ତମ ସାଧାରଣତନ୍ତ୍ର ଦିବସ ନନ୍ଦପୁର ହାଇସ୍କୁଲ ପଡ଼ିଆଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ବିଡିଓ ଦୁର୍ଗା ପ୍ରସାଦ ଦୋରା ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ନନ୍ଦପୁରବାସୀଙ୍କୁ ଅଭିନନ୍ଦନ ଜଣାଇବା ସହ ଦେଶକୁ ସୁଦୃଢ଼ ଓ ସଶକ୍ତ କରିଛି ଭାରତୀୟ ସମ୍ବିଧାନ ବୋଲି କହିଛନ୍ତି। ସମ୍ମାନିତ ଅତିଥି ଭାବେ ନନ୍ଦପୁର ଏସଡିପିଓ ସଞ୍ଜୟ କୁମାର ମହାପାତ୍ର ଯୋଗଦେଇ ଭାରତୀୟ ସମ୍ବିଧାନ ଭାରତୀୟ ଏକତା ବଜାଇ ରଖିଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସାବିତ୍ରୀ କର୍ତ୍ତୁଲ, ବରିଷ୍ଠ ନେତା ଜଗନ୍ନାଥ ପାଙ୍ଗି, ବିଧାୟକ ପ୍ରତିନିଧି ଗୋପାଳ କୃଷ୍ଣ ବେବର୍ତ୍ତା, ନନ୍ଦପୁର ସାଂସଦ ପ୍ରତିନିଧି ଗୋପାଳ ମାଟାମ, ବିଜେଡି ବ୍ଲକ ସଭାପତି କାଶୀନାଥ ଗୋଲରି, ଏବିଓ ଗୁରୁନାଥ ମାଝୀ, ମମତାଜ ଗମାଙ୍ଗ, ଡା. ଧ୍ରୁବ ରାଜ ମୁର୍ମୁ, ଜିପିଓ ବେଦାନ୍ତ କୁମାର ମାଝୀ, ଚିନ୍ମୟୀ ଦାସ, ଯସକେତନ ବେହେରା, ଯୁବ ନେତା ପ୍ରଭାତ ଗୁରୁ ମାଇ, ଜିଲ୍ଲା ବିଜେଡି ସମ୍ପାଦକ ମୁନା ଦଳପତି, ମହିଳା ସଭାନେତ୍ରୀ ବିଜୟଲକ୍ଷ୍ମୀ ପଟ୍ଟନାୟକ, ବାସନ୍ତୀ ନାୟକ, ଆଇଆଇସି ଆଶ୍ରିତା ଖାଲକୋ, ଏସ୍ଆଇ ବେଦବର ସାହୁ, ଦୀପ୍ତିମୟୀ ଧାରୁଆ, ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ଅଞ୍ଜୁଳତା ଗରଡ଼ାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିବା ବେଳେ ନନ୍ଦପୁର ସଦର ମହକୁମାର ସମସ୍ତ ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପରେଡ୍ ପ୍ରଦର୍ଶନୀ କରାଯିବା ସହ ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ତତ୍ ସହିତ ଲିବର୍ଟି ଇଂରାଜୀ ବିଦ୍ୟାଳୟ ପକ୍ଷରୁ କୁନିକୁନି ପିଲାଙ୍କ ଭାରତୀୟ ଯବାନ ପୋଷାକ ଦ୍ୱାରା ସଜ୍ଜିତ ହୋଇଥିବାବେଳେ ସରକାରୀ ହାଇସ୍କୁଲ୍ ଛାତ୍ରୀମାନଙ୍କ ଦ୍ୱାରା ଆତ୍ମସୁରକ୍ଷା କଳା ପ୍ରଦର୍ଶନ ସମସ୍ତଙ୍କ ମନମୋହି ଥିଲା। ଶେଷରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

**କୁନ୍ଦୁରା:** କୋରାପୁଟ ଜିଲ୍ଲା ଜୟପୁର ସହରରେ ଆୟୋଜିତ ଉପଖଣ୍ଡସ୍ତରୀୟ ୭୫ତମ ସାଧାରଣତନ୍ତ୍ର ଦିବସରେ କୁନ୍ଦୁରା ତହସିଲ ଶ୍ରେଷ୍ଠ ତହସିଲ ଭାବେ ପୁରସ୍କୃତ ହୋଇଛି। ଜୟପୁର ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡ଼ା ଶ୍ରେଷ୍ଠ ତହସିଲ୍ ପୁରସ୍କାର କୁନ୍ଦୁରା ତହସିଲଦାର ବିନୋଦ କୁମାର ନାୟକଙ୍କୁ ପ୍ରଦାନ କରିଛନ୍ତି। ମାତ୍ର ୨ରୁ ୩ ମାସ ହେବ କୁନ୍ଦୁରା ବ୍ଲକରେ ତହସିଲଦାର ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଇ-ପାଉତି ପ୍ରାୟ ୯୦ ପ୍ରତିଶତ ଦିଆଯାଇଥିବାବେଳେ ଗ୍ରାମକଣ୍ଠ ପଟ୍ଟା ଘର ଘର ବୁଲି ବଣ୍ଟନ କରାଯାଇଛି। ଜବରଦଖଲକାରୀଙ୍କଠାରୁ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଆଦାୟ କରାଯାଇଥିବାବେଳେ କୁନ୍ଦୁରା ବ୍ଲକର ୬୯ଟି ସ୍କୁଲ ଏବଂ କଲେଜକୁ ପଟ୍ଟା ପ୍ରଦାନ କରାଯାଇଛି। କୁନ୍ଦୁରା ବ୍ଲକରେ ୯୦ ପ୍ରତିଶତରୁ ଅଧିକା ଖଜଣା ଆଦାୟ କରାଯାଇଛି। ସମସ୍ତ ଜାତିଗତ, ବାସିନ୍ଦା, ଆୟ ଓ ଉତ୍ତରାଧିକାରୀ ପ୍ରମାଣ ପତ୍ର ଠିକ୍ ସମୟ ସୀମା ଭିତରେ ହିତାଧିକାରୀଙ୍କୁ ପ୍ରଦାନ କରାଯାଇଛି।

**ବୋରିଗୁମ୍ମା:** କୋରାପୁଟ ଜିଲ୍ଲା ବୋରିଗୁମ୍ମାରେ ବ୍ଲକସ୍ତରୀୟ ୭୫ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବୋରିଗୁମ୍ମା ମିନିଷ୍ଟାଡିୟମରେ ଅନୁଷ୍ଠିତ ମିଳିତ ପରେଡରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଦୀପ୍ତିମୟୀ ନାୟକ ଯୋଗଦେଇ ଆନୁଷ୍ଠାନିକ ଭାବେ ଜାତୀୟ ପତାକା ଉତ୍ତୋଳନ କରି ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଅନ୍ୟତମ ଅତିଥି ଭାବେ ବିଡିଓ ବିକ୍ରମ କୁମାର ଦୋରା, ତହସିଲଦାର ସବ୍ୟସାଚୀ ଜେନା, ବୋରିଗୁମ୍ମା ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ସବିତା ବେହେରା, ଜିଲ୍ଲା ପରିଷଦ ସଭ୍ୟ ପ୍ରସାଦ ବିଡ଼ିକା, ମଞ୍ଜୁଳା ଘାସି, ସମିତିସଭ୍ୟା ସୁଶ୍ରୀ ପ୍ରିୟଙ୍କା ରଥଙ୍କ ସମେତ ଅଞ୍ଚଳରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ମିଳିତ ପରେଡରେ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ଆକର୍ଷଣ ପରେଡ୍ ପ୍ରଦର୍ଶନ କରି ମୁଖ୍ୟ ଅତିଥିଙ୍କୁ ଅଭିବାଦନ ଜଣାଇଥିଲେ। ଏହି ଉପଲକ୍ଷେ ବୋରିଗୁମ୍ମା ବ୍ଲକସ୍ତରୀୟ ପରେଡ୍ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସରସ୍ୱତୀ ଶିଶୁମନ୍ଦିର ବୋରିଗୁମ୍ମା ଆଦର୍ଶ ବିଦ୍ୟାଳୟ ଭାବରେ ପ୍ରଥମ ସ୍ଥାନରେ ପୁରସ୍କୃତ ହୋଇଛି। ସରସ୍ୱତୀ ଶିଶୁ ମନ୍ଦିର ପ୍ରଧାନଆଚାର୍ଯ୍ୟା ମମତା ମହାପାତ୍ର ଏବଂ ସମସ୍ତ ଗୁରୁଜୀ ଓ ଗୁରୁମା' ପୁରସ୍କାର ଗ୍ରହଣ କରିଥିଲେ।

**ନବରଙ୍ଗପୁର:** ୭୫ତମ ସାଧାରଣତନ୍ତ୍ର ଦିବସ ନବରଙ୍ଗପୁର ଜିଲ୍ଲା କୋର୍ଟ ପରିସରରେ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ଓ ଦୌରାଜଜ୍ ସଞ୍ଜୀବ ଦୁବେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିବାବେଳେ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ପୋକ୍ସୋ ଜଜ୍ ଶିବ ପ୍ରସାଦ ମିଶ୍ର, ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରୀ ବିନୋଦ ବିହାରୀ ସାହୁ, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ ଜନକ ରାଉତ, ବରିଷ୍ଠ ଦେୱାନୀ ବିଚାରପତି ରାଜୀବ ଲୋଚନ ସାହୁ, ଜିଲ୍ଲା କୋର୍ଟର ରେଜିଷ୍ଟ୍ରାର ସୁକାନ୍ତ କିଶୋର ଜେନା, ଉପଖଣ୍ଡ ବିଚାର ବିଭାଗୀୟ ଦଣ୍ଡାଧିକାରୀ ପ୍ରଜ୍ଞା ପଣ୍ଡା, ଦ୍ୱିତୀୟ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ରାଜେଶ ମିଶ୍ର, ବହୁ ଆଇନଜୀବୀ ଓ କୋର୍ଟ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।




**ଲକ୍ଷ୍ମୀପୁର:** କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକର ବିଭିନ୍ନ ସ୍ଥାନରେ ୭୫ ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ବିଭିନ୍ନ ଶିକ୍ଷାନୁଷ୍ଠାନ, ବ୍ଲକ କାର୍ଯ୍ୟାଳୟ, ଥାନା, ବନ ଉପଖଣ୍ଡ କାର୍ଯ୍ୟାଳୟ, ମେଡିକାଲ ଏଭଳି ଅନେକ ସ୍ଥାନରେ ଦିବସ ପାଳିତ ହୋଇଯାଇଛି। ସେହିପରି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ମଧ୍ୟ ୭୫ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ପ୍ରଧାନଆଚାର୍ଯ୍ୟ ସରୋଜ କୁମାର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ବିଦ୍ୟାଳୟର ସଭାପତି ଭି. ନାଗରାଜୁ ଜାତୀୟ ପତାକା ଉତ୍ତୋଳନ କରିଥିବାବେଳେ ପରିଚାଳନା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ସାଙ୍ଗାନା ଉଚ୍ଚ ବିଦ୍ୟାଳୟରେ ମଧ୍ୟ ଏହି ଦିବସ ପାଳିତ ହୋଇଥିଲା। ପ୍ରଧାନଶିକ୍ଷକ ଗୋପାଳ ମଣ୍ଡଳ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଇଓ କୈଳାଶ ଚନ୍ଦ୍ର ବେହେରା, ଡ. ମହାଦେବ ଶତପଥୀ, ମାଧବ କର୍କରା, ଭି. ନାଗରାଜୁ, ଫକୀର ମୋହନ ସାହୁ, କାମି ମଣ୍ଡିଙ୍ଗ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ଗୋଲକ ଚନ୍ଦ୍ର ଲେଙ୍କା, ସପନ କୁମାର ଦିକ୍ଷୀତ ଓ ଆଶୀର୍ବାଦ ନାୟକ ପରିଚାଳନା କରିଥିବାବେଳେ ଶଙ୍କର ଗୁଡୁମ୍ବାକା, ସୁକାନ୍ତ ଯାଦବ, କସ୍ତୁରୀ ଶବର, ମାଧୁରୀ ଲେଙ୍କା, ପ୍ରିୟଙ୍କା ବିଶୋଇ, ରୋଜାଲିନ ସ୍ୱାଇଁ, ମମତା ମହାନ୍ତି, ସୁନିତା ସାହୁକାର ପ୍ରମୁଖ ସହଯୋଗ କରିଥିଲେ। ସେହିପରି ଲକ୍ଷ୍ମୀପୁର ଲକ୍ଷ୍ମୀ ବସ ଷ୍ଟାଣ୍ଡରେ ମଧ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଥିଲା। ଏଥିରେ ଓଡ଼ିଶା ସଡ଼କ ପରିବହନ ସୁପର ଭାଇଜର ଆକାଶ କୁମାର ଖୋସ୍ଲା ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ।

**ତେନ୍ତୁଳିଖୁଣ୍ଟି:** ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକର ବିଭିନ୍ନ ସ୍ଥାନରେ ପାଳିତ ହୋଇଯାଇଛି ୭୫ତମ ଗଣତନ୍ତ୍ର ଦିବସ। ଏହି ଅବସରରେ ତେନ୍ତୁଳିଖୁଣ୍ଟି ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ତେନ୍ତୁଳିଖୁଣ୍ଟି ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ କୁମାର ପାଣିଗ୍ରାହୀ ପତାକା ଉତ୍ତୋଳନ କରିଥିଲେ। ଆମେରିକୀୟ ଇଂରାଜୀ କହି ଚର୍ଚ୍ଚାକୁ ଆସିଥିବା ତେନ୍ତୁଳିଖୁଣ୍ଟି ବ୍ଲକ୍ ଚିତ୍ରକୋଟ ଅଞ୍ଚଳର ଧୀରଜ ଟାକ୍ରିଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ଦେଶାତ୍ମବୋଧ ସଂଗୀତ ଉପରେ ନୃତ୍ୟ ପରିବେଷଣ କରାଯାଇଥିଲା। ସେହିଭଳି ଖାତିଗୁଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ପରେଡ୍ ଜରିଆରେ ନଗର ପରିକ୍ରମା କରାଯାଇଥିଲା। ପ୍ରଧାନଆଚାର୍ଯ୍ୟ ପବିତ୍ର ମୋହନ ସାହୁ ପତାକା ଉତ୍ତୋଳନ କରିଥିଲେ। ଇନ୍ଦ୍ରାବତୀ ସ୍ଥିତ ଜବାହର ନବୋଦୟ ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ନବରଙ୍ଗପୁର ଜିଲ୍ଲା କ୍ରୀଡ଼ା ସଂଗଠନ ସମ୍ପାଦକ ତଥା ପୂର୍ବତନ ନଗରପାଳ ପ୍ରହଲ୍ଲାଦ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ ଓ ସମ୍ମିଳିତ ପରେଡ୍ ଅଭିବାଦନ ଗ୍ରହଣ କରିବା ପରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଇନ୍ଦ୍ରାବତୀ ପୁନଃବସତି ଓ ଥଇଥାନ ବିଭାଗ କାର୍ଯ୍ୟାଳୟରେ ତେନ୍ତୁଳିଖୁଣ୍ଟି ତହସିଲଦାର ଅଶୋକ କୁମାର ମୁଦୁଲି ପତାକା ଉତ୍ତୋଳନ କରିଥିଲେ। ଆଗାପେ ଶିଶୁଗୃହଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଆଗାପେ ନିର୍ଦ୍ଦେଶକ ସେବକ ଗରଡ଼ା ପତାକା ଉତ୍ତୋଳନ କରିଥିଲେ। ସେହିପରି ଇନ୍ଦ୍ରାବତୀ ବଣିକ ସଂଘ ତରଫରୁ ଦୁର୍ଗା ମଣ୍ଡପ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ବ୍ୟବସାୟୀ ଆନନ୍ଦ କୁମାର ସାହୁ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଟଙ୍କଧର ନାୟକ, ଥାନାରେ ଆଇଆଇସି ପ୍ରମୋଦ କୁମାର ଖଣ୍ଡୁଆଳ, ତେନ୍ତୁଳିଖୁଣ୍ଟି ବଣିକ ସଙ୍ଘ କାର୍ଯ୍ୟାଳୟରେ ସଭାପତି ଉଜ୍ଜ୍ୱଳ ସ୍ୱାଇଁ, ଡ୍ରାଇଭର ସଙ୍ଘ କାର୍ଯ୍ୟାଳୟରେ ତହସିଲଦାର ଅଶୋକ କୁମାର ମୁଦୁଲି, ବୀର ଲକ୍ଷ୍ମଣ ନାୟକ ସହିଦ ପୀଠଠାରେ ପ୍ରଶାନ୍ତ କୁମାର ଶତପଥୀ, ମିସ୍ତ୍ରି ସଙ୍ଘ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ ସାଙ୍ଗକୁ ଲ୍ୟାମ୍ପସ କାର୍ଯ୍ୟାଳୟରେ ନିର୍ଦ୍ଦେଶକ ଦ୍ରୌପଦୀ ବେହେରା, ପୋଷ୍ଟ ଅଫିସ ଏବଂ ବୀର ଲକ୍ଷ୍ମଣ ନାୟକ କ୍ଲବ ପରିସରରେ ତ୍ରିରଙ୍ଗା ପତାକା ଉତ୍ତୋଳନ କରି ସାଧାରଣତନ୍ତ୍ର ଦିବସ ପାଳନ କରାଯାଇଛି।

**ଚାନ୍ଦିଲି:** କୋରାପୁଟ ଜିଲ୍ଲା କୋଟପାଡ଼ ଭାରତ ମିଡିଆ ଆସୋସିଏସନ୍ କାର୍ଯ୍ୟାଳୟରେ ୭୫ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କାର୍ଯ୍ୟାଳୟର ଆଇନ ଉପଦେଷ୍ଟା ରାମେଶ୍ୱର ଜେନା ଓ ସଂଘ ସଭାପତି ଅଜୟ କୁମାର ମିଶ୍ର ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଆଇନ ଉପଦେଷ୍ଟା ସଂଘ କିପରି ଆହୁରି ଆଗକୁ ବଢ଼ିବ ଓ ଆଗକୁ ଆହୁରି ନିରପେକ୍ଷ ଖବର ପରିବେଷଣ କରି କୋଟପାଡ଼ ସହରକୁ ଦୁର୍ନୀତିମୁକ୍ତ କରିବାରେ ସହାୟକ ହେବ ସେ ଉପରେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଆଇନ ଉପଦେଷ୍ଟା ରାମେଶ୍ୱର ଜେନା, ଉପଦେଷ୍ଟା ରୁପୁ ଭତରାଙ୍କ ସମେତ ପ୍ରଶାନ୍ତ ପଣ୍ଡା, ସାମ୍ବାଦିକ ସଦସ୍ୟ ସଭାପତି ଅଜୟ କୁମାର ମିଶ୍ର, ଉପସଭାପତି ସୁନୀଲ ଦାସ, ସମ୍ପାଦକ ବୀର କିଶୋର ଶର୍ମା, କୋଷାଧ୍ୟକ୍ଷ ସୁଧୀର ବରାଳ, ବିଜୟ ମିଶ୍ର, ସୁଶାନ୍ତ ଦାଶ, ସକାଳ ପ୍ରତିନିଧି ଶୈଳେନ୍ଦ୍ର ମାଦଳା, ଗୁପ୍ତ ପ୍ରସାଦ ମିଶ୍ର, ଲଳିତେନ୍ଦୁ ରଥ, ତୁଳାରାମ ପୂଜାରୀ, ବିଶ୍ୱ ତ୍ରିପାଠୀ, ଆଦିତ୍ୟ ମିଶ୍ର, ଶ୍ରୀକାନ୍ତ ଶତ୍ରୁଶଲ୍ୟ, ବନାରାମ ଭବାନୀ ସ୍ୱିଷ୍ଟସଙ୍କ ସହ ଦୀନବନ୍ଧୁ ମାଝୀ ଉପସ୍ଥିତ ଥିଲେ।

**ରାଇଘର:** ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକର ବିଭିନ୍ନ ସ୍ଥାନରେ ସାଧାରଣ ତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସାମ୍ବାଦିକ ସଂଘ କାର୍ଯ୍ୟାଳୟଠାରେ ସଂଘର ସଭାପତି ଭବାନୀ ନାୟକ ପତାକା ଉତ୍ତୋଳନ କରିଥିବାବେଳେ ସମ୍ପାଦକ ଲଳିତ ମୋହନ ନାୟକ, କିରଣ କୁମାର ପଟ୍ଟନାୟକ, ଅମୀୟ ମହାପାତ୍ର, ବିଶ୍ୱଜିତ୍ ମହାରଣା, ମନୋଜ ରାଜପୁତ, କିଶୋର କଞ୍ଜିଲାଲ ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ। ସେହିପରି ସଦର ମହକୁମା ସ୍ଥିତ ଏକ୍ସସ ବୋର୍ଡ଼ ସ୍କୁଲ, ରାଜୀବ ସ୍ମୃତି ବାଳିକା ବିଦ୍ୟାଳୟ, ପଞ୍ଚାୟତ ସମିତି କଲେଜ, ତଥା ବ୍ଲକର ସମସ୍ତ ସରକାରୀ ବେସରକାରୀ ଅନୁଷ୍ଠାନ, ଅଙ୍ଗନବାଡ଼ି କେନ୍ଦ୍ର ଆଦି ସ୍ଥାନରେ ମଧ୍ୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ବ୍ଲକ୍ ପରିସରରେ ଅଧ୍ୟକ୍ଷା ନବୀନା ନାୟକ ପତାକା ଉତ୍ତୋଳନ କରିଥିବାବେଳେ ବିଡିଓ ଲକ୍ଷ୍ମୀ ସାଗର ମାଝୀ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ସେଠୀଙ୍କ ସମେତ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

**କୋଟପାଡ଼:** କୋଟପାଡ଼ର ବିଭିନ୍ନ ସ୍ଥାନରେ ୭୫ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। କୋଟପାଡ଼ ସ୍ଥିତ ଭୈରବ ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ କୋଟପାଡ଼ ବିଧାୟିକା ପଦ୍ମିନୀ ଦିଆନ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ କୋଟପାଡ଼ ଗାନ୍ଧୀଛକସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। କୋଟପାଡ଼ ତହସିଲଦାର ତୁଳା ମୁଦୁଲୀ ତହସିଲ କାର୍ଯ୍ୟାଳୟ ପରିସରରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସେହିପରି ସମସ୍ତ ସରକାରୀ ବେସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ପୁଲିସ ଥାନା, ଅଟୋ ଚାଳକ ସଂଘ ପକ୍ଷରୁ ମଧ୍ୟ ଏହି ଦିବସ ପାଳିତ ହୋଇଥିଲା। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ଖେଳର ଆୟୋଜନ କରାଯିବା ସହିତ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କୋଟପାଡ଼ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲଳିତ ମଣ୍ଡଳ, କୋଟପାଡ଼ ତହସିଲଦାର ତୁଳା ମୁଦୁଲି, ବୋରିଗୁମ୍ମା ଏସଡିପିଓ, କୋଟପାଡ଼ ଥାନା ଅଧିକାରୀ ଓ କର୍ମଚାରୀଙ୍କ ସମେତ କୋଟପାଡ଼ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର ଖରା, ଏନ୍‌ଏସି ଅଧ୍ୟକ୍ଷ ଏମ୍ ଶଙ୍କର ରାଓ, ଗଣେଶ ପଣ୍ଡା ପ୍ରମୁଖ ବିଭିନ୍ନ ସ୍ଥାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

ବନ୍ଧୁଗାଁରେ ଗଣତନ୍ତ୍ର ଦିବସ

**ବନ୍ଧୁଗାଁ:** କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକର ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ୭୫ତମ ଗଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ବନ୍ଧୁଗାଁ ପଞ୍ଚାୟତ କାର୍ଯ୍ୟାଳୟଠାରେ ସରପଞ୍ଚ ଲକ୍ଷ୍ମୀ କାଡ୍ରାକାଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ସରପଞ୍ଚଙ୍କ ନିମନ୍ତ୍ରଣ କ୍ରମେ ବ୍ଲକ୍ ବିଜେଡି ସଭାପତି ବାଲା ନାଗ, କଂଗ୍ରେସ ସଭାପତି ଡି ଏଙ୍କାଟି, ବିଜେପି ସଭାପତି ଶରତ ଚନ୍ଦ୍ର ପାତ୍ର, ବ୍ଲକ ଉପାଧ୍ୟକ୍ଷା ଗୀତାଞ୍ଜଳି ପୀଡିକା, ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ଅଭିମନ୍ୟୁ ଭାଣ୍ଡି, ଜୋନ୍ କୋର୍ଡିନେଟର ଉତ୍ତମ ନାୟକ, ବିଜେଡି ଯୁବ ସଭାପତି କାହ୍ନୁ ଚରଣ ବେହେରା, ପୂର୍ବତନ ବ୍ଲକ ବିଜେଡି ସଭାପତି ଏସ୍ ନାଗାରାଜୁ, ଜି. ଜ୍ୟୋତି, ନାଏବ ସରପଞ୍ଚ ସନିଆ ମାଣ୍ଡିଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

**ଉମରକୋଟ:** ନବରଙ୍ଗପୁର ଜିଲ୍ଲା ଉମରକୋଟ ସହରସ୍ଥିତ ଡିଏନକେ ମିନି ଷ୍ଟାଡିୟମଠାରେ ୭୫ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ନବରଙ୍ଗପୁର ଉପଜିଲ୍ଲାପାଳ ପ୍ରକାଶ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହା ସହ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପରେଡର ଅଭିବାଦନ ଗ୍ରହଣ କରିଥିଲେ ଉପଜିଲ୍ଲାପାଳ ପ୍ରକାଶ ମିଶ୍ର। ଉକ୍ତ କାର୍ଯ୍ୟକ୍ରମରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଗୀତ ଓ ନୃତ୍ୟ ଇତ୍ୟାଦି ପ୍ରତିଯୋଗିତା କରାଯାଇଥିଲା ଏବଂ ମଞ୍ଚାସୀନ ଅତିଥିଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ତହସିଲଦାର ମେଘବାନ ବାଘ, ଉମରକୋଟ ଏସଡିପିଓ ମଧୁଶିକ୍ତା ମିଶ୍ର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରିତିରଞ୍ଜନ ରଥ, ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ବେନିଆ, ପୌର ପରିଷଦ ଅଧ୍ୟକ୍ଷା ରାଧା ଭତରା, ଉପାଧ୍ୟକ୍ଷ ସୁଧାଂଶୁ ଦାସ, ଥାନା ଅଧିକାରୀ ଡମ୍ବରୁଧର ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ।

**ବୋରିଗୁମ୍ମା:** ଜୟପୁରରେ ଅନୁଷ୍ଠିତ ଉପଖଣ୍ଡସ୍ତରୀୟ ୭୫ତମ ସାଧାରଣତନ୍ତ୍ର ଦିବସ ପରେଡରେ ବୋରିଗୁମ୍ମା ଉଚ୍ଚ ବିଦ୍ୟାଳୟର ଏନସିସି ଟ୍ରୁପ୍ ପ୍ରଥମ ସ୍ଥାନ ହାସଲ କରି ଅଞ୍ଚଳ ପାଇଁ ଗୌରବ ଆଣିଛି। ପ୍ରଧାନଶିକ୍ଷୟିତ୍ରୀ ସବିତା ବେହେରା, କ୍ରୀଡ଼ା ଶିକ୍ଷକ ବିଜୟାନନ୍ଦ ପଟ୍ଟନାୟକଙ୍କ ଉଦ୍ୟମ ଯୋଗୁଁ ଏହି ସଫଳତା ମିଳିଥିବା ଅଭିଭାବକ ମହଲରେ ଆଲୋଚନା ହେଉଛି। ସେହିପରି ବିଭିନ୍ନ ସରକାରୀ ଯୋଜନାର ସଫଳ ରୂପାୟଣ କ୍ଷେତ୍ରରେ ବୋରିଗୁମ୍ମା ବ୍ଲକ ପ୍ରଥମ ସ୍ଥାନ ଅଧିକାର କରିଛି।

**ଚନ୍ଦ୍ରପୁର:** ରାୟଗଡ଼ା ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ଚନ୍ଦ୍ରପୁର ବ୍ଲକର ବିଭିନ୍ନ ଅନୁଷ୍ଠାନରେ ୭୫ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଚନ୍ଦ୍ରପୁର ବ୍ଲକ୍ ଅଫିସରେ ବ୍ଲକ ଅଧ୍ୟକ୍ଷ କୋଇନ କିମ୍ବାକା ପତାକା ଉତ୍ତୋଳନ କରିଥିବାବେଳେ ସମ୍ମାନିତ ଅତିଥି ଭାବେ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ମଲ୍ଲିକ ଓ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ସେହିପରି ଜାତି ଓ ଜନଜାତି କଲ୍ୟାଣ ବିଭାଗ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଭାସ୍କର ଗମାଙ୍ଗ, ବରିଷ୍ଠ ଶିକ୍ଷକ ପ୍ରଦୀପ କୁମାର ଚୌଧୁରୀ, ସମସ୍ତ ଶିକ୍ଷକ ଓ କର୍ମଚାରୀ ଉପସ୍ଥିତ ଥିଲେ। ସେହିପରି ଜାତି ଜନଜାତି କଲ୍ୟାଣ ବିଭାଗ ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଗୌରହରି ସାହୁ ପତାକା ଉତ୍ତୋଳନ କରିଥିବାବେଳେ ଜାତି ଜନଜାତି କଲ୍ୟାଣ ବିଭାଗ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷ ରଞ୍ଜିତ କୁମାର ପ୍ରଧାନ ଜାତୀୟ ପତାକା ଉତ୍ତୋଳନ କରିଥିବାବେଳେ ନୋଡାଲ ହାଇସ୍କୁଲରେ ପ୍ରଧାନଶିକ୍ଷକ, ଅଧ୍ୟକ୍ଷ ସୁବାସ ମଣ୍ଡଳ, ଚନ୍ଦ୍ରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ପ୍ରଧାନଶିକ୍ଷକ, ଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ସାଲୁକି ପୂର୍ତ୍ତି, ଚନ୍ଦ୍ରପୁର ଥାନାରେ ଥାନା ଅଧିକାରୀ ନୀଳକଣ୍ଠ ବେହେରା, ନେହରୁପଙ୍ଗା ଆଶ୍ରମ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ରାଜୁ ପାଳ, ବୁଡୁବାଲି ଆଶ୍ରମ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଅଡ଼ଙ୍ଗା ସୁଦର୍ଶନ, ରାମଚନ୍ଦ୍ର ପାଢ଼ୀ, ସମସ୍ତ ଶିକ୍ଷକ ଓ କର୍ମଚାରୀ, ହାକୁସ ପଙ୍ଗା ଆଶ୍ରମ ବିଦ୍ୟାଳୟରେ ପ୍ରଧାନଶିକ୍ଷୟିତ୍ରୀ ଉର୍ମିଳା ପିପଲୀ, ରାଇବିଜି କନ୍ୟାଶ୍ରମରେ ପ୍ରଧାନଶିକ୍ଷୟିତ୍ରୀ ଅନୁରାଧା ଲିଙ୍ଗମ, ହନୁମନ୍ତପୁର ହାଇସ୍କୁଲରେ ପ୍ରଧାନଶିକ୍ଷକ ରାଓ, ପିସ୍କାପଙ୍ଗା ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଅନିଲ କୁମାର ସାହୁ ଓ ସରପଞ୍ଚ ଡାଙ୍ଗସରଡ଼ା ଜାତି ଜନଜାତି କଲ୍ୟାଣ ବିଭାଗ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ମୃତ୍ୟୁଞ୍ଜୟ ପଟ୍ଟନାୟକ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ଲକ୍ଷ୍ମୀ ଶବର ଓ ଶିକ୍ଷକଶିକ୍ଷୟିତ୍ରୀଙ୍କ ସହ ପଞ୍ଚାୟତରେ ସରପଞ୍ଚ ଅନିତା ଶବର ବିଭିନ୍ନ ଗ୍ରାମ ପଞ୍ଚାୟତମାନଙ୍କର ସରପଞ୍ଚମାନେ ଓ ସରକାରୀ ବେସରକାରୀ ଅନୁଷ୍ଠାନରେ ୭୫ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି।

**ସାମୂହିକ ଛୁଟିରେ ପ୍ରାଣୀ ଚିକିତ୍ସକ**

# ବିଦେଶାଗତ ପକ୍ଷୀଙ୍କ ନମୁନା ସଂଗ୍ରହରେ ବାଧକ

**ଭୁବନେଶ୍ୱର,୨୮ ।୧(ସମିସ):** ବିଶ୍ୱ ପ୍ରସିଦ୍ଧ ଲୁଣା ହ୍ରଦ ଚିଲିକାର ଏବେ ବିଦେଶାଗତ ପକ୍ଷୀଙ୍କ ସମାଗମ ହୋଇଛି । ଏହି ବିଦେଶାଗତ ପକ୍ଷୀମାନେ ସୁଦୂର ସାଇବେରିଆ, ଉତ୍ତର ୟୁରୋସିଆ, ହିମାଳୟ,



ଖାଜାକିସ୍ଥାନ, କାସ୍ପିଆନ୍ ସାଗର, ବୈକାଳ ହ୍ରଦ ଏବଂ ଋଷିଆର ଗ୍ରାମାଞ୍ଚଳରୁ ଆସିଥା'ନ୍ତି । ବହୁଦୂର ଯାତ୍ରା କରୁଥିବାରୁ ଏମାନେ ବାର୍ଡ ଫ୍ଲୁ ଭୂତାଣୁ ସାଙ୍ଗରେ ଆଣିଥିବା ଆଶଙ୍କା ରହିଥାଏ । ତେଣୁ ପ୍ରତ୍ୟେକ ବର୍ଷ ଏହି ପକ୍ଷୀମାନେ ଚିଲିକାରେ ଅବତରଣ କରିବାଠାରୁ ଆରମ୍ଭ କରି ଯିବା ପର୍ଯ୍ୟନ୍ତ ଏଠାରେ ପକ୍ଷୀମାନଙ୍କ ବାର୍ଡ ଫ୍ଲୁ ସମ୍ପର୍କିତ ନମୁନା ସଂଗ୍ରହ କରାଯାଏ । ପରେ ପରୀକ୍ଷା ରିପୋର୍ଟ ଅନୁଯାୟୀ ରାଜ୍ୟ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଏ । ଘୁଷୁରିଙ୍କ ସଂସ୍ପର୍ଶରେ ଏହି ପକ୍ଷୀମାନେ ଆସିବା ଦ୍ୱାରା ଘାତକ ଷ୍ଟ୍ରେନ୍ ଏନ୍୯ଏଚ୍୯ ବ୍ୟାପିବାର ସମ୍ଭାବନା ରହିଥାଏ; ଯାହା ମଣିଷଙ୍କୁ ମଧ୍ୟ ସଂକ୍ରମିତ ହୋଇଥାଏ । ଏହି ଷ୍ଟ୍ରେନ୍ ମଣିଷଙ୍କ ପ୍ରତି ଘାତକ ମଧ୍ୟ ହୋଇଥାଏ । ତେଣୁ

**ବାର୍ଡ ଫ୍ଲୁ ଚିନ୍ତାରେ କୁକୁଡ଼ା ଏବଂ ବତକ ଚାଷୀ**

ଏହି ଦୃଷ୍ଟିରୁ ଏମାନଙ୍କ ନମୁନା ସଂଗ୍ରହ କରାଯାଇ ଏହାକୁ ପ୍ରଥମେ ଖୋର୍ଦ୍ଧା ଏବଂ ପରବର୍ତ୍ତୀ ସମୟରେ ଫୁଲନଖରା ଓ ପରେ ଭୋପାଳ, ବାଙ୍ଗାଲୋର ଭଳି ଜାତୀୟ ପରୀକ୍ଷାଗାରକୁ ପଠାଯାଏ । ଯାହାଫଳରେ ପ୍ରତିକାରାତ୍ମକ ବ୍ୟବସ୍ଥା ଗ୍ରହଣ କରାଯାଇ ରାଜ୍ୟରେ ବାର୍ଡ ଫ୍ଲୁକୁ ରୋକିବା ସମ୍ଭବ ହୋଇଥାଏ ।

ଚିଲିକାର ବିଭିନ୍ନ ସ୍ଥାନରୁ ପ୍ରତ୍ୟେକ ସପ୍ତାହରେ ପ୍ରାୟ ୧୦୦ ନମୁନା ସଂଗ୍ରହ କରାଯାଏ । ଚିଳତବର୍ଷ ସମାନ ପରିମାଣରେ କିମ୍ବା ଏହାଠାରୁ ଅଧିକ ପକ୍ଷୀ ଆସିପାରନ୍ତି । ଅକ୍ଟୋବର ମାସରୁ ମାର୍ଚ୍ଚ ମାସ ମଧ୍ୟରେ ଅବିରତ ଭାବେ ଏହି ନମୁନା ସଂଗ୍ରହ କରାଯାଏ । ଏହି ନମୁନାକୁ ବନ ବିଭାଗ ତତ୍ତ୍ୱାବଧାନରେ ଖୋର୍ଦ୍ଧା ବ୍ଲକ, ବାଣପୁର, ବାଲୁଗାଁ, ଟାଙ୍ଗୀ ବ୍ଲକର ପ୍ରାଣୀ ଚିକିତ୍ସକମାନେ ସଂଗ୍ରହ କରିଥା'ନ୍ତି । ଉଭୟ ପ୍ରାଣୀ ଏବଂ ମନୁଷ୍ୟ ଭୂତାଣୁ ଉପରେ କାମ କରୁଥିବା ବୈଜ୍ଞାନିକମାନେ ଏହାକୁ ପରୀକ୍ଷଣ କରନ୍ତି । ହେଲେ ଡାକ୍ତରମାନେ ସାମୂହିକ ଭାବେ ଛୁଟିରେ ରହିବା ଯୋଗୁଁ ଏହିସବୁ କାର୍ଯ୍ୟ ହୋଇପାରୁ ନାହିଁ । ଏଣୁ ବିଦେଶାଗତ ପକ୍ଷୀଙ୍କ ଦ୍ୱାରା ଯେକୌଣସି ମୁହୂର୍ତ୍ତରେ ବ୍ଲାର୍ଡ ଫ୍ଲୁ ବ୍ୟାପିବାର ଯଥେଷ୍ଟ ଆଶଙ୍କା ରହିଛି । ଏହାକୁ ନେଇ ଏବେ କୁକୁଡା ଏବଂ ବତକ ଚାଷୀ ଚିନ୍ତାରେ ପଡ଼ିଛନ୍ତି । ତେଣୁ ଏହାର ଗୁରୁତ୍ୱକୁ ନଜରରେ ରଖି ଡାକ୍ତରମାନେ ଯଥାଶୀଘ୍ର କାର୍ଯ୍ୟରେ ଯୋଗ ଦିଅନ୍ତୁ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି ।

ଏନେଇ ଖୋର୍ଦ୍ଧା ଜିଲା ପଶୁ ଚିକିତ୍ସା ବିଭାଗର ବରିଷ୍ଠ ଅଧିକାରୀ କହିଛନ୍ତି, ଦୁଇଟି ପର୍ଯ୍ୟାୟ ନମୁନା ସଂଗ୍ରହ ହୋଇଛି । ହେଲେ ଡାକ୍ତରମାନେ ଆନ୍ଦୋଳନରେ ଗଲେ ନମୁନା ସଂଗ୍ରହ କରିବା କଷ୍ଟକର । ଅନ୍ୟପକ୍ଷରେ ଚିଲିକା ବନ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଦୁଇଟି ପର୍ଯ୍ୟାୟରେ ନମୁନା ସଂଗ୍ରହ ହୋଇଛି । ହେଲେ ଡାକ୍ତରମାନେ ଅନ୍ଦୋଳନରେ ଥିବାରୁ ଆଉ ନମୁନା ସଂଗ୍ରହ କରିହେବ ନାହିଁ । ତେଣୁ ବାର୍ଡ଼ ଫ୍ଲୁ ରୋକିବା ପାଇଁ ଆମେ ବିକଳ୍ପ ବ୍ୟବସ୍ଥା ଚିନ୍ତା କରିବୁ ।

**■ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଦେଖିବେ ବିଭିନ୍ନ ଜିଲ୍ଲାର ଶ୍ରଦ୍ଧାଳୁ**

# ଆଜିଠାରୁ ଶ୍ରୀଜୀଉଙ୍କୁ ଦର୍ଶନ ଓ ପରିକ୍ରମା ପ୍ରକଳ୍ପ ପରିକ୍ରମଣ

**ପୁରୀ, ୨୮ ।୧(ସମିସ):** ଜାନୁଆରୀ ୧୭ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ।ଏହି ମହତ୍ୱକାଂକ୍ଷୀ ପ୍ରକଳ୍ପକୁ ଦୈନିକ ହଜାର ହଜାର ଶ୍ରଦ୍ଧାଳୁ ଦେଖି ଖୁସି ବ୍ୟକ୍ତ କରୁଛନ୍ତି ।ପ୍ରକଳ୍ପ ଲୋକାର୍ପଣ ପୂର୍ବରୁ ଶ୍ରୀଜଗନ୍ନାଥ ଚେତନା ଓ ଭାବଧାରା ଆଧାରରେ ସମଗ୍ର ରାଜ୍ୟରେ ପରିଭ୍ରମଣ କରିଥିଲା ଅର୍ପଣ ରଥ । ପ୍ରତ୍ୟେକ ବ୍ୟକ୍ତି ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଅର୍ପଣ କରିଥିଲେ ଅକ୍ଷତ, ଗୁଆ । ସେତେବେଳେ ସରକାର ପର୍ଯ୍ୟାୟକ୍ରମେ ବିଭିନ୍ନ ଜିଲ୍ଲାର ଶ୍ରଦ୍ଧାଳୁମାନଙ୍କୁ ମହାପ୍ରଭୁଙ୍କ ଦର୍ଶନ ଓ ଏହି ପ୍ରକଳ୍ପ ପରିକ୍ରମଣ କରାଯିବ ବୋଲି ସୂଚନା ଦେଇଥିଲେ । ସେହି ଆଧାରରେ ସୋମବାର ଅର୍ଥାତ ଜାନୁଆରୀ ୨୯ ତାରିଖଠାରୁ ପର୍ଯ୍ୟାୟକ୍ରମେ ଶ୍ରଦ୍ଧାଳୁଙ୍କ ଆଗମନ ପାଇଁ ବ୍ୟବସ୍ଥା କରାଯାଇଛି । ପ୍ରଥମ ଦିନ ଗଞ୍ଜାମ, ବାଲେଶ୍ୱର, ମୟୂରଭଞ୍ଜ, କଟକ ଓ କେନ୍ଦ୍ରାପଡ଼ା ଜିଲ୍ଲାର କିଛି ଅଞ୍ଚଳର ଜନସାଧାରଣ ଆସିବେ । ସମସ୍ତ ଶ୍ରଦ୍ଧାଳୁଙ୍କୁ ନେଇ ଆସୁଥିବା ବସଗୁଡିକ ବୀରହରେକୃଷ୍ଣପୁର ଡାହାଣ ପାର୍ଶ୍ୱରେ ଯାଇ ସମଙ୍ଗ ପାର୍କିଂ ସ୍ଥଳରେ ପହଞ୍ଚିବେ । ସେଠାରୁ ଜିଲ୍ଲା ପ୍ରଶାସନ ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଫିଡ଼ର ବସ୍ ମାଧ୍ୟମରେ ଶ୍ରୀସେତୁ ଦେଇ ଜଗନ୍ନାଥ ବଲ୍ଲଭ ପିଲଗ୍ରିମ ସେଣ୍ଟରକୁ ନିଆଯିବ ।



ସେଠାରୁ ଶ୍ରୀମାର୍ଗ ଦେଇ ମହାପ୍ରଭୁଙ୍କ ଦର୍ଶନ ଓ ପରିକ୍ରମା ପ୍ରକଳ୍ପ ପରିକ୍ରମଣ କରାଯିବ ।ଏହି କାର୍ଯ୍ୟରେ ବିଭିନ୍ନ ଅଧିକାରୀ, କର୍ମଚାରୀ, ସୁରକ୍ଷା କର୍ମଚାରୀଙ୍କୁ ଦାୟିତ୍ୱ ଦିଆଯାଇଛି । ପ୍ରଥମ ଦିନର କାର୍ଯ୍ୟସୂଚୀ ଅନୁସାରେ ସକାଳ ୯ ଟାରେ କଟକ ମହାନଗର ନିଗମ ଓ ୧୦ଟାରେ କଟକ ଜିଲ୍ଲାର ଅନ୍ୟ ବ୍ଲକ ଅଞ୍ଚଳର ଶ୍ରଦ୍ଧାଳୁ ପହଞ୍ଚିବେ । ସେହିପରି ମୟୂରଭଞ୍ଜ, ବାଲେଶ୍ୱର ସକାଳ ୧୦ ଘଟିକା, ଗଞ୍ଜାମ ଓ କେନ୍ଦ୍ରାପଡ଼ା ଜିଲ୍ଲାର କିଛି ଅଞ୍ଚଳର ଶ୍ରଦ୍ଧାଳୁ ମାନେ ଦିବା ୧୨ ଘଟିକାରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି ।ଏହି କାର୍ଯ୍ୟକ୍ରମକୁ ଶୃଙ୍ଖଳିତ ଓ ସୁଚାରୁ ରୂପେ ପରିଚାଳନା କରିବା ପାଇଁ ପଞ୍ଚାୟତରାଜ ବିଭାଗ ଓ ଜିଲ୍ଲା ପ୍ରଶାସନ କ୍ୟାଲେଣ୍ଡର ସହ ନୋଡ଼ାଲ ଅଫିସରମାନଙ୍କୁ ନିୟୋଜିତ କରିଛନ୍ତି ବୋଲି ସୂଚନା ମିଳିଛି ।

# ପଞ୍ଚଭୂତରେ ଲୀନ ସଂଗ୍ରାମୀ ନୀଳମଣି

**ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ**

**ବାଲିଚନ୍ଦ୍ରପୁର, ୨୮ ।୧(ସମିସ):** ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ନୀଳମଣି ସାମଲଙ୍କ ପାର୍ଥିବ ଶରୀର ଆଜି ପଞ୍ଚଭୂତରେ ଲୀନ ହୋଇଛି । ଜନ୍ମମାଟି ବାଲିପଡ଼ିଆ ଗାଁ ମଶାଣିରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତାଙ୍କର ଶେଷକୃତ୍ୟ ସଂପନ୍ନ ହୋଇଛି । ରାଷ୍ଟ୍ରୀୟ ମର୍ଯ୍ୟାଦା ସ୍ୱରୂପ ସଂଗ୍ରାମୀଙ୍କୁ ଗାର୍ଡ-ଅଫ୍-ଅନର୍ ପ୍ରଦାନ କରାଯିବା ପରେ ଶେଷକୃତ୍ୟ ସଂପନ୍ନ ହୋଇଥିଲା । ଏଥିରେ ବହୁ ବିଶିଷ୍ଟ ବ୍ୟକ୍ତି, ନେତା, ବୁଦ୍ଧିଜୀବୀ ସାମିଲ ହୋଇ ସଂଗ୍ରାମୀ ସାମଲଙ୍କ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଦେଇଥିଲେ । ସୂଚନାନୁଯାୟୀ, ଗତକାଲି କଟକ ଏସ୍‌ସିବିରେ ସଂଗ୍ରାମୀ ନୀଳମଣିଙ୍କ ଦେହାନ୍ତ ହେବା ପରେ ମରଶରୀରକୁ କଟକ ସ୍ୱରାଜ ଆଶ୍ରମରେ ରଖାଯାଇଥିଲା । ଆଜି ସକାଳେ ତାଙ୍କ ପାର୍ଥିବ ଶରୀରକୁ ଏକ ସୁସଜ୍ଜିତ ଭ୍ୟାନ୍‌ରେ



ସେଠାରୁ ଅଣାଯାଇଥିଲା । ବାଟରେ ବିଧାୟକ ଅମର ପ୍ରସାଦ ଶତପଥୀଙ୍କ ନେତୃତ୍ୱରେ ଛତିଆ ନିକଟରୁ ଏକ ବିରାଟ ଶୋଭାଯାତ୍ରା ବାଲିପଡ଼ିଆକୁ ବାହାରିଥିଲା । ରାସ୍ତାରେ ବିଭିନ୍ନ ବ୍ୟକ୍ତିବିଶେଷ ଓ ସଂଗଠନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା । ପୂର୍ବାହ୍ନ ପ୍ରାୟ ୧୧ଟାରେ ମରଶରୀର ବାଲିପଡ଼ିଆସ୍ଥିତ ତାଙ୍କ ବାସଭବନରେ ପହଞ୍ଚିଥିଲା । ପରେ ଗ୍ରାମ ପରିକ୍ରମା କରାଯାଇ ସଂଗ୍ରାମୀ ପୀଠ ଠକ୍କରବାପା ଆଶ୍ରମକୁ ନିଆଯାଇଥିଲା । ଗାଁ ଶ୍ମଶାନରେ ଶେଷକୃତ୍ୟ ପୂର୍ବରୁ ଯାଜପୁର ଜିଲ୍ଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର, ଏସ୍‌ପି, ଅତିରିକ୍ତ ଜିଲ୍ଲାପାଳ, ଦର୍ପଣ ତହସିଲଦାର, ବଡ଼ଚଣା ବିଡିଓ, ବଡ଼ଚଣା ଆଇଆଇସି ପ୍ରମୁଖ ପ୍ରଶାସନିକ ଅଧିକାରୀମାନେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ପରେ ଶେଷକୃତ୍ୟ ସଂପନ୍ନ ହୋଇଥିଲା । ସ୍ୱର୍ଗତ ସାମଲଙ୍କ ଏକମାତ୍ର ପୁତ୍ର ଅଲେଖ ସାମଲ ମୁଖାଗ୍ନି ଦେଇଥିଲେ ।  ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ବରୀ ବିଧାୟିକା ସୁନନ୍ଦା ଦାସ, ବଡ଼ଚଣା ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ସେନାପତି, ପୂର୍ବତନ ଅଧ୍ୟକ୍ଷା ଇତିଶ୍ରୀ ସାମଲ, କଂଗ୍ରେସ ନେତା ରାଜନାରାୟଣ ମହାପାତ୍ର, ସ୍ୱାଧୀନତା ସଂଗ୍ରାମୀ ଉତ୍ତରଦାୟ ସଂଗଠନର ରାଜ୍ୟ ସାଧାରଣ ସମ୍ପାଦକ ବିଜୟ କୁମାର ତ୍ରିପାଠୀ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ବିପିନ ବିହାରୀ ଜେନା, ଶାରଦା ପ୍ରସନ୍ନ ମହାନ୍ତି, ଉତ୍କଳ ସର୍ବୋଦୟ ମଣ୍ଡଳ ସଭାପତି ମିହିର ପ୍ରତାପ ଦାସ, ବାଲିପଡ଼ିଆ ସରପଞ୍ଚ କିଶୋର ଚନ୍ଦ୍ର ବେହୁରା, ବସନ୍ତ କୁମାର ପ୍ରଧାନ, ଜ୍ଞାନେନ୍ଦ୍ର ତ୍ରିପାଠୀ, ଚଣ୍ଡିଖୋଲ ବାର୍ ଆସୋସିଏସନ୍ ସମ୍ପାଦକ ପ୍ରକାଶ ଦାସ ଓ ପୂର୍ବତନ ସରପଞ୍ଚ ଦମୟନ୍ତୀ ସାମଲ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

# କନ୍‌ଭେୟର୍ ବେଲ୍ଟରେ ଚାପିହୋଇ ଶ୍ରମିକ ମୃତ

**ଯୋଡ଼ା, ୨୮ ।୧ (ସମିସ):** ଟାଟା ଷ୍ଟିଲ୍‌ର ପୂର୍ବ ଯୋଡ଼ା ଲୁହାପଥର ଖଣିରେ କନଭେୟର ବେଲ୍ଟରେ ଲାଗି ଗୁରୁତର ଥିବା ୨ଜଣ ଶ୍ରମିକଙ୍କ ମଧ୍ୟରୁ ଜଣକର ମୃତ୍ୟୁ ଘଟିଛି । ମୃତ ଶ୍ରମିକ ହେଲେ, ପୁରୁଷୋତ୍ତମପୁର ଗ୍ରାମର ମୋଟେଇ ତାମସୋଇ(୪୨) । ସୂଚନାନୁଯାୟୀ, ଶନିବାର ଡ୍ରାଇ ପ୍ଲାଣ୍ଟର ମରାମତି କାର୍ଯ୍ୟ ଚାଲୁଥିବା ସମୟରେ ପ୍ଲାଣ୍ଟରେ ସଂଯୋଗ ହୋଇଥିବା କନ୍‌ଭେୟର ବେଲ୍ଟକୁ ହଠାତ କମ୍ପାନୀ ଶ୍ରମିକମାନେ ଚଳାଇ ଦେବାରୁ କାର୍ଯ୍ୟରତ ୨ଜଣ ଶ୍ରମିକ କନଭେୟର ବେଲ୍ଟରେ ଚାପି ହୋଇ ଯାଇଥିଲେ । ସେମାନଙ୍କୁ ଯୋଡ଼ାସ୍ଥିତ ଟାଟା ଷ୍ଟିଲ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ଅବସ୍ଥା ସଂକଟାପନ୍ନ ହେବାରୁ ଜାମସେଦପୁର ଟିଏମ୍‌ଏଚ୍ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ତେବେ ରବିବାର ସେଠାରେ ମୋଟେଇଙ୍କ ମୃତ୍ୟୁ ଘଟିଛି । ଅନ୍ୟତମ ଗୁରୁତର ବଡ଼ବିଲ ଅଞ୍ଚଳର ତୁଷାର ମହାନ୍ତ ଜାମସେଦପୁର ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି ।

**■ ଦ୍ୱାରଶୁଣୀ ଘାଟିରେ ପୁଣି ଦୁର୍ଘଟଣା**

# ଓଲଟିଲା ପିଆଜ ବୋଝେଇ ଟ୍ରକ; ହେଲ୍‌ପର ମୃତ

**ବାରିପଦା, ୨୮ ।୧(ସମିସ):** ରକ୍ତମୁଖା ଦ୍ୱାରଶୁଣୀ ଘାଟିରେ ରବିବାର ଅପରାହ୍ଣରେ ପୁଣି ଏକ ଦୁର୍ଘଟଣା ଘଟିଛି । ମାତ୍ର ୪ ଦିନର ବ୍ୟବଧାନ ପରେ ପୁଣି ଏକ ଟ୍ରକ୍ ଘାଟି ରାସ୍ତାରେ ଓହ୍ଲାଉଥିବା ବେଳେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା । ଏଥିରେ ଟ୍ରକର ହେଲ୍‌ପର୍‌ଙ୍କ ମୃତ୍ୟୁ ଘଟିଥିବା ବେଳେ ଚାଳକ ଗୁରୁତର ଆହତ ହୋଇଛନ୍ତି । ମୃତକ ହେଲେ, ସାଲିମ ଉଦିମ ଉଲ୍ଲା । ସୂଚନାନୁଯାୟୀ, ଏକ ପିଆଜ ବୋଝେଇ ଟ୍ରକ ମହାରାଷ୍ଟ୍ରର ନାସିକ ଅଞ୍ଚଳରୁ କୋଲକାତା ଅଭିମୁଖେ ଯାଉଥିଲା । ଟ୍ରକ୍‌ଟି ଘାଟିରୁ ଓହ୍ଲାଉଥିବା ବେଳେ ବ୍ରେକ୍ ଫେଲ ହୋଇଯାଇଥିଲା । ଫଳରେ ଟ୍ରକଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା ।



ହେଲପର୍ ଓ ଚାଳକଙ୍କୁ ଉଦ୍ଧାର କରି ପ୍ରଥମେ ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରଯାଇଥିଲା । କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା । ଦୁର୍ଘଟଣା ପରେ ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ଯାନବାହନ ଅଟକି ରହିଥିଲା । ବାଙ୍ଗିରିପୋଷି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରାଫିକ୍ ନିୟନ୍ତ୍ରଣ କରିବା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା । ଅନ୍ୟପକ୍ଷେ ଗୁରୁତର ଆହତ ଡ୍ରାଇଭରଙ୍କୁ ଚିକିତ୍ସା ନିମନ୍ତେ ବାରିପଦା ପିଆରଏମ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ।

# CBSE BOARD EXAMINATION (2023-24)
## PROBABLE QUESTION PAPER
## CLASS-X, SUB- HINDI

**खंड - 'अ (वस्तुपरक)**

1. **निम्नलिखित गद्यांश को ध्यानपूर्वक पढ़कर इसके आधार पर सर्वाधिक उपयुक्त उत्तर वाले विकल्प चुनकर लिखिए ।** (1x5=5)

परिश्रम यानी मेहनत अपना जवाब आप ही है। उसका अन्य कोई जवाब न है, न हो सकता है ।जिस काम के लिए परिश्रम करना आवश्यक हो, हम चाहें कि वह अन्य किसी उपाय से पूरा हो जाए, ऐसा हो पाना कतई संभव नहीं। वह तो लगातार और मन लगाकर परिश्रम करने से ही होगा। इसी कारण कहा जाता है कि 'उद्योगिनं पुरुषसिंहमपुति लक्ष्मी' अर्थात उद्योग या परिश्रम करने वाले पुरुष सिंह का ही लक्ष्मी वरण करती है। सभी प्रकार की धन-संपत्तियाँ और सफलताएँ लगातार परिश्रम से ही प्राप्त होती हैं। परिश्रम ही सफलता की कुंजी है, यह परीक्षण की कसौटी पर कसा गया सत्य है। निरंतर प्रगति और विकास की मंजिल बैठे रहने से नहीं हुआ। कई प्रकार के विचार बनाने, अनुसंधान करने, उनके अनुसार लगातार योजनाएं बनाकर तय करते हुए हमारा संसार आज जिस स्तर और स्थिति तक पहुँच पाया है, वह सब हाथ पर हाथ न रखकर तथा कई तरह के अभावों और कठिनाइयों को सहते हुए निरंतर परिश्रम करते रहने से ही संभव हो पाया है। आज जो लोग सफलता के शिखर पर बैठकर दूसरों पर शासन कर रहे हैं, आदेश दे रहे हैं, ऐसी शक्ति और सत्ता प्राप्त करने के लिए पता नहीं किन-किन रास्तों से चलकर, किस-किस तरह के कष्ट और परिश्रमपूर्ण जीवन जीने के बाद उन्हें इस स्थिति में पहुँच पाने में सफलता मिल पाई है। हाथ-पैर हिलाने पर ही कुछ पाया जा सकता है, उदास या निराश होकर बैठ जाने से नहीं । निरंतर परिश्रम व्यक्ति को चुस्त-दुरुस्त रखकर सजग तो बनाता ही है, निराशाओं से दूर रख आशा - उत्साह भरा जीवन जीना भी सिखाया करता है।

i. परीक्षण की कसौटी पर कसे जाने से तात्पर्य हैं-
   (क) सत्य सिद्ध होना (ख) कथन का प्रामाणिक होना
   (ग) आकलन प्रक्रिया तीव्र होना (घ) योग्यता का मूल्यांकन होना
ii. हाथ-पैर हिलाने से कुछ पाया जा सकता है।' पंक्ति के माध्यम से लेखक_____ की प्रेरणा दे रहे हैं -
   (क) तैराकी (ख) परिश्रम (ग) परीक्षण (घ) हस्तशिल्प
iii. निम्नलिखित कथनों पर विचार कीजिए -
   (i) परिश्रम व्यक्ति को सकारात्मक बनाता है।
   (ii) आज संसार पतन की ओर बढ़ रहा है।
   (iii) पुरुषार्थ के बल पर ही व्यक्ति धनार्जन करता है।
   उपर्युक्त कथनों में से कौन-सा / कौन-से कथन सही है / हैं ?
   (क) केवल (i) (ख) केवल (ii) (ग) (i) और (iii) (घ) (ii) और (iii)
iv. निम्नलिखित में से कौन-से शब्द गद्यांश में दिए गए 'अनुसंधान' शब्द के सही अर्थ को दर्शाता है
   (क) परीक्षण (ख) योजनाएँ (ग) अन्वेषण (घ) सिंहमुपैति
v. निम्नलिखित में से किस कथन को गद्यांश की सीख के आधार पर कहा जा सकता है
   (क) अल्पज्ञान खतरनाक होता है। (ख) गया समय वापस नहीं आता है।
   (ग) मेहनत से कल्पना साकार होती है। (घ) आवश्यकता अविष्कार की जननी है।

**व्यावहारिक व्याकरण**

2. **निम्नलिखित पदबंध पर आधारित पाँच बहुविकल्पीय प्रश्नों में से किन्ही चार प्रश्नो उत्तर दीजिए ।** (1x4)

(क)'वह पहले से बहुत धीरे हँसा । ' - वाक्य में क्रियाविशेषण पदबंध है: '
   (i) पहले से (ii) बहुत धीरे
   (iii) वह पहले से बहुत धीरे (iv) पहले से बहुत
(ख)'तताँरा बहुत बलशाली भी था।' - रेखांकित में पदबंध है:
   (i) संज्ञा पदबंध (ii) विशेषण पदबंध
   (iii) सर्वनाम पदबंध (iv) क्रिया पदबंध
(ग) 'बंगले के पीछे लगा पेड़ गिर गया।' - वाक्य में रेखांकित पदबंध है:
   (i) संज्ञा पदबंध (ii) क्रियाविशेषण पदबंध
   (iii) सर्वनाम पदबंध (iv) क्रिया पदबंध
(घ) 'दो सौ आदमियों का जुलूस लाल बाजार गया । ' - इस वाक्य में संज्ञा पदबंध
   (i) दो सौ आदमियों का जुलूस (ii) दो सौ
   (iii) बाजार गया (iv) लाल बाजार गया
(ङ) पर्दे के पीछे बैठा वह रो रहा है ।
पदबंध और उसके दिए गए सही भेद के सही विकल्प चुनिए।
   (i) पर्दे के पीछे बैठा वह (सर्वनाम पदबंध) ( ii) बैठा वह( क्रिया पदबंध)
   (iii) पर्दे के पीछे (संज्ञा पदबंध) ( iv)पीछे बैठा वह( विशेषण पदबंध)

3. i. सही सरल वाक्य चुनिए (1x4)
   क) हरिहर काका के यहाँ से मैं अभी-अभी लौटा हूँ।
   ख) हरिहर काका के यहाँ मैं गया था और मैं अभी - अभी लौटा हूँ।
   ग) मैं तो अभी - अभी आया हूँ हरिहर काका के यहाँ से जाकर लौट रहा हूँ।
   घ) ये अभी की तो बात है, जब मैं हरिहर काका के यहाँ से लौटा हूँ ।
ii) सही वाक्य तथा उनका सही भेद का विकल्प चुनिए ।
   क) उतना खाओ , जितना पाचन कर सको । (संयुक्त वाक्य)
   ख) पाचन शक्ति के अनुसार ही खाना खाओ । (सरल वाक्य)
   ग) पहले खाना खाओ , फिर पचाओ । (मिश्र वाक्य)
   घ) खाना तभी खाओ, जब पचा सको । (सरल वाक्य)
iii) सही मिश्र वाक्य चुनिए ।
   क) मेरी साइकिल खराब हो गई थी , वह मैंने ठीक करा ली ।
   ख) मैंनें अपनी टूटी हुई साइकिल ठीक करा ली ।
   ग) जैसे ही मेरी साइकिल टूटी , वैसे ही मैंने ठीक करा ली ।
   घ) मैंने अपनी वह साइकिल ठीक कराली जो पहले टूटी हुई थी ।
iv) वामीरो कुछ सचेत होने पर घर की तरफ दौड़ी । इस सरल वाक्य को परिवर्तित करने पर संयुक्त वाक्य होगा -
   क) वामीरो कुछ सचेत हुई और घर की तरफ दौड़ी।
   ख) सचेत वामीरो हुई तथा घरकी तरफ दौड़ी।
   ग) वामीरो कुछ सचेत होने पर घर की तरफ दौड़ी ।
   घ) जैसे ही वामीरो सचेत हुई वैसे ही घरकी तरफ दौड़ी ।

4. **निम्नलिखित समस्तपदों का सही विग्रह चुनिए ।** (1x4)
i) रेखांकित
   क) रेखा से अंकित ख) रेखा में अंकित ग) रेखा के लिए अंकित घ) रेखा का अंकित
ii) शोकाकुल
   क) शोक का आकुल ख) जो शोक से आकुल
   ग) शोक से आकुल घ) शोक के लिए आकुल
iii) नवरात्र
   क) नवीं रात्री ख) नवी रात्रि है जो ग) नौ रात्रों का समूह घ) नौ रातों वाला
iv) निम्नलिखित विग्रहों के समस्त पद और समास के नाम का सही विकल्प चुनकर लिखिए ।
   क) राम का उपासक - द्वंद्व समास ख) रामोपासक - बहुव्रीहि समास
   ग) रामोपासक - तत्पुरूष घ) रामःउपासक- द्विगु समास
v) पाँचों आबों का समूह
   क) पंचानन- बहुव्रीहि समास ख) पंजाब- द्विगु समास
   ग) पंचमुखी- तत्पुरूष घ) पंचवटी- कर्म धारय समास

**पठ्यपुस्तक विभाग**

5. **निम्नलिखित पद्यांश को ध्यानपूर्वक पढ़कर पूछे गए प्रश्नों के सर्वाधिक उचित उत्तर वाले विकल्प चुनकर लिखिए:** (1x5)

सुखिया सब संसार है, खायै अरु सोवै ।
दुखिया दास कबीर है, जागै अरु रोवै ॥
बिरह भुवंगम तन बसै, मंत्र न लागै कोइ ।
राम बियोगी ना जिवै, जिवै तो बौरा होइ ।।

(i) कबीरदास जी क्यों दु:खी हैं ?
   (क) ईश्वर से बिछुड़ने के कारण
   (ख) ईश्वर को प्राप्त न कर सकने के कारण
   (ग) विषय-वासनाओं में लिप्त मनुष्यों को देखकर
   (घ) ईश्वर भजन में लिप्त मनुष्यों को देखकर
(ii) 'सोना' और 'जागना' क्रमश: किसके प्रतीकार्थ हैं?
   (क) निद्रा और अनिद्रा के (ख) अंधकार और प्रकाश के
   (ग) अज्ञान और ज्ञान के ( घ) दु:ख और सुख के
(iii) किस व्यक्ति पर 'मंत्र' का कोई प्रभाव नहीं दिखाई देता ?
   (क) जिसका मन सांसारिक विषय-वासनाओं में लिप्त हो
   (ख) जिसका मन अहंकार की भावना से भरा हो ।
   (ग) जिसके मन में मिलन रूपी सर्प ने घर बसा
   (घ) जिसके मन में विरह रूपी सर्प ने घर बसा लिया हो
(iv) कबीरदास जी के अनुसार 'बौरा' कौन है ?
   (क) जिसे प्रभु का साक्षात्कार हो गया है। (ख) जो प्रभु की दिन-रात सेवा कर रहा है।
   (ग) जो प्रभु से विलग रहना चाहता है।
   (घ) जो प्रभु के वियोग में जीवन व्यतीत कर रहा है।
(v) 'मंत्र न लगना' का अर्थ है:
   (क) कोई उपाय काम न आना (ग) मंत्र सिद्ध न होना
   (ख) विष का प्रभाव कम न होना ( घ) पीड़ित व्यक्ति का स्वस्थ न होना

**लेखन**

6. खेल के मैदान में आपकी घड़ी खो गई है। छात्रों से पूछ-ताछ करते हुए 80 शब्दों में सूचना तैयार कीजिए। (4)
7. आप अपने घर के आस-पास निर्धन बच्चों के लिए मुफ्त ट्यूशन कक्षाएँ प्रारंभ करना चाहते हैं। इसके लिए 60 शब्दों में विज्ञापन तैयार कीजिए । (3)
8. शीर्षक देते हुए एक लघुकथा 100 शब्दों में लिखिए जिससे शिक्षा मिलती हो कि- 'समझदार को ही उपदेश देना चाहिए; मूर्ख को उपदेश देने से अपनी ही हानी हो सकती है। (5)

*****

*All the Best...*

**ANSWER KEY**

| | | | | |
|---|---|---|---|---|
| **1.** i)घ | ii)ख | iii)ग | iv)ग | v)ग |
| **2.** क)ii | ख)i | ग)iv | घ)i | ङ)i |
| **3.** i)क | ii)ख | iii)घ | iv)क | |
| **4.** i)क | ii)ग | iii)ग | iv)ग | v)ख |
| **5.** i)ग | ii)ग | iii)घ | iv)घ | v)क |

ePaper : sakalaepaper.com
News Portal : thesakala.in
Facebook : SakalaNews
Twitter : SakalaNews
Instagram : sakalanews
Youtube : @SakalaNews

Courtesy:
ARYAVART ANCIENT ACADEMY, KHORDHA
A SENIOR SECONDARY SCHOOL
Web: www.aaaschool.in

## ରଣଜୀ ଟ୍ରଫି: ଶେଷ ଦିନରେ ହିମାଚଳ ସାମ୍ନାରେ ୩୫୫ ରନ ଲକ୍ଷ୍ୟ

# ଓଡ଼ିଶା ପାଇଁ ବିଜୟ ସୁଯୋଗ

କଟକ, ୨୮।୧(ସମିସ): ଟାଙ୍ଗୀସ୍ଥିତ ଡ୍ରିମ୍ସ ଗ୍ରାଉଣ୍ଡରେ ଚାଲିଥିବା ହିମାଚଳପ୍ରଦେଶ ବିପକ୍ଷ ରଣଜୀ ମ୍ୟାଚ୍‌ରେ ଘରୋଇ ଓଡ଼ିଶା ଦଳ ପାଇଁ ବିଜୟ ସୁଯୋଗ ସୃଷ୍ଟି ହୋଇଛି। ଓଡ଼ିଶା ପକ୍ଷରୁ ଧାର୍ଯ୍ୟ ୩୮୯ ରନର କଷ୍ଟସାଧ୍ୟ ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ଭ୍ରମଣକାରୀ ହିମାଚଳ ରବିବାର ଷ୍ଟମ୍ପ ଅପସାରଣ ସୁଦ୍ଧା ଦ୍ୱିତୀୟ ପାଳିରେ ଗୋଟିଏ ୱିକେଟ ବିନିମୟରେ ୩୩ ରନ ସଂଗ୍ରହ କରିଛି। ସୋମବାର ହେଉଛି ମ୍ୟାଚ୍‌ର ଅନ୍ତିମ ଦିବସ। ଶେଷ ଦିନରେ ବିଜୟ ଲାଗି ହିମାଚଳକୁ ୩୫୫ ରନ ଓ ଓଡ଼ିଶାକୁ ୯ଟି ୱିକେଟ ଆବଶ୍ୟକ ହେଉଛି। ପେସ୍ ବୋଲରଙ୍କ ରାଜୁତି ଦେଖିବାକୁ ମିଳିଥିବା ଡ୍ରିମ୍ସର ଏହି ପିଚ୍‌ରେ ଓଡ଼ିଶା ଚଳିତ ରଣଜୀ ସଂସ୍କରଣର ପ୍ରଥମ ବିଜୟ ସ୍ୱାଦ ଚାଖିବ ବୋଲି ଅନୁମାନ କରାଯାଉଛି। ଅନ୍ୟପକ୍ଷରେ ସନ୍ଦୀପ ପଟ୍ଟନାୟକ ଏଠାରେ କ୍ୟାରିୟରରଶ୍ରେଷ୍ଠ୧୫୦ରନରପାଳିଖେଳିଛନ୍ତି।

ଓଡ଼ିଶାର ପ୍ରଥମ ପାଳି ୧୩୮ରନ ଜବାବରେ ହିମାଚଳପ୍ରଦେଶ ୧୭୬ ରନ ସଂଗ୍ରହ କରିଥିଲା। ଅସମାପ୍ତ ଦ୍ୱିତୀୟ ପାଳି ୧୫୭/୩ରୁ ରବିବାରର ଖେଳ ଆରମ୍ଭ କରିଥିଲା ଓଡ଼ିଶା ଦଳ। ସନ୍ଦୀପ ପଟ୍ଟନାୟକ ୭୮ ରନରେ ଅପରାଜିତ ଥିଲେ। ଖେଳର ପ୍ରଥମ ସେସନ ସମ୍ପୂର୍ଣ୍ଣ ରୂପେ ଓଡ଼ିଶା ବ୍ୟାଟରଙ୍କ ଅକ୍ତିଆରରେ ରହିଥିଲା। ଏହି ମ୍ୟାଚ୍‌ରେ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିବା ବିପ୍ଳବ ସାମନ୍ତରାୟଙ୍କ ସହ ମିଶି ସନ୍ଦୀପ ଦଳୀୟ ସ୍କୋରକୁ ଆଗକୁ ବଢ଼ାଇଥିଲେ। ୪ର୍ଥ ୱିକେଟରେ ଉଭୟଙ୍କ ଭିତରେ ୧୪୩ ରନର ଭାଗୀଦାରି ସୃଷ୍ଟି ହୋଇଥିଲା। ଇତ୍ୟବସରରେ ସନ୍ଦୀପ ପ୍ରଥମ ଶ୍ରେଣୀ କ୍ରିକେଟ କ୍ୟାରିୟରର ୪ର୍ଥ ଶତକ ହାସଲ କରିଥିଲେ। ଚଳିତ ରଣଜୀ ଟ୍ରଫିରେ ସନ୍ଦୀପଙ୍କର ଏହା ଲଗାତାର ଦ୍ୱିତୀୟ ଶତକୀୟ ପାଳି। ତେବେ ବିପ୍ଳବଙ୍କୁ ୪୬ ରନରେ ଏଲବି କରି ଆକାଶ ବଶିଷ୍ଟ ହିମାଚଳ ନିମନ୍ତେ ୪ର୍ଥ ସଫଳତା ଦେଇଥିଲେ। ପରେ ସନ୍ଦୀପ ମଧ୍ୟ ବଶିଷ୍ଟଙ୍କ ଶିକାର ହୋଇ ପ୍ୟାଭିଲିୟନ ଫେରିଥିଲେ। ୨୭୬ବଲରୁ ୧୮ ଚୌକା ଓ ୨ଟି ଛକା ସହାୟତାରେ ସନ୍ଦୀପ ପ୍ରଥମଶ୍ରେଣୀ କ୍ୟାରିୟରର ସର୍ବାଧିକ ୧୫୦ରନ ସଂଗ୍ରହ କରିଛନ୍ତି। ମଧ୍ୟକ୍ରମରେ ବ୍ୟାଟିଂ ସୁଯୋଗ ପାଇଥିବା ଓପନର ଅନୁରାଗ ଷଡ଼ଙ୍ଗୀ ଦ୍ରୁତ ରନ ସଂଗ୍ରହ କରିବା ସହିତ ଓଡ଼ିଶାର ଦଳୀୟ ସ୍କୋରକୁ ବୃଦ୍ଧି କରିଥିଲେ। ଆଶୀର୍ବାଦ ସ୍ୱାଇଁ ୧୮, ଦେବବ୍ରତ ପ୍ରଧାନ ୯, ହର୍ଷିତ ରାଠୋଡ ୨୫ ରନରେ ଆଉଟ ହୋଇଥିଲେ। ତେବେ ଅନୁରାଗ ୯୨ବଲରୁ ୮ଚୌକା ଓ ଗୋଟିଏ ଛକା ସହାୟତାରେ ୭୦ ଏବଂ ରାଜେଶ ମହାନ୍ତି ୫ ରନରେ ଅପରାଜିତ ଥିଲେ। ଦଳୀୟ ସ୍କୋର ୪୨୫/୮ରେ ଓଡ଼ିଶା ୨ୟ ପାଳି ଘୋଷଣା କରିଥିଲା। ହିମାଚଳର ଋଷି ଧାୱନ ସର୍ବାଧିକ ୩ଟି, ଅର୍ପିତ ଗୁଲେରିଆ ଏବଂ ଆକାଶ ବଶିଷ୍ଟ ୨ଟି ଲେଖାଏ, ବୈଭବ ଅରୋରାଙ୍କୁ ଗୋଟିଏ ୱିକେଟ ମିଳିଥିଲା। ୩ୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ୧୦ଓଭର ଖେଳି ହିମାଚଳ ପ୍ରଦେଶ ଗୋଟିଏ ୱିକେଟ ବିନିମୟରେ ୩୩ରନ କରିଛି। ୱିକେଟ କିପର ଅଙ୍କୁଶ ବୈନ୍ସ ୫ରନରେ ବିପ୍ଳବଙ୍କ ଦ୍ୱାରା ଆଉଟ ହୋଇଛନ୍ତି। ପ୍ରଶାନ୍ତ ଚୋପ୍ରା ୧୭ରନ ଏବଂ ଅଭିଷେକ କୁମାର ୫ରନରେ ଅପରାଜିତ ଅଛନ୍ତି।


ସନ୍ଦୀପ ପଟ୍ଟନାୟକ


ଅନୁରାଗ ଷଡଙ୍ଗୀ

## ଅଷ୍ଟ୍ରେଲିଆନ ଓପନ୍ | ଜାନିକ ସିନ୍ନର ନୂଆ ବିଜେତା



ମେଲବୋର୍ଣ୍ଣ, ୨୮।୧ (ଏଜେନ୍ସି): ଇଟାଲୀର ଜାନିକ ସିନ୍ନର ଏଥର ଅଷ୍ଟ୍ରେଲିଆ ଓପନ୍‌ରେ ନୂଆ ବିଜେତା ହୋଇଛନ୍ତି। ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଅଷ୍ଟ୍ରେଲିଆନ୍ ଓପନ୍‌ର ପୁରୁଷ ଏକକ ଫାଇନାଲ ରବିବାର ଖେଳାଯାଇଥିଲା। ଏକ ସଂଘର୍ଷପୂର୍ଣ୍ଣ ଲଢ଼େଇରେ ୨୨ ବର୍ଷୀୟ ସିନ୍ନର ୩-୬, ୩-୬, ୬-୪, ୬-୪, ୬-୩ ସେଟ୍‌ରେ ଅନ୍ୟତମ ଟାଇଟଲ୍ ଦାବିଦାର ରୁଷିଆର ଡାନିଲ ମେଦଭେଦେଭଙ୍କୁ ପରାସ୍ତ କରିଛନ୍ତି। ପ୍ରଥମ ଦୁଇ ସେଟ୍‌କୁ ମେଦଭେଦେଭ ଜିତି ୨-୦ରେ ଆଗୁଆ ରହିଥିଲେ। କିନ୍ତୁ ପରବର୍ତ୍ତୀ ସିନ୍ନର ଚମତ୍କାର ପ୍ରତ୍ୟାବର୍ତ୍ତନ କରି ପରବର୍ତ୍ତୀ ଦୁଇ ସେଟ୍‌କୁ ଜିତି ୨-୨ର ବରାବର୍‌ସ୍ଥିତିକୁ ଆଣିଥିଲେ। ଏହାପରେ ନିର୍ଣ୍ଣାୟକ ୫ମ ସେଟ୍‌କୁ ମଧ୍ୟ ହାତେଇ ସିନ୍ନର କ୍ୟାରିୟରର ପ୍ରଥମ ଗ୍ରାଣ୍ଡସ୍ଲାମ ଟ୍ରଫି ଜିତିବାର ସୌଭାଗ୍ୟ ଲାଭ କରିଥିଲେ। ଏହି ମୁକାବିଲାଟି ୩ ଘଣ୍ଟା ୪୪ ମିନିଟ୍ ଧରି ଖେଳାଯାଇଥିଲା। ସିନ୍ନର ଏଥିପୂର୍ବରୁ ସେମିଫାଇନାଲରେ ବିଶ୍ୱର ଏକ ନମ୍ବର ମାନ୍ୟତାପ୍ରାପ୍ତ ତଥା ୧୦ଥରର ବିଜେତା ନୋଭାକ ଜୋକୋଭିଚ୍‌ଙ୍କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ।

ସିନ୍ନର ଏଥିସହ ୪୮ ବର୍ଷ ପରେ ପ୍ରଥମ ଇଟାଲୀ ଖେଳାଳି ଭାବେ କୌଣସି ଗ୍ରାଣ୍ଡସ୍ଲାମର ପୁରୁଷ ଏକକ ଟ୍ରଫି ଜିତିଛନ୍ତି। ସେହିଭଳି ୨୦୧୪ ପରେ ପ୍ରଥମଥର ଲାଗି ୩ ମହାନ ଖେଳାଳି (ଜୋକୋଭିଚ୍, ରୋଜର ଫେଡେରର ଓ ରାଫେଲ ନାଡାଲ)ଙ୍କ ବିନା ଅନ୍ୟ ଜଣେ ଅଷ୍ଟ୍ରେଲିଆନ ଓପନ୍‌ରେ ଚାମ୍ପିଅନ ହୋଇଛି। ମେଦଭେଦେଭ ଏଥିସହ ୩ୟଥର ଲାଗି ଅଷ୍ଟ୍ରେଲିଆନ୍ ଓପନ୍ ଫାଇନାଲରେ ପରାଜୟର ସମ୍ମୁଖୀନ ହୋଇଛନ୍ତି।

**ମର୍ଟେନ୍ସ-ସୁ-ୱି ମହିଳା ଯୁଗଳ ଚାମ୍ପିଅନ**

ତାଇୱାନର ଭେଟେରାନ ସିଏହ ସୁ-ୱି ଓ ବେଲ୍‌ଜିୟମର ଏଲିସ୍ ମର୍ଟେନ ମହିଳା ଯୁଗଳରେ ଚାମ୍ପିଅନ ହୋଇଛନ୍ତି। ଫାଇନାଲରେ ଏହି ଯୋଡ଼ି ୬-୧, ୭-୫ ସେଟ୍‌ରେ ୟୁକ୍ରେନର ଲ୍ୟୁଡମାୟଲା କିଚେଙ୍କୋ ଓ ଲାଟ୍‌ଭିଆର ଜେଲେନା ଓସ୍ତାପେଙ୍କୋ ଯୋଡ଼ିଙ୍କୁ ହରାଇଥିଲେ।

## ରଣଜୀ ଟ୍ରଫି: ଏକ ପାଳି ଓ ୨୯୩ ରନରେ ଜିତିଲା କର୍ଣ୍ଣାଟକ

କୋଏମ୍ବାଟୁର, ୨୮।୧(ଏଜେନ୍ସି): ଚଳିତ ରଣଜୀ ଟ୍ରଫି ଚତୁର୍ଥ ରାଉଣ୍ଡର ଏକ ମୁକାବିଲାରେ ତାମିଲନାଡୁ ଏକ ପାଳି ଓ ୨୯୩ ରନର ବୃହତ୍ ବ୍ୟବଧାନରେ ଚଣ୍ଡିଗଡ଼କୁ ପରାସ୍ତ କରିଛି। ଏଲିଟ୍ ଗ୍ରୁପ୍-ସି'ର ଏହି ମୁକାବିଲାରେ କର୍ଣ୍ଣାଟକ ପକ୍ଷରୁ ଧାର୍ଯ୍ୟ ୫୦୦ ରନର ବିଶାଳ ଲକ୍ଷ୍ୟକୁ ପିଛା କରିଥିବା ଚଣ୍ଡିଗଡ଼ ରବିବାର ୩ୟ ଦିବସରେ ଦ୍ୱିତୀୟ ପାଳିରେ ୨୦୬ ରନରେ ସମସ୍ତ ୱିକେଟ୍ ହରାଇଥିଲା। ଦଳ ପକ୍ଷରୁ ମଧ୍ୟକ୍ରମ ବ୍ୟାଟର୍ ଅଙ୍କିତ କୌଶିକ ୫୦ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। କର୍ଣ୍ଣାଟକ ଅଧିନାୟକ ଆର୍. ସାଇ କିଶୋର ୫ ଓ ଅଜିତ ରାମ ୩ ୱିକେଟ୍ ସଫଳତା ପାଇଥିଲେ। ଏହି ମ୍ୟାଚର ପ୍ରଥମ ପାଳିରେ ଚଣ୍ଡିଗଡ଼ ପ୍ରଥମ ପାଳିରେ ମାତ୍ର ୧୧୧ ରନ କରିଥିଲା। ଜବାବରେ ଏନ୍ ଜଗଦିଶନ (୩୨୧)ଙ୍କ ତ୍ରିଶତକ ବଳରେ ତାମିଲନାଡୁ ପ୍ରଥମ ପାଳିରେ ୪ ୱିକେଟ୍‌ରେ ୬୧୦ ରନ କରି ପାଳି ଘୋଷଣା କରିଥିଲା।

## ଗୋଲ୍ଡେନ କପ୍ ଜିତିଲା ଇଷ୍ଟକୋଷ୍ଟ ରେଲୱେ




ଘସିପୁରା, ୨୮।୧(ସମିସ): କେନ୍ଦୁଝର ଜିଲ୍ଲା ଅଳତି ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ ୪ ଦିନ ଧରି ଅନୁଷ୍ଠିତ ସର୍ବଭାରତୀୟ ୩୦ତମ ଗୋଲ୍ଡେନ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ରବିବାର ଅନୁଷ୍ଠିତ ମେଗା ଫାଇନାଲ ମ୍ୟାଚରେ ଏମ୍‌ଏମ୍‌ସିସି ସମ୍ବଲପୁରକୁ ହରାଇ ଇଷ୍ଟକୋଷ୍ଟ ରେଲୱେ ଖୋର୍ଦ୍ଧା ଚାମ୍ପିଅନ ହୋଇଛି। ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଇଷ୍ଟକେଷ୍ଟ ରେଲୱେ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭରରେ ୯ ୱିକେଟ ହରାଇ ୨୨୯ ରନ ସଂଗ୍ରହ କରିଥିଲା। ଜବାବରେ ଏମ୍‌ଏମ୍‌ସିସି ସମ୍ବଲପୁର ନିର୍ଦ୍ଧାରିତ ୩୦ ଓଭରରେ ୮ ୱିକେଟ ହରାଇ ୨୦୨ ରନ କରି ପରାଜିତ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବସନ୍ତମଞ୍ଜରୀ ଫାଉଣ୍ଡେସନର ପ୍ରତିଷ୍ଠାତା ଡ. ରତିକାନ୍ତ ବରାଳ, ନିମନ୍ତ୍ରିତ ଅତିଥି ଭାବେ ସିନେ କଳାକାର ବାବୁସାନ ମହାନ୍ତି, ଓଡିଆ ସିନେ ଅଭିନେତ୍ରୀ ଭୂମିକା, ଖାଳିଆମେଣ୍ଟା ସରପଞ୍ଚ ବୃନ୍ଦାବନ ଜେନା, ଅଳତି ସରପଞ୍ଚ ପ୍ରିୟବ୍ରତ ବରାଳ, ଉଦ୍ୟୋଗପତି ବାବୁଲି ସାହୁ, ଯୁବଉଦ୍ୟୋଗୀ ନୃସିଂହଚରଣ ଦାସ ପ୍ରମୁଖଖ ଉପସ୍ଥିତ ରହି ଚାମ୍ପିଅନ ଏବଂ ରନର୍ସଅପ ଦଳକୁ ଟ୍ରଫି ସହ ନଗଦ ଅର୍ଥ ରାଶି ପ୍ରଦାନ କରିଥିଲେ। ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ସମ୍ବଲପୁରର ଆର୍ଯ୍ୟଶ୍ରୀ ଭଟ୍ଟଙ୍କୁ ପୁରସ୍କୃତ କରାଯାଇଥିଲା।

● ଗୋଲାପ ଦେଇ ସ୍ମାରକୀ ସ୍କୁଲ ଚେସ୍

## ଟାଇଟଲ ଜିତିଲେ ଭ୍ରିତ୍ତି ବେହେରା



ଭୁବନେଶ୍ୱର, ୨୮।୧ (ସମିସ): ଲୟଲା ସ୍କୁଲର ଭ୍ରିତ୍ତି ବେହେରା ତୃତୀୟ ଗୋଲାପ ଦେଇ ସ୍ମାରକୀ ଚେସ୍ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଓଡ଼ିଶା ରାଜ୍ୟ ଚେସ୍ ସଂଘ ଓ ରୟାଲ ପବ୍ଲିକ୍ ସ୍କୁଲର ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଭ୍ରିତ୍ତି ୫ ରାଉଣ୍ଡରୁ ୫ ପଏଣ୍ଟ ସଂଗ୍ରହ କରି ପ୍ରଥମ ସ୍ଥାନ ଅଧିକାର କରିଥିଲାବେଳେ ତାଙ୍କ ଯାଁଳା ଭାଇ ବୈଭବ ବେହେରା ତୃତୀୟ ହୋଇଛନ୍ତି। ଭଦ୍ରକ ଶାଳନ୍ଦିର ଉଦୟ ପରିଡ଼ା ରନର୍ସ ଅପ୍ ହୋଇଛନ୍ତି। ଭୁବନେଶ୍ୱରର ଦିବ୍ୟାଂଶ ମହାନ୍ତ, ଆୟାଂଶ ଯୋଶି, ଆୟୁଷ୍ମାନ ବେହେରା, ସିଦ୍ଧାର୍ଥ ମଲ୍ଲିକ, ସୂର୍ଯ୍ୟେନ୍ଦୁ ପ୍ରକାଶ ସାହୁ, ହୃଦୟ ଶ୍ରୀନିବାସ ଓ ରୁଦ୍ରାଂଶ ପାତ୍ର ଯଥାକ୍ରମେ ଚତୁର୍ଥରୁ ୧୦ମ ସ୍ଥାନ ଅଧିକାର କରିଛନ୍ତି। ଭୁବନେଶ୍ୱରରେ କାର୍ଯ୍ୟରତ ଟ୍ରେଜେରୀ ଅଫିସର ଜ୍ୟୋତିର୍ମୟ ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଦେବାଶିଷ ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲେ। ପୂର୍ବରୁ ଏହି ପ୍ରତିଯୋଗିତାକୁ କେସୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲର ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ।

● ୨୩ବର୍ଷରୁ କମ୍ ମହିଳା ଏକଦିବସୀୟ

## ଓଡ଼ିଶାର ବୃହତ୍ ବିଜୟ

କଟକ, ୨୮।୧(ସମିସ): ଥାନେର ଦାଦୋଜି କୋନଦେବ ଷ୍ଟାଡିୟମରେ ରବିବାର ଖେଳାଯାଇଥିବା ୨୩ବର୍ଷରୁ କମ୍ ମହିଳା ଏକଦିବସୀୟ ଟ୍ରଫିର ଏକ ମ୍ୟାଚ୍‌ରେ ଓଡ଼ିଶା ୩୦୧ରନରେ ମିଜୋରାମକୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୪ ୱିକେଟ ବିନିମୟରେ ୩୪୬ରନ ସଂଗ୍ରହ କରିଥିଲା। ତନ୍ମୟୀ ବେହେରା(୧୨୬ରନ) ଏବଂ କୁସୁମ ତିରିଆ(୧୧୦ରନ) ଶତକୀୟ ଇନିଂସ ଖେଳିଥିଲେ। ଜବାବରେ ମିଜୋରାମ ମାତ୍ର ୪୫ରନରେ ଅଲଆଉଟ ହୋଇଥିଲେ। ସନ୍ଧିଆ(୧୮ ରନ)ଙ୍କୁ ବାଦ ଦେଲେ ଅନ୍ୟ କୌଣସି ଖେଳାଳି ଦୁଇ ଅଙ୍କ ଛୁଇଁ ପାରିନଥିଲେ। ଓଡ଼ିଶା ପକ୍ଷରୁ ସୁଶ୍ରୀ ଅନିତା ସିଂହ ୩ଟି ଏବଂ ତରଣା ପ୍ରଧାନ ୨ଟି ୱିକେଟ ଦଖଲ କରିଥିଲେ।

● ୫-ଏ ସାଇଡ୍ ମହିଳା ହକି ବିଶ୍ୱକପ୍

## ନେଦରଲାଣ୍ଡସଠାରୁ ହାରି ଭାରତ ରନର୍ସଅପ୍

ମସ୍କାଟ, ୨୮।୧(ଏଜେନ୍ସି): ଭାରତ ଚଳିତବର୍ଷର ସମ୍ମାନଜନକ ୫-ଏ ସାଇଡ୍ ମହିଳା ହକି ବିଶ୍ୱକପ୍‌ରେ ରନର୍ସ ଅପ୍ ହୋଇଛି। ଏଠାରେ ଶନିବାର ଖେଳାଯାଇଥିବା ଫାଇନାଲ ମୁକାବିଲାରେ ଭାରତ ୨-୭ ଗୋଲରେ ନେଦରଲାଣ୍ଡସଠାରୁ ହାରିଯାଇଥିଲା। ଭାରତ ପକ୍ଷରୁ ଜ୍ୟୋତି ଛତ୍ରୀ ଓ ଋତୁଜା ଦାଦାସୋ ପିସାଲ ସ୍କୋରବୋର୍ଡରେ ନିଜ ନାମ ସାମିଲ କରିବାରେ ସମର୍ଥ ହୋଇଥିଲା। ବିଜୟୀ ନେଦରଲାଣ୍ଡସ ପକ୍ଷରୁ ଜାନେକ ଭାନ ଡି ଭେନ୍, ବେଣ୍ଟେ ଭାନ ଡର ଭେଲଡଟ ଓ ଲାନା କାଇସେ ଦୁଇଟି ଲେଖାଏଁ ଗୋଲ ଦେଇଥିଲେ। ଭାରତର ଏହି ସଫଳତା ଲାଗି ହକି ଇଣ୍ଡିଆ ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କ ଲାଗି ପୁରସ୍କାର ଘୋଷଣା କରିଛି। ଦଳରେ ସ୍ଥାନ ପାଇଥିବା ପ୍ରତ୍ୟେକ ଖେଳାଳିଙ୍କୁ ୩ ଲକ୍ଷ ଲେଖାଏଁ ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ୧.୫ ଲକ୍ଷ ଲେଖାଏଁ ଟଙ୍କା ଦେବାକୁ ଘୋଷଣା କରିଛି। ଭାରତୀୟ ଦଳ ରବିବାର ସ୍ୱଦେଶ ଫେରିବା ପରେ ସେମାନଙ୍କୁ ହକି ଇଣ୍ଡିଆ ଓ କେନ୍ଦ୍ର କ୍ରୀଡ଼ା ବିଭାଗ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି।



## ୨ରୁ ରାଜ୍ୟ ବରିଷ୍ଠ କବାଡ଼ି ଚାମ୍ପିଅନସିପ୍



କଟକ, ୨୮।୧(ସମିସ): ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ଆସନ୍ତା ୨ ତାରିଖରୁ ଓଡ଼ିଶା କବାଡି ସଂଘ ପକ୍ଷରୁ ଆରମ୍ଭ ହେବ ରାଜ୍ୟ ବରିଷ୍ଠ କବାଡି ଚାମ୍ପିଅନସିପ। ବିଭିନ୍ନ ଜିଲ୍ଲା ଦଳ ସମେତ ଅଫିସିଆଲ କ୍ରୀଡ଼ା ସଂଘକୁ ମିଶାଇ ଉଭୟ ପୁରୁଷ ଓ ମହିଳା ବର୍ଗରେ ୮୦୦ ପ୍ରତିଯୋଗୀ ଭାଗନେବେ। ଓସିଏ ସମ୍ମିଳନୀ କକ୍ଷରେ ରବିବାର ଏ ନେଇ ଏକ ସାମ୍ବାଦିକ ସମ୍ମିଳନୀ ଡକାଯାଇ ପ୍ରତିଯୋଗିତା ସଂକ୍ରାନ୍ତରେ ସବିଶେଷ ସୂଚନା ଦିଆଯାଇଛି। ରାଜ୍ୟ କ୍ରୀଡ଼ା ବିଭାଗ, କଟକ ଜିଲ୍ଲା ଆଥଲେଟିକ ସଂଘ ଓ ବାରବାଟୀ କବାଡି କ୍ଲବ ସହଯୋଗରେ ହେବାକୁ ଥିବା ଉକ୍ତ ଚାମ୍ପିଅନସିପ ୪ ତାରିଖ ପର୍ଯ୍ୟନ୍ତ ଚାଲିବ।

ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲ୍ଲା ଦଳ ସମେତ ଓଡ଼ିଶା ପୁଲିସ, ରାଉରକେଲା ଷ୍ଟିଲ ପ୍ଲାଣ୍ଟ, ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ, ସୋଆ ବିଶ୍ୱବିଦ୍ୟାଳୟ, ହାଇଟେକ ଗ୍ରୁପ ଅନୁଷ୍ଠାନ, କିଟ୍ ବିଶ୍ୱବିଦ୍ୟାଳୟ, ପୂର୍ବତଟ ରେଳବାଇ ଦଳ ମଧ୍ୟ ଭାଗ ନେବେ। ଚାମ୍ପିଅନସିପ ଅବସରରେ ଜଣେ ଦକ୍ଷ ପ୍ରଶିକ୍ଷକଙ୍କୁ ଓଡ଼ିଶା କବାଡି ରତ୍ନ ସମ୍ମାନରେ ସମ୍ମାନିତ କରାଯିବ ବୋଲି ସମ୍ମିଳନୀରେ ଉପସ୍ଥିତ ରହି ରାଜ୍ୟ ସଂଘ ସଭାପତି ଡଃ ଶରତ କୁମାର ସାହୁ ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସଂଘ ସମ୍ପାଦକ ଅଜୟ କୁମାର ବେହେରା, ଓଡ଼ିଶା ଅଲିମ୍ପିକ ସଂଘ ସମ୍ପାଦକ ଅଭିଜିତ ପାଲ, ବାରବାଟୀ କବାଡି କ୍ଲବର ସଭାପତି ସରୋଜ କୁମାର ମଲ୍ଲିକ, ସମ୍ପାଦକ ରାମଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ସୋଆ ଗ୍ରାଣ୍ଡମାଷ୍ଟର୍ସ ଚେସ୍ ଆରମ୍ଭ

ଭୁବନେଶ୍ୱର, ୨୮।୧(ସମିସ): ଅଲଓଡ଼ିଶା ଚେସ ସଂଘ (ଏଓସିଏ) ଏବଂ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗରେ ରବିବାର ଆରମ୍ଭ ହୋଇଛି ସୋଆ ଗ୍ରାଣ୍ଡମାଷ୍ଟର୍ସ ଚେସ୍ ଟୁର୍ଣ୍ଣାମେଣ୍ଟ। ଏହି ପ୍ରତିଯୋଗିତା ୩ଟି କାଟାଗୋରୀରେ ଖେଳାଯାଉଥିଲାବେଳେ ପ୍ରଥମ ଦିନ ଏ' ଓ ବି' ବିଭାଗରେ ପ୍ରତିଯୋଗିତା ଆରମ୍ଭ ହୋଇଛି। କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା ଅତିଥିଭାବେ ଯୋଗଦେଇ ଏହି ପ୍ରତିଯୋଗିତାକୁ ଆନୁଷ୍ଠାନିକ ଉଦ୍‌ଘାଟନ କରିଛନ୍ତି। ଆଇଏମ୍ ରାକେଶ କୁମାର ଜେନାଙ୍କୁ ଆମ୍ବାସଡର ଭାବେ ଏଓସିଏ ଦାୟିତ୍ୱ ଦେଇଛି। କାଟେଗୋରୀ-ଏ'ରେ ପ୍ରଥମ ଦିନ ଖେଳାଯାଇଥିବା ପ୍ରଥମ ରାଉଣ୍ଡ ମୁକାବିଲାରେ ସମସ୍ତ ସିଡେଡ ଖେଳାଳି ବିଜୟ ଲାଭ କରିଛନ୍ତି। ଅଣସିଡେଡ ଖେଳାଳି ଭ୍ରାଂଶଙ୍କ ଚୋହାନ ଆଇଏମ୍ ତଥା ୨୪୪୧ ରେଟିଂପ୍ରାପ୍ତ ଜୟକୁମାର ସେଟେଙ୍କୁ ପରାସ୍ତ କରି ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ଓଡ଼ିଆ ଖେଳାଳିଙ୍କ ମଧ୍ୟରେ ଆଇଏମ୍ ସିଦ୍ଧାନ୍ତ ମହାପାତ୍ର ମ୍ୟାଚ୍ ଡ୍ର ରଖିଛନ୍ତି। ସମ୍ବିତ ପଣ୍ଡା ଅଣସିଡେଡ ଖେଳାଳି ରୋନୀତ ଦାସ୍‌ଙ୍କୁ ପରାସ୍ତ କରିଛନ୍ତି। ପ୍ରିୟଂଶ ଦାସ, ସାଇନା ସାଲୋନିକା ବିଜୟୀ ହୋଇଥିଲାବେଳେ ନୀଲସୁ ପଟ୍ଟନାୟକ ମ୍ୟାଚ୍ ଡ୍ର ରଖିଛନ୍ତି। ପୂର୍ବରୁ ଉଦ୍‌ଘାଟନୀ ଉତ୍ସବରେ ଅଲଓଡ଼ିଶା ଚେସ୍ ସଂଘ ସଭାପତି ଗୋବିନ୍ଦ ମହାପାତ୍ର, ସମ୍ପାଦକ ଦେବବ୍ରତ ଭଞ୍ଜ, ସୋଆ କୁଳପତି ପିକେ ନନ୍ଦ, ଡିନ୍ ଜ୍ୟୋତିରଞ୍ଜନ ଦାସ ଓ ଚିଫ୍ ଆର୍ବିଟର ରଥିନମ ଅନନ୍ତରମଣ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ।





ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି ରାଜ୍ୟର ଏକମାତ୍ର ବିଶ୍ୱ ଚାମ୍ପିଅନ ତଥା ଆଇଏମ୍ ପଦ୍ମିନୀ ରାଉତ। ମୁମ୍ବାଇର ଇଞ୍ଜିନିୟର ଜୟକିଶନ ମାନକାନିଙ୍କ ସହ ରବିବାର ଭୁବନେଶ୍ୱରରେ ପଦ୍ମିନୀଙ୍କ ବିବାହ ସମ୍ପନ୍ନ ହୋଇଛି।

ଏଫ୍‌ଆଇଏଚ୍ ମହିଳା ହକି ପ୍ରୋ-ଲିଗ୍

## ଭୁବନେଶ୍ୱରରେ ପହଞ୍ଚିଲା ଭାରତୀୟ ଦଳ

ଭୁବନେଶ୍ୱର, ୨୮।୧(ସମିସ): ଭୁବନେଶ୍ୱର ଓ ରାଉରକେଲାରେ ଖେଳାଯିବାକୁ ଥିବା ଏଫ୍‌ଆଇଏଚ୍ ମହିଳା ହକି ପ୍ରୋ-ଲିଗ୍ ଲାଗି ଭାରତୀୟ ଦଳ ଏଠାରେ ରବିବାର ପହଞ୍ଚିଛି। ଭାରତ ଲେଗ୍‌ର ପ୍ରୋ-ଲିଗ ମ୍ୟାଚ୍ ଗୁଡ଼ିକ ଦୁଇଟି ଭେନ୍ୟୁ ଯଥା ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ ଓ ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମ୍। ୫ଟି ଦଳ ଯଥା ଆୟୋଜକ ଭାରତ, ଏସିଆନ ଗେମ୍ସ ଚାମ୍ପିଅନ ଚୀନ, ଆମେରିକା ଓ ଦୁଇ ଶକ୍ତିଶାଳୀ ଦେଶ ନେଦରଲାଣ୍ଡସ ଓ ଅଷ୍ଟ୍ରେଲିଆ ମଧ୍ୟରେ ଏହି ଲିଗ୍ ଖେଳାଯିବ। ଭୁବନେଶ୍ୱରରେ ପ୍ରଥମ ପାଦ ଫେବ୍ରୁଆରୀ ୩ରୁ ୯ ଓ ରାଉରକେଲାରେ ଦ୍ୱିତୀୟ ପାଦ ଫେବ୍ରୁଆରୀ ୧୨ରୁ ୧୮ ଯାଏ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଏହି ପର୍ଯ୍ୟାୟରେ ପ୍ରତ୍ୟେକ ଦଳ ଅନ୍ୟ ସହ ଦୁଇଟି ଲେଖାଏଁ ମ୍ୟାଚ୍ ଖେଳିବ। ଭୁବନେଶ୍ୱରରେ ଭାରତ ତାହାର ପ୍ରଥମ ମ୍ୟାଚ୍ ଚୀନ୍ ସହ ଫେବ୍ରୁଆରୀ ୩ରେ, ନେଦରଲାଣ୍ଡସ ସହ ୪ରେ, ଅଷ୍ଟ୍ରେଲିଆ ସହ ୭ ଓ ଆମେରିକା ସହ ୯ ରେ ଖେଳିବ। ରାଉରକେଲା ପାଦରେ ଭାରତ ତାହାର ପ୍ରଥମ ମ୍ୟାଚ୍ ଚୀନ ସହ ଫେବ୍ରୁଆରୀ ୧୨, ନେଦରଲାଣ୍ଡସ ସହ ୧୪, ଅଷ୍ଟ୍ରେଲିଆ ସହ ୧୭ ଓ ଆମେରିକା ସହ ୧୮ ରେ ଖେଳିବ।

## ପୂର୍ବାଞ୍ଚଳ ସଫ୍ଟବଲ: ଓଡ଼ିଶା ଚାମ୍ପିଅନ

କଟକ, ୨୮।୧(ସମିସ): କୋଲକାତାରେ ଅନୁଷ୍ଠିତ ପୂର୍ବାଞ୍ଚଳ ଜାତୀୟ ସଫ୍ଟବଲ ପ୍ରତିଯୋଗିତାର ଉଭୟ ମହିଳା ଏବଂ ପୁରୁଷ ବର୍ଗରେ ଓଡ଼ିଶା ଚାମ୍ପିଅନ ହୋଇଛି। ଉଭୟ ବର୍ଗରେ ବିଜେତା ଓଡ଼ିଶା ମଣିପୁରକୁ ପରାସ୍ତ କରିଥିଲା। ପୁରୁଷ ଦଳ ୧୦-୦ରେ ଏବଂ ମହିଳା ଦଳ ମଧ୍ୟ ୧୦-୦ରେ ମଣିପୁରକୁ ହରାଇ ଟ୍ରଫି ହାସଲ କରିଛି। ରାଜ୍ୟ ପୁରୁଷ ଦଳରେ ସିଦ୍ଧାନ୍ତ ଭୋଇ, ଏମ. ମଲ୍ଲିକ, ତପୁ ସିଂହ, ପ୍ରଭାତ ସାହୁ, ଦୀନେଶ ଦାଶ, ରଞ୍ଜିତ ସିଂହ, ସିଦ୍ଧାନ୍ତ ପ୍ରଧାନ, କ୍ରିଷ୍ଣା ସର୍ଦ୍ଦାର, ଜଗନ୍ନାଥ ହରାଖା, ସୌରଭ ରଥ, ଅନୀଲ ମାରାଣ୍ଡି, ଅତାବ ହୁସେନ ଖାନ, ଅଭିଷେକ ରାଉତ, ମନୋଜ ପ୍ରଧାନ, ଅମୀୟ ପ୍ରସାଦ ନାଗ ଏବଂ ମହିଳା ଦଳରେ ରୋଜା କଣ୍ଡଗୋରି, ତୃପ୍ତିରେଖା ସୋରେନ, ଦୀପା ମାଝି, ଲକ୍ଷ୍ମୀ ବୈପାଇ, ଡି ଟପ୍ପୋ, ଧରିତ୍ରୀ ସିଂହ, ଡାଙ୍ଗି ମୁର୍ମୁ, ପ୍ରମିଳା ମୁଣ୍ଡା, ଶିବାନୀ ସିଂହ, ସ୍ୱାଗତିକା ସିଂହ, ମମତା ସିଂହ, ରେଖାମନ ସିଂହ, ଶୁଭଶ୍ରୀ ଦିକ୍ଷୀତ, ଲୋପାମୁଦ୍ରା ସାହୁ, ମମତା କୁମାରୀ ପୃଷ୍ଟି, ପ୍ରଶିକ୍ଷକ ଗୀତା ଭୂୟାଁ ରହିଥିଲେ। ରାଜ୍ୟ ସଫ୍ଟବଲ ସଂଘ ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ, କୋଷାଧକ୍ଷ ଶକ୍ତି ମହାନ୍ତି ଏବଂ ଯୁଗ୍ମ ସମ୍ପାଦକ ସୁନିତା ବର୍ମା ରାଜ୍ୟ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।

## ଅଷ୍ଟ୍ରେଲିଆ ପରାସ୍ତ | ୨୭ ବର୍ଷ ପରେ ୱେଷ୍ଟଇଣ୍ଡିଜର ଟେଷ୍ଟ ବିଜୟ

ବ୍ରିସବେନ୍, ୨୮।୧ (ଏଜେନ୍ସି): ଦ୍ରୁତ ବୋଲର ସମ୍‌ସାର ଜୋସେଫଙ୍କ ୭ ୱିକେଟ୍ ସଫଳତା ବଳରେ ସ୍ଥାନୀୟ ଗାବା ଗ୍ରାଉଣ୍ଡରେ ଚାଲିଥିବା ଅନ୍ତିମ ତଥା ୨ୟ ଟେଷ୍ଟରେ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ୮ ରନରେ ରୋମାଞ୍ଚକ ଭାବେ ଅଷ୍ଟ୍ରେଲିଆକୁ ମାତ୍ ଦେଇଛି। ଏହି ଦିବା-ରାତ୍ର ଟେଷ୍ଟରେ ୱେଷ୍ଟଇଣ୍ଡିଜ ପକ୍ଷରୁ ଧାର୍ଯ୍ୟ ୨୧୬ ରନର ଛୋଟିଆ ଲକ୍ଷ୍ୟକୁ ପିଛା କରି ଘରୋଇ ଅଷ୍ଟ୍ରେଲିଆ ରବିବାର ୪ର୍ଥ ଦିବସରେ ୨୦୭ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଏଥିସହ ୱେଷ୍ଟଇଣ୍ଡିଜ ଦୀର୍ଘ ୨୭ ବର୍ଷର ବ୍ୟବଧାନ ପରେ ଅଷ୍ଟ୍ରେଲିଆ ମାଟିରେ ଟେଷ୍ଟ ମ୍ୟାଚ୍ ଜିତିବାର ସୌଭାଗ୍ୟ ଲାଭ କରିଛି। ଶେଷଥର ପାଇଁ ୧୯୯୭ରେ କାରିବିୟାନ ଦଳ ଅଷ୍ଟ୍ରେଲିଆରେ ଟେଷ୍ଟ ଜିତିଥିଲା। ୭ ୱିକେଟ୍ ନେଇ ୱେଷ୍ଟଇଣ୍ଡିଜକୁ ଐତିହାସିକ ବିଜୟ ଭେଟି ଦେଇଥିବା ଜୋସେଫ୍ ମ୍ୟାଚ୍ ଓ ସିରିଜର ଶ୍ରେଷ୍ଠ ଖେଳାଳି ହୋଇଥିଲେ। ପୂର୍ବରୁ ପ୍ରଥମ ମ୍ୟାଚକୁ ଅଷ୍ଟ୍ରେଲିଆ ୧୦ ୱିକେଟ୍‌ରେ ଜିତିଥିବାରୁ ସିରିଜ ୧-୧ରେ ଅମୀମାଂସିତ ରହିଛି। ଦୁଇ ଦେଶ ମଧ୍ୟରେ ୩ ମ୍ୟାଚ୍‌ବିଶିଷ୍ଟ ଏକଦିବସୀୟ ସିରିଜ ଶୁକ୍ରବାରଠାରୁ ଆରମ୍ଭ ହେବ।

ୱେଷ୍ଟଇଣ୍ଡିଜ ପକ୍ଷରୁ ଧାର୍ଯ୍ୟ ୨୧୬ ରନର ଛୋଟିଆ ଲକ୍ଷ୍ୟକୁ ପିଛା କରି ପ୍ୟାଟ୍ କମିନ୍ସଙ୍କ ନେତୃତ୍ୱାଧୀନ ଅଷ୍ଟ୍ରେଲିଆ ଶନିବାର ୩ୟ ଦିବସ ଶେଷ ସୁଦ୍ଧା ୨ ୱିକେଟ୍ ହରାଇ ୬୦ ରନ କରିଥିଲା। ରବିବାର ୪ର୍ଥ ଦିବସରେ ଜିତିବା ଲାଗି ଘରୋଇ ଦଳକୁ ଆଉ ୧୫୬ ରନ ଆବଶ୍ୟକ ହେଉଥିଲା। ଯାହାକି ସହଜ ମନେ ହେଉଥିଲା। ପୂର୍ବଦିନର ଅପରାଜିତ ବ୍ୟାଟର୍ ଷ୍ଟିଭ ସ୍ମିଥ୍ ଓ କାମେରନ ଗ୍ରୀନ ସତର୍କତାର ସହ ଖେଳ ଆରମ୍ଭ କରିଥିଲେ। ତେବେ ଉଭୟଙ୍କ ମଧ୍ୟରେ ୭୧ରନର ଭାଗୀଦାରି ହୋଇଥିବାବେଳେ ଗ୍ରୀନ (୪୨ ରନ)ଙ୍କୁ ବୋଲ୍ଡ କରି ଜୋସେଫ୍ ଏହି ଯୋଡ଼ି ଭାଙ୍ଗିଥିଲେ। ଏହାପରେ ସ୍ମିଥ୍ ଗୋଟିଏ ପାର୍ଶ୍ୱରେ ଦୃଢ଼ତାର ସହ ଖେଳ ଜାରି ରଖିଥିଲେ ମଧ୍ୟ ଅନ୍ୟ କୌଣସି ବ୍ୟାଟର୍ ତାଙ୍କୁ ଉପଯୁକ୍ତ ସହାୟତା କରି ନ ଥିଲେ। ମଧ୍ୟ ଓ ନିମ୍ନକ୍ରମରେ ବ୍ୟାଟର୍‌ଙ୍କ ବିଫଳତା ଯୋଗୁ ଅଷ୍ଟ୍ରେଲିଆର ୨ୟ ପାଳି ୨୦୭ ରନରେ ସୀମିତ ରହିଯାଇଥିଲା। ସ୍ମିଥ ଗୋଟିଏ ପାର୍ଶ୍ୱରେ ୯୧ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ମିଚେଲ ଷ୍ଟାର୍କ ୨୧, ମିଚେଲ ମାର୍ଶ ୧୦, ଟ୍ରାଭିସ ହେଡ ୫, ଆଲେକ୍ସ କେରୀ ୨, ନାଥନ ଲିୟନ ୯, ପ୍ୟାଟ୍ କମିନ୍ସ ୨ ରନ କରିଥିଲେ। ବୋଲିଂରେ ଦ୍ରୁତ ବୋଲର ସମ୍‌ସାର ଜୋସେଫ ଏକାକୀ ୭ ୱିକେଟ୍ ନେଇଥିଲେ। ପୂର୍ବରୁ ୱେଷ୍ଟଇଣ୍ଡିଜ ପ୍ରଥମ ପାଳିରେ ୩୧୨ ରନ କରିଥିବାବେଳେ ଅଷ୍ଟ୍ରେଲିଆ ୯ ୱିକେଟ୍‌ରେ ୨୮୯ ରନ କରି ପାଳି ଘୋଷଣା କରିଥିଲା। ଏହାପରେ ୨୩ ରନରେ ଆଗୁଆ ଥିବା ୱେଷ୍ଟଇଣ୍ଡିଜ ୨ୟ ପାଳିରେ ୧୯୩ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ୱେଷ୍ଟଇଣ୍ଡିଜ ପ୍ରଥମ ପାଳି: ୩୧୨/୧୦
ଅଷ୍ଟ୍ରେଲିଆ ପ୍ରଥମ ପାଳି: ୨୮୯/୯
ୱେଷ୍ଟଇଣ୍ଡିଜ ୨ୟ ପାଳି: ୧୯୩/୧୦
ଅଷ୍ଟ୍ରେଲିଆ ୨ୟ ପାଳି: ୨୦୭/୧୦



ରବିବାର କଳିଙ୍ଗ ଷ୍ଟାଡିୟମରେ ଓଡ଼ିଶା ଏଫ୍‌ସି ଓ ଇଷ୍ଟ ବେଙ୍ଗଲ ମଧ୍ୟରେ ଖେଳାଯାଇଥିବା କଳିଙ୍ଗ ସୁପର୍ କପ୍ ଫାଇନାଲ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

### ଟ୍ରଫି ବଜାୟ ରଖିପାରିଲାନି ଓଡ଼ିଶା ଏଫ୍‌ସି

# ଇଷ୍ଟ ବେଙ୍ଗଲ ଜିତିଲା କଳିଙ୍ଗ ସୁପର୍ କପ୍

ଭୁବନେଶ୍ୱର, ୨୮ ।୧ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ୩ ସପ୍ତାହ ଧରି ଚାଲିଥିବା କଳିଙ୍ଗ ସୁପର୍ କପ୍‌ରେ ଇଷ୍ଟ ବେଙ୍ଗଲ ଚାମ୍ପିଅନ ହୋଇଛି। କଡ଼ା ସଂଘର୍ଷପୂର୍ଣ୍ଣ ଫାଇନାଲରେ ଇଷ୍ଟ ବେଙ୍ଗଲ ଏଫ୍‌ସି ୩-୨ ଗୋଲରେ ଡିଫେଣ୍ଡିଂ ଚାମ୍ପିଅନ ଓଡ଼ିଶା ଏଫ୍‌ସିକୁ ପରାସ୍ତ ଟାଇଟଲ୍ ଜିତିବାରେ ସଫଳ ହୋଇଛି। ଫଳରେ କ୍ରମାଗତ ୨ଥର ଚାମ୍ପିଅନ ହେବା ଲକ୍ଷ୍ୟରେ ରହିଥିବା ଓଡ଼ିଶା ଏଫ୍‌ସିର ସ୍ୱପ୍ନ ଚୁର୍‌ମାର ହୋଇଛି।

ରବିବାର ସନ୍ଧ୍ୟାରେ ଖଚାଖଚ୍ ଦର୍ଶକ ଭରା କଳିଙ୍ଗ ଷ୍ଟାଡିୟମରେ ଡିଫେଣ୍ଡିଂ ଚାମ୍ପିଅନ ଓଡ଼ିଶା ଏଫ୍‌ସି ଓ ଇଷ୍ଟ ବେଙ୍ଗଲ ମଧ୍ୟରେ ଖେଳାଯାଇଥିବା ଫାଇନାଲ ମ୍ୟାଚ୍ ଆରମ୍ଭରୁ କଡ଼ା ସଂଘର୍ଷ ଦେଖିବାକୁ ମିଳିଥିଲା। ଉଭୟ ଦଳ ପ୍ରତିପକ୍ଷ ଗୋଲ୍‌ପୋଷ୍ଟକୁ ଆକ୍ରମଣ କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲେ। ତେବେ ୩୯ତମ ମିନିଟ୍‌ରେ ଓଡ଼ିଶା ଏଫ୍‌ସିର ବ୍ରାଜିଲୀୟ ତାରକା ଡିଏଗୋ ମୌରିସିଓ ଏକ ଗୋଲ୍ ଦେଇ ଦଳକୁ ପ୍ରଥମାର୍ଦ୍ଧରେ ୧-୦ରେ ଅଗ୍ରଣୀ କରାଇଥିଲେ। ଏହାପରେ ଦ୍ୱିତୀୟାର୍ଦ୍ଧରେ ଇଷ୍ଟ ବେଙ୍ଗଲ କିନ୍ତୁ ଦମ୍‌ଦାର ପ୍ରତ୍ୟାବର୍ତ୍ତନ କରି ୨ଟି ଗୋଲ୍ ଦେଇଥିଲା।



୫୧ତମ ମିନିଟ୍‌ରେ ନନ୍ଦ କୁମାର ଓ ୬୨ତମ ମିନିଟ୍‌ରେ ସାଉଲ କ୍ରିସପର୍ ପ୍ରିଏଟୋଙ୍କ ଗୋଲ୍ ବଳରେ ଇଷ୍ଟ ବେଙ୍ଗଲ ୨-୧ରେ ଆଗୁଆ ରହିଥିଲା। ନିର୍ଦ୍ଧାରିତ ୯୦ ମିନିଟ୍ ସୁଦ୍ଧା ଏହି ସ୍ଥିତି ବଳବତ୍ତର ରହିଥିଲା। ତେବେ ଦ୍ୱିତୀୟାର୍ଦ୍ଧର ଇଞ୍ଜୁରୀ ଟାଇମ୍‌ର ଶେଷ ମିନିଟ୍ (୯୦+୮)ରେ ଓଡ଼ିଶାକୁ ପେନାଲ୍ଟି ଆକାରରେ ଏକ ବରଦାନ ମିଳିଥିଲା। ଯାହାକୁ ଅହମ୍ମଦ ଜାହୋଉ କୌଣସି ତ୍ରୁଟି ନ କରି ଇଷ୍ଟ ବେଙ୍ଗଲ ଗୋଲ୍‌ପୋଷ୍ଟ ମଧ୍ୟକୁ ବଲ୍‌କୁ ପଠାଇ ଦେଇଥିଲେ। ଫଳରେ ମ୍ୟାଚ ୨-୨ରେ ବରାବର୍ ରହିଥିଲା। ଏହାପରେ ୩୦ ମିନିଟ୍ ଅତିରିକ୍ତ ଟାଇମ୍ ଯୋଡ଼ାଯାଇଥିଲା। ଯେଉଁଥିରେ ୧୧୧ତମ ମିନିଟ୍‌ରେ ଅଧିନାୟକ କ୍ଲେଇଟନ ଗୋଲ୍ ଦେଇ ଇଷ୍ଟ ବେଙ୍ଗଲକୁ ୩-୨ରେ ଚାମ୍ପିଅନ କରାଇଥିଲେ। ଇଷ୍ଟ ବେଙ୍ଗଲ ଏଥିସହ ୧୨ ବର୍ଷର ପ୍ରତୀକ୍ଷାର ଅନ୍ତ ଘଟାଇ ଜାତୀୟସ୍ତରରେ ଏକ ଟ୍ରଫି ଜିତଛି। ଏହି କୋଲକାତା ଦଳ ଶେଷଥର ଲାଗି ୨୦୧୨ରେ ସମ୍ମାନଜନକ ଫେଡେରେସନ କପ୍ ହାସଲ କରିଥିଲା।

**ଦେଶରେ ଫୁଟ୍‌ବଲ ବିକାଶରେ ସହଯୋଗ କରିବାକୁ ଲକ୍ଷ୍ୟ ରଖିଛୁ: ନବୀନ**

ଏହି ହାଇଭୋଲ୍‌ଟେଜ ମ୍ୟାଚ୍ ପୂର୍ବରୁ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଭୟ ଦଳର ଖେଳାଳିଙ୍କ ସହ ପରିଚିତ ହୋଇଥିଲେ। 'କଳିଙ୍ଗ ଷ୍ଟାଡିୟମରେ ଆଉ ଏକ ମେଗାକୁ ସଫଳତାର ସହ ଆୟୋଜନ କରାଯାଇଥିବାରୁ ଗର୍ବିତ ଅନୁଭବ କରୁଛି। ଆଗାମୀ ଦିନରେ ଏଆଇଏଫ୍‌ଏଫ୍ ସହ ମିଶି ଦେଶରେ ଫୁଟ୍‌ବଲର ବିକାଶରେ ସହଯୋଗ କରିବାକୁ ଲକ୍ଷ୍ୟ ରଖିଛୁ' ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଅବସରରେ '୫-ଟି' ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, କ୍ରୀଡ଼ା ସଚିବ ଆର୍ ଭିନୀଲ କ୍ରିଷ୍ଣା ପ୍ରମୁଖ ଉପସ୍ଥିତ ରହିଥିଲେ।

● ଇଂଲଣ୍ଡର ପୋପ୍ ମ୍ୟାଚ୍‌ର ଶ୍ରେଷ୍ଠ, ଫେବୃଆରୀ ୨ରୁ ଦ୍ୱିତୀୟ ଟେଷ୍ଟ

# ଭାରତକୁ ହରାଇଲେ ହର୍ଟଲୀ

ହାଇଦରାବାଦ୍, ୨୮ ।୧(ଏଜେନ୍ସି): ଓଲି ପୋପ୍‌ଙ୍କ ବିରାଟ ଶତକ ପରେ ଟମ୍ ହର୍ଟଲୀଙ୍କ ଯାଦୁକରୀ ବୋଲିଂ ବଳରେ ଏଠାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ଭ୍ରମଣକାରୀ ଇଂଲଣ୍ଡ ୨୮ ରନ୍‌ରେ ଭାରତକୁ ପରାସ୍ତ କରିଛି। ଏହା ଫଳରେ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ଇଂଲଣ୍ଡ ଆରମ୍ଭରୁ ବିପର୍ଯ୍ୟୟ ସୃଷ୍ଟି କରିବା ସହ ୧-୦ରେ ଆଗୁଆ ରହିଛି। ଟେଷ୍ଟ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ବିଶାଖାପାଟଣାରେ ଫେବୃଆରୀ ୨ରୁ ଆରମ୍ଭ ହେବ। ରବିବାର ଶେଷ ହୋଇଥିବା ଏହି ମ୍ୟାଚ୍‌ରେ ଭାରତର ଦ୍ୱିତୀୟ ପାଳିରେ ୬୨ ରନ୍ ଦେଇ ୭ଟି ୱିକେଟ ନେଇଥିବା ବାମହାତୀ ସ୍ପିନର ହର୍ଟଲୀ ଭାରତକୁ ଘରୋଇ ମାଟିରେ ହରାଇବାରେ ସମର୍ଥ ହୋଇଛନ୍ତି। କିନ୍ତୁ ଇଂଲଣ୍ଡର ଦ୍ୱିତୀୟ ପାଳିରେ ଅବିଶ୍ୱସନୀୟ ୧୯୬ ରନ୍ କରିଥିବା ଓଲି ପୋପ୍‌ଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

ଏହି ମ୍ୟାଚ୍‌ର ରବିବାର ଚତୁର୍ଥ ଦିନରେ ପୋପ୍ ୧୯୬ ରନ୍ କରିବା ଫଳରେ ଇଂଲଣ୍ଡର ଦ୍ୱିତୀୟ ପାଳି ୪୨୦ ରନ୍‌ରେ ଶେଷ ହୋଇଥିଲା। ଏହା ଫଳରେ ଭାରତ ଆଗରେ ଭ୍ରମଣକାରୀ ଦଳ ୨୩୧ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଏହି ଲକ୍ଷ୍ୟକୁ ପିଛା କରି ଭାରତୀୟ ବ୍ୟାଟରମାନେ ଏଠାରେ ପ୍ରଥମ ଟେଷ୍ଟ ଖେଳୁଥିବା ବାମହାତୀ ସ୍ପିନର ହର୍ଟଲୀଙ୍କୁ ମୁକାବିଲା କରି ନ ପାରି ଆତ୍ମସମର୍ପଣ କରିଥିଲେ। ଦ୍ୱିତୀୟ ପାଳିରେ ଦଳ ୨୦୨ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ଲାଙ୍କାସାୟରର ଏହି ୨୪ ବର୍ଷୀୟ ବାମହାତୀ ସ୍ପିନର ଜଣଙ୍କ ପରେ ଜଣେ ଭାରତୀୟ ବ୍ୟାଟରଙ୍କୁ ଆଉଟ କରି ଇଂଲଣ୍ଡକୁ ସ୍ମରଣୀୟ ବିଜୟ ପ୍ରଦାନ କରିଥିଲେ। ସେ ୨୮.୨ ଓଭର ବୋଲିଂ କରି ୫ଟି ମେଡେନ ସହ ୬୨ ରନ୍ ଦେଇ ୭ଟି ୱିକେଟ ନେଇଥିଲେ। ଭାରତର ଜଣେ ଖେଳାଳି ରନ୍‌ଆଉଟ ହୋଇଥିଲାବେଳେ ଜୋ ରୁଟ ଓ ଜ୍ୟାକ୍ ଲିଚ୍‌ଙ୍କୁ ଗୋଟିଏ ଲେଖାଏଁ ୱିକେଟ ମିଳିଥିଲା। ଭାରତ ପକ୍ଷରୁ ୮ଜଣ ଖେଳାଳି ଦୁଇ ଅଙ୍କରେ ପହଞ୍ଚିଥିଲାବେଳେ ଅଧିନାୟକ ରୋହିତ ଶର୍ମା ସର୍ବାଧିକ ୩୯, ଶ୍ରୀକର ଭରତ ଓ ରବିଚନ୍ଦ୍ରନ ଅଶ୍ୱିନ ୨୮ ରନ୍ ଲେଖାଏଁ, ଲୋକେଶ ରାହୁଲ ୨୨ ଓ ଶୁବମାନ ଗିଲ ୦ ରନ୍‌ରେ ଆଉଟ ହୋଇଥିଲେ। ପ୍ରଥମ ପାଳିରେ ଇଂଲଣ୍ଡର ୨୪୬ ରନ୍ ଜବାବରେ ଭାରତ ୪୩୬ ରନ୍ କରିଥିଲା।

# ଲାଲମନି ଟ୍ରଫି ଜିତିଲା ସମ୍ବଲପୁର ଏମ୍‌ଏମ୍‌ସିସି

ସୋନପୁର, ୨୮ ।୧ (ସମିସ)- ସୁବର୍ଣ୍ଣପୁରର ଗାନ୍ଧୀ ଷ୍ଟାଡିୟମଠାରେ ଅନୁଷ୍ଠିତ ୩୫ତମ ସର୍ବଭାରତୀୟ ଲାଲମନି ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଏମଏମସିସି ସମ୍ବଲପୁର ଦଳ ଚାମ୍ପିଅନ ହୋଇଛି। ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଏମଏମସିସି ସମ୍ବଲପୁର ଦଳ ୭ ୱିକେଟରେ ଏସଓସି ବ୍ଲାଷ୍ଟର ପଶ୍ଚିମବଙ୍ଗକୁ ପରାସ୍ତ କରିଥିଲା। ଅତିଥିଙ୍କ ଦ୍ୱାରା ଚାମ୍ପିଅନ ଦଳକୁ ଟ୍ରଫି ସହ ୮୦ ହଜାର ଅର୍ଥ ରାଶି ପୁରସ୍କୃତ କରାଯାଇଥିଲା। ସେହିଭଳି ଏସଓସି ବ୍ଲାଷ୍ଟର ଦଳକୁ ରନର୍ସଅପ୍ ଟ୍ରଫି ଏବଂ ୫୦ ହଜାର ଟଙ୍କାର ଅର୍ଥ ରାଶି ଦିଆଯାଇଛି। ସୁବର୍ଣ୍ଣପୁର ଜିଲ୍ଲା କ୍ରିକେଟ ଆସୋସିଏସନ ପକ୍ଷରୁ ଆୟୋଜିତ ୩୫ତମ କ୍ରିକଫେଷ୍ଟର ଉଦଯାପନୀ ସମାରୋହରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଓ ପ୍ରାକ୍ତନ ଜାତୀୟ କ୍ରିକେଟ ଖେଳାଳି ହରବିନ୍ଦର ସିଂହ ଅତିଥି ଭାବେ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। ସଭାପତି ରାମଶଙ୍କର ସାହୁ ଏବଂ ସମ୍ପାଦକ ପ୍ରଦୀପ ସେଠୀଙ୍କ ସହ ଏସଡିସିଏର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ଉଦଯାପନୀ ସମାରୋହ ଆୟୋଜନରେ ସହଯୋଗ କରିଥିଲେ। ଗତ ୨୧ରୁ ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟରେ ଜାତୀୟସ୍ତରର ୯ଟି ଦଳ ଭାଗ ନେଇଥିଲେ। ଫାଇନାଲ ଖେଳକୁ ହଜାର ହଜାର କ୍ରିକେଟପ୍ରେମୀ ଉପଭୋଗ କରିଥିଲେ।






PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର